ପୃଷ୍ଠା–୧୨+୮

DHARITRI

ଭୁବନେଶ୍ୱର, ରବିବାର, ମେ ୧୯/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar,

୫୦ଶ ଭାଗ ୧୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhuba






# ବିଭବ ଗିରଫ, କେଜ୍‌ରିୱାଲଙ୍କ ଜେଲଭରୋ ଆହ୍ୱାନ

**ନୂଆଦିଲ୍ଲୀ, ୧୮।୫**

ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ରାଜ୍ୟ ସଭା ସଦସ୍ୟା ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମାରିବା ଅଭିଯୋଗରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହଯୋଗୀ ବିଭବ କୁମାରଙ୍କୁ ଶନିବାର ପୋଲିସ ଗିରଫ କରିଛି। ଗତ ସୋମବାର ସ୍ୱାତୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିବାବେଳେ ସେଠାରେ ବିଭବ ତାଙ୍କୁ ମାଡ଼ ମାରିଥିବା ନେଇ ଆପ୍ ଏମ୍‌ପି ଥାନାରେ ଏତଲା ଦାଏର କରିଥିଲେ। ଶନିବାର ମଧ୍ୟାହ୍ନରେ ଦିଲ୍ଲୀ ପୋଲିସ ବିଭବଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଉଠାଇନେଇଛି। ତାଙ୍କୁ ଥାନାକୁ ନିଆଯାଇ ଜେରା କରାଯାଉଛି।

ତଦନ୍ତରେ ସହଯୋଗ ପାଇଁ ଇ-ମେଲ୍ ଯୋଗେ ପୋଲିସକୁ ଜଣାଇ ଦିଆଯାଇଥିବାବେଳେ ସେଠାରୁ କୌଣସି ଉତ୍ତର ମିଳି ନଥିବା ବିଭବଙ୍କ ଓକିଲ କହିଛନ୍ତି। ଅନ୍ୟପକ୍ଷରେ ବିଭବଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଦିଲ୍ଲୀର ତିସ୍ ହଜାରୀ କୋର୍ଟ ଖାରଜ କରିଦେଇଛନ୍ତି। ତାଙ୍କ ଓକିଲ ଏନ୍. ହରିହରନ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିବା ସହ ସ୍ୱାତୀଙ୍କ ବିବାଦୀୟ ଅଭିଯୋଗ ସମ୍ପର୍କିତ ଭିଡିଓ କୋର୍ଟରେ ଉପସ୍ଥାପନ କରିଥିଲେ। ସ୍ୱାତୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମନଗଢ଼ା। ପୋଲିସ ବିଭବଙ୍କୁ ଗିରଫ କରିବା ପୂର୍ବରୁ ନୋଟିସ୍ ଦେଇ ନ ଥିବା ତାଙ୍କ ଓକିଲ କହିଥିଲେ।


ବିଭବ କୁମାର


ଅରବିନ୍ଦ କେଜ୍‌ରିୱାଲ

ଅନ୍ୟପକ୍ଷେ ବିଭବ ଗିରଫ ହେବା ପରେ କେଜ୍‌ରିୱାଲ ଜେଲ ଭରୋ ଆହ୍ୱାନ ଦେଇଛନ୍ତି। କେଜ୍‌ରିୱାଲଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ଅନ୍ୟ ନେତାମାନେ ରବିବାର ଭାଜପା ମୁଖ୍ୟାଳୟକୁ ଯିବେ। ପ୍ରଧାନମନ୍ତ୍ରୀ ଯଦି ଚାହୁଁଛନ୍ତି, ତେବେ ସେମାନଙ୍କୁ ଜେଲ ପଠାଇପାରିବେ ବୋଲି କେଜ୍‌ରିୱାଲ କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାଜପା ଆପ୍ ଏମ୍‌ପି ରାଘବ ଚଢ଼ା, ମନ୍ତ୍ରୀ ଆତିଶୀ ଏବଂ ସୌରଭ ଭରଦ୍ୱାଜଙ୍କୁ ଜେଲ ପଠାଇବ ବୋଲି କହୁଛି। ନେତାଙ୍କୁ ଜେଲ ପଠାଇଦେଲେ ଆପ୍ ଭାଙ୍ଗିଯିବ ନାହିଁ ବୋଲି ଏହାର ରାଷ୍ଟ୍ରୀୟ ଆବାହକ କହିଛନ୍ତି। ଆପ୍ ନେତା ମନୀଷ ସିସୋଡିଆ, ସତ୍ୟେନ୍ଦ୍ର ଜୈନ ଏବଂ ସଞ୍ଜୟ ସିଂଙ୍କୁ ଜେଲ ପଠାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମୁଖ୍ୟ ଭୂମିକା ରହିଛି। ଅନ୍ୟମାନଙ୍କୁ ଗିରଫ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସୁଯୋଗ ଦେବା ନିମନ୍ତେ ସେ ଦଳୀୟ ବିଧାୟକ ଏବଂ ଏମ୍‌ପିମାନଙ୍କ ସହ ରବିବାର ମଧ୍ୟାହ୍ନରେ ଭାଜପା କାର୍ଯ୍ୟାଳୟକୁ ଯିବେ ବୋଲି କେଜ୍‌ରିୱାଲ କହିଛନ୍ତି। ଆପ୍ ଏକ ବିଚାରଧାରା। ଯେତେ ଆପ୍ ନେତାଙ୍କୁ ଜେଲ ପଠାଇବ, ଦେଶରେ ତାହାର ଶହେଗୁଣ ଅଧିକ ନେତା ସୃଷ୍ଟି ହେବେ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୨୬% ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା

**ଭୁବନେଶ୍ୱର, ୧୮।୫(ଅସମାପିକା ସାହୁ)**

## ତୃତୀୟ ପର୍ଯ୍ୟାୟ ଏଡିଆର ରିପୋର୍ଟ

### ସନାତନ ମହାକୁଡ଼ ସବୁଠୁ ଧନୀ, କୈଳାସ ନାୟକ ଗରିବ ବିଧାୟକ ପ୍ରାର୍ଥୀ

ଓଡ଼ିଶାରେ ଆସନ୍ତା ୨୫ ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ତୃତୀୟ ପର୍ଯ୍ୟାୟ ଏଡିଆର୍ ରିପୋର୍ଟ ଶନିବାର ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ମୋଟ ୪୨ଟି ବିଧାନସଭା ଆସନ ପାଇଁ ୩୮୩ଜଣ ପ୍ରାର୍ଥୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ଏଡିଆର୍ ଏବଂ ଓଡ଼ିଶା ଇଲେକ୍ସନ ୱାଚ୍ ୩୮୧ଜଣ ବିଧାୟକ ପ୍ରାର୍ଥୀଙ୍କ ସତ୍ୟପାଠ ବିଶ୍ଳେଷଣ କରିଛି। ଏହି ପ୍ରାର୍ଥୀଙ୍କ ମଧ୍ୟରୁ ୧୦୦ଜଣ ଅର୍ଥାତ୍ ୨୬%ଙ୍କ ନାମରେ ଆପରାଧିକ ମାମଲା ରହିଛି। ୮୬ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ଥିବାବେଳେ ୪ ଜଣଙ୍କ ନାମରେ ହତ୍ୟା ମାମଲା ରହିଛି। ୨୬ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା, ୨୮ ଜଣଙ୍କ ନାମରେ ମହିଳା ବିରୋଧୀ ମାମଲା ଓ ଜଣଙ୍କ ନାମରେ ବଳାତ୍କାର ମାମଲା ରହିଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ସେହିଭଳି ଏହି ପର୍ଯ୍ୟାୟରେ ୩୩% ଅର୍ଥାତ୍ ୧୨୬ ଜଣ ବିଧାୟକ ପ୍ରାର୍ଥୀ ହେଉଛନ୍ତି କୋଟିପତି। କେନ୍ଦୁଝର ଚମ୍ପୁଆର ବିଜେଡି ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼ ସବୁଠୁ ଧନୀ ବିଧାୟକ ପ୍ରାର୍ଥୀ। ତାଙ୍କ ସମ୍ପତ୍ତିର ମୂଲ୍ୟ ୨୨୭ କୋଟି ୬୭ ଲକ୍ଷ ଟଙ୍କା ରହିଛି। ସେହିପରି ୧୨୨ କୋଟି ୮୬ ଲକ୍ଷ ଟଙ୍କା ସମ୍ପତ୍ତି ସହ ଘଷିପୁରାର ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ ଦ୍ୱିତୀୟ ଧନୀ ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ୧୨୦ କୋଟି ୫୬ ଲକ୍ଷ ଟଙ୍କା ସମ୍ପତ୍ତି ସହ ତୃତୀୟ ସ୍ଥାନରେ ଅଛନ୍ତି ନୟାଗଡ଼ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ। ତେବେ କଟକ ବଡ଼ମ୍ବାରୁ ସମୃଦ୍ଧ ଓଡ଼ିଶା ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବା କୈଳାସ ଚନ୍ଦ୍ର ନାୟକ ସବୁଠୁ ଗରିବ। ତାଙ୍କ ସମ୍ପତ୍ତି ମୂଲ୍ୟ ମାତ୍ର ୧ ହଜାର ଟଙ୍କା ରହିଛି। ପୁରୀ ବ୍ରହ୍ମଗିରି ସ୍ୱାଧୀନ ପ୍ରାର୍ଥୀ ସୁକାନ୍ତ ଘଡ଼େଇ ଓ ଖୋର୍ଦ୍ଧା ଭୁବନେଶ୍ୱର ଉତ୍ତରର ସିପିଆଇ-ଏମଏଲ ପ୍ରାର୍ଥୀ ଗୋପୀନାଥ ନାୟକଙ୍କ ସମ୍ପତ୍ତି ମୂଲ୍ୟ ମାତ୍ର ୨ ହଜାର ଟଙ୍କା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଘଷିପୁରାର ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଉପରେ ସର୍ବାଧିକ ୧୦୬ କୋଟି ୨୧ ଲକ୍ଷ ଟଙ୍କାର ଋଣଭାର ରହିଛି। ଶିକ୍ଷାଗତ ଯୋଗ୍ୟତାକୁ ଦେଖିଲେ, ୨ ଜଣ ବିଧାୟକ ପ୍ରାର୍ଥୀ ସ୍କୁଲହତା ମାଡ଼ି ନ ଥିବା ବେଳେ ଆଉ ଦୁଇଜଣ ପଞ୍ଚମ ବି ପାସ୍ କରି ନାହାନ୍ତି। ୧୧ଜଣ ପ୍ରାର୍ଥୀ ପଞ୍ଚମ ପାସ କରିଥିବା ନେଇ ସତ୍ୟପାଠ ଦାଖଲ କରିଥିବା ବେଳେ ୩୨ଜଣ ଅଷ୍ଟମ ପାସ, ୪୯ ଜଣ ଦଶମ, ୮୬ ଜଣ ସ୍ନାତକ ଓ ୬ ଜଣ ଡକ୍ଟରେଟ କରିଛନ୍ତି। ସତ୍ୟପାଠ ବିଶ୍ଳେଷଣ ହୋଇଥିବା ୩୮୧ଜଣ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୩୩୭ଜଣ ପୁରୁଷ ହୋଇଥିବା ବେଳେ ୪୪ଜଣ ମହିଳା। ସେହିପରି ଜଣେ ପ୍ରାର୍ଥୀଙ୍କ ବୟସ ୮୦ ବର୍ଷରୁ ଅଧିକ ଥିବା ବେଳେ ୪୧ରୁ ୫୦ ବର୍ଷ ବୟସ ବର୍ଗରେ ସର୍ବାଧିକ ୧୨୯ ଜଣ ଅଛନ୍ତି।

ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ୍ ଭବନରେ ଏଡିଆର୍ ରିପୋର୍ଟ ପ୍ରକାଶ ସମୟରେ ଏଡିଆର୍ ଏବଂ ଓଡ଼ିଶା ଇଲେକ୍ସନ ୱାଚ୍‌ର ରାଜ୍ୟ ସଂଯୋଜକ ରଞ୍ଜନ କୁମାର ମହାନ୍ତି, ଓଡ଼ିଶା ଇଲେକ୍ସନ ୱାଚ୍‌ର କୋର୍ ଟିମ୍ ମେମ୍ବର ସହଦେବ ସାହୁ, ଡା. ସେବା ମହାପାତ୍ର, କ୍ଷମାକର ସ୍ୱାଇଁ ଉପସ୍ଥିତ ଥିଲେ।

# ୪ ମାସରେ ସାଇବର ଅପରାଧୀ ଠକିନେଲେଣି ୧୭ କୋଟି

**ଭୁବନେଶ୍ୱର, ୧୮।୫ (ସତ୍ୟଜିତ୍ ରାଉତ)**

## ସଚେତନତା ବାର୍ତ୍ତା ଦେଲା କ୍ରାଇମବ୍ରାଞ୍ଚ

ସାଇବର ଠକେଇ ବର୍ତ୍ତମାନ ଚିନ୍ତାର କାରଣ ପାଲଟିଛି। ବିଶେଷକରି ଅନ୍‌ଲାଇନ ଜରିଆରେ ନିବେଶ ଓ ରୋଜଗାର ଆଳରେ ଠକେଇ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। କମ୍ ସମୟ ମଧ୍ୟରେ ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ସାଇବର ଠକମାନେ ବହୁ ଟଙ୍କା ଠକି ନେଉଛନ୍ତି। ତେଣୁ ଏଭଳି ସ୍ଥିତିରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଇଛି। ସାଇବର ଅପରାଧୀଙ୍କ ମିଛ ପ୍ରତିଶ୍ରୁତିରେ ନ ପଡ଼ିବାକୁ ପରାମର୍ଶ ଦିଆଯାଇଛି। ୨୦୨୩ରେ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ୨୨ଟି ଅନଲାଇନ୍ ନିବେଶ ସଂକ୍ରାନ୍ତ ଠକେଇ ମାମଲା ରୁଜୁ ହୋଇଥିବା ବେଳେ ମୋଟ ୮.୫ କୋଟି ଠକେଇ ହୋଇଛି। ତେବେ ୨୦୨୪ର ପ୍ରଥମ ୪ ମାସରେ ଏହି ମାମଲା ସଂଖ୍ୟା ବଢ଼ିଛି। ସାଇବର ଥାନାରେ ଏହି ୪ ମାସରେ ୨୫ଟି ମାମଲା ରୁଜୁ ହୋଇଥିବା ବେଳେ ସାଇବର ଠକମାନେ ମୋଟ ୧୭ କୋଟି ଟଙ୍କା ଠକି ନେଇଛନ୍ତି। ପ୍ରଥମେ ଠକଙ୍କ ପକ୍ଷରୁ ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ ଗ୍ରୁପ୍‌ରେ ଯୋଡ଼ି ହେବାକୁ ଲୋକଙ୍କୁ କୁହାଯାଉଛି। ପରେ ବହୁ କମ୍ ସମୟ ମଧ୍ୟରେ ଜାଲ୍ ପ୍ରମାଣ ଦେଖାଇ ଟଙ୍କା ନିବେଶ କରିବାକୁ କହୁଛନ୍ତି। ଟଙ୍କା ନେବା ପରେ ଠକମାନେ ଏହାକୁ ୟୁଏସ୍ ଡଲାରରେ ପରିବର୍ତ୍ତନ କରି ପରେ ପୁଣି ଏହାକୁ ବିଟ୍‌କଏନ୍‌ରେ ବଦଳାଉଛନ୍ତି। ଏହି ଟଙ୍କାକୁ ସେମାନେ ଦୁବାଇ, ଚାଇନା, ହଂକଂରେ ଥିବା ର୍ୟାକେଟ ମୁଖ୍ୟମାନେ ଉଠାଇ ନେଉଛନ୍ତି। ତେଣୁ ଅସଲି ଓ ସ୍ୱୀକୃତିପ୍ରାପ୍ତ ଆପ୍ଲିକେଶନ କିମ୍ବା ୱେବ୍‌ସାଇଟରେ ନିବେଶ କରିବାକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପରାମର୍ଶ ଦିଆଯିବା ସହ ଏଭଳି ଠକାମୀର ଶିକାର ହେଲେ ଟୋଲ ଫ୍ରି ନଂ.୧୯୩୦କୁ କଲ୍ କରି ଅଭିଯୋଗ କରିବାକୁ କୁହାଯାଇଛି।

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୧୯/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 19/2024 | Page 20 | ₹ 7.00

୫୦ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 174 | ମୂଲ୍ୟ₹୭/-

## ଆଜି ପୁଣି ଆସୁଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୮।୫(ଅସମାପିକା ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚି ରାଜଭବନରେ ରହିବେ। ୨୦ ତାରିଖ ସକାଳେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସକାଳ ୮ଟାରେ ବଡ଼ଦାଣ୍ଡରେ ରୋଡ ଶୋ' କରିବେ। ତା'ପରେ ଅନୁଗୋଳ ଗସ୍ତ କରି ସକାଳ ୯ଟା ୩୦ରେ ନିର୍ବାଚନୀ ସଭାରେ ଯୋଗଦେବେ। ପୂର୍ବାହ୍ଣ ସାଢ଼େ ☞ପୃଷ୍ଠା-୮

# ଦମ୍ପତିଙ୍କ ହାଜତମୃତ୍ୟୁ
# ଥାନା ପୋଡ଼ିଦେଲେ ଲୋକେ

ପାଟନା,୧୮।୫


ବିହାର ଅରାରିଆ ଜିଲା ତାରାବାଡ଼ି ଥାନାକୁ ଲୋକେ ଜାଳି ଦେଇଛନ୍ତି।

ବିହାର ଅରାରିଆରେ ଜଣେ ବ୍ୟକ୍ତି ଓ ତାଙ୍କ 'ନାବାଳିକା' ସ୍ତ୍ରୀଙ୍କ ହାଜତମୃତ୍ୟୁ ପରେ ସମଗ୍ର ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ମହିଳାଙ୍କ ବୟସ ୧୮ ହୋଇ ନ ଥିବା ଦର୍ଶାଇ ପୋଲିସ ଉଭୟଙ୍କୁ ବିବାହର ୨ ଦିନ ପରେ ତାରାବାଡ଼ି ଥାନାକୁ ନେଇଥିଲା। ଗୁରୁବାର ଅପରାହ୍ନରେ ଥାନା ହାଜତରୁ ଦୁହିଙ୍କ ମୃତଦେହ ଠାବ ହୋଇଥିଲା। ତେବେ ପୋଲିସ ମାଡ଼ରେ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ଉତ୍ତ୍ୟକ୍ତ ଲୋକେ ଥାନା ଜାଳିଦେଇଛନ୍ତି। ଲୋକଙ୍କ ଆକ୍ରମଣରେ କେତେଜଣ ପୋଲିସ ଅଫିସର ଆହତ ହୋଇଛନ୍ତି। ପୋଲିସ ଗୁଳି ଚଳାଇବାରୁ ୨ ଜଣ ଲୋକ ଆହତ ହୋଇଥିବା ଜଣାପଡ଼ିଛି। ଅରାରିଆ ଅଞ୍ଚଳର ଜଣେ ବିବାହିତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେ ମଙ୍ଗଳବାର ତାଙ୍କର ୧୪ ବର୍ଷୀୟା ଶାଳୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ନାବାଳିକାଙ୍କୁ ବ୍ୟକ୍ତି ଜଣକ ନିଜ ଘରେ ସ୍ତ୍ରୀ ଭାବେ ରଖିଥିବା ଖବର ପାଇଁ ଗୁରୁବାର ଅପରାହ୍ନରେ ତାରାବାଡ଼ି ପୋଲିସ ସେମାନଙ୍କୁ ପଚରାଉଚରା ପାଇଁ ଥାନାକୁ ନେଇଥିଲା। ସେମାନଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ଜେରା ପାଇଁ ରଖାଯାଇଥିବାବେଳେ ଗୁରୁବାର ସନ୍ଧ୍ୟାରେ ଉକ୍ତ ଦମ୍ପତି ହାଜତରେ ଆତ୍ମହତ୍ୟା କରିଥିଲେ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକେ ଥାନାକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ସେମାନଙ୍କୁ ମାରିଦେଇଥିବା ଅଭିଯୋଗ ଆଣିଥିଲେ। ସେମାନେ ପୋଲିସ ଉପରକୁ ଟେକାମାଡ଼ କରି ଥାନାରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଥିଲେ। ଅନ୍ୟ ଥାନାରୁ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଛନ୍ତି। ଲୋକଙ୍କ ଆକ୍ରମଣରେ ୫ରୁ ୬ ଜଣ ପୋଲିସ ଅଫିସର ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟପକ୍ଷରେ ପୋଲିସ ଆତ୍ମରକ୍ଷା ପାଇଁ ୬ ରାଉଣ୍ଡ ଗୁଳି ଚଳାଇଥିଲା। ୨ ଜଣଙ୍କ ଗୋଡ଼ ଓ ହାତରେ ଗୁଳି ବାଜିଥିଲା। ଇତିମଧ୍ୟରେ ଜଣେ ବ୍ୟକ୍ତି ଥାନାର ଲକ୍‌ଅପ୍ ଡୋରକୁ ଚଢ଼ି ଏକ ନିଜ ବେକରେ ଲୁଗା ବାନ୍ଧୁଥିବା ବେଳର ସିସିଟିଭି ଫୁଟେଜକୁ ପୋଲିସ ରିଲିଜ କରିଛି।

**ଆଜିର ସମ୍ପାଦକୀୟ** | ବ୍ୟର୍ଥ ଏନ୍‌ଏଚ୍‌ଆର୍‌ସି

## ୨୨ରେ ଲଘୁଚାପ

ଭୁବନେଶ୍ୱର,୧୮।୫(ଅସମାପିକା ସାହୁ)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୨୨ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏହା ପ୍ରାଥମିକସ୍ତରରେ ଉତ୍ତରପୂର୍ବ ଦିଗରେ ଲଘୁଚାପ ☞ପୃଷ୍ଠା-୮












# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ସିଟିଜେନ୍ ଫୋରମ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଏବଂ ରଚନା ପ୍ରତିଯୋଗିତା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ-୯, ସମୟ: ସକାଳ ୮ଟା।
- ଇଟିକିଲି ମିଟିକିଲିର ୨୯ତମ ଚିତ୍ରାଙ୍କନ ଉତ୍ସବ, ସ୍ଥାନ: ପଠାଣି ସାମନ୍ତ ପ୍ଲାନେଟୋରିୟମ୍, ସମୟ: ସକାଳ ୯ଟା।
- ପ୍ରଜ୍ଞା ପ୍ରତିଭା ଆୱାର୍ଡ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଫିଲ୍ମ 'କଳିଙ୍ଗ ପୁତ୍ରର ଆହ୍ୱାନ' ଉନ୍ମୋଚନ, ସ୍ଥାନ: ଶ୍ରୀରାଜ ରେଷ୍ଟୁରାଣ୍ଟ, କେଶରୀ ହଲ୍ କମ୍ପ୍ଲେକ୍ସ, ସମୟ: ଅପରାହ୍ନ ୪ଟା।
- ଭାରତୀୟ ଲୋକ ସଂସଦ ଓ ଗଣତନ୍ତ୍ର ପରିଷଦ ପକ୍ଷରୁ ସେମିନାର, ସ୍ଥାନ: ନ୍ୟାଶନାଲ ଆର୍କାଇଭ୍ସ ଅଫ୍ ଇଣ୍ଡିଆ, ଏମ୍-୭୯, ମଧୁସୂଦନ ନଗର, ୟୁନିଟ୍-୪, ସମୟ: ଅପରାହ୍ନ ୫ଟା।
- ଆଶ୍ରୟ ସେବା ସଂସ୍କୃତି ଉତ୍ସବ, ସ୍ଥାନ: ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା।
- ସୁଚିତ୍ରା ମିଶ୍ରଙ୍କ ଗଳ୍ପ ସଂକଳନ 'ଆଶାର ଆଲୋକ' ଲୋକାର୍ପଣ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଦି ୟୁନିଭର୍ସ ପକ୍ଷରୁ ଆମ ଗଣତନ୍ତ୍ର ଓ ଚତୁର୍ଥ ସ୍ତମ୍ଭ ଶୀର୍ଷକ ଆଲୋଚନା ସଭା, ସ୍ଥାନ: ଅନୁଷ୍ଠାନ ପରିସର, ମୈତ୍ରୀ ସରଣୀ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ମା' କୋଶଳେଇଙ୍କ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ଆନନ୍ଦ ବଜାର, ସ୍ଥାନ: ଝାମ୍ପୁଲାକୁଦ, ନିମାପଡ଼ା, ସମୟ: ପ୍ରାତଃ ୫ ଟା(ନାମଯଜ୍ଞ )। ଆନନ୍ଦ ବଜାର ସନ୍ଧ୍ୟା ୭ଟା।
- ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ସଭା ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ସମେଶ୍ୱରପୁର ପଞ୍ଚାୟତ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୪ଟା।
- ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ଚନ୍ଦନ ଶୋଭାଯାତ୍ରା, ସ୍ଥାନ: ଗାଣ୍ଡୁଆ ଚଉରା ଛକ, ପୁରୀ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଶନିଶ୍ଚରଦେବଙ୍କ ପୀଠ, କୋଦୁଅବେରେଣୀ, ବେଗୁନିଆ ଉପକଣ୍ଠ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମଲୀଳା ନାଟକ ଉତ୍ସବ, ସ୍ଥାନ: ରାମଲୀଳାସ୍ଥଳୀ, ଛତ୍ରପଡ଼ା, ବେଗୁନିଆ, ସମୟ: ରାତି ୮ଟା।

## ବାଲେଶ୍ୱର
- ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନିର୍ବାଚନୀ କାର୍ଯ୍ୟାଳୟ, ବଟେଶ୍ୱର ୟୁପି ସ୍କୁଲ ନିକଟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୯ଟା।
- ବିଜେଡିର ସାଧାରଣ ସଭା, ସ୍ଥାନ: ସୋଲପଟା ଛକ, ବାଲେଶ୍ୱର,ପୂର୍ବାହ୍ନ: ୧୧ଟା।
- ଭାଜପାର ସଂକଳ୍ପ ପତ୍ର ଉନ୍ମୋଚନ, ସ୍ଥାନ: ସହର ଚିଡିଆପୋଲସ୍ଥିତ ଲକି ହୋଟେଲ ପରିସର, ସମୟ: ଅପରାହ୍ନ ୧ଟା।
- ବିଜେଡିର ସାଧାରଣ ସଭା, ସ୍ଥାନ: ହଳଦୀପଦା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ସ୍ଥାନ: ଧାମନଗର ଛକ, ଭଦ୍ରକ, ସମୟ: ଅପରାହ୍ନ ୧ଟା।

## କେନ୍ଦୁଝର
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାଧାରଣ ସଭା, ସ୍ଥାନ: ସଦର ବ୍ଲକ ସିଲିଶୁଆଁ ପଡିଆ, ସମୟ: ସକାଳ ୯ଟା ୧୫।
- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ବୈଠକ ଏବଂ ପ୍ରଚାର, ସ୍ଥାନ: ଛେନାପଦି, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା ୩୦।
- କେନ୍ଦ୍ରମନ୍ତ୍ରୀ ରାଜ ନାଥ ସିଂଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ପାଟଣା ନିର୍ବାଚନ ମଣ୍ଡଳୀର ଅସନ ପାଟ ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୨ ଟା ୩୦।
- ବିଭିନ୍ନ ପଞ୍ଚାୟତରେ ବିଜେଡିର ଘର ଘର ବୁଲି ନିର୍ବାଚନୀ ପ୍ରଚାର, ସ୍ଥାନ: ଆନନ୍ଦପୁର ଏବଂ ହାଟଡିହୀ, ସମୟ: ଅପରାହ୍ନ ୫ ଟା।
- ଭାଜପାର ମହିଳା ସମ୍ମିଳନୀ ଓ ପଦଯାତ୍ରା, ସ୍ଥାନ: ଭାଜପା କାର୍ଯ୍ୟାଳୟ ଓ ମାର୍କେଟ, ବଡ଼ବିଲ, ସମୟ: ଅପରାହ୍ନ ୫ଟା।
- ବିଭିନ୍ନ ପଞ୍ଚାୟତରେ ଭାଜପାର ଗୃହ ସମ୍ପର୍କ ଅଭିଯାନ, ସ୍ଥାନ: ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ବାଥୁଡ଼ି ସାଂସ୍କୃତିକ ସମାଜ ପକ୍ଷରୁ ସମ୍ମିଳନୀ, ସ୍ଥାନ: ଉଦଳା ମେଳା ପଡ଼ିଆ, ସମୟ: ସକାଳ ୯ଟା।

ବିଜେଡିର ୪୦ନଂ ଜୋନ୍‌ରେ ନିର୍ବାଚନ ସଭା, ସ୍ଥାନ: ପାଟପୁର, ଚିତ୍ରଡା, ମୋରଡ଼ା, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର
- ବାଲ ସଂସ୍କାର ଶିବିର,ସ୍ଥାନ: ଭାରତ ବିକାଶ ଭବନ,ସମୟ: ସକାଳ ୭ଟା।
- କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସର, ସ୍ଥାନ: ଉତ୍କଳ ଆଶ୍ରମ,ସମୟ: ସନ୍ଧ୍ୟା ୬ଟା।
- ତ୍ରିଧାରା ଗଳ୍ପ ଖସଡ଼ା, ସ୍ଥାନ: ତ୍ରିଧାରା ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬.୪୫ ମି।

## ରାୟଗଡ଼ା
- ରବି ନାରାୟଣ ବ୍ରତ, ଏକାଦଶୀ ପାଳନ, ସ୍ଥାନ: ଅନନ୍ତ ବାସୁଦେବ ମନ୍ଦିର, ଜେକେପୁର ସମୟ: ସକାଳ ୭ଟାରୁ ଆରମ୍ଭ ।

## କୋରାପୁଟ
- ଖରିଫ ଚାଷ ନେଇ ଚାଷୀ ଓ ଅଧିକାରୀଙ୍କ ମଧ୍ୟରେ ବୈଠକ, ସ୍ଥାନ : ନକୁଳଗୁଡା ଗ୍ରାମ, ବୋରିଗୁମା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ : ଗୁରୁସମ୍ଭବ ଭବନ, ସମୟ : ସକାଳ ୯ଟା।
- କଲମ ପରିବାର ପକ୍ଷରୁ ବହିହାଟ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବାଦିକ ଭବନ, ସମୟ : ସକାଳ ୯ଟା ୩୦ ।
- ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ, ସମୟ : ସକାଳ ୯ଟା୩୦ ।
- କଂଗ୍ରେସ ସମ୍ବଲପୁର ବିଧାନସଭା ପ୍ରାର୍ଥୀଙ୍କ ସଂକଳ୍ପ ଯାତ୍ରା, ସ୍ଥାନ : ବୁଢ଼ାରଜା ଅଞ୍ଚଳ, ସମୟ : ସକାଳ ୯ଟା ୩୦ ।
- ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦର ବୈଠକ, ସ୍ଥାନ : ସମ୍ବାଦିକ ଭବନ, ସମୟ : ୧୧ଟା ୩୦ ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ତ୍ରିନାଥ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ତ୍ରିନାଥ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଇସ୍କନ ପକ୍ଷରୁ ହରିନାମ ସଙ୍କୀର୍ତ୍ତନ ଉତ୍ସବ, ସ୍ଥାନ: ସିଭିଲଟାଉନଶିପ, ସମୟ: ପ୍ରାତଃ ୫ଟା୩୦।
- ରୋଟାରୀ ଅର୍ବାନ ପକ୍ଷରୁ ହିମୋଗ୍ଲୋବିନ ସମ୍ପର୍କିତ କର୍ମଶାଳା, ସ୍ଥାନ: ଏସଓଏସ ଭିଲେଜ,ସେକ୍ଟର-୯, ସମୟ: ଅପରାହ୍ନ ୪ଟା।
- ଭୋଟ ସଚେତନତା ପାଇଁ ପଥପ୍ରାନ୍ତ ନାଟକ, ସ୍ଥାନ: ପାୱାରହାଉସ୍ ରୋଡ, ସମୟ: ସନ୍ଧ୍ୟା ୬ଟା୩୦।

## ବରଗଡ଼
- ନବଦିନାତ୍ମକ ରାମାୟଣ ପାରାୟଣ, ସ୍ଥାନ: ସରଣ୍ଡା ଶିବ ମନ୍ଦିର, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଦେବତା ପ୍ରାଣ ପ୍ରତିଷ୍ଠା, ନ୍ୟାସ, ହୋମ ଓ ସନ୍ଧ୍ୟା ଆଳତି, ସ୍ଥାନ: ବିଶ୍ୱନାଥପୁର ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୧୦ଟା ୩୦।
- ପାରାୟଣ ଗାୟିକା ସୁଶ୍ରୀ ବର୍ଷାରାଣୀ ତ୍ରିପାଠୀଙ୍କ ଭଜନସନ୍ଧ୍ୟା, ସ୍ଥାନ: ବୃନ୍ଦାବାହାଲ, ଗୋଲାମୁଣ୍ଡା ବ୍ଲକ, କଳାହାଣ୍ଡି, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାମକେଡା ଗାଁ, ସମୟ: ସକାଳ ୮ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ସକାଳ ୮ଟା ୩୦।
- ଖଡିଆଳ ସାଂସ୍କୃତିକ ଆନୁଷ୍ଠାନ ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳ ଅଗ୍ରେସନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ନାମଯଜ୍ଞ କଳସଯାତ୍ରା, ସ୍ଥାନ: କୋମନା ବ୍ଲକ କାଣ୍ଡେତାରା ଗାଁ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ମା'ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ ଆରମ୍ଭ, ସ୍ଥାନ: ମଠସାହି, ଦେବଗଡ଼ ସହର, ସମୟ: ସକାଳ ୯ଟା।
- ଭାଜପାର ଘରକୁ ଘର କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକର ଷେଣ୍ଢ ଗ୍ରାମ, ସମୟ:

## ଅନୁଗୋଳ
- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ, ସମୟ: ସକାଳ୮ଟା।
- ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ବନ୍ତଳା, ସମୟ: ସକାଳ୯ଟା।
- ନିର୍ବାଚନ ପାଇଁ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା, ସ୍ଥାନ: ସର୍କିଟ୍ ହାଉସ୍, ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ ଟା।
- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୫ ଟା।

## ଜଗତସିଂହପୁର
- ଯୁଗଶକ୍ତି ଗାୟତ୍ରୀ ଶାନ୍ତିକୁଞ୍ଜ ତରଫରୁ ନବ ଦିବସୀୟ ଯଜ୍ଞ, ସ୍ଥାନ: ଗାୟତ୍ରୀ ନଗର, ବିଜୟଚନ୍ଦ୍ରପୁର,ପାରାଦୀପ, ସମୟ: ସକାଳ ୬ଟା।
- ଜାଦବେନ୍ଦ୍ର ଜୀଉଙ୍କ ଚନ୍ଦନ ଯାତ୍ରା, ସ୍ଥାନ: ରଘୁନାଥପୁର ବ୍ଲକ ଗୋପାଳପୁର ସ୍ଥିତ ଚନ୍ଦନ ପୁଷ୍କରଣୀ, ସମୟ: ସନ୍ଧ୍ୟା:୫ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାରମାଣିଆ ବଟମହାପୁରୁଷ ପୀଠ, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୫ଟା।

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ବିଜେଡି ପକ୍ଷରୁ ବ୍ୟାସନଗର ପୌର ପରିଷଦ ୫ ଓ ୬ ନମ୍ବର ୱାର୍ଡରେ କର୍ମୀ ସମ୍ମିଳନୀ, ସ୍ଥାନ: ରମ୍ପାସ ସ୍ଥିତ ମହାତ୍ମା ଗାନ୍ଧୀ ଆଇଟିଆଇ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- କଣ୍ଟିଲୋ ନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ଦଶମ ଦିବସ, ସ୍ଥାନ: ନୟାଗଡ ସାଗର ପୋଖରୀ, ସମୟ: ଅପରାହ୍ନ ୫ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ଦଶମ ଦିବସ ଦିବସ, ସ୍ଥାନ: ଓଡଗାଁ ଶ୍ରୀରାମ ସାଗର, ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ଦଶମ ଦିବସ, ସ୍ଥାନ: ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ସ୍ଥଗିତ କାମର ପୁନରୁଦ୍ଧାର ପାଇଁ ଉଚ୍ଚ ପଦାଧିକାରୀ ସହଯୋଗର ପ୍ରତିଶ୍ରୁତି ଦେଇପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଶିଥିଳତା ଦେଖାଦେବାରୁ ମନ ଭଲ ରହି ନ ପାରେ। ପରିବାରର ଅବ୍ୟବସ୍ଥା ସାଙ୍ଗକୁ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିବ। ପ୍ରଶାସନ, ବନ୍ଧୁସମ୍ପର୍କ ଓ ଆନୁଷ୍ଠାନିକ କାମରେ ଦକ୍ଷତା ବଢ଼ିବ।

**ବୃଷ** ସୁନିୟନ୍ତ୍ରିତ ସ୍ୱାସ୍ଥ୍ୟ ସାଙ୍ଗକୁ ପାରିବାରିକ ଜୀବନରେ ଅସୁବିଧା ରହିବ ନାହିଁ। ସହକର୍ମୀଙ୍କ ସାହାଯ୍ୟ ଲାଭକରି ଅଟକି ରହିଥିବା କାମ ପୂର୍ଣ୍ଣାଙ୍ଗ କରିବେ। ଅଧିକାଂଶ ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି। ତା' ସାଙ୍ଗକୁ ବିଳାସବ୍ୟସନ ଦିଗକୁ ଆକୃଷ୍ଟ ହେବେ।

**ମିଥୁନ** ଯେଉଁ କାମରେ ହାତ ଦେବେ, ସଫଳତା ଅବଶ୍ୟମ୍ଭାବୀ। କର୍ମକ୍ଷେତ୍ର ଓ ପାରିବାରିକ ଜୀବନର ଆଶା ଫଳବତୀ ହେବ। ପଦସ୍ଥ ବ୍ୟକ୍ତିଙ୍କ ସାମ୍ନାରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବାରୁ ସୁବିଧା ସୁଯୋଗ ହରାଇ ବ୍ୟଥିତ ହେବେ। ବ୍ୟବସାୟ ଦିଗଟି ପୂର୍ବପରି ବଳବତ୍ତର ରହିବ ଏବଂ ଲାଭର ମାତ୍ରା କମିବ ନାହିଁ।

**କର୍କଟ** କଠିନ ଶ୍ରମ ଓ ଅନିଦ୍ରାଜନିତ ବ୍ୟତିକ୍ରମ ସ୍ୱାସ୍ଥ୍ୟହାନିର କାରଣ ହେବ। ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ମଧ୍ୟ ନିଜ ଲୋକଙ୍କ ତରଫରୁ ସହଯୋଗ ପାଇବେନି। ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ଲେଖାପଢ଼ା, ସଭାସମିତି, ରାଜନୈତିକ ଆଲୋଚନା, ଦୂରଯାତ୍ରା କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଶୀଘ୍ର ଶେଷ କରିବାକୁ ମନସ୍ଥ କରିପାରନ୍ତି। ପରିଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ମନ ଖୁସି ରହିବ। କୌଣସି ଗୃହ, ଜମିଜମା କିଣାବିକା ସମ୍ପର୍କରେ ଅବଶ୍ୟ ଉପକୃତ ହେବେ। କଳା, ସାହିତ୍ୟ, ସଙ୍ଗୀତ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**କନ୍ୟା** ପରୋକ୍ଷଶତ୍ରୁତା ଏବଂ ପ୍ରତିରୋଧର ସାମ୍ନା କରିବାକୁ ଯାଇ ବ୍ୟସ୍ତବିବ୍ରତ ହେବେ। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିବ। ପରିବାରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଉଥିବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଆତ୍ମୀୟଙ୍କ ବେଖାତିର କଥାବାର୍ତ୍ତା ଓ ଅସହଯୋଗ ମନୋବୃତ୍ତି ଇଚ୍ଛା ପୂରଣର ବାଧକ ସାଜିପାରେ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ନ ହେଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ରହି ନ ପାରେ। ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ ହୋଇଯାଉଛି,ଆପଣଙ୍କ କ୍ଷେତ୍ରରେ ସେପରି ହେବନାହିଁ। ଅଧିକାଂଶ ସମୟରେ ପାରିବାରିକ ପ୍ରତିରୋଧ ଚେଷ୍ଟା କରୁଥିବା କାମକୁ ବିଶୃଙ୍ଖଳିତ କରିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଓ ଉଚ୍ଚସ୍ତରରୁ ସମ୍ମାନିତ ହେବେ।

**ବିଛା** ପାରିବାରିକ ସମସ୍ୟାଜନିତ ଟେନ୍ସନ କାରଣରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟକୁ ସାଧନ କରିବେ। ବାଣିଜ୍ୟ ଓ ପରିବହନ ସକାଶେ ଅସୁବିଧା ହେବ ନାହିଁ।

**ଧନୁ** ବନ୍ଧୁଙ୍କ ଦ୍ୱାରା ସକାଳୁ ଶୁଭଖବର ମନକୁ ଆହ୍ଲାଦିତ କରିବ। ସଭାସମିତିରେ ଏପରି ପ୍ରସ୍ତାବ ଦେବେ, ଯାହାକି ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍‌ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ଭୁଲ୍ ବୁଝାମଣାରୁ ଶ୍ୱାଇଁ କିମ୍ବା ମାମୁଘର ବ୍ୟକ୍ତି ଚିନ୍ତାର କାରଣ ହୋଇପାରନ୍ତି।

**ମକର** ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିଭିନ୍ନ କାରଣରୁ ବିଶେଷ ଭଲ ରହି ନ ପାରେ। ଶତ୍ରୁତା, ଈର୍ଷାପରାୟଣ, ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମ, ମାଙ୍ଗଳିକ କାର୍ଯ୍ୟ ଓ ଲେଖାପଢ଼ାରୁ ଶୁଭଫଳ ପାଇବେ।

**କୁମ୍ଭ** ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ଆଶଙ୍କା ରହିଛି। ପାରିବାରିକ ଅଶାନ୍ତି ଲାଗି ରହିବା କାରଣରୁ ପାରିବାରିକ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମ, ସାହିତ୍ୟ, କଳା କ୍ଷେତ୍ରରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ** ପ୍ରତ୍ୟେକ ସମସ୍ୟାକୁ ସମାଧନ କରିବାରେ ସଫଳତା ଲାଭକରି ଆନନ୍ଦ ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଏବଂ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ସୃଷ୍ଟି ହେବାର ଆଶଙ୍କା ରହିଛି।

ଆଜି ମେ ୧୯ ତାରିଖ, ବୈଶାଖ ଶୁକ୍ଳ ଏକାଦଶୀଯୁକ୍ତ ଦ୍ୱାଦଶୀ ରବିବାର, ଅଦ୍ୟ ସର୍ବସମ୍ମତ ମୋହିନୀ ଏକାଦଶୀ, ରବିନାରାୟଣ ବ୍ରତ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୫୭ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୦ ଗତେ ଘ.୦୨।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୩୫ମି. ଗତେ ଘ.୦୬।୧୩ମି ମଧ୍ୟେ ରାହୁକାଳ।

# ଟ୍ରକ୍ ମାଡ଼ିଗଲା, ଜଣେ ମୃତ

ପାଟଣା,୧୮।୫ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ହାତୀବାରି ନିକଟରେ ଶନିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଜଣେ ପଥଚାରୀଙ୍କ ଉପରେ ଏକ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ହାତୀବାରି ଗ୍ରାମର ପରମେଶ୍ୱର ନାଏକ(୫୦)। ଦୁର୍ଘଟଣା ପରେ ମୃତଦେହ ଉପରେ ଆଉ ଏକ ଟ୍ରକ ଚଢ଼ି ଯାଇଥିଲା। ଶତାଧିକ ମହିଳା ଓ ପୁରୁଷ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଖବର ଲେଖା ହେବା ବେଳକୁ ତୁରୁମୁଙ୍ଗା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି।

# ବିବାଦରେ ମରିୟମଙ୍କ ପୋଲିସ ପୋଷାକ

ଲାହୋର,୧୮।୫



ମରିୟମ ନୱାଜ

ପାକିସ୍ତାନ ପଞ୍ଜାବ ପ୍ରଦେଶର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ମରିୟମ ନୱାଜ ପୁଣି ପୋଲିସ ୟୁନିଫର୍ମ ପିନ୍ଧି ବିବାଦୀୟ ହୋଇଛନ୍ତି। ସାମାଜିକ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ ପାଇଁ ସେ ଏଭଳି ଶସ୍ତା କୌଶଳ ଆପଣାଇଥିବା ବିରୋଧୀ ସମାଲୋଚନା କରିଛନ୍ତି। ମରିୟମ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଝିଅ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶେହୱାଜ ସରିଫଙ୍କ ଝିଆରୀ। ଲାହୋରର ଏଲିଟ୍ ଟ୍ରେନିଂ ସେଣ୍ଟର ବୈଦିଆନରେ ଶୁକ୍ରବାର ଅନୁଷ୍ଠିତ ପାସିଂ ଆଉଟ୍ ପରେଡ୍ ସେରେମନିରେ ମରିୟମ ଯୋଗ ଦେଇଥିଲେ। ଏହି ଅବସରରେ ସେ ପଞ୍ଜାବ ଏଲିଟ୍ ଫୋର୍ସ ପୋଷାକ ପିନ୍ଧି ଅଭିବାଦନ ଗ୍ରହଣ କରିଥିଲେ। ଏହା ପୂର୍ବରୁ ଗତ ଏପ୍ରିଲରେ ମଧ୍ୟ ଏକ ଅନୁରୂପ କାର୍ଯ୍ୟକ୍ରମରେ ମରିୟମ ପୋଲିସ ପୋଷାକ ପିନ୍ଧି ଚର୍ଚ୍ଚାକୁ ଆସିଥିଲେ। ସେତେବେଳେ ଜଣେ ଆଇନଜୀବୀ ମୁଖ୍ୟମନ୍ତ୍ରୀ ମରିୟମଙ୍କ ବିରୋଧରେ ଏନେଇ ଲାହୋର ସେସନ୍ସ କୋର୍ଟରେ ପିଟିଶନ ଦାଖଲ କରିଥିଲେ, ଯାହା କି ବିଚାରାଧୀନ ରହିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ) ମରିୟମଙ୍କ ପୋଷାକ ଦେଖି କହିଛି, ମୁଖ୍ୟମନ୍ତ୍ରୀ ନିଜ ଦାୟିତ୍ୱ ତୁଲାଇବା ଅପେକ୍ଷା ମଡେଲିଂ କରିବାକୁ ବେଶୀ ପସନ୍ଦ କରନ୍ତି। ତେବେ ପୋଲିସ ବାହିନୀ ପ୍ରତି ନିଜ ସମର୍ଥନ ପ୍ରକାଶ ପାଇଁ ଏଭଳି ୟୁନିଫର୍ମ ପିନ୍ଧି ସେ ଉଲ୍ଲସିତ ବୋଲି ମରିୟମ କହିଛନ୍ତି।

# ୧୭୬ ଏନ୍‌ସିସି କ୍ୟାଡେଟଙ୍କୁ 'ଜୁନିୟର ରକ୍ଷକ' ମାନ୍ୟତା



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସାର୍ଟିଫିକେଟ୍ ପାଇଥିବା ପ୍ରଶିକ୍ଷିତ କ୍ୟାଡେଟ୍‌ମାନେ।

ପୁରୀ,୧୮।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରରେ ଶନିବାର ପରିବହନ ବିଭାଗର ଜୁନିୟର ରକ୍ଷକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଯୋଗଦେଇ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭୋଲାନାଥ ହାଇସ୍କୁଲ ପରିସରରେ ଏନ୍‌ସିସି ସିନିୟର ୱିଙ୍ଗ୍‌ର ୫୭୫ ଜଣ କ୍ୟାଡେଟଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ହୋଇଛି। ପ୍ରଥମ ଦିନରେ ୧୭୬ ଜଣ ସଫଳତାର ସହ ପ୍ରଶିକ୍ଷଣ ଶେଷ କରିଛନ୍ତି। ସେମାନଙ୍କୁ ପରିବହନ ବିଭାଗରୁ 'ଜୁନିୟର ରକ୍ଷକ' ମାନ୍ୟତା ପ୍ରଦାନ କରାଯାଇଛି। ଦ୍ୱିତୀୟ ଦିନରେ ଆଉ ୩୯୯ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇ 'ଜୁନିୟର ରକ୍ଷକ' ମାନ୍ୟତା ପ୍ରଦାନ କରାଯିବ। ଶିବିରରେ ଏନ୍‌ସିସି କ୍ୟାଡେଟଙ୍କୁ ସଡ଼କ ସୁରକ୍ଷା ଓ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ସମ୍ପର୍କରେ ପ୍ରଶିକ୍ଷିତ କରାଯାଇଛି। ମାଷ୍ଟର ଟ୍ରେନର ସୁବାସ ଚନ୍ଦ୍ର ପ୍ରଧାନ ଓ ଶୁଭ୍ରଜିତ ନାୟକ ପ୍ରଶିକ୍ଷଣ ଦେଇଥିଲେ। ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷାରେ ଗୋଲ୍‌ଡେନ୍ ଆୱାର ବା ଦୁର୍ଘଟଣା ଘଟିବାର ପରବର୍ତ୍ତୀ ଏକ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ଏହି ସମୟ ମଧ୍ୟରେ ଦୁର୍ଘଟଣାଗ୍ରସ୍ତଙ୍କୁ କିଭଳି ପ୍ରାଥମିକ ଚିକିତ୍ସା ପ୍ରଦାନ କରିହେବ ଓ ତୁରନ୍ତ ହସ୍ପିଟାଲ ପହଞ୍ଚାଯାଇପାରିବ ସେ ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜୁନିୟର ରକ୍ଷକମାନେ ସଡ଼କ ସୁରକ୍ଷାର ବ୍ରାଣ୍ଡ ଆମ୍ବାସାଡର ଭଳି ଦାୟିତ୍ୱ ନିର୍ବାହ କରିବେ। ସେମାନେ ନିଜେ ସମସ୍ତ ନିୟମ ମାନିବା ସହ ନିଜ ପରିବାର, ଆଖପାଖ ଲୋକେ, ସାହିପଡ଼ିଶାରେ ସଡ଼କ ସଚେତନତାର ବାର୍ତ୍ତା ବାଣ୍ଟିବେ। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ଦିଗରେ ଏନ୍‌ସିସି ସହଭାଗିତାରେ ପରିବହନ ବିଭାଗର ଏହା ଏକ ମହତ୍ୱପୂର୍ଣ୍ଣ ପ୍ରୟାସ। ପୂର୍ବରୁ ବିଭାଗ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସେଥିରେ ସଫଳତା ମିଳିବା ପରେ ଏହି ପ୍ରୟାସକୁ ବ୍ୟାପକ କରିବାକୁ 'ଜୁନିୟର ରକ୍ଷକ' କାର୍ଯ୍ୟକ୍ରମ କରାଯାଉଛି। ଗତ ମାର୍ଚ୍ଚ ୬ରେ ଏ ସଂକ୍ରାନ୍ତରେ ଲୋକସେବା ଭବନରେ ପରିବହନ ବିଭାଗ ଏବଂ ଏନ୍‌ସିସି ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟରେ ୩୨ ହଜାର ଏନ୍‌ସିସି କ୍ୟାଡେଟଙ୍କୁ ଜୁନିୟର ରକ୍ଷକ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରହିଛି।

ପରିବହନ କମିଶନର କହିଛନ୍ତି, ଜଗତର ରକ୍ଷକ ଶ୍ରୀଜଗନ୍ନାଥଙ୍କ ପବିତ୍ର ପୁରୀ ଧାମରେ ଜୁନିୟର ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଅତ୍ୟନ୍ତ ଆନନ୍ଦର ବିଷୟ। ସଡ଼କ ଦୁର୍ଘଟଣା ଏବଂ ଏ ସଂକ୍ରାନ୍ତ ମୃତ୍ୟୁସଂଖ୍ୟା ହ୍ରାସ ଆମ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ୍। ଅନେକ ଲୋକଙ୍କର ଧାରଣା ରହିଛି ଯେ, ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କଲେ ପରେ ହଇରାଣ ହେବାକୁ ହୁଏ। କିନ୍ତୁ ଏହା ଭୁଲ୍ କଥା। ସାହାଯ୍ୟ ବଦଳରେ ହଇରାଣ ହେବାକୁ ପଡ଼ିବନି ବରଂ ଆପଣଙ୍କୁ ସମ୍ମାନ ମିଳିବ। ଯଦି ଆପଣ କୌଣସି ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରି ହସ୍ପିଟାଲ ନେଉଛନ୍ତି, ଆପଣଙ୍କୁ ବିଭାଗ ତରଫରୁ 'ଗୁଡ୍ ସମ୍ମରିଟାନ୍ ସମ୍ମାନ' ସହ ଦୁଇହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି କମିଶନର କହିଥିଲେ। ସଡ଼କ ସୁରକ୍ଷା ସଚେତନତା ସମ୍ପର୍କରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ସିସି କମାଣ୍ଡିଂ ଅଫିସର ସୁଦୀପ ସିହ୍ନା, ଅତିରିକ୍ତ ପରିବହନ କମିଶନର ପ୍ରଶାସନ ଇନ୍ଦ୍ରମଣି ନାୟକ, ଅତିରିକ୍ତ ପରିବହନ କମିଶନର (ଏନ୍‌ଫୋର୍ସମେଣ୍ଟ) ଲାଲମୋହନ ସେଠୀ, ଯୁଗ୍ମ ପରିବହନ କମିଶନର (ସଡ଼କ ସୁରକ୍ଷା) ପ୍ରଦୀପ କୁମାର ମହାନ୍ତି, ଦିପ୍ତୀରଞ୍ଜନ ପଟ୍ଟନାୟକ, ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଏବଂ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କଲେ 'ଗୁଡ୍ ସମ୍ମରିଟାନ୍ ସମ୍ମାନ' ସହ ୨ ହଜାର ଟଙ୍କା ପୁରସ୍କାର ମିଳିବ

# ମତଦାନ କରିବେ ୭୯,୬୯,୮୮୭

## ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରଚାର ଶେଷ

ଭୁବନେଶ୍ୱର, ୧୮।୫
(ଅସମାପିକା ସାହୁ)

ରାଜ୍ୟରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ତେଣୁ ଶନିବାର ପ୍ରଚାର ଶେଷ ହୋଇଛି। ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସିକା ସଂସଦୀୟ କ୍ଷେତ୍ରର ୩୫ଟି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ହେବ। ଏଥିରେ ମୋଟ ଭୋଟର ସଂଖ୍ୟା ୭୯ଲକ୍ଷ ୬୯ହଜାର ୮୮୭ ବୋଲି ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ମତଦାତାଙ୍କ ମଧ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ୩୯,୩୫,୦୪୪ ଥିବା ବେଳେ ପୁରୁଷ ଭୋଟର ୪୦,୩୩,୯୯୨ ଏବଂ ତୃତୀୟଲିଙ୍ଗୀ ଭୋଟର ୮୫୧ ରହିଛନ୍ତି। ୯,୧୬୨ ମତଦାନ କେନ୍ଦ୍ର ରହିବ। ୧,୦୪୧ ବୁଥ୍ ମହିଳା ପୋଲିଂ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ୨୫ ବୁଥ୍ ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ୧,୫୪୧ ଆଦର୍ଶ ବୁଥ ହେବ। ଏଥିମଧ୍ୟରୁ ୨୦ ପ୍ରତିଶତ ସମ୍ବେଦନଶୀଳ ବୁଥ୍ ରହିଛି। ୧୦୨ କମ୍ପାନୀ ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସ (ସିଏପିଏଫ୍) ନିୟୋଜିତ ହେବେ। ୬୦ ପ୍ରତିଶତ ବୁଥ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ ହେବ ବୋଲି ସେ ସୂଚନା ଦେଇଛନ୍ତି। ସେପଟେ ଖଲ୍ଲିକୋଟ ହିଂସା ଘଟଣାରେ ମାମଲା ପଞ୍ଜୀକରଣ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଭାରତର ନିର୍ବାଚନ କମିଶନ ଡିଜିପିଙ୍କୁ ରିପୋର୍ଟ ତଲବ କରିଥିଲେ। ଶୁକ୍ରବାର ଡିଜିପି ରିପୋର୍ଟ ଦାଖଲ କରି ସାରିଛନ୍ତି। ଭୋଟ ପାଇଁ ଅତିରିକ୍ତ ଡିଜି ର୍‍ୟାଙ୍କର ଅଫିସରଙ୍କୁ ନିଯୁକ୍ତି କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନାନୁଯାୟୀ, ରାଜ୍ୟରେ ମୋଟ ୨୫୪କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଛି। ନଗଦ ୧୭କୋଟି ୧୮ଲକ୍ଷ, ୩୧ଲକ୍ଷ ଲିଟର ମଦ ଜବତ ହୋଇଛି। ଏଣେ ୭୩ କୋଟି ଟଙ୍କାର ଡ୍ରଗ୍ସ ଜବତ ହୋଇଥିବାବେଳେ ୧୪କୋଟିର ସୁନାଗହଣା ଜବତ କରାଯାଇଛି। ବରଗଡ଼ରେ ସର୍ବାଧିକ ୧ କୋଟି ୨୬ଲକ୍ଷ ଟଙ୍କା ନଗଦ ଏବଂ ୮୦ଲକ୍ଷ ଟଙ୍କାର ମଦ ଜବତ ହୋଇଛି। ଏହାଛଡ଼ା କନ୍ଧମାଳରେ ୩୬ଲକ୍ଷ ଓ ଆସ୍କାରେ ୧୩ଲକ୍ଷ ଟଙ୍କା ଜବତ ହୋଇଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ

ପୁରୀ,୧୮।୫
(ଅଜିତ୍ କୁମାର ମହାନ୍ତି)

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଶନିବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ପ୍ରଥମେ ଚତୁର୍ଦ୍ଧାମୂର୍ତ୍ତି ଓ ପରେ ଭିତରବେଢ଼ାରେ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପରେ ଫେରିଆସିଥିଲେ। ଦେଶବାସୀଙ୍କ ମଙ୍ଗଳ ଓ ସମୃଦ୍ଧି କାମନା କରିଥିବା ସେ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ଓଡ଼ିଶାରେ ଭାଜପା ସରକାର କରିବ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ଭାଜପା ସରକାର ଗଠନ ହେବ। ଏହାଦ୍ୱାରା ବିଶ୍ୱରେ ଭାରତର ଗୌରବ ବଢ଼ିବ। ମୋଦିଙ୍କ ଗସ୍ତ ଓଡ଼ିଶାରେ ବ୍ୟାପକ ପ୍ରଭାବ ପକାଉଛି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବାର କାରଣ ଓଡ଼ିଶା ସରକାରଙ୍କ ଦାୟିତ୍ୱହୀନତା ବୋଲି ଶର୍ମା କହିଥିଲେ।






ଆସନ୍ତା ସୋମବାର ହେବାକୁ ଥିବା ନିର୍ବାଚନ ପାଇଁ ଶନିବାର ସୁନ୍ଦରଗଡ଼ ସରକାରୀ କଲେଜରୁ ବିଭିନ୍ନ ବୁଥ୍ ଅଭିମୁଖେ ପୋଲିଂ ପାର୍ଟିର ଯାତ୍ରା। (ଫଟୋ: ମୌସମ ନନ୍ଦ)

# ଏସ୍‌ଆଇଟି ତଦନ୍ତ ଆରମ୍ଭ

## ଭାଜପା କର୍ମୀଙ୍କୁ ହତ୍ୟା ଘଟଣା

ବ୍ରହ୍ମପୁର/ଖଲ୍ଲିକୋଟ, ୧୮।୫
(ସୁବାସ ଚନ୍ଦ୍ର ପାଢ଼ୀ/ପ୍ରଶାନ୍ତ ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ଘଟିଥିବା ରାଜନୈତିକ ହତ୍ୟା ଘଟଣାରେ ଶନିବାର ଏସଆଇଟି ତଦନ୍ତ ଆରମ୍ଭ କରିଛି। ଗଞ୍ଜାମ ପୋଲିସ ଜିଲାରେ କାର୍ଯ୍ୟରତ ଡିଏସପି ମର୍ଷି ପୂର୍ତ୍ତିଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ ହୋଇଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରୁ ରକ୍ତ ନମୁନା ଓ ମାଟି ସଂଗ୍ରହ କରିଛି। ଡିଏସ୍‌ପି ଓ ଅନ୍ୟ ଅଧିକାରୀମାନେ ମୃତ ଦିଲୀପ ପାହାନଙ୍କ ପରିବାରବର୍ଗଙ୍କ ସହିତ ଆଲୋଚନା କରିଛନ୍ତି। ପରେ ଗ୍ରାମର ଦୁଇ ତିନିଜଣଙ୍କଠାରୁ ବୟାନ ସଂଗ୍ରହ କରିଛି। ବିଭିନ୍ନ ଦିଗରୁ ଏସ୍‌ଆଇଟି ତଥ୍ୟ ପ୍ରମାଣ ସଂଗ୍ରହ କରିଛି। ପରେ ଖଲ୍ଲିକୋଟ ଥାନାରେ ପହଞ୍ଚି ମାମଲା ସମ୍ପର୍କିତ ବିଭିନ୍ନ କାଗଜପତ୍ର ସଂଗ୍ରହ କରିଛି। ଖଲ୍ଲିକୋଟ ରାଜନୈତିକ ହିଂସାକାଣ୍ଡ ଓ ହତ୍ୟା ଘଟଣାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱର ସହ ନେଇଛନ୍ତି। ଶନିବାର ସକାଳେ ଛତ୍ରପୁର ସ୍ଥିତ ଗଞ୍ଜାମ ପୋଲିସ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ଗଞ୍ଜାମର ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ଏଡିଜି ଆର୍.କେ ଶର୍ମା, ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଜୟନାରାୟଣ ପଙ୍କଜ ଓ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଉପସ୍ଥିତ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଆଲୋଚନା କରି କିଛି ବଛାବଛା ଅଧିକାରୀଙ୍କୁ ନେଇ ଖଲ୍ଲିକୋଟ ଘଟଣାର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରାଯାଇଥିଲା। ଏଡିଜି ଶର୍ମା କହିଛନ୍ତି, ଏକ ୪ଜଣିଆ ଏସ୍‌ଆଇଟି ଗଠନ କରାଯାଇଛି। ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିଙ୍କୁ ଏହି ଟିମ ରିପୋର୍ଟ ପ୍ରଦାନ କରିବେ। ଖଲ୍ଲିକୋଟ ହିଂସା ଘଟଣା ପ୍ରତ୍ୟେକ ଦିଗ ଉପରେ ଏହି ଟିମ ତଦନ୍ତ କରିବେ। ଘଟଣା ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଯେଉଁମାନଙ୍କ ସମ୍ପୃକ୍ତି ଆସିବ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିଜି କହିଛନ୍ତି। ସେହିପରି ଶ୍ରୀକୃଷ୍ଣଶରଣପୁର ଗ୍ରାମର ପ୍ରତ୍ୟେକ ବୁଥ୍ ଅତି ସମ୍ବେଦନଶୀଳ ଘୋଷଣା କରାଯାଇଛି। ଅଧିକାଂଶ ବୁଥ୍‌ରେ ୱେବ କାଷ୍ଟିଂ ବ୍ୟବସ୍ଥା କରାଯିବ। ସେହିପରି ପାଟ୍ରୋଲିଂ ପାଇଁ ପର୍ଯ୍ୟାପ୍ତ ଫୋର୍ସ ମୁତୟନ କରାଯିବା ସହିତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସର ଫ୍ଲାଗମାର୍ଚ୍ଚ ଜାରି ରହିଥିବା ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

## ୩୧ ଲକ୍ଷରୁ ଊର୍ଦ୍ଧ୍ୱ ନକଲି ନୋଟ୍ ଜବତ ମାମଲା

ଭୁବନେଶ୍ୱର/ଟିଟିଲାଗଡ଼,୧୮।୫(ସତ୍ୟଜିତ୍ ରାଉତ/ ଶରତ ମିଶ୍ର)


ଲିଙ୍ଗରାଜ ବେହେରା

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ୩୧ଲକ୍ଷରୁ ଊର୍ଦ୍ଧ୍ୱ ନକଲି ନୋଟ ଜବତ କରିବା ମାମଲାରେ ଶନିବାର ରାୟ ପ୍ରକାଶ ପାଇଛି। ଟିଟିଲାଗଡ଼ ସହକାରୀ ଦୌରାଜଜ୍ କୃଷ୍ଣଚନ୍ଦ୍ର ନାୟକ ଅଭିଯୁକ୍ତ ଲିଙ୍ଗରାଜ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇପିସି ଦଫା. ୪୮୯(ବି) ରେ ୫ବର୍ଷ ଏବଂ ଦଫା ୪୮୯(ସି)ରେ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦିଆଯାଇଥିବାବେଳେ ଦଣ୍ଡ ଏକକାଳୀନ ଚାଲିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଲିଙ୍ଗରାଜ ୫ ବର୍ଷ ସଶ୍ରମ ଜେଲଦଣ୍ଡ ଭୋଗିବେ। ଲିଙ୍ଗରାଜଙ୍କ ଘର କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ କଣ୍ଟାମାଳ ଗ୍ରାମରେ। ତେବେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରିବା ବେଳେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଅନ୍ୟତମ ଅଭିଯୁକ୍ତ ଧର୍ମୁ ରାଣା ଏଯାବତ୍ ଧରା ପଡ଼ି ନ ଥିବାରୁ ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ୨୦୨୩ ଫେବୃଆରୀ ୧ ସନ୍ଧ୍ୟାରେ ଟିଟିଲାଗଡ଼ ସହର ବସଷ୍ଟାଣ୍ଡ ନିକଟ ଆଇ ଲଭ ଟିଟିଲାଗଡ଼ ପାର୍କ ନିକଟରେ ଡିଲ୍ ହେବାବେଳେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଲିଙ୍ଗରାଜଙ୍କୁ ଗିରଫ କରିଥିଲା। ସେହି ସମୟରେ ଧର୍ମୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଲିଙ୍ଗରାଜଙ୍କଠୁ ୩୧ ଲକ୍ଷ ୨୭ ହଜାର ୫୦୦ ଟଙ୍କାର ନକଲି ନୋଟ ଜବତ ହୋଇଥିଲା। ସେ ଏହି ନୋଟ ଝାଡ଼ଖଣ୍ଡ ଓ ବିହାରରୁ ଆଣିବା ପରେ ଧର୍ମୁଙ୍କୁ ଦେବାକୁ ଯୋଜନା କରିଥିଲେ। ଏଥିପାଇଁ ୫ଲକ୍ଷ ଡିଲ୍ ହୋଇଥିଲା। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ପୂର୍ବପ୍ରସ୍ତୁତି ଅନୁଯାୟୀ ଚଢ଼ାଉ କରିଥିଲା। ଏସ୍‌ଟିଏଫ୍ ଏ ସଂକ୍ରାନ୍ତରେ ମାମଲା (ନଂ.୪/୨୦୨୩) ରୁଜୁ କରି ଲିଙ୍ଗରାଜଙ୍କୁ କୋର୍ଟଚାଲାଣ କରିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ବିଚାରପତି ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଓ ୨୧ଟି ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରଘୁନାଥ ରଥ ମାମଲା ପରିଚାଳନା କରୁଥିଲେ।

# ଆମ୍ବୁଲାନ୍ସରେ କୋର୍ଟ ଆସିଲେ ବିଚାରାଧୀନ ବନ୍ଦୀ




ବାରିପଦା, ୧୮।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜରୁରୀକାଳୀନ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ବ୍ୟବସ୍ଥା ଥିବା ବେଳେ ମୟୂରଭଞ୍ଜ ଜିଲାରେ ବିଚାରାଧୀନ ବନ୍ଦୀଙ୍କୁ ଆମ୍ବୁଲାନ୍ସରେ କୋର୍ଟକୁ ନିଆଯିବା ଘଟଣା ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ଏପରିକି ବାରିପଦାରୁ ଆମ୍ବୁଲାନ୍ସ ପଠାଯାଇ ବନ୍ଦୀମାନଙ୍କୁ ହାଜର କରାଯାଇଛି। ଶନିବାର ଜିଲାର ଉଦଳା ଉପକାରାଗାରରୁ ଆମ୍ବୁଲାନ୍ସ ଯୋଗେ ୪ ବିଚାରାଧୀନ ବନ୍ଦୀଙ୍କୁ ବାରିପଦାସ୍ଥିତ ଜିଲା ଓ ଦୌରାଜଜ୍ କୋର୍ଟକୁ ଅଣାଯାଇଥିଲା। ପୋଲିସ ଏସ୍କର୍ଟ ଟିମ୍ ସାଙ୍ଗରେ ବିଚାରାଧୀନ ବନ୍ଦୀମାନଙ୍କୁ ନେଇ ଆମ୍ବୁଲାନ୍ସରେ ପହଞ୍ଚିଥିଲେ। ପୋଲିସ ଗାଡି କିମ୍ବା କୋର୍ଟ ଭ୍ୟାନ ମାଧ୍ୟମରେ ଅଣା ନ ଯାଇ ଆମ୍ବୁଲାନ୍ସରେ ଆଣିଥିବାରୁ ରୋଗୀଙ୍କ ସେବା ପରିବର୍ତ୍ତେ ବନ୍ଦୀଙ୍କ ସେବାରେ ନିୟୋଜିତ କରାଯାଇଛି। ତେବେ ଏଭଳି ଦୃଶ୍ୟକୁ ମଧ୍ୟ ଭାଇରାଲ କରିବାକୁ ପୋଲିସ କହୁଥିବା ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ଉଦଳା ଉପକାରାଗାର ଅଧୀକ୍ଷକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ବାଡ଼ ବୁଜାବେଳେ ପଡ଼ୋଶୀଙ୍କୁ ହତ୍ୟା

## ଅଭିଯୁକ୍ତ ବାପ, ପୁଅ ଗିରଫ

ଢେଙ୍କିକୋଟ,୧୮।୫
(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଖଣ୍ଡଘର ପଞ୍ଚାୟତ ଖଣ୍ଡଘର ଗ୍ରାମ ପାରାଭା ସାହିରେ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ବାଡ଼ ବୁଜାକୁ କେନ୍ଦ୍ରକରି ପଡ଼ୋଶୀଙ୍କ ଠେଙ୍ଗା ମାଡ଼ରେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସାହିର ବଂଶୀଧର ନାୟକଙ୍କ ସ୍ତ୍ରୀ କୁନ୍ତଳା ନାୟକ (୫୫)। ଘଟଣାରେ ପୋଲିସ ଅଭିଯୁକ୍ତ ବାପ, ପୁଅଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନ ୫ଟାରେ ବଂଶୀଧର ଘର ଚାରିପାଖରେ ବାଡ଼ ବୁଜୁଥିଲେ। ଏହି ସମୟରେ ପଡ଼ୋଶୀ ରବି ନାୟକ ପହଞ୍ଚି ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରବି ନାୟକ ତାଙ୍କ ପୁଅ ମଙ୍ଗୁଲୁ ନାୟକ ଓ ପୁରିଆ ନାୟକ ଉତ୍କ୍ଷିପ୍ତ ହୋଇ କୁନ୍ତଳା ଏବଂ ତାଙ୍କ ସ୍ୱାମୀ ବଂଶୀଧରଙ୍କୁ ମାଡ଼ ମାରିଥିଲେ। ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ଦମ୍ପତି ଭୟରେ ଘର ଛାଡ଼ି ଯାଇ ଅନ୍ୟଘରେ ଆଶ୍ରୟ ନେଇଥିଲେ। ଘରର କବାଟ ଖୋଲା ଥିବାରୁ ରାତି ୮ ଟାରେ ଘରେ ତାଲା ପକାଇବାକୁ ଆସିଥିଲେ। ଏହି ସମୟରେ ରବି ଏବଂ ତାଙ୍କ ଦୁଇ ପୁଅ କୁନ୍ତଳାଙ୍କ ମୁଣ୍ଡକୁ ପଛପଟୁ ଠେଙ୍ଗାରେ ମାଡ଼ ମାରିଥିଲେ। କୁନ୍ତଳାଙ୍କ ମୁଣ୍ଡ ଫାଟି ଅତ୍ୟଧିକ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ, ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ପହଞ୍ଚି ମୃତଦେହ ଜବତ କରିଥିଲେ। ଶନିବାର ସକାଳ ୮ ଟାରେ ଘଟଗାଁ ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପାଟଣା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଢେଙ୍କିକୋଟ ବଜାରରୁ ମଙ୍ଗୁଲୁଙ୍କ କାବୁ କରିଥିବା ବେଳେ ରବିଙ୍କୁ ଘରେ ଲୁଚିଥିବା ଅବସ୍ଥାରେ କାବୁ କରିଥିଲା। ମାତ୍ର ପୁରିଆ ଫେରାର ଥିବା ଜଣାପଡ଼ିଛି। ଘଟଗାଁ ଥାନାରେ ଏକ ହତ୍ୟା ମାମଲା(ନଂ. ୨୨୩/୨୪) ରୁଜୁ ହୋଇଥିବା ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା ପ୍ରକାଶ କରିଛନ୍ତି।

" ନରନାରୀଙ୍କୁ ଭଲ ପାଇବା-ପଦାର୍ଥଙ୍କୁ ଭଲ ପାଇବା-କୁଟୁମ୍ବ ପରିଜନଙ୍କୁ ଭଲ ପାଇବା-ଦେଶକୁ-ମାନବ ଜାତିକୁ-ଜୀବଜନ୍ତୁ ପ୍ରଭୃତିଙ୍କୁ ଭଲ ପାଇବା ଏ ସବୁ ଭଲ ପାଇବା- ହେଲା ଭଗବାନଙ୍କୁ ଭଲ ପାଇବାର ପ୍ରତିବିମ୍ବ ସେହିସବୁ ଜୀବନ୍ତ ମୂର୍ତ୍ତିଗୁଡିକ ଭିତରେ। ଭଲପାଅ। ବଳବୀର୍ଯ୍ୟବନ୍ତ ମଣିଷ ଭଳି ସମସ୍ତଙ୍କୁ ଭଲପାଅ ଓ ଆନନ୍ଦ ଅନୁଭବ କର। ସାହାଯ୍ୟକର ସମସ୍ତଙ୍କୁ। ଚିରକାଳ ପାଇଁ ଭଲପାଅ। -ଶ୍ରୀଅରବିନ୍ଦ

-ମୋହିନୀ ଏକାଦଶୀ, ରବିନାରାୟଣ ବ୍ରତ

# ବ୍ୟର୍ଥ ଏନ୍ଏଚ୍ଆର୍ସି



ଆକାର ପଟେଲ

ଚଳିତ ବର୍ଷ ମେ ୧୩ରେ 'ଜାତିସଂଘ ସହ ଜଡ଼ିତ ସଂସ୍ଥା ଲଗାତର ଦ୍ୱିତୀୟ ବର୍ଷ ପାଇଁ ଭାରତର ଏନ୍ଏଚ୍ଆର୍ସି ମାନ୍ୟତାକୁ ସ୍ଥଗିତ ରଖିଛି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଶୀର୍ଷକ ନିମ୍ନରେ ଲେଖାଥିଲା-ଏହି ନିଷ୍ପତ୍ତି ବର୍ତ୍ତମାନ ମାନବ ଅଧିକାର ପରିଷଦ ଏବଂ କେତେକ ୟୁଏନ୍ଜିଏ ସଂସ୍ଥାରେ ଭୋଟ ଦେବାରେ ଭାରତର କ୍ଷମତା ଉପରେ ପ୍ରଭାବ ପକାଇପାରେ। ଏନ୍ଏଚ୍ଆର୍ସି ବା ଜାତୀୟ ମାନବ ଅଧିକାର ଆୟୋଗର ମାନ୍ୟତାକୁ କାହିଁକି ସ୍ଥଗିତ ରଖାଯାଇଥିଲା ତାହା ଏହି ସ୍ତମ୍ଭରେ ଉଲ୍ଲେଖ କରାଯାଉଛି। ୯ ମାର୍ଚ୍ଚ ୨୦୨୩ ରେ ଅଣ-ସରକାରୀ ସଂଗଠନର ଏକ ଗୋଷ୍ଠୀ(ମୋ ସଂଗଠନ ସମେତ) ମିଳିତ ଜାତିସଂଘ ସହ ଜଡ଼ିତ ସଂସ୍ଥା ଗ୍ଲୋବାଲ ଆଲାଏନ୍ସ ଅଫ୍ ନ୍ୟାଶନାଲ ହ୍ୟୁମାନ୍ ରାଇଟ୍ସ ଇନ୍ଷ୍ଟିଚ୍ୟୁଶନ୍ସ (ଜିଏଏନ୍ଏଚ୍ଆର୍ଆଇ)କୁ ଚିଠି ଲେଖିଥିଲେ। ଭାରତର ଏନ୍ଏଚ୍ଆର୍ସି ମାନ୍ୟତାର ସ୍ଥିତି ସମୀକ୍ଷା କରିବାକୁ ଆମେ ଜଣାଇଥିଲୁ। କାରଣ ଏନ୍ଏଚ୍ଆର୍ସିର ସ୍ୱାଧୀନତାର ଅଭାବ, ବହୁପକ୍ଷବାଦ, ବିବିଧତା ଏବଂ ଉତ୍ତରଦାୟିତ୍ୱ 'ପ୍ୟାରିସ ପ୍ରିନ୍ସପଲ୍ସ' (ଜାତୀୟ ଅନୁଷ୍ଠାନ ଉପରେ ଥିବା ମିଳିତ ଜାତିସଂଘର ନୀତି) ବିରୁଦ୍ଧ ଥିଲା। ଆମର ଚିଠି ଏବଂ ଅନ୍ୟାନ୍ୟ ନାଗରିକ ସମାଜ ମତ ଉପରେ ଧ୍ୟାନ ଦେଇ ଭାରତରେ ବୃଦ୍ଧି ପାଉଥିବା ମାନବ ଅଧିକାର ଉଲ୍ଲଂଘନକୁ ରୋକିବା ପାଇଁ ଓ ଏହାର ଆଦେଶକୁ କାର୍ଯ୍ୟକାରୀ କରିବାରେ ବିଫଳତାକୁ ବିଚାର କରି ଜିଏଏନ୍ଏଚ୍ଆର୍ଆଇ ଏନ୍ଏଚ୍ଆର୍ସିର ପୁନଃ ମାନ୍ୟତାକୁ ୧୨ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲା। ଏହାର ପ୍ରକ୍ରିୟା ଏବଂ କାର୍ଯ୍ୟରେ ଉନ୍ନତି ଆଣିବାକୁ ଏନ୍ଏଚ୍ଆରସିକୁ କୁହାଯାଇଥିଲେ ମଧ୍ୟ ଗୋଟିଏ ବର୍ଷ ପରେ ଏହା ହୋଇ ନ ଥିଲା। ଏଥିପାଇଁ ମାନ୍ୟତାକୁ ଦ୍ୱିତୀୟ ଥର ସ୍ଥଗିତ ରଖାଗଲା। ତେବେ ଦେଖିବା କେଉଁସବୁ ବିଷୟ ପ୍ୟାରିସ ପ୍ରିନ୍ସପଲ୍ସର ବିରୁଦ୍ଧାଚରଣ କରିଥିଲା ? ପ୍ରଥମରେ, ଉଭୟ ଏନ୍ଏଚ୍ଆର୍ସିର କାର୍ଯ୍ୟକାରିଣୀ ଏବଂ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ସ୍ୱାଧୀନତାର ଅଭାବ ଥିଲା। ପ୍ରଧାନମନ୍ତ୍ରୀ, ଲୋକ ସଭା ବାଚସ୍ପତି, ସ୍ୱରାଷ୍ଟ୍ରମନ୍ତ୍ରୀ, ଲୋକ ସଭା ଓ ରାଜ୍ୟ ସଭାରେ ବିରୋଧୀଦଳର ନେତା ଏବଂ ରାଜ୍ୟ ସଭା ଉପାଧ୍ୟକ୍ଷଙ୍କୁ ନେଇ ଗଠିତ କମିଟିର ସୁପାରିସ ଆଧାରରେ ଏନ୍ଏଚ୍ଆର୍ସି ଅଧ୍ୟକ୍ଷ ତଥା ଅନ୍ୟ ସଦସ୍ୟମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଛନ୍ତି। ତେବେ ୨୦୧୯ ପରଠାରୁ ଲୋକ ସଭାରେ ବିରୋଧୀଦଳର ନେତା ପଦ ଖାଲି ପଡ଼ିଛି, ଚୟନ କମିଟିରେ କେବଳ ଗୋଟିଏ ବିରୋଧୀ ନେତା ଅଛନ୍ତି। ସୁପ୍ରିମକୋର୍ଟରୁ ଅବସର ନେବା ପରେ ଅରୁଣ ମିଶ୍ରଙ୍କୁ ୩୧ ମେ ୨୦୨୧ରେ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ଚୟନ କମିଟିରେ ଜଣେ ବିରୋଧୀ ନେତାଙ୍କ ବିରୋଧ ସତ୍ତ୍ୱେ ଏହା କରାଯାଇଥିଲା। ଦ୍ୱିତୀୟ ସମସ୍ୟା ହେଉଛି ୨୦୨୩ ନଭେମ୍ବରରେ ୭ ଜଣ ପୂର୍ବତନ ଆଇପିଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ନିରୀକ୍ଷକ ଭାବେ ଏନ୍ଏଚ୍ଆର୍ସି ନିଯୁକ୍ତ କରିଥିଲା। ଏମାନଙ୍କ ମଧ୍ୟରୁ ୨୦୧୮ରେ ଜଣଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିଥିଲା, ଯେତେବେଳେ ସେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଏହା ବ୍ୟତୀତ ଇଣ୍ଟେଲିଜେନ୍ସ ବ୍ୟୁରୋର ଜଣେ ପୂର୍ବତନ ନିର୍ଦ୍ଦେଶକଙ୍କୁ କମିଶନର ସଦସ୍ୟ କରାଯାଇଥିଲା।

ଏନ୍ଏଚ୍ଆର୍ସିରେ ବିବିଧତାର ଅଭାବ ଉପରେ ଭାରତକୁ ବାରମ୍ବାର ସୂଚିତ କରାଯାଇଛି ଏବଂ ଏନ୍ଏଚ୍ଆର୍ସି ଗଠନ ଓ ଏହାର କର୍ମକର୍ତ୍ତା ଚୟନରେ ବହୁମୁଖୀ ସନ୍ତୁଳନ ରଖିବାକୁ କୁହାଯାଇଛି। ଏଥିରେ ଏକ ବିବିଧ ଭାରତୀୟ ସମାଜର ପ୍ରତିନିଧିତ୍ୱକୁ ନିଶ୍ଚିତ କରିବାକୁ କୁହାଯାଇଛି। ଅବଶ୍ୟ ଭାରତରେ ତାହା କରାଗଲା ନାହିଁ। ଅନ୍ୟ ଏକ ବିଷୟ ହେଲା ଭାରତରେ ନାଗରିକ ସମାଜ ଏବଂ ମାନବ ଅଧିକାର ରକ୍ଷାକାରୀଙ୍କ ସହିତ ପ୍ରଭାବୀ ଢଙ୍ଗରେ ଏନ୍ଏଚ୍ଆର୍ସି କାର୍ଯ୍ୟ କରୁନାହିଁ। ଏହାକୁ ଲକ୍ଷ୍ୟ କରି ଏନ୍ଏଚ୍ଆର୍ସିର ବୈଧ କାର୍ଯ୍ୟନୀତିକୁ ବ୍ୟାପକ ଢଙ୍ଗରେ ଉପସ୍ଥାପିତ କରିବା ସହ ସମସ୍ତ ମାନବ ଅଧିକାର ଉଲ୍ଲଂଘନର ମୁକାବିଲା କରିବାକୁ କୁହାଯାଇଥିଲା। ଏହା ହୁଏତ ସେହିମାନଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ, ଯେଉଁମାନେ ଏହି ସରକାରଙ୍କ ହିଂସାକୁ ବିରୋଧ କରି 'ନାଗରିକ ବିରୋଧୀ' ହୋଇଛନ୍ତି। ଭାରତରେ ମାନବ ଅଧିକାର ରକ୍ଷକମାନଙ୍କୁ ୟୁଏପିଏ ସମେତ ବିଭିନ୍ନ କଠୋର ଆଇନ ବଳରେ ବିନା ବିଚାରରେ ବର୍ଷ ବର୍ଷ ଧରି ବନ୍ଦୀ କରି ରଖାଯାଇଛି। କିନ୍ତୁ ଏନ୍ଏଚ୍ଆର୍ସି ତରଫରୁ କୌଣସି ଚାପ ନାହିଁ। ଏମାନଙ୍କ ମଧ୍ୟରେ ଭୀମା କୋରେଗାଓଁ-ଏଲଗାର ପୌର ପରିଷଦ ମାମଲାରେ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଗିରଫ ହୋଇ ଜେଲରେ ରହିଛନ୍ତି। କଶ୍ମୀର ମାନବ ଅଧିକାର ରକ୍ଷକ ଖୁରାମ ପରଭେଜ ଏବଂ ଉମର ଖାଲିଦ ନଭେମ୍ବର ୨୦୨୧ରୁ ବନ୍ଦୀ ଅଛନ୍ତି। ଜାତିସଂଘର ବିଭିନ୍ନ ସ୍ୱତନ୍ତ୍ର ରିପୋର୍ଟରମାନେ ଏହି ବ୍ୟକ୍ତିବିଶେଷଙ୍କୁ ମୁକ୍ତ କରିବା ପାଇଁ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଦାବି କରିବା ସତ୍ତ୍ୱେ ଏନ୍ଏଚ୍ଆର୍ସି କୌଣସି ଠୋସ ପଦକ୍ଷେପ ଗ୍ରହଣ କରିନାହିଁ। ମଣିପୁର, ଜମ୍ମୁ-କଶ୍ମୀର, ହରିୟାଣା ଏବଂ ଉତ୍ତରାଖଣ୍ଡରେ ସାମ୍ପ୍ରଦାୟିକ ହିଂସା ଏବଂ ଅନ୍ୟ କେତେକ ପ୍ରମୁଖ ଘଟଣାରେ ଏନ୍ଏଚ୍ଆର୍ସି ବ୍ୟର୍ଥ ସାବ୍ୟସ୍ତ ହୋଇଛି। ଏହା ନିଜର ଗୌରବ ବଜାୟ ରଖି ନାହିଁ ଏବଂ କଠିନ ସ୍ଥିତିରୁ ନିଜକୁ ବାହାର କରିପାରିନାହିଁ। ସରକାର ଯେଉଁ ଦ୍ୱନ୍ଦ୍ୱରେ ଅଛନ୍ତି ତାହା ନିଜେ ହିଁ ସୃଷ୍ଟି କରିଛନ୍ତି।

ଭାରତ ବର୍ତ୍ତମାନ 'ଏ' ରେଟିଂ ବା ପ୍ରଥମ ଶ୍ରେଣୀ ମାନ୍ୟତା ଧାରଣ କରିଛି ଏବଂ ପୁନଃ ମାନ୍ୟତା ସ୍ଥଗିତ ରଖାଯିବା ଅର୍ଥ ହେଉଛି ଏହାର ପ୍ରଥମ ଶ୍ରେଣୀ ମାନ୍ୟତା ବିପଦରେ ଅଛି। ଏଥିରୁ ମଧ୍ୟ ବୁଝାପଡୁଛି, ମିଳିତ ଜାତିସଂଘ ମାନବ ଅଧିକାର ପରିଷଦ ଏବଂ ଅନ୍ୟାନ୍ୟ ସଂସ୍ଥାରେ ଏନ୍ଏଚ୍ଆର୍ସି ନିଜର ଭୋଟ ସ୍ଥିତି ହରାଇବାକୁ ଯାଉଛି। କେବଳ ଠିକ୍ କାର୍ଯ୍ୟ କରି ଏହାକୁ ସଂଶୋଧନ କରାଯାଇପାରିବ ଏବଂ ଏସବୁ କରିବାକୁ ସରକାରଙ୍କୁ କେହି ବି ଅଟକାଉ ନାହାନ୍ତି। ଜିଏଏନ୍ଏଚ୍ଆର୍ଆଇକୁ ପ୍ରଦାନ କରାଯାଇଥିବା ଚିଠିର ସ୍ୱାକ୍ଷରକାରୀଙ୍କ ସମେତ ଆମେ ସମସ୍ତେ ଭାରତକୁ ବୈଶ୍ୱିକ ସଂସ୍ଥାରେ ସର୍ବୋଚ୍ଚ ସ୍ତରର ମାନ୍ୟତା ପାଇବାକୁ ଚାହୁଁଛୁ। ତେବେ ଏଭଳି ଏକ ମାନ୍ୟତା ଠିକ୍ ହେବା ଉଚିତ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 9 | | | | | |
| | | 5 | | | 8 | | | 6 |
| | | | | 1 | | 7 | | |
| | | | | | 3 | 4 | 5 | 7 |
| | | | | 8 | 1 | | | |
| 9 | 3 | | | | 6 | | | |
| | | | | | | 2 | | |
| 3 | 2 | | | | 4 | 5 | | |
| | 7 | | | 5 | | 1 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 9 | 2 | 6 | 5 | 8 | 7 | 1 |
| 1 | 2 | 5 | 3 | 8 | 7 | 9 | 6 | 4 |
| 8 | 6 | 7 | 1 | 9 | 4 | 2 | 5 | 3 |
| 9 | 5 | 1 | 7 | 4 | 2 | 6 | 3 | 8 |
| 6 | 4 | 8 | 9 | 1 | 3 | 7 | 2 | 5 |
| 3 | 7 | 2 | 6 | 5 | 8 | 1 | 4 | 9 |
| 7 | 8 | 4 | 5 | 2 | 9 | 3 | 1 | 6 |
| 2 | 9 | 6 | 4 | 3 | 1 | 5 | 8 | 7 |
| 5 | 1 | 3 | 8 | 7 | 6 | 4 | 9 | 2 |

ଗତକାଲିର ଉତ୍ତର

# ରାସ୍ତାକଡ଼ର ଜୀବନ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସମୟ: ଏଇ ବୈଶାଖ ମାସର ମଧ୍ୟାହ୍ନ। ସ୍ଥାନ: ରାଜଧାନୀର ଏକ କଲୋନି ଅଞ୍ଚଳର ରାସ୍ତାକଡ଼। ଦୃଶ୍ୟ: ମୁଣ୍ଡ ଉପରେ ଦାଉ ଦାଉ ଜଳୁଥିବା ଅଗ୍ନିବର୍ଷୀ ସୂର୍ଯ୍ୟ ଓ ପାଦ ତଳେ ତାତିଲା ପୃଥିବୀ। ରାଜରାସ୍ତାରେ ନିଶୂନ ନୀରବତା। ପତ୍ନୀପତି ଦୁହେଁ ରାସ୍ତାକଡ଼ରେ ଖୋଳି ଚାଲିଛନ୍ତି ଶହେ ଫୁଟ ଲମ୍ବ, ଫୁଟେ ଓସାର ଓ ଚାରିଫୁଟ ଗଭୀରର ନାଳଟିଏ ଜଳଯୋଗାଣ ପାଇପ୍ ବିଛା ହେବା ପାଇଁ। ରାଜଧାନୀ ବାସିନ୍ଦା ବାବୁମାନଙ୍କୁ ଜଳକଷ୍ଟରୁ ଉଦ୍ଧାର କରିବା ପାଇଁ।

ମଜୁରିଆ ଦମ୍ପତିଙ୍କଠୁଁ ଅଳ୍ପ ଦୂରରେ ଗୋଟିଏ ଡେଙ୍ଗା ପତଳା ପତ୍ରଝଡ଼ା ଗଛର ହାଲୁକା ଛାଇରେ ଆକାଶକୁ ଚାହିଁ ହସୁଛି ଛଅମାସର କଅଁଳ ଶିଶୁଟିଏ। ପାଖରେ ତା'ର ତିନି ଚାରିବର୍ଷର ଅଗ୍ରଜ, ଯିଏ ତା' ଜୀବନର ପ୍ରଥମ ଦାୟିତ୍ୱ ନିର୍ବାହ କରୁଛି ନିଜ ସାନଭାଇର ଯତ୍ନରକ୍ଷକ ହୋଇ। ସାନଭାଇଟି ପରି ବଡ଼ଟି ଓଠରେ ମଧ୍ୟ ହସ ; ପ୍ରଚଣ୍ଡ ରୌଦ୍ରତାପରେ ଦହନ ଯନ୍ତ୍ରଣାର ସାମାନ୍ୟ ଆଭାସ ବିନା। ଦୁହିଁଙ୍କ ବୟସର ଅନ୍ୟ ସ୍ୱଚ୍ଛଳ ଶିଶୁମାନେ ଯେତେବେଳେ ବିଦ୍ୟୁତ୍ ପଙ୍ଖା, ଏୟାରକୁଲର ଅବା ଏସିର ଶୀତଳ ପବନ ଭିତରେ ଘରର ଚାରିକାନ୍ଥ ମଧ୍ୟରେ ସୁରକ୍ଷିତ, ସେତେବେଳେ ଆକାଶର ଅଗ୍ନିବର୍ଷା ତଳେ ଦୁଇଭାଇ ଯେମିତି ସେମାନଙ୍କ ସ୍ୱପ୍ନମୟ ଶୈଶବକୁ ଉପଭୋଗ କରୁଛନ୍ତି!

ଏଥର ତ ଆଦ୍ୟ ବିଷୁବର ଆରମ୍ଭରୁ ସମଗ୍ର ରାଜ୍ୟରେ ଅଂଶୁର ତାଣ୍ଡବ। ଆମ ରାଜଧାନୀ ତ ରାଜ୍ୟରେ ଅନ୍ୟ ବହୁ ତାତିଲା ଗଡ଼କୁ ପଛରେ ପକାଇ ଦେଇଛି। ସ୍ମାର୍ଟ ସିଟିର ଯାବତୀୟ ସ୍ମାର୍ଟ ଉପାଦାନ ମଧ୍ୟରେ ତଥାପି ଯେଉଁଠି ଜୀବନ ଡହଳବିକଳ, ସେଠି ମୁକ୍ତ ଆକାଶର ଛାତ ତଳେ ନିଜ ପେଟ ପୂରାଇବାକୁ ସମ୍ବଳ ସାଉଁଟୁଥିବା ଅସହାୟ ଶ୍ରମଜୀବୀ ମଣିଷ କେମିତି ବା ସାମ୍ନା କରନ୍ତା ନିଆଁ ଝାଡୁଥିବା ଉଦଣ୍ଡ ସୂର୍ଯ୍ୟଙ୍କୁ! ଶ୍ରମଜୀବୀ ମଣିଷମାନେ ତ ସମାଜର ଶେଷଧାଡ଼ିର ମଣିଷ, ରାସ୍ତାକଡ଼ର ଜୀବନଟିଏ ଜିଇବା ପାଇଁ ସେମାନେ ବସ୍ତୁତଃ ବାଧ୍ୟ। ତେଣିକି ଆକାଶରୁ ନିଆଁବରଷୁ ତ ବାଦଲଫଟା ବର୍ଷା, ସଡ଼କର ସନ୍ତାନ ତ ସଡ଼କରେ ହିଁ ବଞ୍ଚିବ!

ପ୍ରକୃତିର ତାଣ୍ଡବ ଆଗରେ ମଣିଷର ସକଳ ବିଦ୍ୟା ବୁଦ୍ଧି ସବୁକାଳେ ପରାଜିତ। ସୁତରାଂ, ଅଂଶୁଘାତ ସମ୍ପର୍କରେ ସତର୍କ ସୂଚନାର ବ୍ୟାପକ ପ୍ରଚାର କରାଯାଇ ଅଂଶୁ ଆତଙ୍କକୁ ପ୍ରତିହତ କରିବାର ପ୍ରଚେଷ୍ଟା ବାରମ୍ବାର ପ୍ରତିଧ୍ୱନିତ ହେଉଛି ଟିଭି ଓ ସମ୍ବାଦପତ୍ର ଆଦି ବିସ୍ତୃତ ଗଣମାଧ୍ୟମରେ। ସରକାରୀ ଚେତାବନୀ ପ୍ରକାଶପାଉଛି- ''ଦିନ ଦଶଟା ପରେ ଘରୁ ପଦାକୁ ବାହାରନ୍ତୁ ନହିଁ। ଯଦି ବାହାରିବା ନିତାନ୍ତ ଲୋଡ଼ା ପଡ଼େ, ତେବେ ମୁଣ୍ଡରେ ଗାମୁଛା ଓ କାନ୍ଧରେ ପାଣିବୋତଲ ଧରି ବାହାରନ୍ତୁ। ଏଗାରରୁ ତିନିଟାଯାଏଁ ଶ୍ରମିକମାନଙ୍କୁ କାମରେ ଲଗାନ୍ତୁ ନାହିଁ। ଶିଶୁ ଓ ବୃଦ୍ଧମାନଙ୍କ ପାଇଁ ଅଧିକ ସତର୍କ ହୁଅନ୍ତୁ।'' ଯେଉଁମାନେ ଟିଭି ଦେଖନ୍ତି, ଖବରକାଗଜ ପଢ଼ନ୍ତି ସେମାନଙ୍କ ଉପରେ ଏହି ସରକାରୀ ସୂଚନାର ପ୍ରଭାବକୁ କେହି ଅସ୍ୱୀକାର କରିପାରିବେ ନାହିଁ।



ମାତ୍ର ଯେଉଁମାନେ ସଡ଼କର ସନ୍ତାନ! ଘର ବାହାର ରାସ୍ତାକଡ଼ରେ ପ୍ରତିପାଳିତ ଯେଉଁମାନଙ୍କ ଜୀବନ! ରାସ୍ତା ଉପରକୁ ନ ବାହାରିଲେ ଯେଉଁମାନଙ୍କ ଦିନ ସରେନାହିଁ କି ପେଟ ପୂରେ ନାହିଁ, ସେମାନଙ୍କ ପାଇଁ ସବୁ ଦିନ, ସବୁ ମାସ ଓ ସବୁ ଋତୁର ଅନୁଭବ ଏକା ପରି! ସେମାନଙ୍କ ପାଇଁ ବୈଶାଖ ଓ ଶ୍ରାବଣ ମଧ୍ୟରେ କିଛି ଫରକ ନାହିଁ। ଅଗ୍ନିବର୍ଷୀ ଆକାଶ ଓ ବାଦଲଘେରା ବର୍ଷାମୁଖର ଆକାଶ ମଧ୍ୟରେ କିଛି ପ୍ରଭେଦ ନାହିଁ। ବାସ୍, ଉପରେ ଆକାଶ ତଳେ ପୃଥିବୀ। ତା' ମଧ୍ୟରେ ଅଲୋଡ଼ା ଅବହେଳିତ ସଂଘର୍ଷମୟ ଜୀବନଟିଏ ଜିଉଁଥିବା ରାସ୍ତାକଡ଼ର ମଣିଷଟିଏ ସେ! ଟିଭି ଦେଖିବା ବା ସମ୍ବାଦପତ୍ର ପଢ଼ିବାର ନା ସୁଯୋଗ ଅଛି ନା ଅଛି ଯୋଗ୍ୟତା। ସୁତରାଂ, ସେ କାହୁଁ ବା ଜାଣନ୍ତା ପ୍ରଚଣ୍ଡ ରୌଦ୍ରତାପରେ ଏଠି ସଂଭ୍ରାନ୍ତ ବୋଲାଉଥିବା ଲୋକ ବି ସଂତ୍ରସ୍ତ, ଆତଙ୍କିତ। ଜାଣିଲେ ସେ କରନ୍ତା ବା କ'ଣ! ଦିନଟିଏ ରାସ୍ତାକୁ ନ ବାହାରିଲେ, ନିଆଁବର୍ଷାକୁ ଡରି ନିଜକୁ ଘର ଭିତରେ ବନ୍ଦୀ କରି ରଖିଲେ, ତା' ପରଦିନ ପୃଥିବୀ ପୃଷ୍ଠରେ ବଞ୍ଚି ରହିବାକୁ ସେ ଓ ତା'ର ପରିବାର ସୁଯୋଗ ପାଇବେ ତ!

ସୁତରାଂ, ସେ ବିଲରେ ଯାଇ କାମ କରେ, ସଡ଼କ ଉପରେ ରିକ୍ସା ଟାଣେ, ରାସ୍ତାକଡ଼ରେ ପଇଡ଼ କି ତରଭୁଜ ବିକେ। ପୁଣି ହାତରେ କରଣି ଧରି ଘର ତୋଳେ ତ କୋଦାଳ ଧରି ପାଣି ପାଇପ୍ ବିଛା ହେବା ପାଇଁ ମାଟି ଖୋଳୁଥାଏ। ପୁଣି କେଉଁଠି ବାରବର୍ଷର ବାଳିକାଟିଏ ହୋଇ ଘସି ପାରୁଥାଏ ବା ଜରି ଗୋଟାଉଥାଏ ବା ଅନ୍ୟ କେଉଁଠି ସାତ ବର୍ଷର ବାଳକଟିଏ ଉପରେ ମାଆବାପାଙ୍କ କାମ ସରିବାଯାଏଁ ଗଛମୂଳରେ ବସି ଟିକିଭାଇଟିର ଦାୟିତ୍ୱ ନେଉଥାଏ। ଅଂଶୁଘାତର ଆତଙ୍କ ସମ୍ପର୍କରେ କେହି ଏମାନଙ୍କୁ ଚେତାଇଦେଲେ ଅବା ଆଇନକୁ ଡରି ଏମାନଙ୍କୁ କେହି କାମ ଦେବାକୁ ମନାକଲେ ଏମାନେ ଉପହାସରେ ହସନ୍ତି। ସେମାନେ କହନ୍ତି, ''ଆମେ ତ ଆଉ ତୁମ ପରି ପାଟିରେ ରୁପା ଚାମଚ ନେଇ ଜନ୍ମ ହୋଇନାହୁଁ ଯେ ତାତିଲା ଖରାକୁ ଡରି ଘର ଭିତରେ ବସି ରହିବୁ! ଆମେ ସଡ଼କର ସନ୍ତାନ। ରାସ୍ତାକଡ଼ରେ ବନ୍ଧା ଆମ ଜୀବନ। ପ୍ରକୃତିର ପ୍ରକୋପକୁ ଡରି ରାସ୍ତା ଉପରକୁ ନ ବାହାରିଲେ ପେଟ ପୋଷିବୁ କେମିତି ?''

ନିଜ ନିଜର ମହର୍ଗ ମୁଣ୍ଡକୁ ଅଂଶୁତାପରୁ ସୁରକ୍ଷିତ ରଖିବା ପାଇଁ ଏସି କାରରେ ସବାର ହୋଇ ବେକରେ ଫୁଲମାଳ ପକାଇ ଏବେକାର ନିର୍ବାଚନ ବେଳାରେ ମାଇକ୍ରୋଫୋନ୍ ଆଗରେ ଗରିବ, ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଚିତ୍କାର ଛାଡୁଥିବା ନେତାମାନଙ୍କ ପାଖରେ ଏମାନଙ୍କ ପ୍ରଶ୍ନର କି ଉତ୍ତର ଅଛି କେଜାଣି! ଶାସନର ପ୍ରଭୁ ହେବାକୁ ଯାଉଥିବା ଏଇ ଭୋଟପ୍ରାର୍ଥୀମାନଙ୍କ ପାଖରେ ଏଇ ପ୍ରଶ୍ନର ଉତ୍ତର ଥାଉ କି ନ ଥାଉ, ପ୍ରକୃତିର ପ୍ରଭୁଙ୍କ ପାଖରେ ଏ ଅଭିମାନର କିଛି ମୂଲ୍ୟ ନ ଥାଏ। ଅଂଶୁଘାତରୁ ନିଜ ନିଜକୁ ସବୁମତେ ସୁରକ୍ଷିତ ରଖୁଥିବା ସତର୍କ ଓ ସମର୍ଥ ମଣିଷମାନଙ୍କ ପାଖ ମାଡ଼ିପାରୁ ନ ଥିବା ଅଂଶୁର ଅଗ୍ନିରେ କେବଳ ଜଳିଯା'ନ୍ତି ଦୁଃଖୀ ଦରିଦ୍ରମାନେ। ସରକାରୀ ରିପୋର୍ଟ ଅନୁଯାୟୀ, ଏ ବର୍ଷ ସାରା ରାଜ୍ୟରେ ଯେଉଁ କେତେକ ଅଂଶୁଘାତ ଆକ୍ରାନ୍ତମାନେ ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି ଅବା ଯେଉଁ ତିନିଜଣ (ବେସରକାରୀ ଭାବେ ସଂଖ୍ୟା ବେଶ୍ ଅଧିକ ହେବ ବୋଲି ବିଶ୍ୱାସ କରାଯାଏ) ସଂସାର ଛାଡ଼ିଛନ୍ତି, ସେମାନେ ସବୁ ଏହି ବର୍ଗର, ଦୁଃସ୍ଥ ଓ ଦରିଦ୍ର।

ଲକ୍ଷ୍ୟ କରିବାର କଥା, ଏହି ଅଂଶୁ ଆକ୍ରାନ୍ତମାନଙ୍କ ଜୀବନ ସମର୍ପିତ ଥାଏ ଅନ୍ୟ ଅବଶିଷ୍ଟମାନଙ୍କ ସେବା କରିବା ପାଇଁ। ସେମାନେ ନ ଥିଲେ ସ୍ୱଚ୍ଛଳ ଓ ସଂଭ୍ରାନ୍ତ ବୋଲାଉଥିବା ଲୋକମାନଙ୍କୁ ଖାଇବାକୁ ଦାନା ମିଳନ୍ତା ନାହିଁ କି ପିଇବାକୁ ପାଣି ମିଳନ୍ତା ନାହିଁ। ଅଳ୍ପଦିନ ତଳେ ଜଣେ ବନ୍ଧୁ ଅଂଶୁଘାତରେ ଆକ୍ରାନ୍ତ ହୋଇଥିବାର ଖବର ପାଇ ଏଇ ଲେଖକ ଯାଇଥିଲା ତାଙ୍କୁ ଦେଖାକରିବା ପାଇଁ। ''ମାତ୍ର ପନ୍ଦର ମିନିଟ୍ ଖରାରେ ବୁଲି ଆସିଲି ଯେ ମରୁ ମରୁ ବଞ୍ଚିଗଲି''- ବନ୍ଧୁଙ୍କର ଏମିତି ଆତ୍ମଆଶ୍ୱାସନାଭରା ବିକଳ ପ୍ରତିକ୍ରିୟା ଶୁଣି ଏ ଲେଖକ ଏଇ ନିବନ୍ଧର ଉପକ୍ରମଣିକାରେ ବର୍ଣ୍ଣିତ ଧୁ ଧୁ ଖରାରେ ଗଛମୂଳରେ ଶାୟିତ ସେଇ ଟିକି ଶିଶୁଟି କଥା ମନେପକାଉଥିଲା। ଭାବୁଥିଲା, ବନ୍ଧୁଙ୍କୁ କହିଦେବ ବୋଲି- ''ଆମେ ବଡ଼ ଭାଗ୍ୟବାନ୍ ବନ୍ଧୁ! ଅଗ୍ନିବର୍ଷୀ ଆକାଶତଳୁ ଫେରିଆସି ଆଶ୍ରୟ ନେବାକୁ ଘର ଖଣ୍ଡିଏ ଅଛି। ଯାଅ ଦେଖିବ, ଖୋଲା ଆକାଶ ତଳେ, ପ୍ରଚଣ୍ଡ ରୌଦ୍ରତାପରେ ତଥାପି କେମିତି ହସିପାରୁଛି ରାସ୍ତାକଡ଼ର ଜୀବନ!''

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ଯୋଗ୍ୟ ପ୍ରାର୍ଥୀ



ରବିନାରାୟଣ ସାମଲ

ସାଧାରଣ ନିର୍ବାଚନରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବା ଏକ ଜଟିଳ କାର୍ଯ୍ୟ। କାରଣ ଅଧିକାଂଶ ଭୋଟର ପ୍ରାର୍ଥୀଙ୍କ ବିଷୟରେ ସବିଶେଷ ଜାଣନ୍ତି ନାହିଁ। ସେମାନେ ପ୍ରାର୍ଥୀ ପରିବର୍ତ୍ତେ ଚିହ୍ନ ସହିତ ବେଶି ପରିଚିତ। ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଯାହା ହେଉ ପଛେ ସେଥିରେ ସେମାନଙ୍କର ଯାଏ ଆସେ କିଛି ନାହିଁ। ହାତୀ ସୁନା କଳସ ଢାଳିଲା ଭଳି ଯିଏ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅତି କମ୍‌ରେ ଖଣ୍ଡେ ଭୋଟ ପାଇଲା ସେ ରାଜା ହେଲା। ଏବେ ଗୁଜରାଟର ସୁରଟରେ ବିନା ଭୋଟରେ ଜଣେ ରାଜା ହୋଇଥିବାର ଖବର ପ୍ରାୟ ସମସ୍ତଙ୍କୁ ଜଣାଥିବ। ଗଣତାନ୍ତ୍ରିକ ପ୍ରକ୍ରିୟାର ଏହି ଅଗଣତାନ୍ତ୍ରିକ ପଦ୍ଧତି ଆମ ଲୋକପ୍ରତିନିଧି ଆଇନର ଏକ ଦୁର୍ବଳ ଦିଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ଥିବା ପ୍ରାୟ ୧୦ ଲକ୍ଷ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବାର ସୁଯୋଗରୁ ବଞ୍ଚିତ ହେଲେ। ନିର୍ବାଚନ କମିଶନ ମଧ୍ୟ 'ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ' ଏହି ପ୍ରତିନିଧିଙ୍କୁ ଗ୍ରହଣ କରିନେଲେ। ପ୍ରତ୍ୟେକ ରାଜନୈତିକ ଦଳର ନିର୍ଦ୍ଦିଷ୍ଟ ନୀତି ଆଦର୍ଶ ଥାଏ। ଦଳୀୟ ପ୍ରାର୍ଥୀମାନେ ସେହି ନୀତି ଆଦର୍ଶ ପ୍ରତି ଅନୁରକ୍ତ ରହିଥାନ୍ତି। କିନ୍ତୁ ଏଥର 'ଦଳଡିଆଁ' ମହାମାରୀ ଯେପରି ବ୍ୟାପିଲା, ସେଥିରୁ କୌଣସି ଦଳର କିଛି ନୀତି ଆଦର୍ଶ ଥିଲା ପରି ଜଣାପଡ଼ିଲା ନାହିଁ।

ନେତା ଯୁଆଡ଼େ, କର୍ମୀ ସିଆଡ଼େ। ଦଳ ପରିବର୍ତ୍ତେ ନେତାଙ୍କ ପ୍ରତି ଅନୁଗତ କର୍ମୀମାନେ ଏହି ଦୌଡ଼ରେ ସର୍ବାଗ୍ରେ ଥିବା ଦେଖାଯାଏ। ଦଳର ସ୍ୱାର୍ଥ, ଦେଶର ସ୍ୱାର୍ଥ ପରିବର୍ତ୍ତେ ଅନୁଗତମାନେ ନିଜ ସ୍ୱାର୍ଥ ହାସଲ ପ୍ରତି ଅଧିକ ଯତ୍ନବାନ୍ ହୋଇଥା'ନ୍ତି। ରାଜନୀତିରେ ଧାର ଧରି ନଥିବା କିଛି ନୂଆ ମୁହଁକୁ ଆମେ ନିର୍ବାଚନ ମଇଦାନରେ ଦେଖିବାକୁ ସୁଯୋଗ ପାଉ। ଏମାନେ ଦଳୀୟ ସୁପ୍ରିମୋଙ୍କ ପରିଚିତିରେ ନିଜ ପରିଚୟ ସୃଷ୍ଟି କରିଥା'ନ୍ତି। ଲୋକ ସଭା ଓ ବିଧାନସଭାରେ ଶୋଭା ମଣ୍ଡନ କରିବା ଛଡ଼ା ଏମାନଙ୍କର ଅନ୍ୟ କିଛି କରିସ୍ୱା ନଥାଏ। ହାତ ଟେକିବା ଏମାନଙ୍କର ଗୋଟିଏ ମାତ୍ର ଦାୟିତ୍ୱ। ବିଲ୍ କି ବଜେଟ ଆଲୋଚନା ବେଳେ ଏମାନେ ଜୁଳୁଜୁଳୁ ହୋଇ ଚାହିଁ ରହିଥା'ନ୍ତି।

ଗୋଟିଏ ଘରୋଇ ଟିଭି ଚ୍ୟାନେଲ କେତେ ଜଣ ବିଧାୟକଙ୍କୁ ଏମ୍ଏଲ୍ଏର ଫୁଲ୍‌ଫର୍ମ ପଚାରିଥିଲା। କିଏ କହିଲା ଜାଣିନାହିଁ, କିଏ କହିଲା ପରେ କହିବି, ଆଉ କେତେକ କହିଲେ 'ମେମ୍ବର୍ ଅଫ୍ ପାର୍ଲିଆମେଣ୍ଟ'। ଦୁର୍ଭାଗ୍ୟ! ଏମାନଙ୍କ ହାତରେ ଯଦି ଦେଶର ଦାୟିତ୍ୱ ଦିଆଯାଏ, ଦେଶଟା ରସାତଳକୁ ଯିବା ସାର । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି , ଏମାନେ ଭୋଟରଙ୍କ ଦ୍ୱାରା ନିର୍ବାଚିତ ହୋଇ ଆସିଛନ୍ତି। ଏଠାରେ ଦସ୍ୟୁ ନାୟିକା ଫୁଲନ୍ ଦେବୀ, ସୁପରଷ୍ଟାର୍ ଅମିତାଭ ବଚନ, ମଧ୍ୟପ୍ରଦେଶର କିନ୍ନର ସବ୍‌ନମ୍ ମୌସୀଙ୍କ କଥା ସ୍ମରଣ କରାଯାଇପାରେ। ଏମାନଙ୍କୁ ତ ସାଧାରଣ ଲୋକେ ଭୋଟ ଦେଇ ପଠାଇଥିଲେ। ସୁତରାଂ ପ୍ରାର୍ଥୀଙ୍କ ଅଜ୍ଞତା ଅପେକ୍ଷା ଭୋଟରଙ୍କ ଅଜ୍ଞତା ଏଠାରେ ବିଚାରସାପେକ୍ଷ ଓ ଚିନ୍ତାଜନକ ମଧ୍ୟ।



ମଣିପୁରର 'ଲୌହ ମାନବୀ' ଇରମ୍ ଚାନୁ ଶର୍ମିଲାଙ୍କ ନାମ ପ୍ରାୟ ସମସ୍ତେ ଜାଣିଥିବେ। ମଣିପୁରରେ ଲାଗୁ ହୋଇଥିବା ଆର୍ମଡ୍ ଫୋର୍ସେସ୍ ସ୍ପେଶାଲ ପାୱାର ଆକ୍ଟକୁ ବିରୋଧ କରି ସେ ଦୀର୍ଘ ୧୬ ବର୍ଷ ଧରି ଅନଶନ ଚଳାଇ ରଖିଥିଲେ। ବିଶ୍ୱରେକର୍ଡ଼! ଇରମ୍ ଥିଲେ ଏକାଧାରରେ ଜଣେ କବି, ମାନବାଧିକାର କର୍ମୀ ଏବଂ ରାଜନୀତିଜ୍ଞ । ୨୦୧୭ରେ ସେ ନିର୍ବାଚନ ଲଢ଼ିଲେ। ସେ ମାତ୍ର ୯୦ ଖଣ୍ଡ ଭୋଟ ପାଇଥିଲେ। ତାଙ୍କ ପରି ଜଣେ ସଂଗ୍ରାମୀ ମହିଳାଙ୍କୁ ମାତ୍ର ୯୦ ଜଣ ସମର୍ଥନ କଲେ। ଏଠାରେ ସାଧାରଣ ଭୋଟରଙ୍କ ଅଜ୍ଞତା, ବିଜ୍ଞତା ଓ ଉଦାସୀନତାକୁ ନେଇ ହଜାର ବାର ପ୍ରଶ୍ନ କରାଯାଇପାରେ। ଇଏ ଗୋଟିଏ ଉଦାହରଣ ମାତ୍ର।

ଆମ ଜାଣତରେ ଓ ଅଜାଣତରେ ଶହ ଶହ ସଂଖ୍ୟାରେ ଅନଭିଜ୍ଞ ପ୍ରତିନିଧି ବିଧାନସଭା ଓ ଲୋକ ସଭାକୁ ଆସୁଛନ୍ତି। ନିଜ ଅଞ୍ଚଳ, କି ରାଜ୍ୟ, କି ଦେଶର ସମସ୍ୟାକୁ ନେଇ ପ୍ରଶ୍ନଟିଏ କରିଥିବାର ନଜିର ନାହିଁ। ଅନ୍ତର୍ଜାତୀୟ ଘଟଣା ତ ଦୂରର କଥା। ସପ୍ତଦଶ ଲୋକ ସଭାରେ ୭୯ ପ୍ରତିଶତ ସାଂସଦଙ୍କ ନାମରେ ଥିଲା ବିଭିନ୍ନ ଆପରାଧିକ ମାମଲା। ଏମାନଙ୍କୁ ତ ଆମ ପରି ସାଧାରଣ ଭୋଟର ନିର୍ବାଚିତ କରି ପଠାଇଥିଲେ। ଏମାନେ କ'ଣ ଦେଶ ପାଇଁ ବାସ୍ତବରେ ଉପଯୁକ୍ତ ପ୍ରାର୍ଥୀ ଥିଲେ ?

ଜଣେ ଉପଯୁକ୍ତ ବା ଯୋଗ୍ୟ ପ୍ରାର୍ଥୀ ଚୟନ ପୂର୍ବରୁ ମତଦାତାଙ୍କୁ ପ୍ରତିଶ୍ରୁତି ଓ ପ୍ରଲୋଭନର ଊର୍ଦ୍ଧ୍ୱକୁ ଯାଇ ବିଚାର କରିବାକୁ ହେବ। ପ୍ରଥମେ ପ୍ରାର୍ଥୀ କେଉଁ ଦଳର ତାହା ଜାଣିବାକୁ ପଡ଼ିବ। ସେହି ଦଳର ନୀତି ଆଦର୍ଶ ସମାଜ ତଥା ଦେଶ ପାଇଁ କେତେ ହିତକର ତାହା ମଧ୍ୟ ବିବେଚନା କରିବାକୁ ହେବ। କାରଣ ଜଣେ ପ୍ରତିନିଧି ନିଜ ଦଳର ଊର୍ଦ୍ଧ୍ୱରେ ନୁହେଁ। ଦଳୀୟ ନିଷ୍ପତ୍ତି ବାହାରେ ସେ କୌଣସି କାର୍ଯ୍ୟ କରିପାରିବେ ନାହିଁ। ଦ୍ୱିତୀୟରେ, ପ୍ରାର୍ଥୀ ଜଣକ ରାଜନୀତିରେ ନିପୁଣ ଥିବା ଆବଶ୍ୟକ। ନଚେତ୍ ସେ ଦେଶ ବିଦେଶର ଘଟଣାବଳୀର ସଠିକ୍ ବିଶ୍ଳେଷଣ କରିପାରିବେ ନାହିଁ। ସଭାଗୃହରେ ଆଗତ ବିଲ୍ ଓ ବଜେଟକୁ ତର୍ଜମା କରିପାରିବେ ନାହିଁ। ତୃତୀୟରେ, ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ। ପ୍ରାର୍ଥୀ ଜଣେ ସାଧୁ, ସଚ୍ଚୋଟ, ଶିକ୍ଷିତ, ସଚେତନ ଓ ନୀତିବାନ୍ ବ୍ୟକ୍ତି ହୋଇଥିବା ଅତ୍ୟନ୍ତ ଜରୁରୀ। ଚତୁର୍ଥରେ, ପ୍ରାର୍ଥୀ ଜଣେ ଦକ୍ଷ ଓ କର୍ମନିଷ୍ଠ ବ୍ୟକ୍ତି ହୋଇଥିବା ଉଚିତ। ନିଜ ଅଞ୍ଚଳର ମୌଳିକ ସମସ୍ୟାଗୁଡ଼ିକୁ ସମାଧାନ ଦିଗରେ ତାଙ୍କର ଆନ୍ତରିକତା ଥିବା ଆବଶ୍ୟକ। ପଞ୍ଚମରେ, ପ୍ରାର୍ଥୀଙ୍କର ସାମାଜିକ ପ୍ରତିବଦ୍ଧତା ଥିବା ଦରକାର। ସମାଜର ଉନ୍ନତି କଳ୍ପେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଗମନାଗମନର ବିକାଶ ପ୍ରତି ସେ ସମ୍ବେଦନଶୀଳ ହୋଇଥିବା ଜରୁରୀ। ଇଂଲିଶ୍ ପ୍ରବନ୍ଧ 'ବାଲଟ୍ ବକ୍ସ ୱିସ୍‌ଡମ୍' ଏପରି କ୍ଷେତ୍ରରେ ପ୍ରଣିଧାନଯୋଗ୍ୟ।

ଏକଥା ସତ୍ୟ ଯେ ଅଧୁନା ଉପରୋକ୍ତ ଚରିତ୍ରସମ୍ପନ୍ନ ପ୍ରାର୍ଥୀଟିଏ ମିଳିବା କଷ୍ଟକର। ତଥାପି ଦେଶ ତଥା ସମାଜର ସ୍ୱାର୍ଥକୁ ବିଚାରକୁ ନେଇ ଆମକୁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବାକୁ ପଡ଼ିବ। ନିର୍ବାଚନ କମିଶନ ମଧ୍ୟ ପ୍ରତ୍ୟେକ ପ୍ରାର୍ଥୀଙ୍କ ସବିଶେଷ ବିବରଣୀ ସମ୍ପୃକ୍ତ ନିର୍ବାଚନମଣ୍ଡଳୀରେ ପ୍ରଚାର ପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରିବା ଆବଶ୍ୟକ। ଫଳରେ ସାଧାରଣ ଭୋଟର ପ୍ରାର୍ଥୀ ଚୟନରେ ଅଧିକ ଯତ୍ନବାନ ହେବେ। ଉପଯୁକ୍ତ ପ୍ରାର୍ଥୀ ଚୟନ ସେମାନଙ୍କ ପାଇଁ ସହଜ ସରଳ ହେବ।

ମୋ: ୭୯୭୮୫୦୪୭୪୮୬

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ସଫଳତାର ମୂଳମନ୍ତ୍ର, ଯାହା ପ୍ରମାଣ କରି ଦେଖାଇଛନ୍ତି ବେଙ୍ଗାଲୁରୁର ଡ. କେ.ଏସ୍. ରଜାନ୍ନା। ପୋଲିଓ ଆକ୍ରାନ୍ତ ହୋଇ ମାତ୍ର ୧୧ ବର୍ଷ ବୟସରେ ହାତଗୋଡ଼ ହରାଇବା ପରେ ରଜାନ୍ନା ପାରା ଅଲିମ୍ପିକ ଚାମ୍ପିୟନ, ଜଣେ ସାମାଜିକ କର୍ମୀ ଏବଂ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। କେବଳ ଏତିକି ନୁହେଁ, ସେ ୩୫୦ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ରଜାନ୍ନା ଆଣ୍ଠୁରେ ଚାଲି ସ୍କୁଲକୁ ଯାଇଛନ୍ତି ଓ କଠିନ ପରିଶ୍ରମ କରି ପଢ଼ିଛନ୍ତି। ସେ ନିଜ ଜୀବନ ସଂଗ୍ରାମରେ ସଫଳ ହେବା ପରେ ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ସାହାଯ୍ୟ କରୁଛନ୍ତି। ୨୦୧୩ରେ ତାଙ୍କ ନିରବଚ୍ଛିନ୍ନ ସେବାକୁ ପ୍ରଥମେ ସ୍ୱୀକୃତି ମିଳିଥିଲା ଓ ସେ ଦିବ୍ୟାଙ୍ଗଙ୍କ ପାଇଁ ଗଠିତ ଡିଜାବଲ୍ଡ କର୍ଣ୍ଣାଟକ ଷ୍ଟେଟ୍ କମିଶନର ହୋଇଥିଲେ। ରଜାନ୍ନା ମଧ୍ୟ ପଦ୍ମଶ୍ରୀ ସମ୍ମାନର ଅଧିକାରୀ ହୋଇଛନ୍ତି। ସବୁ ସ୍ତରରେ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଥିଲେ ମଧ୍ୟ ରାଜନୀତିରେ ଏହା ନାହିଁ ଏବଂ ଏହା ପାଇବା ସେମାନଙ୍କ ଅଧିକାର ବୋଲି କହିଛନ୍ତି ୬୪ ବର୍ଷିଆ ରଜାନ୍ନା।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ମେ ୧୯୭୫

- ପାକିସ୍ତାନରେ ପ୍ରବଳ ବର୍ଷା ଓ ପବନ ଯୋଗୁ ପିଚ୍ଛିଳ ହୋଇଥିବା ରାସ୍ତା ଉପରୁ ଏକ ଟ୍ରକ୍ ତଳକୁ ଖସିପଡ଼ିବା ଫଳରେ ଏଥିରେ ଯାତ୍ରା କରୁଥିବା ୧୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ବୁଲଗେରିଆଠାରେ ଅବସ୍ଥାପିତ ଥିବା ଭାରତୀୟ ରାଷ୍ଟ୍ରଦୂତ ଶ୍ରୀ କେ.ପି. ଲୁକେରିଙ୍କର ହୃଦ୍‌ରୋଗରେ ପରଲୋକ।

## ଚିରନ୍ତନୀ

ବଉଦ ତଳେ ଆକାଶେ ପଥେ
ବୋଇତ ଚଳେ ସାଗରେ
ଗାଗରୀ କାଖେ ନାଗରୀ ଚଳେ
ପରମ ଅନୁରାଗରେ।

(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନିର୍ବାଚନ ପ୍ରଚାରରେ ଶବ୍ଦ ପ୍ରଦୂଷଣ

ମହାଶୟ,

ଡାକବାଜି ଯନ୍ତ୍ର ନେଇ ପ୍ରାର୍ଥୀମାନଙ୍କର ସମର୍ଥକମାନେ ଶୋଭାଯାତ୍ରା କରୁଛନ୍ତି। ପ୍ରଚାରରେ ବାଜା, ବାଣ ଶବ୍ଦ ପ୍ରଦୂଷଣ ବୃଦ୍ଧି କରୁଛି। ଜୟ ଜୟ ଜିନ୍ଦାବାଦର ନାରାବାଜି ଓ ହୋହଲ୍ଲାର ସମୂହ ସ୍ୱର ସହିତ ପ୍ରଚାରସଙ୍ଗୀତ ଜୋର୍‌ରେ ବଜାଇ ପ୍ରତ୍ୟହ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନିଜର ପଟିଆରା ପ୍ରଦର୍ଶନ କରୁଛନ୍ତି। ସେମାନଙ୍କର ଏହା ଏକ ପ୍ରକାର ବିକୃତ ମାନସିକତା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ଥଳ ବିଶେଷରେ ପ୍ରାର୍ଥୀମାନଙ୍କର ସଭାସମିତିରେ ଉଚ୍ଚଧ୍ୱନିର ମାଇକ୍‌ରେ ଭାଷଣ ପ୍ରଦାନ ଶବ୍ଦ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ। ଅନ୍ୟପକ୍ଷରେ କହିବାକୁ ଗଲେ ଶୋଭାଯାତ୍ରାର ଡାକବାଜି ଯନ୍ତ୍ର ଘରେ ଥିବା ବୃଦ୍ଧାବୃଦ୍ଧ ଓ ରୋଗୀମାନଙ୍କ ବିଶ୍ରାମ ତଥା ଉପଚାରରେ ବ୍ୟାଘାତ ସୃଷ୍ଟି କରୁଛି ବୋଲି ପ୍ରାର୍ଥୀମାନେ ଜାଣିବା ଉଚିତ। ଏହାବ୍ୟତୀତ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଏକାଗ୍ରତାରେ ବାଧକ ସାଜୁଛି ଏଭଳି ପ୍ରଚାର। ନିର୍ବାଚନରେ ଶାନ୍ତିପୂର୍ଣ୍ଣ ପ୍ରଚାର ସହ ଶବ୍ଦ ପ୍ରଦୂଷଣ ମୁକ୍ତ ପରିବେଶ ଉପରେ ଧ୍ୟାନ ଦେବା ଦରକାର। ପରିବେଶକୁ ସୁସ୍ଥ ଓ ନିର୍ମଳ ରଖିବା ଉପରେ ପ୍ରାର୍ଥୀମାନେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ନିର୍ବାଚନ ପ୍ରଚାରବେଳେ ଧର୍ମପୀଠ, ଡାକ୍ତରଖାନା, ଥାନା ଏବଂ ସରକାରୀ କାର୍ଯ୍ୟାଳୟ ସମ୍ମୁଖ ଦେଇ ମାଇକ୍ ବଜାଇ ଯିବା ଅନୁଚିତ। ବାଣ ଫୁଟାଇବା, ଉଚ୍ଚଧ୍ୱନି ସୃଷ୍ଟି କରୁଥିବା ମାଇକ୍ ଓ ସାଉଣ୍ଡ ବକ୍ସ ବ୍ୟବହାର ଉପରେ କଟକଣା ଲାଗୁ କରାଯାଉ। ଏହାର ଉଲ୍ଲଙ୍ଘନ ହେଲେ ପ୍ରାର୍ଥୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର।

- ଅଶୋକ କୁମାର ଆଢ୍ୟ,
ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦୁଇଟି ପଦ୍ମ ଦୁଇ ଗୁଣ ବିକାଶ: ଧର୍ମେନ୍ଦ୍ର

ବାଲେଶ୍ୱର,୧୮।୫(ମାନସ ବିଶ୍ୱାଳ)

'ଦୁଇଟି ପଦ୍ମ ଦୁଇଗୁଣ ବିକାଶ'ର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ବାଲେଶ୍ୱରଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଧର୍ମେନ୍ଦ୍ର ଏହା କହିଛନ୍ତି।

ଏଥର ଭାଜପା ଫୋକସରେ ରହିଛି ବାଲେଶ୍ୱର ଲୋକସଭା କ୍ଷେତ୍ର। ଏହି କ୍ରମରେ ଶନିବାର ମଧ୍ୟାହ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏଠାରେ ପହଞ୍ଚିଥିଲେ। ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ବାଲେଶ୍ୱର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ସମେତ ବହୁ ବରିଷ୍ଠ ନେତା ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ନୋସିଠାରୁ ଏକ ବିଶାଳ ରୋଡ ଶୋ'ରେ ଏମାନେ ସହଦେବଖୁଣ୍ଟା ସ୍ଥିତ ମାହେଶ୍ୱରୀ ଭବନ ପର୍ଯ୍ୟନ୍ତ ଯାଇଥିଲେ।

ସେଠାରେ ଜିଲା ସଭାପତି ଉମାକାନ୍ତଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଆୟୋଜିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରି ଆଗାମୀ ଦିନରେ କରଣୀୟ କାର୍ଯ୍ୟସୂଚୀ ଓ ବିଜୟର ମନ୍ତ୍ର ପ୍ରଦାନ କରିଥିଲେ। ଏଥିସହ ଲୋକଙ୍କ ଘରେ ଘରେ ମୋଦିଜୀଙ୍କ ବାର୍ତ୍ତା 'ଦୁଇଟି ପଦ୍ମ ଦୁଇଗୁଣ ବିକାଶ'ର ନାରା ପହଞ୍ଚାଇବାକୁ ସେ ଆହ୍ୱାନ କରିଥିଲେ। ଓଡିଶା ଏବେ ପରିବର୍ତ୍ତନମୁହାଁ, ଲୋକଙ୍କ ଏହି ଆବେଗକୁ ଭୋଟରେ ପରିବର୍ତ୍ତନ କରିବାକୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ନବୀନ ସରକାରରେ ଓଡ଼ିଶା ଓ ଓଡ଼ିଆଙ୍କର ସାମଗ୍ରିକ ବିନାଶ ହୋଇଛି। ତେଣୁ ଏ ସରକାରଙ୍କର ଆଉ ଗୋଟିଏ ମୁହୂର୍ତ୍ତ ଶାସନରେ ରହିବାର ନୈତିକ ଅଧିକାର ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଏଥର ନିର୍ବାଚନରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ପଦ୍ମ ଫୁଲରେ ଭୋଟ୍ ଦେଇ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଗଢ଼ିବାକୁ ଓଡ଼ିଶାର ଲୋକେ ମନ ସ୍ଥିର କରିସାରିଛନ୍ତି ବୋଲି କହିଥିଲେ। ପରେ ରେମୁଣା ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ରେମୁଣାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ପୂର୍ବତନ ବିଜେଡ଼ି ବ୍ଲକ ସଭାପତି ଗୋପୀନାଥ ସେନାପତିଙ୍କ ନେତୃତ୍ୱରେ ବିଜେଡ଼ିର କାର୍ଯ୍ୟକାରିଣୀ ଉପସଭାପତି ମାୟାଧର ରାଉତ ଓ ଜଗବନ୍ଧୁ ପୁହାଣ, ପୂର୍ବତନ ବିଜେଡି ଜିଲା ଯୁବ ସଭାପତି ଶରତ ଚନ୍ଦ୍ର ରାଉତ, ବିଜେଡି ଯୁବନେତା ଶରତ କୁମାର ଦାସ ଓ ନାରାୟଣ ଦାସ, ବିଜେଡ଼ି ନେତା ଜୟନ୍ତ ପଣ୍ଡା, ଅଶୋକ କୁମାର କର, ରାମଚନ୍ଦ୍ର ନାୟକଙ୍କ ସମେତ ଶହେରୁ ଅଧିକ ବିଜେଡି କର୍ମୀ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। ନବାଗତଙ୍କୁ ଦଳୀୟ ନେତୃବୃନ୍ଦ ଉତ୍ତରୀୟ, ଟୋପି ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। କେନ୍ଦ୍ରୀୟ ପ୍ରଭାରୀ ମନୋରଞ୍ଜନ ମିଶ୍ର, ବସ୍ତା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ ମଞ୍ଚାସୀନ ଥିଲେ। ଲୋକସଭା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ ପୁଷ୍ଟି ଓ ଅନୀଲ ମହାନ୍ତି ମିଡ଼ିଆ ପରିଚାଳନା ଦାୟିତ୍ୱ ସମ୍ପାଦନ କରିଥିଲେ। ଶେଷରେ ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ରୋଡ ଶୋ'ରେ ଅପରାଜିତା, ପ୍ରତାପ, ମନମୋହନ


ନୋସିଠାରୁ ବାହାରିଥିବା ଭାଜପାର ବିଶାଳ ରୋଡ ଶୋ'।

# ଆସାମର ମୁଣ୍ଡପିଛା ଋଣ ଓଡ଼ିଶାର ଦୁଇଗୁଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୫(ଅସମାପିକା ସାହୁ)

ଓଡ଼ିଶା ପ୍ରସଙ୍ଗରେ କହିବା ଆଗରୁ ପ୍ରଥମେ ନିଜ ରାଜ୍ୟ କଥା ଚିନ୍ତା କରନ୍ତୁ ଭାଜପାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ। ଓଡ଼ିଶାରେ ମାଲମାଲ କେନ୍ଦ୍ରୀୟ ନେତାଙ୍କ ପ୍ରଚାରକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ସମାଲୋଚନା କରି କହିଛନ୍ତି। ଶନିବାର ଏକ ଭିଡିଓ ଜାରି କରି ନବୀନ କହିଛନ୍ତି, ଭାଜପାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶା ଆସି ପ୍ରଚାର କରୁଛନ୍ତି। ଓଡ଼ିଶାକୁ ଏକ ନମ୍ବର କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି। ସେମାନେ ପ୍ରଥମେ ନିଜ ରାଜ୍ୟ କଥା ଦେଖିବାକୁ ନବୀନ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ମୁଣ୍ଡପିଛା ଋଣର ହିସାବ ଦେଇ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଆସାମର ମୁଣ୍ଡପିଛା ଋଣ ଓଡ଼ିଶାର ମୁଣ୍ଡପିଛା ଋଣର ଦୁଇଗୁଣ। ତେଣୁ ସେ ପ୍ରଥମେ ନିଜ ରାଜ୍ୟକଥା ବୁଝନ୍ତୁ ବୋଲି ନବୀନ କହିଛନ୍ତି।

# ବିଜେଡି ନେତାଙ୍କ ବିରୋଧରେ ମାମଲା


ଥାନା ଆଗରେ ଭାଜପା ଜିଲା ନେତୃବୃନ୍ଦ।

କେନ୍ଦୁଝର,୧୮।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଶୁଆକାଟି ଅଞ୍ଚଳର ବିଜେଡି ନେତା ଅଞ୍ଜନ ବେଜଙ୍କ ସମେତ ଆଉ କେତେଜଣ କର୍ମୀ ଶୁକ୍ରବାର ଭାଜପା ପାର୍ଟି ଅଫିସରେ ଆୟୋଜିତ ମିଶ୍ରଣ ପର୍ବରେ ସାମିଲ ହୋଇ ଦଳରେ ଯୋଗଦେଇଥିଲେ। ଭାଜପାରେ ଯୋଗଦେଇଥିବା ବିଜେଡି ନେତା ପୁଣି ୧୦ ମିନିଟ୍‌ରେ ବିଜେଡିକୁ ଫେରିବା ଘଟଣାକୁ ନେଇ ରାଜନୀତି ସରଗରମ ହୋଇଛି। ଏ ନେଇ ଟାଉନ ଥାନାରେ ଶୁକ୍ରବାର ବିଳମ୍ବିତ ରାତିରେ ଭାଜପା ପକ୍ଷରୁ ଏତଲା ଦିଆଯାଇଛି। ଅଭିଯୋଗକୁ ଭିତ୍ତି କରି ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର ଓ ଅନ୍ୟ ୨ ଜଣଙ୍କ ବିରୋଧରେ ମାମଲା(ନଂ. ୩୦୮/୨୦୨୪) ରୁଜୁ କରି ପୋଲିସ ତଦନ୍ତ କରୁଛି।

ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତଙ୍କ ସୂଚନା ମୁତାବକ, ଭାଜପାରେ ମିଶିଥିବା ନେତା ଓ କର୍ମୀଙ୍କୁ ସୌମ୍ୟଶଙ୍କର ଜବରଦସ୍ତ ଭାଜପା ପାର୍ଟି ଅଫିସ ନିକଟରୁ ଉଠାଇ ବିଜେଡି ଜିଲା କାର୍ଯ୍ୟାଳୟକୁ ନେଇଥିଲେ। ଆଉ ସେମାନଙ୍କୁ ଭାଜପା ଛାଡ଼ିବାକୁ ବାଧ୍ୟ କରିଥିଲେ। ସୌମ୍ୟଶଙ୍କର ଶୁଆକାଟି ଅଞ୍ଚଳରେ ଗରୀବ ଆଦିବାସୀଙ୍କୁ ଧମକ ଚମକ ଦେବା, କଳା ଟଙ୍କା ରଖି ସାଧାରଣ ନିର୍ବାଚନକୁ ପ୍ରଭାବିତ କରୁଥିବା ଆଦି ଅଭିଯୋଗ ପତ୍ରରେ ଦର୍ଶାଯାଇଥିବା ବେଳେ ପୋଲିସ ଆଗରେ ଅଞ୍ଜନ ବେଜ ଉପସ୍ଥିତ ରହି ବୟାନ ଦେଇଛନ୍ତି। ଅଞ୍ଜନ କହିଛନ୍ତି, ରାଜ୍ୟ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର ମୋ ଅନିଚ୍ଛା ସତ୍ତ୍ୱେ ମୋ ଗାଡ଼ିରେ ବସିଲେ ଆଉ ବିଜେଡି ପାର୍ଟି ଅଫିସକୁ ନେଇଗଲେ। ସେଠାରେ ବାଧ୍ୟ କରି ପୁନର୍ବାର ବିଜେଡି ଉତ୍ତରୀୟ ପିନ୍ଧାଇ ବାଇଟ ଦେବାକୁ ବାଧ୍ୟ କଲେ। ମୁଁ ଭାଜପା ଦଳରେ ଅଛି ଏବଂ ମୋଦିଙ୍କ ନେତୃତ୍ୱରେ କାମ କରିବି। ମୋତେ ସେଠାରେ ଧମକ ଦେଇ ନ ଥିଲେ ମଧ୍ୟ ବିଜେଡିରେ ସାମିଲ ହେବାକୁ ବାଧ୍ୟ କରାଯାଇଥିବା ସେ କହିଛନ୍ତି। ଅପରପକ୍ଷେ ସୌମ୍ୟଶଙ୍କର କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ସେ ନିଜ ସହମତିରେ ଆସିଥିଲେ। ଧମକ ଚମକ ଦିଆଯାଇନାହିଁ। ଯଦି ଅପହରଣ କରାଯାଇଥିଲା ତାହାର ପ୍ରମାଣ ପାର୍ଟି ଅଫିସର ସିସିଟିଭିରୁ ଦେଖାନ୍ତୁ। ସେ ନିଜେ ସଙ୍ଗେ ସଙ୍ଗେ ଏକଥା କାହିଁକି ପୋଲିସକୁ ଜଣାଇଲେ ନାହିଁ। ଏହାକୁ ନେଇ ଭାଜପା ଅଧିକ ରାଜନୀତି କରୁଛି ବୋଲି ସେ କହିଛନ୍ତି।

### ଭାଜପାରେ ମିଶିବାର ୧୦ ମିନିଟରେ ପୁଣି ବିଜେଡିକୁ ଫେରିବା ଘଟଣା

# ଲୋକଙ୍କ ବିପୁଳ ସମର୍ଥନ ଦେଖି ବିରୋଧୀ ହତୋତ୍ସାହ

ଭୁବନେଶ୍ୱର, ୧୮।୫(ଅସମାପିକା ସାହୁ)

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶନିବାର ୬ଟି ନିର୍ବାଚନମଣ୍ଡଳୀରେ ମାରାଥନ ପ୍ରଚାର କରିଛନ୍ତି। ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚିଲିକା, ବ୍ରହ୍ମଗିରି, ପିପିଲି, ରଣପୁର ଓ ନୟାଗଡ଼ରେ ନିର୍ବାଚନ ପ୍ରଚାର କରି ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ବିଧାନସଭା ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ଜିତାଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଅନୁରୋଧ କରିଛନ୍ତି। ଶେଷରେ ଭୁବନେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀର ଜୟଦେବ ବିଧାନସଭା ଅଞ୍ଚଳରେ ବିଶାଳ ଜନସଭାରେ ଭାଷଣ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପାଣ୍ଡିଆନ ଅନୁରୋଧ କରିଛନ୍ତି। ସବୁ ସଭାରେ ବିଶାଳ ଜନସମାବେଶ ଦେଖି ପାଣ୍ଡିଆନ କହିଥିଲେ, ଲୋକଙ୍କ ବିପୁଳ ସମର୍ଥନ ଦେଖି ବିରୋଧୀ ଦଳ ହତୋତ୍ସାହ ହେଲେଣି। ସେମାନେ ମିଛ କହିବା, ଅପପ୍ରଚାର କରିବା ଆଦି ଆରମ୍ଭ କଲେଣି। ଆପଣମାନେ ତାଙ୍କୁ ଉଚିତ ଜବାବ ଦେବେ। ପାଣ୍ଡିଆନ କହିଲେ, ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଦେଖି ସେମାନଙ୍କ ମୁଣ୍ଡ କାମ କରୁନି। କୋଉଠି କ'ଣ କହୁଛନ୍ତି ଜାଣିପାରୁନାହାନ୍ତି। ତାଙ୍କର ସବୁ ନେତା ଆସି କହୁଛନ୍ତି ଓଡ଼ିଶାକୁ ଏକ ନମ୍ବର କରିବେ। ଆସାମ ମୁଖ୍ୟମନ୍ତ୍ରୀ ବି କହୁଛନ୍ତି ଓଡ଼ିଶାକୁ ଏକ ନମ୍ବର କରିବେ। ତା'ହେଲେ ଆସାମକୁ କ'ଣ କରିବେ? ଯୁଆଡ଼େ ଯାଉଛନ୍ତି, କହୁଛନ୍ତି– ଏକ ନମ୍ବର କରିବେ। କର୍ଣ୍ଣାଟକ, ତେଲଙ୍ଗାନା, ମହାରାଷ୍ଟ୍ର ଇତ୍ୟାଦି ସବୁଠି କହୁଛନ୍ତି ସେହି ରାଜ୍ୟକୁ ଏକ ନମ୍ବର କରିବେ। ସେମାନେ ପ୍ରଥମେ ଆଗେ ନିଷ୍ପତ୍ତି କରନ୍ତୁ କେଉଁ ରାଜ୍ୟକୁ ଏକ ନମ୍ବର କରିବେ। ୨୫ ବର୍ଷ ହେଲା ଡବଲ ଇଞ୍ଜିନ ସରକାର ଥାଇ ଏପର୍ଯ୍ୟନ୍ତ ଗୁଜରାଟକୁ ଏକ ନମ୍ବର କରିପାରିଲେ ନାହିଁ। ସେମାନେ କେବଳ ଆପଣମାନଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ପାଣ୍ଡିଆନ ଜନତାଙ୍କୁ କହିଥିଲେ। ଜୟଦେବରେ ପାଣ୍ଡିଆନ କହିଲେ, ଭୁବନେଶ୍ୱର ସାଂସଦ ଏ ଅଞ୍ଚଳ ପାଇଁ କିଛି କରିନାହାନ୍ତି। ଭୁବନେଶ୍ୱର ପାଇଁ ସେ କୌଣସି ପ୍ରୋଜେକ୍ଟ ଆଣିନାହାନ୍ତି। ଭୁବନେଶ୍ୱର ସାଂସଦ ଲୋକଙ୍କ ସୁଖଦୁଃଖରେ ନାହାନ୍ତି। ଦରକାର ବେଳେ ଖୋଜିଲେ ଲୋକେ ତାଙ୍କୁ ପାଆନ୍ତି ନାହିଁ। ଏଥର ଲୋକ ତାଙ୍କୁ ଉଚିତ ଜବାବ ଦେବେ ବୋଲି ପାଣ୍ଡିଆନ କହିଛନ୍ତି। କାର୍ଯ୍ୟକ୍ରମରେ ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ ଉମା ସାମନ୍ତରାୟ, ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ସଞ୍ଜୟକୁମାର ଦାସବର୍ମା, ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ର ମହାରଥୀ, ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ, ରଣପୁର ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ଏବଂ ଜୟଦେବ ବିଧାୟକ ପ୍ରାର୍ଥୀ ନବକିଶୋର ମଲିକ ପ୍ରମୁଖ ନିଜ ନିଜ ଅଭିଭାଷଣ ମାଧ୍ୟମରେ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ।


ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶନିବାର ପ୍ରଚାର ସମୟରେ ପ୍ରଶଂସକଙ୍କ ସହିତ ସେଲ୍‌ଫି ଉଠାଉଛନ୍ତି।

# ଭୋଟ୍ ବେଳେ ମାଗି ଆଏସନ୍


ସୁଭଦ୍ରା କିଷାନ


କୁମର ବାଗ

ସୁନ୍ଦରଗଡ଼ରୁ ଅନିଲ ଦାସ,୧୮।୫

ଭୋଟ୍ ବେଳେ ମାଗି ଆଏସନ୍, ପଛେ ଦେଖା ନି ମିଲେ। ଏହାର ଅର୍ଥ ନେତାମାନେ ନିର୍ବାଚନ ସମୟରେ ଭୋଟ ମାଗିବାକୁ ଘରକୁ ଆସୁଥିବା ବେଳେ ଅନ୍ୟ ସମୟରେ ସେମାନଙ୍କର ଦେଖା ମିଳେନାହିଁ। ସୁନ୍ଦରଗଡ଼ ସହରରୁ ୩୦ କିଲୋମିଟର ଦୂରରେ ଥିବା ଖପ୍‌ରିଖମନ ଗ୍ରାମର କେତେଜଣ ବୟସ୍କ ମତଦାତା ଧରିତ୍ରୀ ଟିମ୍‌କୁ ଏଭଳି ପ୍ରତିକ୍ରିୟା ଦେଇ କହିଛନ୍ତି। ଆମେ ଯେତେବେଳେ ସେମାନଙ୍କୁ ଭେଟିଲୁ, ସେମାନେ କ୍ଷୋଭ ପ୍ରକାଶ କରି କହିଲେ, ନିର୍ବାଚନ ଚାଲୁଛି, ନେତା ଆସୁଛନ୍ତି ଯାଉଛନ୍ତି, କିଏ କ'ଣ କରୁଛି ଆମେ ଜାଣିନୁ। ଆମେ ଗରିବ ଲୋକ, କାମଧନ୍ଦା କରି ପେଟ ପୋଷୁଛୁ। ପିଇବା ପାଣି ମିଳୁନି, କାମଧନ୍ଦା ମିଳୁନି। କେନ୍ଦୁପତ୍ର, ମହୁଲ ବିକ୍ରି ହେଉନି। ଆମକୁ ଠିକ୍ ଦାମ୍ ମିଳୁନି। ଶୌଚାଳୟରେ ପାଣି ନାହିଁ। ଆମେ ବହୁତ ଅସୁବିଧାରେ ଅଛୁ। ଭୋଟ ମାଗିବାକୁ ଆସୁଛନ୍ତି। ଭୋଟ ତ ଦେବୁ। ଖପ୍‌ରିଖମନ ଗାଁର ମହିଳା ଭୋଟର ସୁଭଦ୍ରା କିଷାନ କହିଛନ୍ତି, ଆମେ ଗରିବ ଲୋକ, କାମଧନ୍ଦା କରି ପେଟ ପୋଷୁଛୁ। ସବୁଦିନ କାମ ମିଳୁନି। ବାଡ଼ିବଗିଚାର ପନିପରିବା, କେନ୍ଦୁପତ୍ର, ମହୁଲ ଫୁଲ ବିକି ବହୁତ କଷ୍ଟରେ ଚଳୁଛୁ। ବର୍ଷାଦିନେ ଆମ ନାଳରେ ପାଣି ଆସି ଅସୁବିଧା କରୁଛି। ଏଥର ପୋଲ ହେଉଛି। ଟିକେ ସୁବିଧା ହେବ। ଆମ ଘରେ ଶୌଚାଳୟ ହୋଇଛି। ପାଣି ନାହିଁ। ପିଇବାକୁ ପାଣି ମିଳୁନି। ଶୌଚାଳୟ ପାଇଁ ପାଣି ଆଣିବୁ କେଉଁଠୁ। ଗାଁରେ ଗୋଟେ ନଳକୂଅ ଅଛେ। ଗାଁ ଗୋଟାଯାକର ଲୋକେ ସେଇଠୁ ପାନି ନେଉଛୁ। ଯିଏ ଆମର କାମ୍ କର୍‌ବା, ତାଙ୍କେ ଭୋଟ୍ ଦେମୁ। କୁମର ବାଗ କହିଛନ୍ତି, ଖାଇକାଜେ ପାନି ନି ମିଲ୍‌ବାର। ଲାଟ୍ରିନ୍ ପାଇଁ ପାନି କେନୁ ଆନୁମ୍। ସରକାର୍ ଇଟା ସୁବିଧା କଲେ ଭଲ ହେଇତା। ଏହି ଭୋଟରମାନଙ୍କ କଥାରୁ ସ୍ପଷ୍ଟ ହେଉଛି ଯେ ବିକାଶ ସତେଯେମିତି ଏମାନଙ୍କ ପାଖରେ ଅପହଞ୍ଚ। ତେବେ ନିର୍ବାଚନ ଋତୁରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଏଇଟା କରିଦେବୁ, ସେଇଟା କରିଦେବୁ କହି ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରାଉଛନ୍ତି। ଏଭଳି ସ୍ଥିତିରେ ରାଜନୀତି ଜାଣି ନ ଥିବା ସାଧାରଣ ଲୋକଙ୍କ ମତ କୁଆଡ଼େ ଯାଉଛି ଆଉ ଦିନ କେଇଟା ପରେ ସ୍ପଷ୍ଟ ହୋଇଯିବ।

# ଭୋଟରଙ୍କୁ ମନାଇବା ପାଇଁ ଝାଳ ବୁହାଇଲେ ହେଭିୱେଟ୍

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ

ସୁନ୍ଦରଗଡ଼ରୁ ଅନିଲ ଦାସ,୧୮।୫

ରାଜ୍ୟରେ ଆସନ୍ତା ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ୫ ଲୋକ ସଭା ଓ ୩୫ ବିଧାନସଭା ଆସନରେ ଭୋଟଗ୍ରହଣ ହେବ। ଏହି ପର୍ଯ୍ୟାୟ ପାଇଁ ଶନିବାର ଅପରାହ୍ନ ୫ଟା ସୁଦ୍ଧା ନିର୍ବାଚନ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ସୁନ୍ଦରଗଡ଼ ଲୋକ ସଭା ଆସନରେ ବିଜେଡି, ଭାଜପା ଏବଂ କଂଗ୍ରେସ ସମେତ ଅନ୍ୟାନ୍ୟ ଦଳକୁ ମିଶାଇ ମୋଟ୍ ୮ ଜଣ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେଉଥିବା ଲକ୍ଷ୍ୟ କରାଯାଇଛି। କଂଗ୍ରେସ ନିଜର ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛି। ଏହି ଲୋକ ସଭା କ୍ଷେତ୍ର ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ବଣାଇ ଓ ବୀରମିତ୍ରପୁର ଆସନକୁ କଂଗ୍ରେସ ଇଣ୍ଡିଆ ମେଣ୍ଟ ସିପିଆଇକୁ ଛାଡ଼ିଛି। ଶନିବାର ପ୍ରଚାରର ଶେଷଦିନରେ ବିଭିନ୍ନ ଦଳର ହେଭିୱେଟ୍ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜୋର୍‌ଦାର ପ୍ରଚାର କରିଛନ୍ତି। ପ୍ରାର୍ଥୀମାନେ ମଧ୍ୟ ବଡି ଭୋର୍‌ରୁ ବିଭିନ୍ନ ଗାଁ ବୁଲିବା ସହିତ ଘରକୁ ଘର ଯାଇ ଲୋକଙ୍କୁ ଭୋଟ୍ ଭିକ୍ଷା କରୁଥିବା ଦେଖାଯାଇଛି। ଦଳର ଷ୍ଟାର ପ୍ରଚାରକମାନଙ୍କୁ ଧରି ପ୍ରାର୍ଥୀମାନେ ରୋଡ୍ ଶୋ' ଓ ସଭାସମିତି କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ଏହି ଆସନକୁ ହାତେଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ମଧ୍ୟ ନିର୍ବାଚନମଣ୍ଡଳୀର କେତେକ ସମସ୍ୟା ସେମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ସୁନ୍ଦରଗଡ଼ ଶିଳ୍ପବହୁଳ, ଖଣିଖାଦାନ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିପାରୁନାହିଁ। ଏହାକୁ ନେଇ ଯୁବ ଭୋଟରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ରହିଛି। ଏଥିସହିତ ବିସ୍ଥାପିତ ସମସ୍ୟା, ପାନୀୟ ଜଳ, ଧାନର ଅଭାବୀ ବିକ୍ରି, ବନ୍ୟ ଲଘୁଜାତ ଦ୍ରବ୍ୟ ସହିତ କେତେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଦାଦନ ସମସ୍ୟା ବଡ଼ ପ୍ରସଙ୍ଗ ହୋଇଛି। ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ ଧରିତ୍ରୀ ଟିମ୍ ଗସ୍ତ କରି ଭୋଟରମାନଙ୍କ ମତାମତ ସଂଗ୍ରହ କରିଥିଲା। ସେମାନଙ୍କର ଅଭିଯୋଗ ହେଉଛି, ଯେଉଁମାନେ ନେତା ହୁଅନ୍ତୁ ନା କାହିଁକି ସେମାନଙ୍କ ଦେଖା ମିଳେନାହିଁ। ଆମେ ଦୁଃଖ କଷ୍ଟରେ ଚଳୁଛୁ। ଭୋଟ ଦେବାକୁ ପଡ଼ିବ ତ ଆମେ ଦେଉଛୁ। ଯିଏ ଆମର ଭଲ କାମ କରିବ ବୋଲି ଭାବିବୁ ତାଙ୍କୁ ଆମେ ଭୋଟ ଦେବୁ। ପ୍ରାର୍ଥୀ ହୁଅନ୍ତୁ କି ଦଳ ସେଥିରେ ଆମର କିଛି ଯାଏଆସେ ନାହିଁ। ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଭାଜପା ଅଧୀନରେ ରହିଛି। ଏଠାରେ ଜୁଏଲ ଓରାମ ବିଜୟୀ ହୋଇଛନ୍ତି। ପୁଣି ଥରେ ସେ ଏଥର ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ଗତ ୫ ବର୍ଷର କେନ୍ଦ୍ର ସରକାରଙ୍କ ବିକାଶ କାର୍ଯ୍ୟ ଓ ମୋଦି ହାୱାକୁ ନେଇ ନିର୍ବାଚନୀ ବୈତରଣୀ ପାର୍ ହେବାକୁ ଉଦ୍ୟମ କରୁଛନ୍ତି। ଏଥର ତାଙ୍କର ଶେଷ ନିର୍ବାଚନ କହି ଭୋଟରଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରୁଛନ୍ତି। ତେବେ ଏଥିରେ ସେ କେତେଦୂର ସଫଳ ହେବେ ଆଗାମୀ ଦିନରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ବିଜେଡି ମଧ୍ୟ ରାଜ୍ୟ ସରକାରଙ୍କ ବିକାଶ କାର୍ଯ୍ୟକୁ ନେଇ ଭୋଟରଙ୍କୁ ନିଜ ସପକ୍ଷରେ ନେବା ଲାଗି ଉଦ୍ୟମ କରୁଛି। ବିଜେଡିରୁ ଲୋକ ସଭା ପ୍ରାର୍ଥୀ ହୋଇଥିବା ଦିଲୀପ ତିର୍କୀ ଜୁଏଲଙ୍କୁ କଡ଼ା ଟକ୍କର ଦେଉଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଲୋକଙ୍କ ନିକଟରେ ପହଞ୍ଚୁଛି। ଆଗାମୀ ଦିନରେ ଏହା ଆହୁରି କିପରି ତ୍ୱରାନ୍ୱିତ ହେବ ଆମେ ତାହା ଉପରେ ଧ୍ୟାନ ଦେଉଛୁ। ଏଥିସହିତ ସୁନ୍ଦରଗଡ଼ ହେଉଛି ହକିର ଅନ୍ତୁଡ଼ିଶାଳ। ରାଉରକେଲାରେ ବିଶ୍ୱର ସବୁଠାରୁ ବଡ଼ ହକି ଷ୍ଟାଡିୟମ ସରକାର ନିର୍ମାଣ କରିଛନ୍ତି। ଏଥିସହିତ ପ୍ରତି ବ୍ଲକରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯାଉଛି। ଗ୍ରାମାଞ୍ଚଳରେ ଯୁବତୀଯୁବକଙ୍କୁ କ୍ରୀଡ଼ା ଭିତ୍ତିଭୂମି ଯୋଗାଇ ଦେବାକୁ ଆମେ ପ୍ରୟାସ କରୁଛୁ। ଏଥିସହିତ ନିଯୁକ୍ତି ଏବଂ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ଆଗାମୀ ଦିନରେ ଉଦ୍ୟମ କରାଯିବ। ଅନ୍ୟପକ୍ଷରେ ଭାଜପା ପାଇଁ ସୁନ୍ଦରଗଡ଼କୁ ପ୍ରଚାର କରିବାକୁ ଆସିଥିବା ସିନେ ତାରକା ତଥା ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଭାଜପା ପ୍ରାର୍ଥୀ କୁସୁମ ଟେଟେଙ୍କ ସପକ୍ଷରେ ଶେଷଦିନରେ ଜୋର୍‌ଦାର ପ୍ରଚାର କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିରୋଧୀ ଦଳର ବିଧାୟକଙ୍କୁ ରାଜ୍ୟ ସରକାର ବିକାଶ ପାଇଁ ଯେତିକି ଅନୁଦାନ ଦେବା କଥା ଦେଉନାହାନ୍ତି। ଏଥିପାଇଁ ବିରୋଧୀ ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟ ମନ୍ଥର ହୋଇଛି। ଏଥର ଏ ସରକାର ବଦଳିବ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେବ ଓ ରାଜ୍ୟର ବିକାଶ ଦ୍ରୁତ ଗତିରେ ଆଗକୁ ଦୌଡ଼ିବ ବୋଲି ମହାପାତ୍ର କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପୁଣି ଶାସନ ଗାଦି ମାଡ଼ି ବସିବାକୁ ଉଦ୍ୟମ ଚଳାଇଛନ୍ତି। ଲୋକେ ଏବେ ବୁଝିସାରିଲେଣି। ରାହୁଲ ଗାନ୍ଧୀଙ୍କ ଗ୍ୟାରେଣ୍ଟି ଲୋକଙ୍କ ହୃଦୟକୁ ଛୁଇଁଲାଣି। ପୂର୍ବରୁ ଯାହା ବିକାଶ ହୋଇଥିଲା, କଂଗ୍ରେସ ସମୟରେ ହିଁ ହୋଇଥିଲା। ଏଥର ରାଜ୍ୟ ଓ କେନ୍ଦ୍ରରେ ସରକାର ପରିବର୍ତ୍ତନ ହେବ। କଂଗ୍ରେସ ଲୋକଙ୍କ ଆଶା ପୂରଣ କରିବ। ଏଥର ଲୋକେ କଂଗ୍ରେସକୁ ପସନ୍ଦ କରିବେ ବୋଲି ସେ କହିଛନ୍ତି।


ସୁନ୍ଦରଗଡ଼ ବିଧାନସଭା ଆସନର ଭାଜପା ପ୍ରାର୍ଥୀ କୁସୁମ ଟେଟେଙ୍କ ପାଇଁ ପ୍ରଚାର କରୁଛନ୍ତି ଅଭିନେତା ତଥା ଦଳୀୟ ନେତା ସିଦ୍ଧାନ୍ତ ମହାପାତ୍ର।


ସୁନ୍ଦରଗଡ଼ ଲୋକ ସଭା ଓ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଯଥାକ୍ରମେ ଦିଲୀପ ତିର୍କୀ ଏବଂ ଯୋଗେଶ ସିଂ ସଭା ମାଧ୍ୟମରେ ପ୍ରଚାର କରୁଛନ୍ତି। (ଫଟୋ-ମୌସମ ନନ୍ଦ)

# ଦାଦନ, ଭାଗ ଚାଷ ବଢ଼ାଇଛି ଲୋକଙ୍କ ଦୁଃଖ

**ଆସିକାରୁ ସୁନୀତ ମିଶ୍ର, ୧୮।୫**


ଆଖୁ ବ୍ୟବସାୟୀ ଟୁନା ବେହେରା।


କୁନ୍ଦୁରି ବ୍ୟବସାୟୀ ରାଜେନ୍ଦ୍ର ନାହାକ।

## ଆସିକା ଲୋକ ସଭା ଆସନ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ ତାରିଖରେ ଆଉ ୫ ଲୋକ ସଭା ଆସନ ବରଗଡ଼, ବଲାଙ୍ଗୀର, ସୁନ୍ଦରଗଡ଼, କନ୍ଧମାଳ, ଆସିକା ଏବଂ ଏହା ଅନ୍ତର୍ଗତ ୩୫ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ୫ ଲୋକ ସଭା ଆସନ ମଧ୍ୟରୁ ଆସିକାରେ ସାଧାରଣ ଲୋକମାନେ ଏବେ ଭୋଟ ଅପେକ୍ଷା ନିଜେ ଭୋଗୁଥିବା ସମସ୍ୟାକୁ ନେଇ ଅଧିକ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି। ଏହି ଲୋକ ସଭା କ୍ଷେତ୍ର ଅଧୀନରେ ଆସୁଥିବା ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି ବିଧାନସଭା କ୍ଷେତ୍ରର ଅଧିକାଂଶ ଲୋକ ଦାଦନ ଏବଂ କୃଷି କାର୍ଯ୍ୟ କରି ନିଜ ଜୀବିକା ନିର୍ବାହ କରିଥାନ୍ତି। ଲୋକେ ସ୍ଥାନୀୟ ଅଞ୍ଚଳରେ କୌଣସି ବଡ଼ ଫ୍ୟାକ୍ଟ୍ରି କିମ୍ବା କାମ କରିବା ଭଳି ଅନ୍ୟ କୌଣସି ସୁବିଧା ନ ପାଇବା କାରଣରୁ ସୁରଟ ଯାଇ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ଅନ୍ୟ ଯେଉଁମାନେ କୃଷି କାର୍ଯ୍ୟ ଉପରେ ନିର୍ଭର କରି ବଞ୍ଚିବାକୁ ଚେଷ୍ଟା କରୁଛନ୍ତି ସେମାନେ ମୁଖ୍ୟତଃ ଭାଗଚାଷୀ। ସେମାନେ ଉପଯୁକ୍ତ ଜଳସେଚନ ବ୍ୟବସ୍ଥା ନ ପାଇବା କାରଣରୁ ନିଜ ଗୁଜୁରାଣ ମେଣ୍ଟାଇବାରେ ନାନା ସମସ୍ୟା ଭୋଗୁଥିବା ଧରିତ୍ରୀ ଟିମ୍‌କୁ ମତ ଦେଇଛନ୍ତି। ଯେଉଁଥିପାଇଁ ଅନେକ ଅଞ୍ଚଳର ଯୁବକ ଓ ସାଧାରଣ ଲୋକ ନିର୍ବାଚନ ପ୍ରକ୍ରିୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ଚେଷ୍ଟା କରୁଥିବା ଲକ୍ଷ୍ୟ କରାଯାଇଛି। ଏପରି କି ଧରିତ୍ରୀ ଟିମ୍ କେତେଜଣ ଲୋକଙ୍କୁ ଭେଟି କେଉଁ ଦଳରୁ କିଏ ଏମ୍‌ପି ପ୍ରାର୍ଥୀ ହୋଇଛନ୍ତି ପଚାରିଥିଲା। ହେଲେ ପ୍ରାର୍ଥୀଙ୍କ ନାମ କହିବାରେ ବହୁ ଲୋକ ଅସମର୍ଥ ହୋଇଥିଲେ।

ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପିତଳ ପଞ୍ଚାୟତର ରାଜେନ୍ଦ୍ର ନାହାକ ଶନିବାର ମଧ୍ୟାହ୍ନ ୧୨ଟାରେ ପ୍ରାୟ ୭ରୁ ୮ କେଜି କୁନ୍ଦୁରି ନିଜ ବଗିଚାରୁ ତୋଳି ଆଣି ରାସ୍ତାକଡ଼ରେ ବିକ୍ରି କରୁଥିଲେ। ତାଙ୍କ ସହ ଯୋଗାଯୋଗ କରି ସ୍ଥାନୀୟ ଅଞ୍ଚଳର ସମସ୍ୟା ବିଷୟରେ ପଚାରିବାରୁ ସେ କହିଛନ୍ତି, ତାଙ୍କ ପଞ୍ଚାୟତରେ ସରକାରଙ୍କ ତରଫରୁ ଗୋଟେ ଶ୍ମଶାନ ଏବଂ ସ୍ଥାନୀୟ ଅଞ୍ଚଳର କାହାର ବିବାହ କିମ୍ବା ଅନ୍ୟ କୌଣସି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏକ କଲ୍ୟାଣ ମଣ୍ଡପ କରିବା ପାଇଁ ବହୁ ଦାବି ହେଉଥିଲେ ସୁଦ୍ଧା ସ୍ଥାନୀୟ ନେତା ତାହା କରାଇପାରି ନାହାନ୍ତି। ସେ ଭାଗ ଚାଷ କରି ନିଜ ପରିବାରକୁ ପ୍ରତିପୋଷଣ କରୁଛନ୍ତି। ହେଲେ ଚାଷ କାର୍ଯ୍ୟ ପାଇଁ ଯେତିକି ସୁବିଧା ପାଇବା କଥା ତାଙ୍କୁ ସେଭଳି କିଛି ମିଳୁନାହିଁ। ସୁରଟରେ କାମ କରିବାକୁ ଯିବା ପାଇଁ ମଧ୍ୟ ତାଙ୍କର ଆଉ ବୟସ ନାହିଁ। ତେଣୁ ଯେନତେନ ନିଜ ଗୁଜୁରାଣ ମେଣ୍ଟାଉଥିବା ରାଜେନ୍ଦ୍ର କହିଛନ୍ତି। ରାଜେନ୍ଦ୍ରଙ୍କୁ ଦେଖା କରିବା ପରେ ତାଙ୍କଠାରୁ ପ୍ରାୟ ୧ କି.ମି. ଆସିକା ନିର୍ବାଚନ ମଣ୍ଡଳୀ ଆଡ଼କୁ ଯିବା ସମୟରେ ଆଖୁରସ ବିକ୍ରି କରୁଥିବା ବ୍ରାହ୍ମଣସାହି ପଞ୍ଚାୟତର ୪୫ ବର୍ଷ ବୟସ୍କ ଟୁନା ବେହେରାଙ୍କ ସହିତ କଥା ହୋଇଥିଲୁ। ଏହି ସମୟରେ ଟୁନା କହିଥିଲେ, ସେ ଦିନକୁ ପ୍ରାୟ ୭୦୦ରୁ ୮୦୦ ଟଙ୍କାର ଆଖୁରସ ବିକ୍ରି କରୁଛନ୍ତି। ସେଥିରୁ ତାଙ୍କ ଖର୍ଚ୍ଚ ଯାଇ ସେ ଦିନକୁ ୩୦୦ରୁ ୪୦୦ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ କହିବା କଥା ଅନ୍ୟ କୌଣସି ଚାଷ କେବେ କରିହେଉନାହିଁ। ଭାଗରେ ଧାନ ଚାଷ କଲେ ଭରଣକେ ୧୫ ନଉତି ଧାନ ଜମି ମାଲିକ ନେଇଯାଉଛନ୍ତି। ଚାଷ ଯଦି ଆଖିଦୃଶିଆ ହୁଅନ୍ତା ତେବେ କିଛି ଲାଭ ମିଳନ୍ତା। ହେଲେ ଜମିକୁ ଜଳସେଚନର ସେଭଳି କୌଣସି ବ୍ୟବସ୍ଥା ନ ଥିବାରୁ ଚାଷ ମଧ୍ୟ ଠିକ୍ କରିହେଉନାହିଁ। ସେହିପରି ଆଉ କିଛି ବାଟ ଆଗକୁ ଯିବା ପରେ ଆସିକା ନିର୍ବାଚନମଣ୍ଡଳୀର ଖଣ୍ଡଦେଉଳି ପଞ୍ଚାୟତର ରାସ୍ତାରେ ପରିବା ବିକ୍ରି କରୁଥିବା ଶମ୍ଭୁ ଗୌଡ଼ଙ୍କୁ ଭେଟିଥିଲୁ। ଶମ୍ଭୁ ମଧ୍ୟ ଦାଦନ ଖଟିବାକୁ ସୁରଟ ଯାଆନ୍ତି। ଖରାଦିନ କାରଣରୁ ସେ ଏବେ ଗାଁକୁ ଆସିଛନ୍ତି। ତେଣୁ ବାପାଙ୍କ ସହ ମିଶି ସେ ଏବେ ପରିବା ଦୋକାନରେ ବସିଛନ୍ତି। ସ୍ଥାନୀୟ ଅଞ୍ଚଳର ରାଜନୈତିକ ସ୍ଥିତି ବିଷୟରେ ପଚାରିବାରୁ ସେ କହିଛନ୍ତି, ଆମ ଗାଁରେ ଶହେରୁ ଅଧିକ ଜଣ ସୁରଟ ଯାଇ ସୂତାକଳରେ କାମ କରୁଛନ୍ତି। ସେଠାରେ କାମ କଲେ ମାସକୁ ୧୫ରୁ ୧୬ ହଜାର ଟଙ୍କା ମିଳୁଛି। ରାଜନୀତିରେ ଯେଭଳି ହିଂସା ଘଟୁଛି, ସେଥିରୁ ନିଜକୁ ଦୂରେଇ ରଖିବା ଉଚିତ ମନେ କରି ସେସବୁରେ ମୁଣ୍ଡ ପୂରାଉନାହୁଁ। ସେହିପରି ଭେଟନଈ ପଞ୍ଚାୟତର ସୁଧାକର ବେହେରାଙ୍କ ସହ ଆଲୋଚନା କରିବା ପରେ ସେ କହିଛନ୍ତି, ସେ ଚାଷୀଙ୍କଠାରୁ ଆଖୁ କିଣି ଆଣି ବଜାରରେ ବିକ୍ରି କରି କିଛି ଅର୍ଥ ପାଇଥାନ୍ତି। ସେ ମଧ୍ୟ ସୁରଟର ସୂତାକଳରେ କାର୍ଯ୍ୟ କରୁଛନ୍ତି। ଖରା ଯୋଗୁ ଏବେ ସେ ଗାଁକୁ ଆସିଛନ୍ତି। ଏଠି ଭାଗଚାଷର ସ୍ଥିତି ଯାହା, ତାହାଠାରୁ ଭଲ ସୁରଟରେ ଏହି କାମ କରିବା ବୋଲି ସେ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ବିକାଶ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ରାଜ୍ୟ ସରକାର ଅନେକ ବିକାଶ କରିଛନ୍ତି। ହେଲେ ତଳସ୍ତରରେ ବହୁତ କିଛି ଅସୁବିଧା ହେଉଛି, ଯେଉଁଥିପାଇଁ ସରକାରୀ ଲାଭ ପାଇବାରେ ସମସ୍ୟା ହେଉଛି। ଆସିକା ସହରରେ ଥିବା ହସ୍ପିଟାଲକୁ ସରକାର ବହୁତ ସୁନ୍ଦର ଭାବେ କରିଛନ୍ତି। ହେଲେ ମଳିମୁଣ୍ଡିଆ ଦେଖିଲେ ଡାକ୍ତରମାନେ ସାଧାରଣ ଚିକିତ୍ସା ମଧ୍ୟ ଯେମିତି କରିବା କଥା ତାହା କରୁନାହାନ୍ତି। ହସ୍ପିଟାଲରେ ଡାକ୍ତର ଯେତିକି ରହିବା କଥା ନାହାନ୍ତି। ସେହିପରି ହିଞ୍ଜିଳି ନିର୍ବାଚନମଣ୍ଡଳୀରେ ଧାନ ମିଲ୍ କରିଥିବା ଅରୁଣ କୁମାର ସାବତ କହିଛନ୍ତି, ହିଞ୍ଜିଳିରେ ବର୍ତ୍ତମାନ ଅନେକ କିଛି ବିକାଶ ହୋଇଛି। ଏଠାରେ ହସ୍ପିଟାଲ, ଇନ୍‌ଡୋର ଷ୍ଟାଡିୟମ, ଆଉଟ୍‌ଡୋର୍ ଷ୍ଟାଡିୟମ, ଉଚ୍ଚକୋଟୀର ରାସ୍ତା ହୋଇଛି। ହେଲେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରହିଯାଇଛି। ଯେପରିକି ଚାଷୀଙ୍କ ପାଇଁ ଲିଫ୍ଟ ପଏଣ୍ଟ ହେବା ନିତାନ୍ତ ଆବଶ୍ୟକ ରହିଛି। କାରଣ ଏଠାକାର ୭୦ ପ୍ରତିଶତ ଚାଷୀ ପରିବାରର। ହସ୍ପିଟାଲ ଭଲ ହୋଇଥିଲେ ବି ଡାକ୍ତର ଅଭାବ ରହିଛି। ରାଜ୍ୟ ସରକାର ଆଣିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସବୁ ବର୍ଗର ଲୋକଙ୍କ ପାଇଁ ଆବଶ୍ୟକତା ଅଛି। ଏହିଭଳି ଆସିକା ଲୋକ ସଭା ଆସନ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ଏକାଧିକ ଲୋକଙ୍କ ସହ ଆଲୋଚନା କରିବା ପରେ ରୋଜଗାର ଏବଂ ଜଳସେଚନ ଉପରେ ବିଶେଷ ଧ୍ୟାନ ଦେବା ଉପରେ ସ୍ଥାନୀୟ ପ୍ରତିନିଧି ଏବଂ ସରକାର ଚିନ୍ତା କରିବାର ଆବଶ୍ୟକତା ଥିବା ନେଇ ସେମାନେ ମତ ଦେଉଛନ୍ତି।

ଆସିକା ଲୋକ ସଭା କ୍ଷେତ୍ର ଅଧୀନ ୭ ବିଧାନସଭା କ୍ଷେତ୍ରର ରାଜନୈତିକ ସ୍ଥିତି ଅନୁଧ୍ୟାନ ପାଇଁ ପ୍ରଥମେ ଗତ ଶୁକ୍ରବାର ଖଲ୍ଲିକୋଟ ନିର୍ବାଚନମଣ୍ଡଳୀର ଲୁଙ୍ଗର ପଞ୍ଚାୟତରେ ପହଞ୍ଚିଥିଲୁ। ଏହାପରେ ଖଲ୍ଲିକୋଟଠାରୁ ପୁରୁଷୋତ୍ତମପୁର ବ୍ଲକ, ହିଞ୍ଜିଳି, ଆସିକା, ସାନଖେମୁଣ୍ଡି, ସୋରଡା ଅଞ୍ଚଳର ବିଭିନ୍ନ ସ୍ଥାନ ପର୍ଯ୍ୟାୟକ୍ରମେ ବୁଲିଥିଲୁ। ହେଲେ କୌଣସି ସ୍ଥାନରେ ବି ଲୋକମାନେ ଭୋଟ ନେଇ ଆଲୋଚନା କରିବାକୁ ଆଗ୍ରହ ଦେଖାଇ ନ ଥିଲେ। କୌଣସି ଗାଁରେ ୨୦୧୯ ନିର୍ବାଚନ ଭଳି ଏଥର ପୋଷ୍ଟର, ବ୍ୟାନର, ଦଳୀୟ ପତାକା ମଧ୍ୟ ସେତେଟା ଦେଖିବାକୁ ମିଳି ନ ଥିଲା। ନିର୍ବାଚନୀ ଭୋଜିଭାତ ଏବଂ କ୍ୟାମ୍ପେନିଂ ପ୍ରତି ଲୋକଙ୍କର ସେତେଟା ଉତ୍ସାହ ଥିବା ଭଳି ମନେ ହେଲାନାହିଁ। ଅଧିକାଂଶ ଲୋକ ଲୋକ ସଭା ପ୍ରାର୍ଥୀ କିଏ ଓ ସେ କେଉଁ ଦଳର ସେକଥା ମଧ୍ୟ ଜାଣିବାକୁ ଆଗ୍ରହୀ ନୁହନ୍ତି। ଗଣମାଧ୍ୟମରୁ ଆସିଛୁ, କିଛି ଖବର ସଂଗ୍ରହ କଥା କହିଲେ ସେଥିରୁ ମଧ୍ୟ ନିଜକୁ ଅନେକେ ଦୂରେଇ ରଖୁଛନ୍ତି। ହିଞ୍ଜିଳି ମ୍ୟୁନିସିପାଲିଟି ଅଞ୍ଚଳର ୱାର୍ଡ ନଂ.୧ର ବିଜୟ କୁମାର ସାବତଙ୍କୁ ଭେଟିବାରୁ ସେ କହିଛନ୍ତି, ଏଥର ନିର୍ବାଚନ ପରିବେଶ ସାମାନ୍ୟ ଗରମ ଅଛି। ଗତଥର ଭଳି ବିଜୟୀ ପ୍ରାର୍ଥୀଙ୍କ ବ୍ୟବଧାନ ସେତେଟା ରହି ନ ପାରେ। କାରଣ ଅନେକ ଲୋକ ଏବେ ଫୋନ ମାଧ୍ୟମରେ ବିଭିନ୍ନ ଦଳର କ୍ୟାମ୍ପେନିଂ ଦେଖି ସାମାନ୍ୟ ପରିବର୍ତ୍ତନ ହୋଇଛନ୍ତି। ହେଲେ ଯୁବକମାନେ ବିଭିନ୍ନ ସ୍ଥାନରେ ଘଟୁଥିବା ହିଂସାକାଣ୍ଡକୁ ଦେଖି ନିର୍ବାଚନଠାରୁ ନିଜକୁ ଦୂରେଇ ରଖୁଛନ୍ତି। ସାଧାରଣ ଲୋକମାନେ ମଧ୍ୟ ଏଥର ବହୁତ ନୀରବ ଅଛନ୍ତି। ଫଳାଫଳ ବାହାରିଲେ ସବୁ କିଛି ଜଣାପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶନିବାର ସନ୍ଧ୍ୟା ୫ଟା ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ପ୍ରଚାର ଶେଷ ହୋଇଛି। ପୋଲିଂ ଅଫିସରମାନେ ମଧ୍ୟ ନିଜ ନିଜ ସ୍ଥାନରେ ପହଞ୍ଚି ସାରିଛନ୍ତି। ତେଣୁ ୨୦ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ସବୁ ଆଡ଼େ ଯାଞ୍ଚ କଡ଼ାକଡ଼ି କରାଯାଉଛି। ଲୁଙ୍ଗୁର ଗାଁର ଦିଲୀପ କୁମାର ପାହାନଙ୍କ ହତ୍ୟାକାଣ୍ଡ ପାଇଁ ପୋଲିସ ତରଫରୁ ଆସିକାର ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ କରାଯାଇଛି।

# ‘୨୧ ରୁ ୨୧ ଲୋକସଭା ଆସନ ଜିତିବ ଭାଜପା’

**ଭୁବନେଶ୍ୱର, ୧୮।୫(ଅସମାପିକା ସାହୁ)**

ଓଡ଼ିଶାରୁ ଭାଜପା ୨୧ରୁ ୨୧ ଲୋକସଭା ଆସନ ଜିତିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଭୁବନେଶ୍ୱର ଲୋକସଭା କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେଇ ସେ ଏହା କହିଛନ୍ତି। ଧର୍ମେନ୍ଦ୍ର କହିଥିଲେ, ବିଗତ ୨୪ ବର୍ଷ ଧରି ବିଜେଡିକୁ ଆପଣମାନେ ଶାସନ ଦାୟିତ୍ୱ ଦେଇଛନ୍ତି। ଏଥର ଭାଜପାକୁ ଆଶୀର୍ବାଦ ଦେଲେ ଆମ୍ଭେ ଓଡ଼ିଶାକୁ ୧ ନମ୍ବର ରାଜ୍ୟ କରିବୁ। ଏଠାରେ ଆଜି ମଧ୍ୟ ୨୪ ଘଣ୍ଟିଆ ବିଜୁଳି ସୁବିଧା ନାହିଁ। ଏପରିସ୍ଥଳେ ବିଜେଡି ରାଜ୍ୟବାସୀଙ୍କୁ ମାଗଣା ବିଜୁଳି କେମିତି ଦେବ ବୋଲି ପ୍ରଶ୍ନ କରିଛନ୍ତି। ଭାଜପା ସରକାର ଆସିଲେ ବିଜୁଳି ପାଇଁ ପ୍ରତି ଘରେ ୭୫ ହଜାର ଟଙ୍କା ବ୍ୟୟରେ ସୋଲାର ପ୍ୟାନେଲ ଲଗାଇବ। ଭୁବନେଶ୍ୱର ବସ୍ତିବାସିନ୍ଦାଙ୍କୁ ଆଜି ଯାଏ ରାଜ୍ୟ ସରକାର ସ୍ଥାୟୀ ପଟ୍ଟା ଦେଇ ନାହାନ୍ତି। କେବଳ ଗୋଟିଏ କାଗଜ ଦେଇଛନ୍ତି। ୨୪ବର୍ଷ ହେଲା ସାମାନ୍ୟ ପଟ୍ଟା ଖଣ୍ଡେ ଦେଇପାରୁନାହାନ୍ତି, ସେମାନେ ଏବେ ବିଜୁଳି ମାଗଣା ଦେବୁ ବୋଲି କହୁଛନ୍ତି। ଗୁମାସ୍ତା ରାଜନୀତି ଛାଡ଼ିବା ପରିବର୍ତ୍ତେ ଲୁଟ୍ ନୀତି କରିବା ଛାଡ଼ିଲେ ଭଲ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ରଙ୍କ ସହ ଏହି ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏବଂ ଭୁବନେଶର ସାଂସଦ ଅପରାଜିତା ଷଡ଼ଙ୍ଗୀ ଭୁବନେଶର କାର୍ଯ୍ୟକର୍ତ୍ତା ବୈଠକରେ ଯୋଗ ଦେଇଥିଲେ।

# ଶ୍ରୀମନ୍ଦିରକୁ ନେଇ ମିଛ କହୁଛି ଭାଜପା: ଭୃଗୁ ବକ୍ସିପାତ୍ର

**ଭୁବନେଶ୍ୱର, ୧୮।୫ (ବନ୍ଦନା ସେଠୀ)**

ଅଶାଳୀନଶବ୍ଦପ୍ରୟୋଗକରିଓଡ଼ିଶାବାସୀଙ୍କୁ ଅପମାନିତ କରିବା ଏବଂ ଓଡ଼ିଶା ସଂସ୍କୃତିକୁ ନଷ୍ଟ କରିବା ଭାଜପାର ସଂସ୍କୃତି। ବିଜେଡି କେବେ ମଧ୍ୟ ଏଭଳି ଶବ୍ଦ ପ୍ରୟୋଗ କରେନାହିଁ। ଓଡ଼ିଶାର ସଂସ୍କୃତିକୁ ବିଜେଡି ସର୍ବଦା ଅନୁସରଣ କରେ ବୋଲି ଶନିବାର ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର ଓ ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର କହିଛନ୍ତି। ଭାଜପା ପ୍ରତିଦିନ ନୂଆନୂଆ ଡ୍ରାମା କରୁଛି। ଟୁରିଷ୍ଟ ନେତାଙ୍କୁ ଯାହା ଲେଖା ଧରାଇ ଦିଆଯାଉଛି, ସେମାନେ ଶୁଆ ଭଳି ଗାଉଛନ୍ତି। ଶ୍ରୀମନ୍ଦିରକୁ ନେଇ ଭାଜପା ନେତାମାନେ ମିଛ କହୁଛନ୍ତି। ମହାପ୍ରଭୁଙ୍କୁ ନେଇ ହୀନ ରାଜନୀତି କରିବା ସହ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ବକ୍ସିପାତ୍ର କହିଛନ୍ତି, ଭାଜପା ନେତା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ସାଢେ ୪ହଜାର କୋଟି ଖର୍ଚ୍ଚ ହୋଇଥିବା କହୁଛନ୍ତି। ମାତ୍ର ବାସ୍ତବରେ ଏହି ପ୍ରକଳ୍ପ ପାଇଁ ୩୨୫କୋଟି ଟଙ୍କା ହିଁ ଖର୍ଚ୍ଚ ହୋଇଛି। ଅବଢା ଯୋଜନାରେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଏକାଧିକ ଉନ୍ନୟନ ପ୍ରକଳ୍ପ ବାବଦକୁ ୪୨୦୦କୋଟି ଟଙ୍କା ବ୍ୟୟବରାଦ ରହିଛି, ଯାହାର କାର୍ଯ୍ୟ ଏବେ ମଧ୍ୟ ଜାରି ରହିଛି। ମାତ୍ର ଭାଜପା ନେତାମାନେ ଜାଣିଶୁଣି ବିଭ୍ରାନ୍ତି କରୁଛନ୍ତି। ସେହିପରି ଟୁରିଷ୍ଟ ନେତାମାନଙ୍କର ଓଡ଼ିଶା ବାବଦରେ କିଛି ଧାରଣା ନାହିଁ। ଆଉ ୧୫ଦିନ ପରେ ସେମାନଙ୍କର ଦେଖା ମିଳିବ ନାହିଁ। ଏହାବାଦ୍ ରତ୍ନଭଣ୍ଡାର ଖୋଲିବା

**ବିଜେଡି ସର୍ବଦା ଓଡ଼ିଶାର ସଂସ୍କୃତିକୁ ଅନୁସରଣ କରେ**

ନେଇ ବିଭ୍ରାନ୍ତି ସୃଷ୍ଟି କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଆସନ୍ତା ଜୁଲାଇରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲୁଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ କମିଟି ଗଠିତ ହୋଇଛି। ଏହି କମିଟି ତା’ର ପ୍ରାରମ୍ଭିକ ବୈଠକ କରି ସାରିଛି। ଭାଜପା ନେତାଙ୍କ ହାତରେ ୨୦୨୪ ନିର୍ବାଚନ ପାଇଁ କୌଣସି ପ୍ରସଙ୍ଗ ନ ଥିବାରୁ ସେମାନେ ନୂଆନୂଆ ଡ୍ରାମା କରିଚାଲିଛନ୍ତି। ତେଣୁ ଏଭଳି ମିଛ କହି ମହାପାପ କରୁଥିବାରୁ ମହାପ୍ରଭୁଙ୍କ ନିକଟରେ ସେମାନେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବକ୍ସିପାତ୍ର କହିଛନ୍ତି।

## ଗଞ୍ଜାମ ଜିଲାରେ ସରିଲା ପ୍ରଚାର


ଗଞ୍ଜାମ ଜିଲାର ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁଣ୍ଡମରାଇରେ ଶନିବାର କଂଗ୍ରେସ ପ୍ରାର୍ଥୀ ରମେଶ ଜେନା ପ୍ରଚାର କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)


ଗଞ୍ଜାମ ଜିଲାର ହିଞ୍ଜିଳିରେ ଶନିବାର ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଭଜରାମ ସାବତ ପ୍ରଚାର କରୁଛନ୍ତି।



ଗଞ୍ଜାମ ଜିଲାର ହିଞ୍ଜିଳିରେ ଶନିବାର ବିଜେଡିର ଶଙ୍ଖ ଆକୃତିର ପ୍ରଚାର ଗାଡ଼ି।

# ଚ୍ୟାଲେଞ୍ଜ ହୋଇଛି ଧାନର ଅଭାବୀ ବିକ୍ରି

**ବରଗଡ଼ରୁ ଅନିଲ ଦାସ, ୧୮।୫**

## ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ

ଖରାତାତି ସାଙ୍ଗକୁ ବଢ଼ିଚାଲିଛି ନିର୍ବାଚନୀ ଉଷ୍ମତା। ଆଉ ଦିନକ ପରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ବରଗଡ଼ ସମେତ ୫ ଲୋକ ସଭା ଆସନ ଓ ୩୫ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ। ନିର୍ବାଚନ ପ୍ରଚାର ଚରମସୀମାରେ ପହଞ୍ଚିଛି। ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀରେ ପୁଳାପୁଳା ସମସ୍ୟା ଭୋଟରଙ୍କୁ ଅସ୍ତବ୍ୟସ୍ତ କରୁଛି। ଆଦିବାସୀ ବହୁଳ ଏହି ନିର୍ବାଚନମଣ୍ଡଳୀର ମୁଖ୍ୟ ସମସ୍ୟା ହେଉଛି ଧାନର ଅଭାବୀ ବିକ୍ରି। ଚାଷୀଙ୍କୁ ଉଚିତ ପ୍ରାପ୍ୟ ମିଳୁନାହିଁ। ମଣ୍ଡିରେ ଧାନ ମାସ ମାସ ଧରି ପଡ଼ିରହୁଛି। କେବଳ ଧାନ ନୁହେଁ, ଦାଦନ ସମସ୍ୟା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ମୋବାଇଲ ଇଣ୍ଟରନେଟ୍, ବେକାରି ସମସ୍ୟା ପ୍ରାର୍ଥୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପ୍ରମୁଖ ଦଳର ପ୍ରାର୍ଥୀମାନେ ଏସବୁ ସମସ୍ୟା ସମାଧାନ କରିବା ନେଇ ପୁଳାପୁଳା ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଭୋଟର ସେସବୁ ଗ୍ରହଣ କରିପାରୁନାହାନ୍ତି। ବୟସ୍କଙ୍କଠାରୁ ଆରମ୍ଭ କରି ଯୁବ ଭୋଟରଙ୍କ ମଧ୍ୟରେ ଏହାକୁ ନେଇ ପ୍ରବଳ ଅସନ୍ତୋଷ ରହିଛି। ମତଦାତାଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ପ୍ରାର୍ଥୀମାନେ ଭଳି କି ଭଳି ହୋର୍ଡିଂ ସାଙ୍ଗକୁ ରାଲି, ସଭାସମିତି ମାଧ୍ୟମରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିଲେ ମଧ୍ୟ ନିର୍ବାଚନକୁ ନେଇ ଭୋଟରଙ୍କ ମଧ୍ୟରେ ସେଭଳି ଉତ୍ସାହ ଦେଖିବାକୁ ମିଳୁନାହିଁ।

ଚଳିତ ନିର୍ବାଚନରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ପରସ୍ପରକୁ କଡ଼ା ଟକ୍କର ଦେଉଛନ୍ତି। ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀରେ ୨୦୧୯ରେ ସମସ୍ତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟଲାଭ କରିଥିଲେ ମଧ୍ୟ ଲୋକ ସଭା ଆସନ ଭାଜପା ହାତକୁ ଚାଲିଯାଇଥିଲା। ଏଠାରେ ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀ ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ। କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ଦେବତା ତୃତୀୟ ସ୍ଥାନରେ ରହିଥିଲେ। ଚଳିତ ନିର୍ବାଚନରେ ଉକ୍ତ ୩ ଦଳ ନିଜ ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରିଛନ୍ତି। ଭାଜପାରୁ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିରୁ ନବାଗତା ପରିଣୀତା ମିଶ୍ର ଏବଂ କଂଗ୍ରେସରୁ ସଞ୍ଜୟ ଭୋଇ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ପରିଣୀତାଙ୍କୁ ପ୍ରାର୍ଥୀ କରି ମହିଳା ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛି। ତେବେ ବିଜେଡିର ଏହି ଷ୍ଟ୍ରାଟେଜି କେତେଦୂର ସଫଳ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ। ଅନ୍ୟପକ୍ଷରେ କଂଗ୍ରେସ ଏହି ଲୋକ ସଭା ଆସନକୁ ନିଜ ସପକ୍ଷରେ ନେବା ପାଇଁ ପୁରୁଖା ପ୍ରାର୍ଥୀଙ୍କୁ ଭରସା କରିଛି। ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ ଏଠାରୁ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ସେ ମଧ୍ୟ ଭାଜପା ଏବଂ ବିଜେଡିକୁ କଡ଼ା ଟକ୍କର ଦେଉଛନ୍ତି। ପ୍ରମୁଖ ୩ ଦଳର ପ୍ରାର୍ଥୀ ଧାନର ଅଭାବୀ ବିକ୍ରି, ଚାଷଜମିକୁ ଜଳସେଚନ, ଦାଦନ, ବେକାରି ସମସ୍ୟା, ପାନୀୟ ଜଳ ସମସ୍ୟା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦିକୁ ପ୍ରସଙ୍ଗ କରି ନିର୍ବାଚନୀ ବୈତରଣୀ ପାର୍ ହେବାକୁ ଉଦ୍ୟମ କରୁଛନ୍ତି। ନିର୍ବାଚନ ପ୍ରଚାର ଶନିବାର ଶେଷ ହୋଇଯାଇଥିବା ବେଳେ ପ୍ରାର୍ଥୀମାନେ ଗାଁକୁ ଯାଇ ନିଜ ସମର୍ଥନରେ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ତେବେ କେଉଁ ଦଳ ଏହି ବରଗଡ଼ ଲୋକ ସଭା ଆସନକୁ ହାତେଇବ ତାହା ଆସନ୍ତା ୨୦ତାରିଖରେ ମତଦାତା ନିର୍ଦ୍ଧାରଣ କରିବେ।

## ପ୍ରାର୍ଥୀଙ୍କୁ ଭରସା ଚାଷୀ


ପ୍ରଦୀପ ପୁରୋହିତ


ସଞ୍ଜୟ ଭୋଇ

ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀରେ ଆଗଧାଡ଼ିରେ ଥିବା ୩ ରାଜନୈତିକ ଦଳ ଭାଜପା, କଂଗ୍ରେସ ଓ ବିଜେଡି ପ୍ରାର୍ଥୀମାନେ ଏହି ସମସ୍ୟାକୁ ଆଗରେ ରଖି ଚାଷୀଙ୍କ ହୃଦୟ ଜିତିବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି। ଭାଜପା ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ବିକାଶ ହେଉଛି ତାଙ୍କ ଦଳର ମୁଖ୍ୟ ପ୍ରସଙ୍ଗ। ଏଥିସହିତ ସମସ୍ତଙ୍କୁ ପିଇବା ପାଣି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇଦେବା, ଧାନ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କା ବୋନସ୍ ଦେବାକୁ ଆମେ ପ୍ରତିଶ୍ରୁତି ଦେଇଛୁ। ଆସନ୍ତା ୨ବର୍ଷ ମଧ୍ୟରେ ମା’ମାନଙ୍କ ଖାତାକୁ ବର୍ଷକୁ ୫୦ ହଜାର ଟଙ୍କା ଦେବାକୁ ମୋଦି ସରକାର ଗ୍ୟାରେଣ୍ଟି ଦେଇଛନ୍ତି। ଜିଲାରେ କାମ ନ ପାଇ ଲୋକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଉଛନ୍ତି। ସେମାନଙ୍କୁ କାମଧନ୍ଦା ଯୋଗାଇ ଦେବା, ସ୍ଥାନୀୟ ଯୁବତୀଯୁବକଙ୍କୁ ଶିଳ୍ପାନୁଷ୍ଠାନରେ ନିଯୁକ୍ତି, ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ନେଇ ପଦକ୍ଷେପ ନେବା ପାଇଁ ଭୋଟରଙ୍କୁ ପ୍ରତିଶ୍ରୁତି ଦେଉଛୁ।

ଅନ୍ୟପକ୍ଷରେ କଂଗ୍ରେସର ଲୋକ ସଭା ପ୍ରାର୍ଥୀ ହୋଇଥିବା ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ କହିଛନ୍ତି ଯେ, ଲୋକମାନେ ଆଉ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ବିଶ୍ୱାସକୁ ନେଉନାହାନ୍ତି। କଂଗ୍ରେସ ଦେଇଥିବା ଗ୍ୟାରେଣ୍ଟି ପ୍ରତି ଜନସମର୍ଥନ ବଢ଼ିବାରେ ଲାଗିଛି। ବରଗଡ଼ ହେଉଛି ଓଡ଼ିଶାର ଭାତହାଣ୍ଡି। ଏଠାରେ ଚାଷୀମାନଙ୍କର ଧାନ ବିକିବା ସମସ୍ୟା ବହୁଦିନ ଧରି ଲାଗିରହିଛି। ଦୀର୍ଘଦିନ ଧରି ମଣ୍ଡିରେ ଧାନ ପଡ଼ିରହୁଛି। ସେ ଏମ୍‌ପି ଥିଲାବେଳେ ମଧ୍ୟ ଏହି ପ୍ରସଙ୍ଗକୁ ବାରମ୍ବାର କେନ୍ଦ୍ର, ରାଜ୍ୟ ସରକାରଙ୍କଠାରେ ଉଠାଇଛନ୍ତି। ଏ ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ପାରୁନାହିଁ। କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀଙ୍କ ସମସ୍ୟା ସମାଧାନ ହେବ। ବରଗଡ଼ ଚିନିକଳ ବନ୍ଦ ହୋଇଯାଇଛି। ଶିଳ୍ପ ନାହିଁ କି ବେକାରିଙ୍କୁ ନିଯୁକ୍ତି ନାହିଁ। ହସ୍‌ପିଟାଲରେ ଡାକ୍ତର ନାହାନ୍ତି, ସ୍କୁଲରେ ଶିକ୍ଷକ ନାହାନ୍ତି। ଲୋକଙ୍କ ସମସ୍ୟା ନେଇ କଂଗ୍ରେସ ନିର୍ବାଚନ ଲଢୁଛି। ଏଥିପ୍ରତି ଜନସମର୍ଥନ ମଧ୍ୟ ବଢ଼ିବାରେ ଲାଗିଛି।

# ବିଜେଡି-ଭାଜପା ମୁଦ୍ରାର ଉଭୟ ପାର୍ଶ୍ୱ : ସଚିନ୍

ବାଲେଶ୍ୱର(ମାନସ ବିଶ୍ୱାଳ)/
ଭୋଗରାଇ(ପ୍ରଦୀପ ଦାସ), ୧୮।୫

## କଂଗ୍ରେସର ସଂକଳ୍ପ ସମାବେଶ

'ଲୋକେ ଜାଣିଗଲେଣି ବିଜେଡି ଓ ଭାଜପା ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ', ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ ତଥା ଷ୍ଟାର ପ୍ରଚାରକ ସଚିନ ପାଇଲଟ ଏହା କହିଛନ୍ତି। ବାଲେଶ୍ୱର ମିଶନପଡିଆଠାରେ ଜିଲା କଂଗ୍ରେସ ସଭାପତି ସଞ୍ଜିବ ଗିରିଙ୍କ ନେତୃତ୍ୱରେ ଆୟୋଜିତ ସଂକଳ୍ପ ସମାବେଶରେ ଯୋଗଦେଇ ସଚିନ କହିଛନ୍ତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ବାଲେଶ୍ୱର ଲୋକସଭା କ୍ଷେତ୍ର ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ସହ ସଂସଦୀୟ କ୍ଷେତ୍ରର ସମସ୍ତ ବିଧାୟକ ପ୍ରାର୍ଥୀଙ୍କ ସମର୍ଥନରେ ଭୋଟ୍ ମାଗିବାକୁ ଆସିଛି। ତେବେ ଏଠାକାର ଲୋକେ ଜାଣିଗଲେଣି ବିଜେଡି ଓ ଭାଜପା ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ। ଦୀର୍ଘଦିନ ଧରି ରାଜ୍ୟରେ ଥିବା ବିଜେଡି ସରକାର ନାମରେ ବହୁ ଅଭିଯୋଗ ରହିଛି। ଅବୈଧ ଖଣି ଉତ୍ତୋଳନ, ଚିଟ୍‌ଫଣ୍ଡ ଭଳି ବିଭିନ୍ନ ସ୍କାମର ତଦନ୍ତ ପାଇଁ ରାଜ୍ୟ ସରକାର ଆଶ୍ୱାସନା ଦେଇ ଚୁପ୍ ରହିଛନ୍ତି। ଏଥିପାଇଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ସରକାରକୁ ବଦଳାଇବା ପାଇଁ ସେମାନେ ମନବଳାଇଲେଣି। ସେହିପରି କେନ୍ଦ୍ରରେ ଭାଜପା ସରକାର ୧୦ବର୍ଷ ଧରି ରହିଛି। ସରକାର ଗଢ଼ିବା ବେଳେ ଦରଦାମ୍ ନିୟନ୍ତ୍ରଣ, ବେରୋଜଗାରୀ, କଳାଧନ ଫେରସ୍ତ, ଭ୍ରଷ୍ଟାଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ଆଶ୍ୱାସନା ଦେଇଥିଲେ। ହେଲେ ୧୦ବର୍ଷ ମଧ୍ୟରେ ଏସବୁର ରିପୋର୍ଟ ଦେଖାଇବା ପାଇଁ ସରକାରଙ୍କ ପାଖରେ ରିପୋର୍ଟ କାର୍ଡ଼ ନାହିଁ। ଯେତେବେଳେ କଂଗ୍ରେସ ସରକାର ଥିଲା ରାଜ୍ୟରେ ବଡ଼ବଡ଼ ଉଦ୍ୟୋଗ, କଳକାରଖାନା ଗଢ଼ି ଉଠିଥିଲା। ଲୋକମାନଙ୍କ ପାଇଁ ଉନ୍ନତି କରିବାର ସୁଯୋଗ ରହିଥିଲା। ଏହି ରାଜ୍ୟରେ ଜଙ୍ଗଲ, ପାଣି, କୋଇଲା ଭଳି ଖଣିଜ ପଦାର୍ଥ ଭରି ରହିଛି। କିନ୍ତୁ ଏଠାକାର ସରକାର ୨୫ବର୍ଷ ଧରି ଲୋକଙ୍କୁ ଶୋଷଣ କରିଆସୁଛନ୍ତି। କେବଳ ରାଜ୍ୟରେ ନୁହେଁ ଦେଶ ସାରା ଲୋକେ ପରିବର୍ତ୍ତନ ଚାହୁଁଛନ୍ତି।

କଂଗ୍ରେସ ଦଳ ଦେଶର ବଡ଼ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଛି। ଏହାପରେ ମଧ୍ୟ ଭାଜପା ସରକାର ଆଚରଣ ବିଧିକୁ ଆଳ କରି ଦଳର ଆକାଉଣ୍ଟ ସିଜ୍ କରିଦେଇଛି। ତଥାପି ଦୃଢ଼ଭାବେ କଂଗ୍ରେସ ଓ ଇଣ୍ଡିଆ ଆଲାଏନ୍ସ ପ୍ରାର୍ଥୀଙ୍କ ସହଭାଗିତାରେ ନିର୍ବାଚନ ଲଢୁଛୁ। ଯେଉଁଠି ନିର୍ବାଚନ ସରିଲାଣି ସେଠାରେ ଭାଜପା ପଛୁଆ ରହିଛି। ଭାଜପା ନେତାମାନେ ସେଥିପାଇଁ ଧର୍ମକୁ ନେଇ ମନ୍ଦିର ଓ ମସଜିଦ୍ ଏବଂ ହିନ୍ଦୁ ଓ ମୁସଲମାନ ସମ୍ପର୍କରେ କଥା ରଖୁଛନ୍ତି। ବିକାଶ ଓ ଲୋକଙ୍କ କଥା କହିବା ବନ୍ଦ କରିଦେଲେଣି। ଚଳିତ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଭଲ ପ୍ରଦର୍ଶନ


ଭୋଗରାଇ ହେଲିପ୍ୟାଡ୍ ପଡ଼ିଆଠାରେ ଆୟୋଜିତ କଂଗ୍ରେସର ସଂକଳ୍ପ ସମାବେଶ।

କରିବ। ବାଲେଶ୍ୱରରେ କଂଗ୍ରେସ ଜିତିବ। ଏଥିସହିତ କଂଗ୍ରେସ ସରକାରକୁ ଆସିଲେ ପ୍ରତି ଗରିବ ପରିବାରର ଆକାଉଣ୍ଟକୁ ୧ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ, ଏମ୍‌ଏସ୍‌ପି ପାଇଁ ନିର୍ଦ୍ଦିଷ୍ଟ ନିୟମ ତିଆରି କରାଯାଇ ଗ୍ୟାରେଣ୍ଟି ଦିଆଯିବ। ଦେଶରେ ୩୦ଲକ୍ଷ ଖାଲି ପଡ଼ିଥିବା ସରକାରୀ ପଦବୀ ପୂରଣ କରାଯିବ ଭଳି ସଚିନ କହିଥିଲେ। ସମାବେଶରେ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା, ବାଲେଶ୍ୱର ବିଧାନସଭା ପ୍ରାର୍ଥୀ ମୋନାଲିସା ସାମଲ, ରେମୁଣା ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା, ବସ୍ତା ବିଧାୟକ ପ୍ରାର୍ଥୀ ବିଜନ ନାୟକ, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସ, ନୀଳଗିରି ବିଧାୟକ ପ୍ରାର୍ଥୀ ଅକ୍ଷୟ ଆଚାର୍ଯ୍ୟ, ବଡ଼ସାହି ବିଧାୟକ ପ୍ରାର୍ଥୀ କ୍ଷୀରୋଦ ପାତ୍ର, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ପିସିସି ଜିଲା ଅବଜରଭର ଅଭୟ ଚହଲ, ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଜିଲା ମୁଖ୍ୟ ବିକାଶ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନୀ ପ୍ରଚାର କରିଥିଲେ।

ଏହାପରେ ଅପରାହ୍ନ ୩ଟାରେ ସଚିନ ଭୋଗରାଇ ହେଲିପ୍ୟାଡ୍ ପଡ଼ିଆଠାରେ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଆୟୋଜିତ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ସେ କହିଥିଲେ, ଦୀର୍ଘ ୨୫ ବର୍ଷ ଉକ୍ତ ଅଞ୍ଚଳର ଲୋକେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇ ଆସୁଥିଲେ ମଧ୍ୟ ସ୍ଥାନୀୟ ସମସ୍ୟା ଭରି ରହିଛି। ଏପରିକି ଚଳିତ ନିର୍ବାଚନରେ ବିଜେଡି ଓ ଭାଜପାରେ ମଧ୍ୟ କଂଗ୍ରେସର ପୂର୍ବତନ ନେତାମାନେ ପ୍ରାର୍ଥୀ ହୋଇଛନ୍ତି। ଯଦି ଭୋଗରାଇବାସୀ ତାଙ୍କୁ ଭୋଟ୍ ଦେବେ, ତେବେ କାହିଁକି ଅରିଜିନାଲ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ସ୍ଥାନୀୟ ସମସ୍ୟାର ସମାଧାନ ନ କରିବେ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଏଥିସହିତ ଭୋଗରାଇବାସୀଙ୍କୁ ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଓ ସ୍ଥାନୀୟ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ।

# ଟ୍ରେଣ୍ଡ୍ କରୁଛି 'ବାଏ ବାଏ ପାଣ୍ଡିଆନ୍', 'ଓଡ଼ିଶା ଲଭ୍‌ସ ପାଣ୍ଡିଆନ୍'

ଭୁବନେଶ୍ୱର, ୧୮।୫ (ବନ୍ଦନା ସେଠୀ)

୨୦୨୪ ସାଧାରଣ ନିର୍ବାଚନକୁ ନେଇ ଉଭୟ ବିଜେଡି ଏବଂ ଭାଜପା ନେତା ପରସ୍ପରକୁ ଦୋଷ ଲଦିବା ସହ କାଦୁଅ ଫିଙ୍ଗାଫିଙ୍ଗି ହେବା ଭଳି ଆଚରଣ କରୁଛନ୍ତି। ଏପରି ସ୍ଥିତିରେ ଶନିବାର ଭାଜପା ପକ୍ଷରୁ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ସିଧାସଳଖ ଟାର୍ଗେଟ କରାଯାଇଛି। ଭାଜପା ଓଡ଼ିଶାର 'ଏକ୍ସ' ହ୍ୟାଣ୍ଡେଲ୍‌ରେ 'ବାଏବାଏ ପାଣ୍ଡିଆନ୍' ହ୍ୟାସ୍‌ଟ୍ୟାଗ୍ ସହ ଏକ ଡେମୋ ବିମାନ ଟିକେଟ୍ ଅପ୍‌ଲୋଡ୍ କରାଯାଇଛି। ଜୁନ୍ ୪ ସନ୍ଧ୍ୟା ୭ଟାରେ ଇକୋନୋମି କ୍ଲାସ୍‌ରେ ପାଣ୍ଡିଆନ ଭୁବନେଶ୍ୱରରୁ ଚେନ୍ନାଇ ଯିବା ପାଇଁ ଏହି ଟିକେଟ୍ କଟାଯାଇଥିବା ଦର୍ଶାଯାଇଛି, ଯାହା ଏବେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଟ୍ରେଣ୍ଡ୍ କରୁଥିବା ଦେଖାଯାଇଛି। ତେବେ ସୋସିଆଲ ମିଡିଆରେ 'ବାଏବାଏ ପାଣ୍ଡିଆନ୍' ଟ୍ରେଣ୍ଡିଂ କରିବା ପରେ ବିଜେଡି ପକ୍ଷରୁ ନୂଆ ହ୍ୟାସ୍‌ଟ୍ୟାଗ୍ 'ଓଡ଼ିଶା ଲଭ୍‌ସ ପାଣ୍ଡିଆନ' ଆରମ୍ଭ କରିଛି। ଏହା ମଧ୍ୟ ଟ୍ରେଣ୍ଡ୍ କରିବା ଆରମ୍ଭ କରିଛି।

# ପ୍ରତି ଘରୁ ବିଜୁଳି ମିଟର ଖୋଲି ଦିଅନ୍ତୁ ମୁଖ୍ୟମନ୍ତ୍ରୀ: ଗୋଲକ

ଭୁବନେଶ୍ୱର, ୧୮।୫ (ବନ୍ଦନା ସେଠୀ)- ନିର୍ବାଚନ ଆସିଲେ ମିଛ ପ୍ରତିଶ୍ରୁତି ଦିଅନ୍ତି, ନିର୍ବାଚନ ସରିଲେ ସବୁକିଛି ଭୁଲି ବିଜେଡିର ନେତା ଓ ମନ୍ତ୍ରୀମାନେ ଯାଇ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାରରେ ଲିପ୍ତ ରୁହନ୍ତି ବୋଲି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। କାଳିଆ, ବିଜୁ ଯୁବବାହିନୀ, ପିଠା, ମୋ ଘର ଭଳି ଅନେକ ଯୋଜନାକୁ ବିଜେଡି ସମାଧି ଦେଇ ସାରିଛି। ଚଳିତ ନିର୍ବାଚନରେ ଦଳ ପୁଣିଥରେ ନୂଆ ମିଛ ଗପ ଶୁଣାଇବା ଆରମ୍ଭ କରିଦେଇଛି। ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ ଏବଂ ଉପଭୋକ୍ତାଙ୍କୁ ବିଜୁଳି ଦେୟ ଦେବାକୁ ପଡିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିର୍ବାଚନୀ ସଭାରେ ଘୋଷଣା କରିଛନ୍ତି। ଯଦି ଏହା ବାସ୍ତବରେ ସତ, ତେବେ ସମସ୍ତଙ୍କ ଘରୁ ବିଜୁଳି ମିଟର ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଗୋଲକ ଆହ୍ୱାନ ଦେଇଛନ୍ତି। ରାଜ୍ୟବାସୀଙ୍କ ମୌଳିକ ସମସ୍ୟାର ସମାଧାନ କରିବାରେ ବିଜେଡି ସରକାର ବିଫଳ ହେଉଥିବାବେଳେ ନିଜ ଅପାରଗତାକୁ ଲୁଚାଇବା ପାଇଁ ମୂଳ ପ୍ରସଙ୍ଗରୁ ଓହରି ଯାଉଛି ଏବଂ ଓଡ଼ିଶାବାସୀଙ୍କ ଧ୍ୟାନ ଅନ୍ୟତ୍ର କରିବାର ଅପଚେଷ୍ଟା କରୁଛି। ମୋଦି ସରକାର ଗତ ୧୦ବର୍ଷର ଶାସନରେ ଓଡ଼ିଶାକୁ ୧୮.୮୩ ଲକ୍ଷ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ମାତ୍ର ମୋଦି ଗ୍ୟାରେଣ୍ଟିରୁ ଓଡ଼ିଶାବାସୀ ବଞ୍ଚିତ ରହିଛନ୍ତି। ତେଣୁ ଦୀର୍ଘ ୨୫ ବର୍ଷର ଭ୍ରଷ୍ଟାଚାରୀ, ଦୁର୍ନୀତିଖୋର ଓ ବ୍ୟଭିଚାରୀ ବିଜେଡି ସରକାରର ଅନ୍ତ ଘଟିବ ଓ ଭାଜପା ସରକାର ଗଠନ ହେବ ବୋଲି ଗୋଲକ କହିଛନ୍ତି।

# ବାରକୋଟରେ ହେମାମାଳିନୀଙ୍କ ନିର୍ବାଚନୀ ପ୍ରଚାର


ବାରକୋଟରେ ହେମାମାଳିନୀ ନିର୍ବାଚନ ପ୍ରଚାର କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମୃଦୁଳା ଠାକୁର ପ୍ରଧାନ ଓ ଅନ୍ୟମାନେ।

ଦେବଗଡ଼, ୧୮।୫
(ଶଶାଙ୍କ ଶେଖର ଝାଙ୍କର)

## ରାଜ୍ୟରେ ଭାଜପା ସରକାର ଆସିଲେ ସବୁ ସମସ୍ୟାର ସମାଧାନ ହେବ

ଅଭିନେତ୍ରୀ, ମଥୁରାର ଲୋକ ସଭା ସଦସ୍ୟା, ବଲିଉଡ ଇଣ୍ଡଷ୍ଟ୍ରିର ଡ୍ରିମ୍ ଗର୍ଲ ହେମାମାଳିନୀ ଶନିବାର ଦେବଗଡ଼ ଜିଲା ବାରକୋଟ ଗସ୍ତରେ ଆସି ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ଦେବଗଡ଼ ବିଧାନସଭା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ପାଇଁ ପ୍ରଚାର କରିଛନ୍ତି। ବାରକୋଟ ସଦର ମହକୁମାରେ ଥିବା ଉଁରା ହାଇସ୍କୁଲ ପଡ଼ିଆରେ ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶଙ୍କ ସଂଯୋଜନା ଓ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ହେମାମାଳିନୀ ଜନସମାବେଶକୁ ସମ୍ବୋଧିତ କରିଥିଲେ। ଦେବଗଡ଼ ଜିଲାରେ ପାନୀୟଜଳର ଅଭାବ ସମେତ ବିଭିନ୍ନ ସମସ୍ୟା ଲାଗିରହିଥିବା ଦର୍ଶାଇବା ସହ ଓଡ଼ିଶାରେ ଭାଜପା ଡବଲ ଇଞ୍ଜିନ ସରକାର ଆସିଲେ ଏହି ସବୁ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଧାନସଭା ପ୍ରାର୍ଥୀ ପାଣିଗ୍ରାହୀଙ୍କ ସମେତ ଓଲିଉଡ ଅଭିନେତ୍ରୀ ତଥା ରାଜ୍ୟ ଭାଜପା ସମ୍ପାଦିକା ପିଙ୍କି ପ୍ରଧାନ, ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ରଶ୍ମିରେଖା ଦାସ ଓ ଭାଜପାର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଧାନଙ୍କ ସ୍ତ୍ରୀ ତଥା ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରିବାସହ ରାଜ୍ୟବାସୀଙ୍କ ପ୍ରତି ଅବହେଳା ଓ ଉଦାସୀନତା ପାଇଁ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ, ହରମୋହନ ପାଣି, ଫକୀର ମୋହନ ପ୍ରଧାନ, ଭାଜପା ନେତା ସତ୍ୟନାରାୟଣ ପାଣି, ନରହରି ପ୍ରଧାନ, ଭାଜପା ନେତ୍ରୀ ମାଧବୀ ଦେବୀ, ନେହା ଯୋଶୀ ଓ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଭୁତିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପୂର୍ବରୁ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଯୁବନେତା ଧର୍ମେନ୍ଦ୍ର ଦେବତା, ସୁଧୀର କୁମାର ବ୍ରହ୍ମାଙ୍କ ସମେତ ବହୁ ନେତା ଓ ନେତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ।

# ଡିଜିପି ପରିବର୍ତ୍ତନ ଦାବି କଲା ଭାଜପା

ଭୁବନେଶ୍ୱର, ୧୮।୫
(ଅନୁରାଧା ମହାରଣା)

## ପୋଲିସ ବିଜେଡିର ହାତବାରିସି ସାଜିଥିବା ସିଇଓଙ୍କୁ ଅଭିଯୋଗ



ନିର୍ବାଚନ ହାରିବା ଭୟରେ ବିଜେଡି ସରକାରୀ କଳ, ବଳର ଅପବ୍ୟବହାର କରିବା ସହ ରକ୍ତମୁଖା ହୋଇ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛି। ଏଥିରେ ପୋଲିସ ବିଜେଡିର ହାତବାରିସି ସାଜିଥିବା ଭାଜପା ଅଭିଯୋଗ ଆଣିଛି। ନିର୍ବାଚନୀ ହିଂସାକାଣ୍ଡରେ ଜଣେ ଭାଜପା କର୍ମୀଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଦଳୀୟ ପ୍ରାର୍ଥୀ ଗୁରୁତର ଅଛନ୍ତି। ଏହାସତ୍ତ୍ୱେ ପୋଲିସ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏଣୁ ତୁରନ୍ତ ଆନ୍ଧ୍ରପ୍ରଦେଶ ଭଳି ଓଡ଼ିଶାରେ ମଧ୍ୟ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ପରିବର୍ତ୍ତନ କରିବା ପାଇଁ ଭାଜପା ପ୍ରତିନିଧି ଦଳ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ଦାବି କରିଛି। ଆହୁରି ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ ଆଚରଣ ବିଧି ଆଇନର ଉଲ୍ଲଂଘନ କରି ଘସିପୁରା ନିର୍ବାଚନମଣ୍ଡଳୀର ସରକାରୀ କର୍ମଚାରୀମାନେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଭୋଟରଙ୍କୁ ଧମକ ଦେଉଛନ୍ତି। ବାଟୋ ପଞ୍ଚାୟତ ପତିତପାବନ ଏସଏଚ୍‌ଜି ଗ୍ରୁପ୍‌ର ରାଶନ ସାମଗ୍ରୀ ବିତରକ ବିନୟ କୁମାର ରାଓ ବିଜେଡି ପାର୍ଥୀ ବଦ୍ରିନାରାୟଣ ପାତ୍ରଙ୍କୁ ଭୋଟ ନ ଦେଲେ ରାଶନ କାର୍ଡ ବନ୍ଦ କରିଦେବାକୁ ହିତାଧିକାରୀଙ୍କୁ ଧମକ ଦେଉଛନ୍ତି। ବେଗୁନିଆପଡ଼ା ବ୍ଲକ ବ୍ରଜହରି ପଞ୍ଚାୟତ ଅନ୍ତର୍ଗତ କବିସୂର୍ଯ୍ୟନଗରରେ ଅନିଲ କୁମାର ପରିଡା ଓ ଯାଜପୁର ଜିଲା ଦାନଗଦି ବ୍ଲକ ଅନ୍ତର୍ଗତ ତରି ଉଚ୍ଚ ପ୍ରାଥମିକ ହାଇସ୍କୁଲର ଶିକ୍ଷକ ବସନ୍ତ କୁମାର ଦାସ ବିଜେଡି ପାଇଁ ପ୍ରଚାର କରୁଛନ୍ତି। ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଦାବି କରିଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ଗଞ୍ଜାମ, ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଆଦି ଜିଲାରେ ପ୍ରାୟ ୮୦ ବୁଥ୍‌ରେ ହିଂସା ଦେଖିବାକୁ ମିଳିଛି। ଖଲ୍ଲିକୋଟ ଶ୍ରୀକୃଷ୍ଣଶରଣପୁର ଗାଁରେ ୨୦ରୁ ୩୦ଜଣ ବିଜେଡି ଗୁଣ୍ଡାଙ୍କ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣରେ ଭାଜପା କର୍ମୀ ଦିଲୀପ ପାହାନଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣ ଦଳୀୟ କର୍ମୀ ଆହତ ହୋଇଥିଲେ। ଗୋଷାଣୀନୂଆଗାଁ ଥାନା ଆଗରେ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଡ. ପ୍ରଦୀପ ପାଣିଗ୍ରାହୀ, ଟିଟିଲାଗଡ଼ ଭାଜପା ପ୍ରାର୍ଥୀ ନବୀନ ଜୈନଙ୍କୁ ଆକ୍ରମଣ ଘଟଣାକୁ ଭାଜପା ଆଉଥରେ ଦୋହରାଇଛି। ଆଠଗଡ଼, ଭୁବନେଶ୍ୱର, ବରଗଡ଼ରେ ବିଜେଡି କର୍ମୀମାନେ ଭାଜପା କର୍ମୀମାନଙ୍କୁ ବାରମ୍ବାର ଆକ୍ରମଣ କରିଛନ୍ତି। ସେମାନଙ୍କୁ ଡରାଇ ଧମକାଇ ଚୁପ କରିବାକୁ ବିଜେଡି ଗୁଣ୍ଡାମାନେ ଚେଷ୍ଟା କରୁଥିବା ଭାଜପା ଅଭିଯୋଗ ଆଣିବା ସହ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବାକୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

# ପ୍ରମୁଖ ଦଳଙ୍କୁ କ୍ଷତି ପହଞ୍ଚାଇବେ ସ୍ୱାଧୀନ ପ୍ରାର୍ଥୀ

ଯାଜପୁର, ୧୮।୫(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଲୋକ ସଭା ଆସନ ଓ ଜିଲାର ୭ଟି ଯାକ ବିଧାନସଭା ଆସନରେ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ସମେତ ବିଏସ୍‌ପି, ଆପ୍, ଏସ୍‌ୟୁସିଆଇ, ଏନ୍‌ଏପି ପ୍ରଭୃତି ଦଳଗୁଡିକର ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ବିଶେଷକରି ଲୋକ ସଭା ଆସନ ସମେତ ଧର୍ମଶାଳା, ସୁକିନ୍ଦା ଓ କୋରେଇ ବିଧାନସଭା ଆସନ ପାଇଁ ୧୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ବିଜେଡି, ଭାଜପା ଓ କଂଗ୍ରେସ ଆଦି ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ କ୍ଷତି ପହଞ୍ଚାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

୨୦୧୯ ଯାଜପୁର ଲୋକ ସଭା ନିର୍ବାଚନରେ ପ୍ରୋଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ୪,୪୭୦, ଫ୍ରିଥଟ୍ ପାର୍ଟି ଅଫ ଇଣ୍ଡିଆ ୧,୮୦୧, ବହୁଜନ ମୁକ୍ତି ପାର୍ଟି ୨,୦୪୯, ଏସ୍‌ୟୁସିଆଇ(ସି) ୪,୯୫୦ ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀ ୧,୯୮୫ ଭୋଟ ପାଇଥିଲେ। ଏହାବାଦ ନୋଟାକୁ ୭୧୬୧ ଭୋଟ ଯାଇଥିଲା। ଗତ ନିର୍ବାଚନରେ ୮ ଜଣ ପ୍ରାର୍ଥୀ ରହିଥିଲାବେଳେ ଏଥର ୧୩ ଜଣ ପ୍ରାର୍ଥୀ ରହିଛନ୍ତି। ତେବେ ବିଜେଡି ଓ ଭାଜପା ମଧ୍ୟରେ ମୁଖ୍ୟତଃ ଲଢ଼େଇ ହେଉଥିବାବେଳେ ହାରଜିତ ବ୍ୟବଧାନ ବହୁତ କମ୍ ରହିବ ବୋଲି ଏଠାରେ ଚର୍ଚ୍ଚା ହେଉଛି।

ଗତ ନିର୍ବାଚନରେ ବଡ଼ଚଣା ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଅମର ପ୍ରସାଦ ଶତପଥୀ ମାତ୍ର ୧,୪୮୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏଠାରେ ଦଳବଦଳ ରାଜନୀତି ଶୀର୍ଷରେ ରହିଥିବାରୁ ସଚେତନ ଭୋଟରଙ୍କ ମଧ୍ୟରେ ନକାରାତ୍ମକ ଭାବନା ସୃଷ୍ଟି ହୋଇଛି। ତେଣୁ ଭୋଟର ବ୍ୟକ୍ତି ନା ଦଳକୁ ସମର୍ଥନ କରିବେ ସେ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ନୋଟା ସମେତ ସ୍ୱାଧୀନ, ବିଏସ୍‌ପି, ଅଖିଳ ଭାରତ ହିନ୍ଦୁ ମହାସଭା ଭଳି କେତେକ ଦଳ ସମୁଦାୟ ୩,୦୭୨ ଭୋଟ ପାଇଥିଲେ। କିନ୍ତୁ ଏଥର ପରିସ୍ଥିତି ବଦଳିଛି। ଏଠାରେ ବିଜେଡି, ଭାଜପା ଓ କଂଗ୍ରେସ ସମେତ ୫ ଜଣ ସ୍ୱାଧୀନ ଓ ଅନ୍ୟାନ୍ୟ ୩ ପ୍ରାର୍ଥୀଙ୍କୁ ମିଶାଇ ୧୧ ଜଣ ନିର୍ବାଚନୀ ମଇଦାନରେ ରହିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଭାବେ ହିମାଂଶୁ ଶେଖର ସାହୁ(ଲିକୁ)ଙ୍କ ବଡ଼ ସମର୍ଥକ ଗୋଷ୍ଠୀ ରହିଥିବା ନିକଟରେ ଅନୁଷ୍ଠିତ ତାଙ୍କ ସଭାସମିତି ଓ ଶୋଭାଯାତ୍ରାଗୁଡ଼ିକୁ ଦେଖିଲେ ମନେ ହେଉଛି। ହେଲେ ଗତ ନିର୍ବାଚନରେ ବିଜେଡିର ପ୍ରଣବକୁମାର ବଳବନ୍ତରାୟ(ଜିତୁ) ୧,୦୧,୩୬୪ ଭୋଟ ପାଇଥିଲେ। ଏଠାରେ ସ୍ୱାଧୀନ କିମ୍ବା ଅନ୍ୟ କୌଣସି ଦଳର ପ୍ରଭାବ ସେତେଟା ପଡ଼ି ନ ଥିଲା। ଏଥର ସେଭଳି ସ୍ଥିତି ନ ଥିବା ଅନେକେ ମତ ଦେଉଛନ୍ତି।

କୋରେଇ ବିଧାନସଭା ଆସନରେ ଗତ ନିର୍ବାଚନରେ ୭ ଜଣ ପ୍ରାର୍ଥୀ ଥିଲେ। ପ୍ରମୁଖ ଦଳଗୁଡ଼ିକୁ ବାଦ୍ ଦେଲେ ନୋଟା ସମେତ ଅନ୍ୟମାନେ ୩,୪୨୧ ଭୋଟ ହାତେଇଥିଲେ। ଏଥର ୧୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଏଥିରେ କେବଳ ସ୍ୱାଧୀନ ପ୍ରାର୍ଥୀ ୪ ଜଣ ରହିଛନ୍ତି। ତେବେ ଏଥର ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଚର୍ଚ୍ଚା ହେଉଛି। ତେଣୁ ସ୍ୱାଧୀନ ଓ ଅନ୍ୟ କେତେକ ଦଳ ପ୍ରାର୍ଥୀ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ହାରଜିତରେ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ବୋଲି ମତପ୍ରକାଶ ପାଇଛି। ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ସର୍ବାଧିକ ୧୨ ଜଣ ପ୍ରାର୍ଥୀ ରହିଛନ୍ତି। ସେଥିରୁ ୬ ଜଣ ସ୍ୱାଧୀନ ପ୍ରାର୍ଥୀ। ଗତ ନିର୍ବାଚନରେ ୧୧ ଜଣ ପ୍ରାର୍ଥୀ ରହିଥିଲେ। ପ୍ରମୁଖ ଦଳଗୁଡ଼ିକୁ ବାଦ୍ ଦେଲେ ନୋଟା ସମେତ ଅନ୍ୟମାନେ ସମୁଦାୟ ୩,୯୧୩ ଭୋଟ ପାଇଥିଲେ। ତେବେ ଗତ ନିର୍ବାଚନରେ ସ୍ୱାଧୀନ ତଥା ଅନ୍ୟ ପ୍ରାର୍ଥୀମାନେ ସେତେଟା ପ୍ରଭାବ ଦେଖାଇ ପାରି ନ ଥିଲେ। ଏଥର ମଧ୍ୟ ଏଠାରେ ବିଜେଡି ଓ ଭାଜପା ମଧ୍ୟରେ ଜୋରଦାର ଲଢ଼େଇ ହେଉଥିବାରୁ ସ୍ୱାଧୀନ ଓ ଅନ୍ୟ ପ୍ରାର୍ଥୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

# ଭାଜପା-ବିଜେଡି କଡ଼ା ଟକ୍କର

## ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

## ନିର୍ଣ୍ଣାୟକ ଭୂମିକାରେ ସ୍ୱାଧୀନ ପ୍ରାର୍ଥୀ

ଖଣ୍ଡପଡ଼ା, ୧୮।୫
(ଅଜୟ କୁମାର ମହାରଣା)


ଅନୁଭବ ପଟ୍ଟନାୟକ


ଦୁଷ୍ମନ୍ତ ସ୍ୱାଇଁ


ସାବିତ୍ରୀ ପ୍ରଧାନ


ବୈଜୟନ୍ତୀମାଳା ମହାନ୍ତି

କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଭିତରେ ଆସୁଛି ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର। ନୟାଗଡ଼ ଜିଲା ଅଧୀନ ଏହି ନିର୍ବାଚନମଣ୍ଡଳୀ ନିମନ୍ତେ ୧୦ଜଣ ବିଧାୟକ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ମଧ୍ୟ ମୁଖ୍ୟତଃ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବିଜେଡି ବିଧାୟକ ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନ ଓ ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତକୁ ଗସ୍ତ କରି ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ଶୋଭାଯାତ୍ରା, ସାଧାରଣ ସଭା ଜରିଆରେ ପ୍ରାର୍ଥୀମାନେ ଭୋଟ ଭିକ୍ଷା କରୁଛନ୍ତି। ସବୁଠି ଉଭୟ ଦଳର ପ୍ରାର୍ଥୀଙ୍କ ମାଳମାଳ ବ୍ୟାନର, ହୋର୍ଡିଂ ଓ ପୋଷ୍ଟର ଲଗାଯାଇଥିବା ବେଳେ ଅନେକଆଡ଼େ ଦଳୀୟ କାର୍ଯ୍ୟାଳୟ ଖୋଲିଛି। ତେବେ ଦୀର୍ଘବର୍ଷ ଧରି ଶାସକ ବିଜେଡି ଦଳରେ ରହି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକ ସମ୍ପର୍କକୁ ଜାରି ରଖିଥିବା ବେଳେ ଶେଷ ମୁହୂର୍ତ୍ତରେ ଦଳୀୟ ଟିକେଟରୁ ବଞ୍ଚିତ ହୋଇ ବିଦ୍ରୋହୀ (ସ୍ୱାଧୀନ) ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ମଧ୍ୟ ବିଭିନ୍ନ ପଞ୍ଚାୟତ ଗସ୍ତ କରି ସିଧାସଳଖ ଭୋଟରଙ୍କୁ ଭେଟି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଯିଏ କାର୍ଯ୍ୟ କରିବ ତାଙ୍କୁ ଭୋଟ ଦେବାକୁ କହି ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ପ୍ରାର୍ଥୀ ଅନୁଭବଙ୍କ ପାଇଁ ତାଙ୍କ ମା' ତଥା ପୂର୍ବତନ ବିଧାୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ପତ୍ନୀ ସାଗରିକା ରାୟ ପ୍ରତ୍ୟେକ ଗ୍ରାମର ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ହେଲେ ଅନୁଭବଙ୍କ ଅନେକ ସମର୍ଥକ ଏବେ ଭାଜପା ଓ ବିଜେଡି ଶିବିରରେ ଯୋଗ ଦେଇଥିବାରୁ ଖଣ୍ଡପଡ଼ା ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି।

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରେ ଅନୁଭବଙ୍କ ସଙ୍ଗଠନ ସକ୍ରିୟ ରହିଥିବାରୁ ବିଜେଡି ବିଧାୟିକା ପ୍ରାର୍ଥୀ ସାବିତ୍ରୀଙ୍କ ବିଜୟ ପଛରେ ସେ କଣ୍ଟା ସାଜିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତେବେ ପୂର୍ବତନ ନୟାଗଡ଼ ଜିଲାପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ବିଜେଡି ଟିକେଟ୍‌ରୁ ବଞ୍ଚିତ ହୋଇ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ବୈଜୟନ୍ତୀଙ୍କ ଘର ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ରୟତ ଢୋଲମରା ପଞ୍ଚାୟତରେ ହୋଇଥିବାରୁ ସେ ଖଣ୍ଡପଡ଼ା ବ୍ଲକର ପଶ୍ଚିମାଞ୍ଚଳ କୁହାଯାଇଥିବା କୁମ୍ଭାରପଡ଼ା, ରୟତ ଢୋଲମରା, ବଳଭଦ୍ରପ୍ରସାଦ ଓ କୋସ୍‌କା ପଞ୍ଚାୟତରୁ ବେଶ୍ ଜନସମର୍ଥନ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଅନୁଭବ ଓ କଂଗ୍ରେସ ପ୍ରାର୍ଥୀ ବୈଜୟନ୍ତୀ ଶାସକ ଦଳ ପ୍ରାର୍ଥୀଙ୍କ ପାଇଁ ଅଡୁଆ ବୋଲି ସମଗ୍ର ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ହେଉଛି। ଏଭଳି ପରିସ୍ଥିତିରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ କିଏ ବିଜୟୀ ହେବେ ତାହା ସମୟ କହିବ। ତେବେ ୨୪ ବର୍ଷ ଧରି ଶାସକ ଦଳ ଅକ୍ତିଆରରେ ଖଣ୍ଡପଡ଼ା ବିଧାନସଭା ଆସନ ଥିବାରୁ ଚଳିତ ନିର୍ବାଚନ ଶାସକ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଅପରପକ୍ଷେ ଶାସକ ଦଳ ହାତରୁ ଆସନଟିକୁ ଛଡ଼ାଇ ନେବା ପାଇଁ ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ ଅଣ୍ଟା ଭିଡ଼ିଥିବା ବେଳେ ସମଗ୍ର ନିର୍ବାଚନମଣ୍ଡଳୀରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ଜନହିତକର କାର୍ଯ୍ୟକୁ ନେଇ ନିର୍ବାଚନମଣ୍ଡଳୀବାସୀ ପରିବର୍ତ୍ତନର ସ୍ୱରରେ ସାମିଲ୍ ହୋଇଥିବା ଜଣାପଡ଼ିଛି। ମୋଟାମୋଟି ଦେଖିଲେ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଥିଲେ ହେଁ ସ୍ୱାଧୀନ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଚାରିଆଡ଼େ ଆଲୋଚନା ହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଶ୍ଚିମବଙ୍ଗ ରାଜଭବନର ୩ କର୍ମଚାରୀଙ୍କ ନାଁରେ ଏଫ୍‌ଆଇଆର୍

**କୋଲକାତା, ୧୮।୫:** ପଶ୍ଚିମବଙ୍ଗ ରାଜଭବନରେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ମାମଲାରେ ରାଜଭବନର ୩ ଜଣ ଅନ୍ୟ କର୍ମଚାରୀଙ୍କ ବିରୋଧରେ ସ୍ଥାନୀୟ ହରେଷ୍ଟ୍ରିଟ୍ ଥାନାରେ ଏଫ୍‌ଆଇଆର୍ ରୁଜୁ ହୋଇଥିବା ଶନିବାର କୋଲକାତା ପୋଲିସ ସୂଚନା ଦେଇଛି। ଗତ ମେ' ୨ରେ ରାଜ୍ୟପାଳ ସି.ଭି. ଆନନ୍ଦ ବୋସଙ୍କ ବିରୋଧରେ ଅଭିଯୋଗ କରିବାକୁ ପୀଡ଼ିତା ମହିଳା କର୍ମଚାରୀ ରାଜଭବନରୁ ବାହାରୁଥିବାବେଳେ ତାଙ୍କୁ ଏହି ୩ କର୍ମଚାରୀ ତାଙ୍କୁ ଭୁଲ ଉପାୟରେ ଅଟକାଇବାକୁ ଚେଷ୍ଟା କରିଥିଲେ। ପୀଡ଼ିତା ମହିଳା କର୍ମଚାରୀ ଏନେଇ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରଖିଥିବା ପୋଲିସ ସୂଚନା ଦେଇଛି।



ଆସନ୍ତା ୨୦ ତାରିଖରେ ରାଜ୍ୟରେ ୨ୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ଶନିବାର ଗଞ୍ଜାମ ଜିଲା ସୋରଡ଼ାର ଜରଡ ଛକ ନିକଟରେ ପୋଲିସ ଗାଡ଼ି ଯାଞ୍ଚ ଚଳାଇଛି। **(ଫଟୋ: ମନୋରଞ୍ଜନ ମିଶ୍ର)**


# Classified Everyday
## 0674-2580101, 2549949



### MATRIMONIAL

### BRIDE WANTED

Bride wanted for Odiya Brahmin groom Bhubaneswar based age 38, 5.11", Doctor (ENT), Divorced. Contact: 7205426354. D-176

### GROOM WANTED

Wanted well settled Odia groom 35-38yrs. for a beautiful bride M.Tech, Ph.D., caste no bar. 8917585202. D-74319

ବୟସ 35, ନିଜ business ସମ୍ଭାଳୁଥିବା ସୁନ୍ଦରୀ ବିଧବା ଏକାକୀ ରହୁଥିବା ମହିଳାଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 8984072499. D-75333



### REAL ESTATE

### SALE

**Plot sale near Pitapalli, Janla, Tamando, Bhubaneswar Rs-1299/-sqft. 6372670155.** D-75959

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75739

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟକାରେ SC Plot 2000sqft. 28,00,000/-. 9114705579. D-75956

**Developed gharabari plot at ଉତ୍ତରାଛକ ଗୁଡ଼ିଆପୋଖରୀ ଏବଂ ପିପିଲି-NH. 9337110932.** D-322

**White Colour sports model xuv 500 in excellent condition, sparingly used, single owner for immediate sale. Please Contact- 9937090690, saudagar30@gmail.com.** D-328

**Duplex sale at Bhubaneswar @ 57 lakhs only. Contact- 9777433701.** D-75958



### CONSTRUCTION

Do you want to construct your dream house, Remodelling, Extension, Core house, Fully Vastu, Architectural, Structural and 3D view with BDA approval. 7978942718, (W) 9938607290, anjane yaainfrastructures @ gmail.com. D-75814



2BHK Luxury apartment close to Sea Beach in Puri for Lease or Holiday Home. Contact Mob-8249204856. D-330



### TOURS & TRAVELS

ବାବା କେଦାରନାଥ ଓ ବଦ୍ରିନାଥ 15th ଜୁନ୍ (7 N/8 Days) ଦର୍ଶନ ପାଇଁ ଯୋଗାଯୋଗ: Spiritual Tours, ଭୁବନେଶ୍ୱର – 7978044197, 9437090931. D-74719



Relax, refresh your body, Mind by expert therapist. Contact- 9938843929. D-76122

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75740

Newly open Jyoti Spa positively health benefits (Expert Therapist). 8458067955. D-76119

Fully relaxed body massage trained therapist. Central SPA. 9556483961. D-75741

**Relax, Refresh your body, Mind at Saikrupa Spa with best therapies. 8984068077.** D-306

### LOST

Notice is hereby given to all concerned that one Balhidei Sahu @ Balhi Sahu aged about 57yrs, W/o Late Kartik Sahu, Vill- Gurunthi, P.O.- Panditgaon, P.S.- Khallikote, Dist.- Ganjam has declared that my Original SALE DEED bearing Document No.- 2551/1988 of SRO, Khallikote has been lost in Khallikote. All concerned thereof having any claim over the said Document are required to file their claim within Fifteen days from the publication of this notice, failing which, it will be presumed that the property is free from encumbrances and any claim in respect of thereof against the applicant shall be void and ineffective. D-334

ମୁଁ ସନ୍ତୋଷିନୀ ମିଶ୍ର, ସ୍ୱାମୀ- ସିତୋଷ କୁମାର ପାଣିଗ୍ରାହୀ, ନିବାସୀ- ସିଭିଲ କୋର୍ଟ ପାଖ, ବଲାଙ୍ଗୀର, ପୋ/ଜିଲ୍ଲା- ବଲାଙ୍ଗୀର ଏକ ପଞ୍ଜୀକୃତ ସେଲ୍‌ଡିଡ୍ (ଇ. ଡକ୍ୟୁମେଣ୍ଟ ନଂ.-୧୦୩୧୨୦୦୧୧୫୯ ତା ୨୬।୦୬।୨୦୨୦) ଜରିଆରେ ଏକ ଜମି କିଣିଥିଲି। ଏହାର ମୂଳ ମଧ୍ୟବର୍ତ୍ତୀ ସେଲ୍‌ଡିଡ୍ (ଆର୍‌ଏସ୍‌ଡି ନମ୍ବର ୬୬୩, ତା ୨୩।୦୩।୧୯୯୮) ଯାହା ମୋତେ ହସ୍ତାନ୍ତର କରାଯାଇଥିଲା ତାହା ମୁଁ ବଲାଙ୍ଗୀର ତହସିଲ କାର୍ଯ୍ୟାଳୟରୁ ଆସୁଥିବା ସମୟରେ କେଉଁଠି ହଜିଯାଇଛି। ବାରମ୍ବାର ଖୋଜିଲା ପରେ ମଧ୍ୟ ଏହା ମିଳିନାହିଁ। ଯଦି କେହି ଉକ୍ତ ଡକ୍ୟୁମେଣ୍ଟ ପାଆନ୍ତି, ତେବେ ଆଡ୍‌ଭୋକେଟ୍ ଆଶୁତୋଷ ପଟ୍ଟନାୟକଙ୍କ ମୋବାଇଲ ନଂ.- 7008043907 ସହିତ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୩୨୭

### AFFIDAVIT

I, Suryakanta Samal, Son of Jagabandhu Samal, At- Kanpur, P.O.- Maliancha, Dist.- Kendrapara sworn an affidavit on dtd 17.05.24, No.-1741 before Notary Public, Bhubaneswar, I hereby declare that Suryakanta Samal & Suryakant Samal is one and same person i.e. myself. D-325

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LEGAL NOTICE

IN THE COURT OF THE CIVIL JUDGE, SR. DIVISION, CHATRAPUR, GM. C.S. 90/2022

Sri Purna Chandra Choudhury, Aged about 55 years, S/o Late Gopinath Choudhury, Business by profession, Resident At- Rikapalli, Chatrapur, Post/P.S.- Chatrapur, Dist.- Ganjam, Odisha, PIN- 761020.

......Plaintiff

Versus

Smt. Rajani Sahu, Aged about 53 years, Household duties by profession, W/o- Bijaya Chandra Sahu, D/o Late Gopinath Choudhury, Resident of N.H-16, In front of Baya Restaurant, Chatrapur, P.O./P.S.- Chatrapur, Dist.- Ganjam, PIN-761020

.... Defendant

DRAFT PUBLICATION

Whereas the above named plaintiff in view of the Regd. Partition Deed vide Document No- 2896/1963 dated 12.08.1963 and further on family settlement between the plaintiff and defendant claimed his exclusive right, title, interest and possession over the suit schedule property and filed the present suit. Since the ROR stands recorded in the name of Jaganmohan Choudhury, Basanta Choudhury S/O Kameswar Choudhury and Subarna Choudhury W/o Kameswar Choudhury all are resident of Karini Street, Chatrapur who are alleged to be dead without any issues it needs this publication.

It is here by noticed to all concerned that the suit is posted to 24.06.2024 for filing of objection if any, failing which the case will be decided on merit.

SCHEDULE PROPERTY

A House (Shop Room) situated in the Southern Row of Main Road, Chatrapur under revenue Mouza- Chanakyapur (previously Sitarampur) in Ward No-5 (earlier ward No- 8), Tahasil Chatrapur pertaining to Khata No- 126, Plot No- 97 to and Ext. of Ac. 0.004 Decimals, more specifically measuring East to West Width 9'.10" and South to North Length 21' being bounded by to the East- House of Lingaraj Choudhury (Now purchased by G. Chinna Rao). West- House of Dinabandhu Panda (Now Brundaban Panda), North- Main Road and to the South- House of Trinath Sahu, S/o Late Hadu Sahu.

Sd./- Civil Judge, Sr. Division, Chatrapur. D-324


# ଦୋଷୀଙ୍କୁ ଦେଢ଼ ବର୍ଷ ସଶ୍ରମ କାରାଦଣ୍ଡ

## ଚେକିଂ ବେଳେ ବାଇକ୍ ଧକ୍କାରେ ସବ୍ ଇନ୍ସପେକ୍ଟରଙ୍କ ମୃତ୍ୟୁ ମାମଲା

ବାରିପଦା, ୧୮।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍(୧)ଙ୍କ କୋର୍ଟରେ ଶନିବାର ପୋଲିସ ଦ୍ୱାରା ଯାନ ଚେକିଂ ବେଳେ ବାଇକ୍ ଧକ୍କାରେ ସବ୍‌ଇନ୍ସପେକ୍ଟରଙ୍କ ମୃତ୍ୟୁ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସତ୍ୟ ନାରାୟଣ ପାତ୍ର ଏହାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ୬ମାସର କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ଦୋଷୀ ହେଲେ ବାରିପଦା ଟାଉନ ଥାନା ଅଧୀନ ସୁନମୁହିଁ ଅଞ୍ଚଳର ଦୁଃଖୀରାମ ସୋରେନ(୩୩)।

ସୂଚନାଯୋଗ୍ୟ, ୨୦୧୯ ନଭେମ୍ବର ୧୮ରେ ସ୍ଥାନୀୟ ତକତପୁର ଅଞ୍ଚଳରେ ସନ୍ଧ୍ୟାକାଳୀନ ଗାଡ଼ି ମୋଟର ଚେକିଂ ଚାଲିଥିଲା। ଏମ୍‌ପିସି ସ୍ୱୟଂଶାସିତ କଲେଜର ବାଳିକା ହଷ୍ଟେଲ ସମ୍ମୁଖରେ ଚେକିଂ ସମୟରେ ଦୁଃଖୀରାମ ଏକ ବାଇକ୍‌ରେ ଅନ୍ୟମାନଙ୍କ ସହ ଦ୍ରୁତଗତିରେ ଯାଉଥିବା ବେଳେ ଯାଞ୍ଚ ପାଇଁ ଅଟକି ନ ଥିଲେ। ଚେକିଂ ଦାୟିତ୍ୱରେ ଥିବା ବାରିପଦା ଟାଉନ ଥାନାର ତତ୍କାଳୀନ ସବ୍ ଇନ୍ସପେକ୍ଟର ଦୟାନିଧି ଦାସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ବାଇକ୍‌ଟି ତାଙ୍କୁ ଜୋରରେ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ପିଆର୍‌ଏମ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ପକ୍ଷରୁ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା (ନଂ.୩୫୩/୧୯) ରୁଜୁ କରି ଅଭିଯୁକ୍ତ ଦୁଃଖୀରାମଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ୩୬ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଏହି ଦଣ୍ଡାଦେଶ ଦେଇଛନ୍ତି। ଅତିରିକ୍ତ ପିପି କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଆଶିଷ କୁମାର ଜେନା (ବାବୁଲି)

ହଣ୍ଡପା, ଅନୁଗୋଳ

ଆବିର୍ଭାବ: ୦୨।୦୮।୧୯୬୮
ତିରୋଧାନ: ୧୯।୦୫।୧୯୯୯

ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛୁ। ତମେ ଯେଉଁଠି ବି ଥାଅନା କାହିଁକି ସବୁବେଳେ ଭଲରେ ଥାଅ।

ଜେନା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।


# ଲାଞ୍ଚ ମାମଲା: ବରିଷ୍ଠ ସହାୟକ ବହିଷ୍କୃତ

ପାରଳାଖେମୁଣ୍ଡି, ୧୮।୫ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା କାଶୀନଗର ବ୍ଲକ କାର୍ଯ୍ୟାଳୟ ଶିକ୍ଷା ବିଭାଗର ତତ୍କାଳୀନ କନିଷ୍ଠ ଆକାଉଣ୍ଟାଣ୍ଟ ତଥା ବର୍ତ୍ତମାନ କାର୍ଯ୍ୟରତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ବି. ଚନ୍ଦ୍ରଶେଖର ବେହେରା ଭିଜିଲାନ୍ସ ମାମଲାରେ ଛନ୍ଦି ହୋଇ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଲାଞ୍ଚ ଗ୍ରହଣ କାରବାରକୁ ନେଇ ମାମଲା ଚାଲୁ ରହିଥିଲା। ଶ୍ରୀ ବେହେରା କାଶୀନଗର ବ୍ଲକ କାର୍ଯ୍ୟାଳୟ ଶିକ୍ଷା ବିଭାଗରେ ଜୁନିୟର ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିବା ବେଳେ ଜଣେ ଶିକ୍ଷକଙ୍କ ପୂର୍ବ ବକେୟା ଏବଂ ବିଭିନ୍ନ ଏରିୟର ବିଲ ପାସ କରାଇବା ପାଇଁ ଲାଞ୍ଚ ଗ୍ରହଣ କରିଥିବା ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଶ୍ରୀ ବେହେରାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଅଭିଯୁକ୍ତ ଶ୍ରୀ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି। ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ୪ ମାସ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟ ଏକ ଦଣ୍ଡାଦେଶ ଅଭିଯୁକ୍ତଙ୍କ ବିରୁଦ୍ଧରେ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡାଦେଶ ତଥା ଭିଜିଲାନ୍ସ କୋର୍ଟର ଆଦେଶକୁ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଦକ୍ଷେପ ଗ୍ରହଣ ପାଇଁ ପ୍ରେରିତ କରାଯାଇଥିଲା, ଯାହାକୁ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଶ୍ରୀ ବେହେରାଙ୍କୁ ଚାକିରିରୁ ବହିଷ୍କୃତ କରିଥିବାର ଜଣାପଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## ୨୨ରେ ଲଘୁଚାପ...

କରିପାରେ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ଅଧିକ ଘନୀଭୂତ ହୋଇ ୨୪ରେ ଅବପାତରେ ପରିଣତ ହେବା ଆଶଙ୍କା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ସେପଟେ ରାଜ୍ୟରେ ଆସନ୍ତା ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ହିଟ୍ ୱେଭ ପାଇଁ ୟେଲୋ ୱାର୍ନିଂ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଜାରି କରିଛି। ୨୦ରେ ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ନୂଆପଡ଼ା, ୨୧ରେ ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସୋନପୁର, ବୌଦ୍ଧ ଓ ନୂଆପଡ଼ା ଏବଂ ୨୨ରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା, ବରଗଡ଼, ବଲାଙ୍ଗୀର, ବୌଦ୍ଧ ଓ ସୋନପୁର ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଅପରପକ୍ଷେ ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହିତ ୭ଟି ଜିଲାକୁ କାଳବୈଶାଖୀ ନେଇ ମଧ୍ୟ ସତର୍କ କରାଯାଇଛି। ତେବେ ଶନିବାର ଦାରିଙ୍ଗବାଡ଼ିରେ ସର୍ବାଧିକ ୫୬ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ୨୫.୬, ନୟାଗଡ଼ରେ ୨୮.୪ ମି.ମି. ବର୍ଷା ହୋଇଛି।

## ଆଜି ପୁଣି ଆସୁଛନ୍ତି...

୧୧ଟାରେ କଟକରେ ଜନ ସମାବେଶକୁ ଉଦ୍‌ବୋଧନ ଦେବେ। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସନ୍ତା ୨୧ ତାରିଖରେ ପୁଣି ଓଡ଼ିଶା ଆସିବେ। ସେହିଦିନ ସେ ୪ଟି ସ୍ଥାନରେ ସଭା କରିବେ। ଓଡ଼ିଶାରେ ପହଞ୍ଚିବା ପରେ ଶାହା ପ୍ରଥମେ ସମ୍ବଲପୁରରେ ବିଶାଳ ଜନସଭାକୁ ସମ୍ବୋଧନ କରିବେ। ଏହାପରେ କେନ୍ଦୁଝର, ପର୍ଲାଙ୍ଗ ଓ ନୟାଗଡ଼ ସଭାରେ ଯୋଗଦେବେ ବୋଲି ଭାଜପା ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।


## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଆଡ୍‌ୱାର୍ଲ୍ଡ**

ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ନେଟ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ୱେ ବ୍ରିଜ୍ ପାଖ

ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୭୧ ଶିବପୁରୀ
ୟୁପି-୧୭୭, ସେକ୍ଟର ୫, ନୋଏଡ଼ା
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**LOAN**

ଯେଉଁ ବ୍ୟକ୍ତିମାନଙ୍କର **Personal Loan** ଆବଶ୍ୟକ ଆମକୁ ଯୋଗାଯୋଗ କରନ୍ତୁ। ନେଇପାରିବେ **1** ଲକ୍ଷ୍ୟ ରୁ **8** ଲକ୍ଷ୍ୟ ପର୍ଯ୍ୟନ୍ତ। (**1** ଲକ୍ଷ୍ୟ ରୁ **4** ଲକ୍ଷ୍ୟ ଭିତରେ ଟଙ୍କା ନେଲେ ବର୍ଷକୁ କୌଣସି ସୁଧ ଲାଗିବ ନାହିଁ, **4** ଲକ୍ଷ୍ୟ **5** ହଜାର ରୁ **8** ଲକ୍ଷ୍ୟ ପର୍ଯ୍ୟନ୍ତ **(Loan)** ବା ଟଙ୍କା ନେଲେ ବର୍ଷକୁ **5%** ସୁଧ ଲାଗିବ)। **Whats App No: 8926340296, Contact No: 8599881631. E Mail Id: Babamani Financial Services @ g.mail.com (Age 18 To 52 Years).** ଯୋଗାଯୋଗ କରିବାର ସମୟ ସକାଳ **8**ଟାରୁ ସନ୍ଧ୍ୟା **6**ଟା।

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ଆମ ଦେଶର ଜାତୀୟ ଜଳଚର ପ୍ରାଣୀ ............. ?
୨– ନିକଟରେ ମେଘାଳୟରେ ........... ପ୍ରଥମ ମହିଳା ଡିଜିପି ଭାବେ ନିଯୁକ୍ତି ପାଇଛନ୍ତି ?
୩– ୱାର୍ଲ୍ଡ ମାଇଗ୍ରେଟୋରି ବାର୍ଡ ଡେ’ ୨୦୨୪ .................. ତାରିଖରେ ପାଳନ କରାଯାଇଛି ?
୪– ଅଜରାଖ୍ ଟେକ୍ସଟାଇଲ୍ କ୍ରାଫ୍ଟ .......... ରାଜ୍ୟର ହସ୍ତତନ୍ତ ?
୫– ନିକଟରେ ଉତ୍ତରାଖଣ୍ଡରେ ଆରମ୍ଭ ହୋଇଥିବା ପ୍ରଥମ ଆଷ୍ଟ୍ରୋ ଟୁରିଜମ୍ କ୍ୟାମ୍ପେନ୍ .......... ?

## ଗତ ଥରର ଉତ୍ତର

୧ ରୁର୍କି
୨ ମେ ୮ ତାରିଖ
୩ ଜିରୋ ଏମିଶନ୍ ଭେହିକଲ୍
୪ ପାର୍କେସାଇନ୍
୫ ମୌନା ଲୋଆ

## ଉତ୍ତରଦାତା


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ ପ୍ଲାଷ୍ଟିକ୍ ରପ୍ତାନି କରୁଥିବା ଦେଶ

୧– ଚାଇନା ................ ୧୯.୫ ବିଲିଅନ୍ ଡଲାର
୨– ଜର୍ମାନୀ................ ୯.୯ ବିଲିଅନ୍ ଡଲାର
୩– ଆମେରିକା ................ ୭.୨ ବିଲିଅନ୍ ଡଲାର
୪– ଇଟାଲୀ ................ ୩.୩ ବିଲିଅନ୍ ଡଲାର
୫– ଫ୍ରାନ୍ସ................ ୩ ବିଲିଅନ୍ ଡଲାର
୬– ପୋଲାଣ୍ଡ ................ ୨.୩ ବିଲିଅନ୍ ଡଲାର
୭– ନେଦରଲାଣ୍ଡ................ ୨.୨ ବିଲିଅନ୍ ଡଲାର
୮– ଜାପାନ ................ ୨.୨ ବିଲିଅନ୍ ଡଲାର
୯– ଜେକ୍ ରିପବ୍ଲିକ୍ ................ ୨ ବିଲିଅନ୍ ଡଲାର
୧୦– ମେକ୍ସିକୋ ................ ୨ ବିଲିଅନ୍ ଡଲାର

## ୟୁଥ୍ ଫ୍ୟାଶନ୍

# ଆଟ୍ରାକ୍ଟିଭ୍ ଲୁକ୍ ଦେବ ଜିନ୍ସ

ଜିନ୍ସ ଆଉଟ୍‌ଫିଟ୍‌ରେ ସ୍ଲିମ୍ ଲୁକ୍ କାହାକୁ ବା ଭଲ ନ ଲାଗେ! ହେଲେ କେବେକେବେ ଆବଶ୍ୟକତାଠାରୁ ଅଧିକ ପତଳା ଗୋଡ଼ ହୋଇଥିବାରୁ ଅନେକଙ୍କୁ ଜିନ୍ସ ପିନ୍ଧିଲେ ଭଲ ଦିଶି ନ ଥାଏ। ହେଲେ ଏମିତିରେ କେଉଁ ଭଳି ଜିନ୍ସ ପିନ୍ଧିଲେ ଆଟ୍ରାକ୍ଟିଭ୍ ଲୁକ୍ ପାଇ ପାରିବେ ଜାଣିରଖନ୍ତୁ...



କଲର ସହି କଣ୍ଟ୍ରାଷ୍ଟ କଲର ଟି–ଶାର୍ଟକୁ ପେୟାର କଲେ ଆଇକ୍ୟାଚି ଲାଗିଥାଏ। କାଜୁଆଲ୍ ଆଉଟ୍‌ଫିଟ୍ ଭାବେ ବ୍ୟବହାର କରିବା ଲାଗି ଏହା ବହୁତ ଭଲ।

**ଜଗର୍ସ:** କାଜୁଆଲ୍ ପ୍ୟାଣ୍ଟ ମଧ୍ୟରେ ବର୍ତ୍ତମାନ ଜଗର୍ସ ଖୁବ୍ ଡିମାଣ୍ଡରେ ଅଛି। ଏହା ଦେଖିବାକୁ ଯେତିକି ଫ୍ୟାଶନେବଲ୍ ପିନ୍ଧିବାକୁ ସେତିକି କମ୍ଫର୍ଟେବଲ୍। ଏହା ଢିଲା ହୋଇଥିବାରୁ ସ୍କିନି ଗୋଡ଼ ଲୁଚାଇବାକୁ ବେଶ୍ କାମରେ ଆସିଥାଏ। ଏଥିରେ କ୍ଲାସି ଲୁକ୍ ପାଇଁ ଟ୍ୟାଙ୍କ୍ ଟପ୍ ଏବଂ ବ୍ଲେଜରକୁ ଟିମ୍ ଅପ୍ କରିପାରିବେ। ଜଗର୍ସ ପ୍ୟାଣ୍ଟ ସହିତ ଲୁଜ୍ ଫିଟ୍ ଟି–ଶାର୍ଟ, କ୍ୟାପ୍ ଏବଂ ସ୍ନିକର୍ସ ପିନ୍ଧିଲେ ଆଇକ୍ୟାଚି ଟ୍ରାଭେଲ୍ ଲୁକ୍ ଦେଇପାରିବ।



**କାର୍ଗୋ:** ସରୁ ଗୋଡ଼ ଥିବା ଯୁବକ ହୁଅନ୍ତୁ ଅବା ଯୁବତୀଙ୍କ ପାଇଁ କାର୍ଗୋ ପ୍ୟାଣ୍ଟ ବେଷ୍ଟ ଅପ୍ସନ। ଏହାର ଢିଲା ଡିଜାଇନ୍ ଏବଂ ଅଧିକ ପକେଟ୍ ଷ୍ଟାଇଲିସ୍ ଲୁକ୍ ଦେଇଥାଏ। ଏହା ସହିତ ଯୁବକମାନେ ଉଭୟ ଟି–ଶାର୍ଟ ଏବଂ ଶାର୍ଟ ପିନ୍ଧିପାରିବେ। ସେହିପରି ଯୁବତୀମାନେ ଟି–ଶାର୍ଟ, କ୍ରପ୍ ଟପ୍ସ ଆଦି ପିନ୍ଧିଲେ ସ୍ମାର୍ଟ ଲାଗିବେ। ଏହାର ଅନେକ କଲର ଉପଲବ୍ଧ, ଯାହା ମଧ୍ୟରୁ ଲାଇଟ୍ ବ୍ରାଉନ୍, ଗ୍ରେ, ଆର୍ମି ପ୍ରିଣ୍ଟ କାର୍ଗୋ ଖରାଦିନେ କ୍ଲାସି ଲୁକ୍ ଦେବ।

**ବ୍ୟାଗି ଜିନ୍ସ:** କମ୍ଫର୍ଟେବଲ୍ ଏବଂ କୁଲ୍ ଲୁକ୍ ପାଇଁ ବ୍ୟାଗି ଜିନ୍ସ ସବୁଠୁ ଭଲ ଚଏସ୍। ଉଭୟ ଯୁବତୀ ଏବଂ ଯୁବକ ଏହି ପ୍ୟାଣ୍ଟକୁ ପିନ୍ଧିଲେ ଷ୍ଟାଇଲିଶ୍ ଓ ଟ୍ରେଣ୍ଡି ଲାଗିଥାଆନ୍ତି। ଏହାର

# ଶେୟାର ମାର୍କେଟ୍



ବର୍ତ୍ତମାନ ଶେୟାର ବଜାରରେ ମିଳୁଥିବା ଲାଭ ଅନେକଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଅଧିକ ଆକର୍ଷିତ କରୁଛି। ଯେଉଁଥିପାଇଁ ସେମାନେ ଏଥିରେ ଅଧିକ ନିବେଶ କରୁଛନ୍ତି। ହେଲେ ଅଧିକ ଲାଭ ପାଇବା ଲୋଭରେ ଅନେକେ ଠକାମିର ଶିକାର ମଧ୍ୟ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଶେୟାର ମାର୍କେଟ୍‌ରେ ନିବେଶ କରୁଥିଲେ କେତେକ ଦିଗ ପ୍ରତି ବିଶେଷ ସଜାଗ ରହିବା ଆବଶ୍ୟକ...

ଆଜିକାର ମହଙ୍ଗା ଯୁଗରେ ନିଜ ମାସିକ ଆୟ ବାଦ୍ ଅଧିକ ରୋଜଗାର ଲକ୍ଷ୍ୟରେ ଅନେକ ଯୁବପିଢ଼ି ବିଭିନ୍ନ ବିକଳ୍ପ ପନ୍ଥା ଆପଣାଉଛନ୍ତି।

**କିପରି କରିବେ ଆରମ୍ଭ:** ସର୍ବପ୍ରଥମେ ଷ୍ଟକ୍ ଏକ୍ସଚେଞ୍ଜ ସହ ରେଜିଷ୍ଟର୍ଡ ହୋଇଥିବା କୌଣସି ବିଶ୍ୱସନୀୟ ଷ୍ଟକ୍ ବ୍ରୋକରଙ୍କ ମାଧ୍ୟମରେ ନିଜର ଟ୍ରେଡିଂ ଆକାଉଣ୍ଟ ଖୋଲନ୍ତୁ। ନିବେଶ ପାଇଁ ସର୍ବଦା ଭରସାଯୋଗ୍ୟ ଏବଂ ଦୀର୍ଘସ୍ଥାୟୀ କମ୍ପାନୀ ବାଛନ୍ତୁ। ଯଦି ବ୍ରୋକରଙ୍କ ଦ୍ୱାରା ପ୍ରଥମେ ଇନ୍‌ଭେଷ୍ଟମେଣ୍ଟ କରାଉଛନ୍ତି, ତେବେ ତାଙ୍କଠାରୁ କଣ୍ଟ୍ରାକ୍ଟ ନୋଟ୍ ଏବଂ ଟ୍ରାଞ୍ଜାକ୍ସନ ଡିଟେଲ୍ସ ରଖନ୍ତୁ। କୌଣସି ସନ୍ଦେହ ହେଲେ ସ୍ପଷ୍ଟୀକରଣ ମାଗନ୍ତୁ।

**ଇଣ୍ଟରନେଟ୍‌ରୁ ହୋଇପାରନ୍ତି ଠକାମିର ଶିକାର:** ଇଣ୍ଟରନେଟ୍‌ରେ ବର୍ତ୍ତମାନ ଅନେକ ଫେକ୍ ତଥ୍ୟ ବି ଆସୁଛି। ବେଳେବେଳେ ଅଳ୍ପ ଟଙ୍କା ନିବେଶରେ ବହୁ ଅଧିକ ନିଶ୍ଚିତ ରିଟର୍ନ ଭଳି ଫେକ୍ ଖବରରେ ପ୍ରଭାବିତ ହୋଇ ଅନେକେ ତତ୍‌କ୍ଷଣାତ୍ ଟଙ୍କା ଦେଇ ଠକାମିର ଶିକାର ହୋଇଥିବା ନଜିର ରହିଛି। ତେଣୁ ଶେୟାର ବଜାର ସମ୍ପର୍କିତ କୌଣସି ତଥ୍ୟ ଇଣ୍ଟରନେଟ୍‌ରୁ ପାଇବାମାତ୍ରେ ତାହାକୁ ଭରସା କରି ଅଧିକ ପୁଞ୍ଜି ନିବେଶ କରନ୍ତୁ ନାହିଁ। ପ୍ରଥମେ ଏହା ସମ୍ପର୍କରେ କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନିଅନ୍ତୁ। ସବୁବେଳେ ନିଜ ବ୍ରୋକରେଜ୍ ହାଉସର ଟିପ୍ସ ଉପରେ ଧ୍ୟାନ ଦିଅନ୍ତୁ ଏବଂ କୌଣସି ନୂଆ କମ୍ପାନୀର ଶେୟାର ଦେଖିଲେ ଏହା





ଫେକ୍ କି ନୁହେଁ ଜାଣିବା ଲାଗି ରିସର୍ଚ୍ଚ କରନ୍ତୁ। ଏହା ଭରସାଯୋଗ୍ୟ ହୋଇଥିଲେ ହିଁ ଟଙ୍କା ନିବେଶ କରିପାରିବେ।

**ହୁଅନ୍ତୁନି ଭାବପ୍ରବଣ:** ଟଙ୍କା ନିବେଶ କରିବା ପୂର୍ବରୁ ହେଉ କିମ୍ବା ପରେ ଅଧିକ ଟଙ୍କା ମିଳିବା ଆଶା ରଖି ସମ୍ପୂର୍ଣ୍ଣ ଚୁପ୍ ରହିଯାଆନ୍ତୁ ନାହିଁ। ବାରମ୍ବାର ଏହାକୁ ଚେକ୍ କରନ୍ତୁ। ଏହାର କେବେ ରେଟ୍ କମୁଛି ଏବଂ କେବେ ବଢ଼ୁଛି ଜାଣିବା ପରେ ନିବେଶ କରନ୍ତୁ। କେବେକେବେ ହଠାତ୍ ମାର୍କେଟ୍ ପ୍ରାଇସ୍ ଡାଉନ୍ ହେଉଥିବା ଦେଖିବାମାତ୍ରେ ଭୟରେ ହେଉ ଅବା ହଠାତ୍ ହାଇକ୍ ଦେଖିଲେ ଲୋଭରେ ଅନେକେ ଶେୟାର ବିକ୍ରି କରିଦିଅନ୍ତି। ହେଲେ ତରତର କିମ୍ବା ଭାବପ୍ରବଣ ନ ହୋଇ ବୁଝି ବିଚାରି ନିଷ୍ପତ୍ତି ନେଲେ ଅଧିକ ରିଟର୍ନ ପାଇପାରିବେ। କେଉଁ ଶେୟାରରେ କେବେ ଏଣ୍ଟ୍ରି କରିବେ ଏବଂ କେବେ ବାହାରିବେ ଜାଣିଲେ ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ।

**ସଠିକ କ୍ଷେତ୍ର ବାଛନ୍ତୁ:** ଅନେକଙ୍କୁ କୌଣସି ସେକ୍ଟରରେ ଲସ୍ ହୋଇଗଲେ ହାର୍ ମାନି ତାକୁ ଛାଡ଼ିଦେବା କିମ୍ବା ହଠାତ୍ ଲାଭ ହୋଇଗଲେ ଖୁସି ହୋଇ ଉକ୍ତ ସେକ୍ଟରରେ ଅଧିକ ଇନ୍‌ଭେଷ୍ଟ କରି ଲସ୍‌ର ସାମ୍ନା ହେଉଥିବା ଦେଖିବାକୁ ମିଳେ। ତେଣୁ ପ୍ରଥମେ କେଉଁ କ୍ଷେତ୍ରରେ କେତେ ଟଙ୍କା ଇନ୍‌ଭେଷ୍ଟରେ ଆପଣ କେତେ ରିଟର୍ନ ପାଇବାର ଲକ୍ଷ୍ୟ ରଖିଛନ୍ତି ଏବଂ ସେଥିପାଇଁ କେଉଁ ସେକ୍ଟର ଠିକ୍ ରହିବ, ସେନେଇ ଭଲ ଭାବେ ରିସର୍ଚ୍ଚ କରିନିଅନ୍ତୁ। ଶେୟାର ବଜାରରେ ଉନ୍ନତି କରିବାକୁ ହେଲେ ବହୁତ ଧୈର୍ଯ୍ୟ ଏବଂ ଅପେକ୍ଷା କରିବାକୁ ପଡ଼ିଥାଏ। ଆବଶ୍ୟକତା ଅନୁଯାୟୀ ଆପଣ ଲଙ୍ଗ୍‌ଟର୍ମ କିମ୍ବା ଶର୍ଟଟର୍ମ ଇନ୍‌ଭେଷ୍ଟମେଣ୍ଟ କରିବାକୁ ଚାହୁଁଛନ୍ତି ନିର୍ଦ୍ଧାରିତ କରନ୍ତୁ। ଯଦି ସୀମିତ ଅବଧି ପାଇଁ ନିବେଶ କରିବେ, ତେବେ ଶର୍ଟ ଟର୍ମ ବାଛନ୍ତୁ। ଯଦି ଲଙ୍ଗ୍‌ଟର୍ମ ଚାହାନ୍ତି, ତେବେ ବ୍ଲୁ ଚିପ୍ ବା ବଡ଼ ଶେୟାରରେ ନିବେଶ କଲେ ଦୀର୍ଘକାଳୀନ ଅବଧିରେ ଅଧିକ ରିଟର୍ନ ପାଇପାରିବେ।

**ଷ୍ଟପ୍ ଲସ୍‌ରୁ ହୁଏ କମ୍ କ୍ଷତି:** କୌଣସି ଶେୟାରରେ ନିବେଶ କରୁଥିଲେ ନିଜର ଏକ ପ୍ରାଇଜ୍ ଟାର୍ଗେଟ୍ ସେଟ୍ କରନ୍ତୁ ଏବଂ ତାହା ପୂର୍ଣ୍ଣ ହୋଇଗଲେ ଶେୟାର ବିକ୍ରି କରି ଟଙ୍କା ନେଇ ଆସନ୍ତୁ। ଉଦାହରଣ ସ୍ୱରୂପ ଯଦି ଆପଣ ୫୦୦ ଟଙ୍କାରେ କୌଣସି ଶେୟାର କିଣିଛନ୍ତି ଏବଂ ଏହା ୬୦୦ ବା ୭୦୦ ହେଲେ ବିକିବାର ଟାର୍ଗେଟ୍ କରିଛନ୍ତି, ତେବେ ସେତିକି ହେବା ମାତ୍ରେ ଶେୟାର ବିକି ଟଙ୍କା ଉଠାଇ ନେବା ବୁଦ୍ଧିମତ୍ତାର କାମ। ହେଲେ ଯଦି ଆପଣ ଷ୍ଟପ୍ ପ୍ରାଇଜ୍‌ରେ ଇନ୍‌ଭେଷ୍ଟ କରିଛନ୍ତି ଏବଂ କୌଣସି କାରଣରୁ ଶେୟାର ଡାଉନ୍ ହୁଏ, ତେବେ ଏଥିରେ ଶେୟାରକୁ ଅଟୋମେଟିକ୍ ସେଲ୍ କରିଦିଆଯାଏ (ଅର୍ଥାତ୍ ୫୦୦ ଟଙ୍କାରୁ ୪୦୦କୁ ଖସିଲେ ତାହା ଆଉ କମିବା ପୂର୍ବରୁ ବିକ୍ରି କରିଦିଆଯାଏ), ଯାହା ଫଳରେ ଅଧିକ ଲସ୍ ହୋଇ ନ ଥାଏ।

**ରିସର୍ଚ୍ଚ କରିବା ଜରୁରୀ:** ଯେଉଁ ଶେୟାର କିଣିବାରେ ଟଙ୍କା ନିବେଶ କରୁଛନ୍ତି, ପ୍ରଥମେ ଉକ୍ତ କମ୍ପାନୀର ନେଟ୍ ଇନ୍‌କମ୍, ଗ୍ରୋଥ୍, ଇକ୍ୱିଟି ରେସିଓ ଭଳି ବିଭିନ୍ନ ଦିଗ ପ୍ରତି ପ୍ରଥମେ ରିସର୍ଚ୍ଚ କରନ୍ତୁ। କାରଣ ଏଭଳି କମ୍ପାନୀରୁ ଭଲ ରିଟର୍ନ ମିଳିବା ସହ ଅଧିକ ଲିକ୍ୱିଡିଟି ସୁବିଧା ମିଳିଥାଏ। କାରଣ ଭଲ କମ୍ପାନୀ ଅନ୍ୟ ତୁଳନାରେ ନିବେଶ ପାଇଁ ଅଧିକ ସୁରକ୍ଷିତ।





**ଲୋଭ ହୋଇପାରେ କ୍ଷତିକାରକ:** ଯେହେତୁ ଶେୟାର ମାର୍କେଟ୍‌ରେ ଇନ୍‌ଭେଷ୍ଟ କରି ଭଲ ରୋଜଗାର କରି ହେଉଛି, ତେଣୁ ଅନେକେ ଏଥିରେ ଅଧିକରୁ ଅଧିକ ନିବେଶ କରୁଛନ୍ତି। ଏମିତିକି କେହି କେହି ପରିବାର ସଦସ୍ୟ, ସାଙ୍ଗସାଥୀ କିମ୍ବା ପରିଚିତଙ୍କଠାରୁ ଟଙ୍କା ଧାର ଆଣି ମଧ୍ୟ ଏଥିରେ ନିବେଶ କରନ୍ତି। ଭଲ ଲାଭ ମିଳିଲେ ଫେରସ୍ତ କରିବାକୁ ଲକ୍ଷ୍ୟ ରଖନ୍ତି। ହେଲେ ଏଥିରେ ସବୁବେଳେ ଲାଭ– କ୍ଷତି ଲାଗି ରହିଥାଏ। ଯଦି କୌଣସି କାରଣରୁ ମାର୍କେଟ୍ ଡାଉନ୍ ହୁଏ ତେବେ ନା କେବଳ ଅଧିକ କ୍ଷତି ସହିବାକୁ ପଡେ ବରଂ ଲୋକଙ୍କୁ ଠିକ୍ ସମୟରେ ଟଙ୍କା ଦେଇ ନ ପାରିବା କାରଣରୁ ଅପଦସ୍ତ ମଧ୍ୟ ହେବାକୁ ପଡିଥାଏ।

## ଜାଣନ୍ତୁ ଦୁନିଆ

# ଯେଉଁଠି ସର୍ବଦା ମୃତ୍ୟୁ ଭୟ

ମରିବାକୁ କାହାର ବା ଡର ନ ଥାଏ! ଯେଉଁଠି ମୃତ୍ୟୁର ଭୟ ଥାଏ, ସେଠାକୁ କେହି କେବେ ଯିବାକୁ ଚାହେଁନି। ହେଲେ ପୃଥିବୀରେ ଏମିତି ବି କିଛି ସହର ଅଛି, ଯେଉଁଠିକାର ବାସିନ୍ଦାଙ୍କୁ ସବୁବେଳେ ଏହି ଭୟ ସହିତ ଜିଇବାକୁ ହୋଇଥାଏ। କାରଣ ସେଠାରେ ପ୍ରତି ମୁହୂର୍ତ୍ତରେ ଶୁଣିବାକୁ ମିଳେ ଗୋଟେ ପରେ ଆଉ ଏକ ହତ୍ୟା ଘଟଣା। ଜାଣିବା ଏଭଳି କେତେକ ମୃତ୍ୟୁର ସହର ସମ୍ପର୍କରେ...



**ଲସ୍ କ୍ୟାବସ୍:** ମେକ୍ସିକୋରେ ଥିବା ଲସ୍ କ୍ୟାବସ୍‌ରେ ରହିଛି ଅନେକ ବିଳାସପୂର୍ଣ୍ଣ ହୋଟେଲ୍, ଆକର୍ଷଣୀୟ ରେଷ୍ଟୁରାଣ୍ଟ ଏବଂ ଘର। ହେଲେ ଏହି ସୌନ୍ଦର୍ଯ୍ୟମୟୀ ସହରଟି ଜନସାଧାରଣଙ୍କ ପାଇଁ ଆଦୌ ନିରାପଦ ନୁହେଁ। କାରଣ ଏଠାରେ ପ୍ରତି ଏକ ଲକ୍ଷରେ ୧୧୧.୧୩% ଲୋକଙ୍କ ମୃତ୍ୟୁ ଘଟିଥାଏ ହତ୍ୟା କାରଣରୁ। ଯେଉଁଥିପାଇଁ ଏହାକୁ ପୃଥିବୀର ସବୁଠାରୁ ବିପଦପୂର୍ଣ୍ଣ ସହର ବୋଲି ଘୋଷଣା କରାଯାଇଛି। ଏଠାରେ ଥିବା ସମୁଦ୍ର ବେଳାଭୂମିର ଅନେକ ସ୍ଥାନରେ ଦେଖିବାକୁ ମିଳେ ରକ୍ତଛିଟା, ଯେଉଁଥିପାଇଁ ଏହାକୁ ମର୍ଡର ବିଚ୍ ବୋଲି ମଧ୍ୟ କୁହାଯାଏ। କେବଳ ଏତିକି ନୁହେଁ, ସେଠାରେ ଥିବା ବ୍ରିଜ୍‌ଗୁଡ଼ିକରେ ଅନେକ ସମୟରେ ଝୁଲନ୍ତା ଶବଗୁଡ଼ିକ ମଧ୍ୟ ଦେଖିବାକୁ ଭୟ ଲାଗିଥାଏ। ତେବେ ସେଠାରେ ଥିବା ବହୁ ସଂଖ୍ୟାରେ ଡ୍ରଗ୍ ଗ୍ୟାଙ୍ଗ୍‌ମାନଙ୍କ ମଧ୍ୟରେ ଗଣ୍ଡଗୋଳ ଏଭଳି କ୍ରାଇମ୍ ପଛର ମୂଳ କାରଣ ବୋଲି ଅନୁମାନ କରାଯାଇଥାଏ।

**କାରାକାସ୍:** ଭେନେଜୁଏଲାସ୍ଥିତ କାରାକାସ୍ ସହର ଆଭିଲା ପର୍ବତ ପାଦଦେଶରେ ଅବସ୍ଥିତ। ଏହି ସହରଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇଥିଲେ ହେଁ ଏଠାରେ ରହିବା ମଧ୍ୟ ବିପଦପୂର୍ଣ୍ଣ। କାରଣ ପୃଥିବୀର ସବୁଠୁ ବିପଦପୂର୍ଣ୍ଣ ସହର ଭାବେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ପ୍ରତି ଏକ ଲକ୍ଷ ମଣିଷରେ ୧୧୧.୧୯% ଲୋକ ହତ୍ୟାଜନିତ ମୃତ୍ୟୁବରଣ କରିଥାଆନ୍ତି। ସେଠାରେ ରାସ୍ତାରେ ମୋବାଇଲ୍ ଫୋନ୍ ଧରି ଚାଲିବା ଅର୍ଥ ବିପଦକୁ ନିମନ୍ତ୍ରଣ କରିବା। କାରଣ ସେଠାରେ ସର୍ବାଧିକ ସଂଖ୍ୟକ ପକେଟମାର, ଚୋରି, ସୁନା ଅଳଙ୍କାର ଝାମ୍ପିନେବା ଭଳି ଘଟଣା ଦେଖିବାକୁ ମିଳିଥାଏ। ତେବେ ସବୁଠୁ ଭୟଙ୍କର କଥା ହେଉଛି, ସେଠାରେ ଅପରାଧୀ ପ୍ରଥମେ ହତ୍ୟା କରନ୍ତି ଏବଂ ପରେ ଲୁଟ୍। ସୁରକ୍ଷା ଦୃଷ୍ଟିରୁ ସେଠାରେ ରାତିବେଳା ବାହାରକୁ ଯିବାକୁ ବାରଣ କରାଯାଇଥାଏ।



ଧରିତ୍ରୀ 50 Years
ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୦ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ମେ ୧୯/୨୦୨୪ | Bhubaneswar, Sunday, May 19 / 2024







# ଓଡ଼ିଶାର ଜ୍ୟୋତ୍ସ୍ନା, ପ୍ରୀତିସ୍ମିତା ଭାଗନେବେ





ଜ୍ୟୋତ୍ସ୍ନା ଶବର ଓ ପ୍ରୀତିସ୍ମିତା ଭୋଇ।

**ଭୁବନେଶ୍ୱର, ୧୮।୫ (ତପନ ସ୍ୱାଇଁ)**

### ବିଶ୍ୱ ଯୁବ ଭାରୋତ୍ତୋଳନ

ପେରୁର ଲିମାଠାରେ ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଚଳିତ ମାସ ୨୦ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ୨ ପ୍ରତିଭାସମ୍ପନ୍ନ ଭାରୋତ୍ତୋଳିକା ଅଂଶଗ୍ରହଣ କରିବେ। ସେମାନେ ହେଲେ ଜ୍ୟୋତ୍ସ୍ନା ଶବର ଓ ପ୍ରୀତିସ୍ମିତା ଭୋଇ। ଜ୍ୟୋତ୍ସ୍ନା ଭୁବନେଶ୍ୱରସ୍ଥିତ ଓଡ଼ିଶା-ଟେନ୍‌ଭିକ୍ ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି। ସେହିପରି ପ୍ରୀତିସ୍ମିତା ହେଉଛନ୍ତି ଢେଙ୍କାନାଳ ସବ୍‌ସେଣ୍ଟରର ଅନ୍ତେବାସୀ। ଜ୍ୟୋତ୍ସ୍ନା ଏହା ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ପାଇଛନ୍ତି। ୨୦୨୩ ମାର୍ଚ୍ଚରେ ଆଲବାନିଆର ଡୁରେସରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ ହୋଇଥିଲା। ଅନ୍ତର୍ଜାତୀୟ ପଦାର୍ପଣରେ ହିଁ ସେ ସଫଳତାର ସ୍ୱାଦ ଚାଖିଥିଲେ। ସେଠାରେ ଅନୁଷ୍ଠିତ ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ବାଳିକା ୪୦ କେଜି ବର୍ଗରେ ସେ ଓଭରଅଲ୍ ବ୍ରୋଞ୍ଜ ଏବଂ ସ୍ନାଚ୍‌ରେ ରୌପ୍ୟ ପଦକ ଜିତିଥିଲେ। ସେହିବର୍ଷ ଜୁଲାଇ ୧୨ରେ ଉତ୍ତର ପ୍ରଦେଶର ନଏଡ଼ାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନର ବାଳିକା ୪୦ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ସେହିପରି ୨୦୨୩ ଜୁଲାଇ ୨୮ରେ ଗ୍ରେଟର ନଏଡ଼ାରେ ଅନୁଷ୍ଠିତ ଏସିଆନ ଜୁନିୟର ଆଣ୍ଡ ୟୁଥ୍ ୱେଟ୍‌ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ସେ ସ୍ନାଚ୍ ଓ ଓଭରଅଲ୍‌ରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଥିଲେ। ଚଳିତ ବର୍ଷ ଜାନୁଆରୀରେ ଚେନ୍ନାଇରେ ଆୟୋଜିତ ୬ଷ୍ଠ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୪୦ କେଜି ବାଳିକା ବର୍ଗରେ ସେ ସ୍ନାଚ୍‌ରେ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ପ୍ରୀତିସ୍ମିତାଙ୍କର ଅନ୍ତର୍ଜାତୀୟ ସ୍ତରରେ ସେପରି ବିଶେଷ କିଛି ଅଭିଜ୍ଞତା ନ ଥିଲେ ହେଁ ଜାତୀୟ ସ୍ତରରେ ସେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ୨୦୨୨ରୁ ଜାତୀୟ ସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆସୁଥିବା ପ୍ରୀତିସ୍ମିତା ଗତ ଜାନୁଆରୀରେ ଚେନ୍ନାଇରେ ଆୟୋଜିତ ୬ଷ୍ଠ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୪୦ କେଜି ବାଳିକା ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ।

# ସନ୍ତୁଳନ ବିଗାଡୁଛି ଇମ୍ପାକ୍ଟ ନିୟମ: କୋହଲି

**ନୂଆଦିଲ୍ଲୀ, ୧୮।୫(ପି.ଟି)**



ଆଇପିଏଲ୍ ଟି୨୦ କ୍ରିକେଟରେ ଇମ୍ପାକ୍ଟ ପ୍ଲେୟର ନିୟମକୁ ନେଇ ମତ ଦେଇଛନ୍ତି ଭାରତୀୟ ଦଳର ଷ୍ଟାର କ୍ରିକେଟର ବିରାଟ କୋହଲି। ଏହି ନିୟମ କ୍ରିକେଟର ସନ୍ତୁଳନ ବିଗାଡୁଛି ବୋଲି ସେ କହିଛନ୍ତି। ପୂର୍ବରୁ ଭାରତୀୟ ଦଳ ଅଧିନାୟକ ରୋହିତ ଶର୍ମା ମଧ୍ୟ ସମାନ ମତ ପ୍ରକାଶ କରିଥିଲେ। ଆଇପିଏଲ୍‌ର ପୂର୍ବବର୍ତ୍ତୀ ସଂସ୍କରଣରେ ପ୍ରଥମ ଥର ପାଇଁ ଏହି ନିୟମ କାର୍ଯ୍ୟକାରୀ ହୋଇଥିଲା। ଏହି ନିୟମ ଦ୍ୱାରା ପାର୍ଟଟାଇମ ବୋଲରଙ୍କ ଅଭାବ ସୃଷ୍ଟି ହେଉଥିବା କହିଥିଲେ ରୋହିତ। ବର୍ତ୍ତମାନ କୋହଲି ସମାନ ମତପୋଷଣ କରିବା ସହ ଏହି ନିୟମକୁ ସମୀକ୍ଷା କରାଯିବା ଉଚିତ ବୋଲି କହିଛନ୍ତି। କୋହଲି ଆହୁରି ମଧ୍ୟ କହିଛନ୍ତି ରୋହିତଙ୍କ ମତ ସହ ମୁଁ ସମ୍ପୂର୍ଣ୍ଣ ସହମତ। କ୍ରିକେଟରେ ମନୋରଞ୍ଜନ ରହିବା ଉଚିତ, ମାତ୍ର ଏହା କ୍ରିକେଟର ସନ୍ତୁଳନକୁ ନ ବିଗାଡିବା ଦରକାର। ଗତ ମାସରେ ରୋହିତ ଏକ ପଡକାଷ୍ଟରେ କହିଥିଲେ ଯେ କ୍ରିକେଟର ଏହି ନୂତନ ନିୟମ ଅଲରାଉଣ୍ଡରମାନଙ୍କ ପାଇଁ ଲାଭଦାୟକ ନୁହେଁ। ସେହିପରି କ୍ରିକେଟ ୧୧ ଜଣ ଖେଳାଳିଙ୍କୁ ନେଇ ଖେଳାଯାଏ ୧୨ ଜଣ ଖେଳିବା ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ।

ଚଳିତ ସିଜନରେ ପଞ୍ଜାବ କିଙ୍ଗ୍ସ ଟି୨୦ ଇତିହାସର ସର୍ବବୃହତ ରନ୍‌ଚେଜ୍ କରିଥିଲା। କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୨୬୨ ରନ୍‌ର ପିଛା କରୁଥିବା ବେଳେ ଦଳ ୮ ବଲ୍ ବାକି ଥାଇ ବିଜୟ ହାସଲ କରିଥିଲା। ସମାନ ଭାବରେ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟ ଆର୍‌ସିବି ବିପକ୍ଷରେ ଆଇପିଏଲ୍ ଇତିହାସର ସର୍ବବୃହତ୍ ସ୍କୋର ୨୮୭/୩ ରେକର୍ଡ କରିଥିଲା। ଚଳିତ ସିଜନରେ ୮ ଥର ୨୫୦ରୁ ଅଧିକ ରନ୍ ସ୍କୋର ହୋଇଥିବା ବେଳେ ଏହା ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ଭାବେ ଉଭା ହୋଇଛି ବୋଲି କୋହଲି କହିଛନ୍ତି। ପ୍ରତି ବଲ୍‌ରେ ବୋଲରଙ୍କୁ ଚୌକା ଓ ଛକା ପଡିବାର ସମ୍ଭାବନା ରହିଥାଏ ବୋଲି ମଧ୍ୟ ସେ କହିଛନ୍ତି। ସେହିପରି ଜଣେ ଅତିରିକ୍ତ ବ୍ୟାଟର ରହୁଥିବା କାରଣରୁ ଆରମ୍ଭରୁ ଖେଳାଳିମାନେ ଚାପମୁକ୍ତ ହୋଇ ଖେଳୁଛନ୍ତି। ପ୍ରତି ଟିମ୍‌ରେ ବୁମ୍‌ରା କିମ୍ବା ରଶିଦ୍ ଖାଁଙ୍କ ପରି ବୋଲର ନ ଥାନ୍ତି। ବିସିସିଆଇ ସମ୍ପାଦକ ଜୟ ଶାହା ଏହା କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ବୋଲି ମଧ୍ୟ ମତ ଦେଇଛନ୍ତି। ତେବେ ବରିଷ୍ଠ ଖେଳାଳି ଅସନ୍ତୋଷ ବ୍ୟକ୍ତ କରିବା ପରେ ଏହି ନିୟମକୁ ନେଇ ସମୀକ୍ଷା କରାଯିବ ବୋଲି ମଧ୍ୟ ଶାହା ପରୋକ୍ଷରେ ସୂଚନା ଦେଇଛନ୍ତି।

# ଅଲିମ୍ପିକ କ୍ୱାଲିଫାୟର୍ସରେ ଭାଗନେବେ ଯସ୍ମିନ

### ପରବିନ୍‌ଙ୍କ ସସ୍‌ପେଣ୍ଡ ପରେ

**ନୂଆଦିଲ୍ଲୀ, ୧୮।୫ (ପି.ଟି.)**



ଯସ୍ମିନ ଲାମ୍ବୋରିଆ

ଥାଇଲାଣ୍ଡରେ ମେ ୨୪ରୁ ଆରମ୍ଭ ହେବାକୁଥିବା ଦ୍ୱିତୀୟ ଅଲିମ୍ପିକ ବକ୍ସିଂ କ୍ୱାଲିଫାୟର୍ସରେ ଯସ୍ମିନ ଲାମ୍ବୋରିଆ ଭାଗନେବେ। ପରବିନ ହୁଡା ୧୨ମାସରେ ୩ଥର ତାଙ୍କ ଠିକଣା ଦେବାରେ ବିଫଳ ହୋଇଥିବାରୁ ସେ ଶୁକ୍ରବାର ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଦ୍ୱାରା ୨୨ମାସ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି। ତାଙ୍କଠାରୁ ଅଲିମ୍ପିକ କୋଟା ପ୍ରତ୍ୟାହାର କରି ନିଆଯାଇ ଥିବାରୁ ଯସ୍ମିନଙ୍କୁ ସୁଯୋଗ ମିଳିଛି। ସୂଚନାଯୋଗ୍ୟ, ଯସ୍ମିନ ପୂର୍ବରୁ ଗତବର୍ଷ ହାଙ୍ଗଝୋ ଏସିଆନ ଗେମ୍ସରେ ପ୍ରଥମ କ୍ୱାଲିଫାୟର୍ସରେ ୬୦କେଜି ଶ୍ରେଣୀରେ ଭାଗ ନେଇଥିଲେ। ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୬୦ କେଜି ଶ୍ରେଣୀରେ ସେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ଶୁକ୍ରବାର ପରବିନ ସସ୍‌ପେଣ୍ଡ ହେବା ପରେ ଭାରତ ମହିଳା ୫୭କେଜି କାଟେଗୋରିରେ ପାଇଥିବା ଅଲିମ୍ପିକ କୋଟାକୁ ସମର୍ପଣ କରିବାକୁ ବାଧ୍ୟ ହୋଇଛି। ଦେଶ ପାଇଁ ଏହା ଏକ ଲଜ୍ଜାଜନକ ବିଷୟ। ସୂଚନାଯୋଗ୍ୟ, ୨୦୨୨ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଗତବର୍ଷ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ପାଇବା ସହ ଅଲିମ୍ପିକ କୋଟା ହାସଲ କରିଥିଲେ। ମାତ୍ର ୱାଡା ନିୟମାନୁସାରେ ସେ ୨୦୨୨ ଏପ୍ରିଲରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କ ସ୍ଥାନ ପରିବର୍ତ୍ତନ ଠିକଣା ଦେବାରେ ବିଫଳ ହୋଇଥିଲେ।

## ଜେଭରେଭ-ଜାରି ଫାଇନାଲ

**ରୋମ୍, ୧୮।୫ (ଏପି)**

ଇଟାଲିଆନ ଓପନ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲ ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭରେଭ ଓ ଚିଲିର ନିକୋଲାସ ଜାରିଙ୍କ ମଧ୍ୟରେ ରବିବାର ଅନୁଷ୍ଠିତ ହେବ। ୫ମ ର୍‍ୟାଙ୍କିଂପ୍ରାପ୍ତ ଜେଭେରେଭ ସେମିଫାଇନାଲରେ ଚିଲିର ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ୧-୬, ୭-୬ (୪), ୬-୨ରେ ହରାଇ ଦେଇଛନ୍ତି। ସେହିପରି ଜାରି ଅନ୍ୟ ସେମିଫାଇନାଲରେ ଆମେରିକାର ଟମି ପଲ୍‌ଙ୍କୁ ତାଙ୍କ ୨୭ତମ ଜନ୍ମଦିନରେ ୬-୩, ୬-୭ (୩), ୬-୩ରେ ହରାଇ ଦେଇଛନ୍ତି। ରୋମ୍‌ରେ ଜେଭେରେଭଙ୍କର ଏହା ହେଉଛି ତୃତୀୟ ଫାଇନାଲ। ୨୦୧୭ରେ ସେ ନୋଭାକ୍ ଜୋକୋଭିଚଙ୍କୁ ସିଧାସଳଖ ସେଟ୍‌ରେ ହରାଇ ତାଙ୍କର ପ୍ରଥମ ମାଷ୍ଟର୍ସ ଟାଇଟଲ ହାସଲ କରିଥିଲେ। ମେ ୨୬ରୁ ଆରମ୍ଭ ହେଉଥିବା ଫ୍ରେଞ୍ଚ ଓପନ ପୂର୍ବରୁ ଇଟାଲିଆନ ଓପନ ହେଉଛି ଅନ୍ତିମ ବଡ଼ ୱାର୍ମଅପ୍ ଟୁର୍ନାମେଣ୍ଟ।

# ଜୋନାଥନ ମିଲନଙ୍କ ହାଟ୍ରିକ ବିଜୟ

### ଗିରୋ ଡି' ଇଟାଲିଆ

**ରୋମ୍, ୧୮।୫**



ଜୋନାଥନ ମିଲନ

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୧୩ତମ ଷ୍ଟେଜ୍ ଜିତିଛନ୍ତି ପଏଣ୍ଟ ଲିଡର ଜୋନାଥନ ମିଲନ। ଫଳରେ ଚଳିତବର୍ଷର ପ୍ରତିଯୋଗିତାରେ ସେ ତାଙ୍କର ହାଟ୍ରିକ୍ ବିଜୟ ହାସଲ କରିଛନ୍ତି। ୧୭୯ କି.ମି. ଦୂରତା ବିଶିଷ୍ଟ ୧୩ ତମ ଷ୍ଟେଜ ରିସିଓନ୍‌ଠାରୁ ସେଣ୍ଟୋ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରେସ୍ ଶେଷ ହେବାକୁ ଆଉ ୬୧ କି.ମି. ବାଟ ରହିଥିବା ବେଳେ ବାୟୁ ପ୍ରବାହ ଇଟାଲିଆ ରାଇଡର ଜୋନାଥନ ଏବଂ ତାଙ୍କ ଟିମ୍ ଲିଡଲ ଟ୍ରେକ୍ ପାଇଁ କିଛି ସମୟ ବାଧା ସୃଷ୍ଟି କରିଥିଲା। ତେବେ ସେ ଦୃଢ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ରହିଥିଲେ। ମୋଭିଷ୍ଟାରର ତଥା କଲମ୍ବିଆନ ଫର୍ନାଣ୍ଡୋ ଗାର୍ଭିଆ ତାଙ୍କୁ କିଛି ସମୟ କଡ଼ା ଟକ୍କର ଦେଇଥିଲେ ହେଁ ଅତିକ୍ରମ କରିପାରି ନ ଥିଲେ। ଜୋନାଥନ ୪ ଘଣ୍ଟା ୨ ମିନିଟ ଓ ୩ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିଲେ। ତାଙ୍କ ପଛକୁ ସମାନ ଟାଇମିଂରେ ୨ୟ ସ୍ଥାନରେ ରହିଥିଲେ ଷ୍ଟାନିସ ଲ ଆନିଅଲକୋସ୍କି (ପୋଲାଣ୍ଡ/କୋଫିଡିସ)। ସେହିପରି ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ ଫିଲ୍ ବହସ (ଜର୍ମାନୀ/ବାହାରିନ ଭିକ୍ଟୋରିଅସ), ଟିମ୍ ଭାନ୍ ଡିକ୍ (ନେଦରଲାଣ୍ଡ୍ସ/ଟିମ୍ ଭିଷ୍ମା) ଓ ହୁଗୋ ହଫ୍ ଷ୍ଟେଟର (ଫ୍ରାନ୍ସ/ଇସ୍ରାଏଲ-ପ୍ରିମିୟର ଟେକ୍)। ଅନ୍ୟପକ୍ଷରେ ସ୍ଲୋଭେନିଆର ଟାଡେଜ ପୋଗାକାର ଓଭରଅଲ ଲିଡର ଭାବେ ୟୁଏଇ-ଟିମ୍ ଏମିରେଟ୍ସ ପାଇଁ ପିଙ୍କ ଜର୍ସି ବଜାୟ ରଖିଛନ୍ତି। କଲମ୍ବିଆର ଡାନି ମାର୍ଟିନେଜ (ବୋରା-ହାନ୍ସଗ୍ରୋ) ଦ୍ୱିତୀୟ ଏବଂ ଇନୋସ ଗ୍ରେନାଡିଅର୍ସର ୱେଲ୍ସମାନ ଜରେଣ୍ଟ ଥୋମାସ ତୃତୀୟ ସ୍ଥାନରେ ଅଛନ୍ତି। ଷ୍ଟେଜ୍ ୧୪ରେ ରେସ୍ ଆରମ୍ଭ ହେବା ପୂର୍ବରୁ ବ୍ୟକ୍ତିଗତ ଟାଇମ ଟ୍ରାଏଲ ଅନୁଷ୍ଠିତ ହେବ। ଚଳିତବର୍ଷର ଗିରୋର ପ୍ରଥମ ଟାଇମ ଟ୍ରାଏଲ ପୋଗାକାର ଜିତିଥିଲେ।

# ଦ୍ୱିତୀୟ ସ୍ଥାନ ଉପରେ ସନ୍‌ରାଇଜର୍ସ ନଜର

**ହାଇଦ୍ରାବାଦ, ୧୮।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରବିବାର ଡବଲ ହେଡରର ଏକ ମ୍ୟାଚ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ହେବ। ପଞ୍ଜାବ ପାଇଁ ଏହି ମ୍ୟାଚ ବିଶେଷ ଗୁରୁତ୍ୱ ରଖୁ ନ ଥିଲେ ହେଁ ବିଜୟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନ ହାସଲ ଉପରେ ନଜର ରଖିଛି ସନ୍‌ରାଇଜର୍ସ। ୩ ବର୍ଷ ବ୍ୟବଧାନରେ ଏହି ଦଳ ପ୍ରଥମଥର ପାଇଁ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଗତ ୩ ସଂସ୍କରଣ ମଧ୍ୟରୁ ୨ ଥର ଟେବୁଲର ନିମ୍ନରେ ରହିଥିବା ହାଇଦ୍ରାବାଦ ଦଳ ଏଥର କିନ୍ତୁ ଚମତ୍କାର ପ୍ରଦର୍ଶନ କରି ଟାଇଟଲ ଦାବିଦାର ହୋଇଛି। ଆକ୍ରମଣାତ୍ମକ ବ୍ୟାଟିଂ ଓ ଦକ୍ଷ ବୋଲିଂ ଦଳକୁ ଫାଇଦାରେ ରଖିଛି। ଗୁଜରାଟ ଟାଇଟନ୍ସ ବିପକ୍ଷ ଗତ ଆଇପିଏଲ୍ ମ୍ୟାଚ ବର୍ଷା ଯୋଗୁ ଧୋଇ ଯିବାରୁ ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଦଳର ପ୍ଲେ-ଅଫ୍ ସ୍ଥାନ ପକ୍କା ହୋଇଯାଇଥିଲା। ସନ୍‌ରାଇଜର୍ସ ୧୩ ମ୍ୟାଚରୁ ୧୫ ପଏଣ୍ଟ ପାଇଛି। ଆସନ୍ତା ମ୍ୟାଚରେ ପଞ୍ଜାବକୁ ହରାଇ ପାରିଲେ ଏହି ସଂଖ୍ୟା ୧୭ରେ ପହଞ୍ଚିବ। ତେବେ ଗତ ୪ଟି ମ୍ୟାଚରେ ପରାଜିତ ହୋଇ ସଂଘର୍ଷ କରୁଥିବା ରାଜସ୍ଥାନ ରୟାଲ୍ସ ଯଦି ଏହାର ଶେଷ ଲିଗ୍ ମ୍ୟାଚରେ ଟେବୁଲ ଟପ୍ପର କୋଲକାତା ନାଇଟ ରାଇଡର୍ସକୁ ହରାଇପାରିବ ତେବେ ଏହାର ପଏଣ୍ଟ ସଂଖ୍ୟା ୧୮ ହୋଇଯିବ। ଏ କ୍ଷେତ୍ରରେ ରାଜସ୍ଥାନ ଦ୍ୱିତୀୟ ସ୍ଥାନ ଅଧିକାର କରିବ ଓ ବିଜୟୀ ହେଲେ ବି ହାଇଦ୍ରାବାଦ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିବ।

ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ଆକ୍ରମଣାତ୍ମକ ବ୍ୟାଟିଂ କରି ଲକ୍ଷ୍ନୌ ବିପକ୍ଷରେ ହାଇଦ୍ରାବାଦକୁ ସ୍ମରଣୀୟ ବିଜୟ ଦେଇଥିଲେ। ୧୧ ମ୍ୟାଚରୁ ୨୦୧.୮୯ ଷ୍ଟ୍ରାଇକ୍ ହାର ସହ ହେଡ୍ ୫୩୩ ରନକରି ଅରେଞ୍ଜ୍ କ୍ୟାପ ଦୌଡ଼ରେ ସାମିଲ ହୋଇଛନ୍ତି। ତାଙ୍କ ଉପରକୁ କେବଳ ବିରାଟ କୋହଲି (୬୬୧ ରନ) ଓ ଋତୁରାଜ ଗାଏକ୍ୱାଡ୍ (୫୮୩) ରହିଛନ୍ତି। ସନ୍‌ରାଇଜର୍ସ ଏହାର ଓପନରଙ୍କ ଉପରେ ଅନେକ ନିର୍ଭର କରୁଛି। ଏହାର ଅନ୍ୟ ବ୍ୟାଟରମାନେ ମଧ୍ୟ ଫର୍ମକୁ ଫେରିବା ଜରୁରୀ ହୋଇପଡ଼ିଛି। ହାଇଦ୍ରାବାଦ ଦଳ ଏହାର ବୋଲରଙ୍କୁ ପରୀକ୍ଷା ନିରୀକ୍ଷା ଜାରି ରଖି ନକ୍‌ଆଉଟ ପାଇଁ ପ୍ରସ୍ତୁତ ରହିବା ଅନୁମାନ କରାଯାଉଛି।

ପଞ୍ଜାବ ପାଇଁ ମ୍ୟାଚ ଜିତି ଅଭିଯାନ ଶେଷ କରିବା ସୁଯୋଗ ରହିଛି। ଏହି ଦଳ ଇଂଲଣ୍ଡ ଖେଳାଳିଙ୍କ ସେବାରୁ ବଞ୍ଚିତ ରହିବ। ଏହା ମଧ୍ୟରେ କାମଚଳା ଅଧିନାୟକ ସାମ୍ କୁରାନ ଅନ୍ତର୍ଭୁକ୍ତ। ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ପଞ୍ଜାବର ବିଜୟରେ କୁରାନ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ତାଙ୍କ ଅନୁପସ୍ଥିତିରେ ଜିତେଶ ଶର୍ମା ଦଳର ନେତୃତ୍ୱ ନେବେ।



ପ୍ୟାଟ୍ କମିନ୍ସ



ଜିତେଶ ଶର୍ମା



ଓଡ଼ିଶା ଟାଟା ଆର୍ଚେରୀ ଏଚ୍‌ପିସି, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଆର୍ଚେରୀ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆର୍ଚେରୀ କୋଚିଂ ସମର କ୍ୟାମ୍ପ କେନ୍ଦୁଝରରେ ଆରମ୍ଭ ହୋଇଛି। ଏଥିରେ ଯୋଗ ଦେଇଥିବା ୩୭ ଆର୍ଚେରୀ ପ୍ରତିଭାଙ୍କୁ କୋଚ୍ ବିକାଶ ଉପାଧ୍ୟାୟ ପ୍ରଶିକ୍ଷଣ ଦେଉଛନ୍ତି।


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୧୨+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ ୧୯/୨୦୨୪ (୧୨+୮= ୨୦ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 19/2024 Page 20 ₹ 7.00
୫୦ଶ ଭାଗ ୧୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 174 ମୂଲ୍ୟ₹୭/-

# ଓଡ଼ିଶାରେ ମୁଦ୍ରାସ୍ଫୀତି ସର୍ବାଧିକ ୭.୧%



**ନୂଆଦିଲ୍ଲୀ,୧୮।୫**

ଓଡ଼ିଶାରେ କ୍ରମାଗତ ୬ ମାସ ହେଲା ଖୁଚୁରା ମୁଦ୍ରାସ୍ଫୀତି ୭ ପ୍ରତିଶତରୁ ଅଧିକ ରହିଆସିଛି। ସାରା ଦେଶର ମୁଦ୍ରାସ୍ଫୀତିଠାରୁ ଏହା ଅଧିକ। ଅନ୍ୟପକ୍ଷରେ ଗତ ୫ ମାସ ହେଲା ଦିଲ୍ଲୀରେ ମୁଦ୍ରାସ୍ଫୀତି ୨ ପ୍ରତିଶତରୁ ସାମାନ୍ୟ ଅଧିକ ରହିଥିବା ଜଣାପଡ଼ିଛି। ଏପ୍ରିଲରେ ଦେଶର ହାରାହାରି ମୁଦ୍ରାସ୍ଫୀତି ୪.୮ ପ୍ରତିଶତ ରହିଛି ଯାହାକି ଗତ ୧୧ ମାସ ମଧ୍ୟରେ ସର୍ବନିମ୍ନ। ତେବେ ଓଡ଼ିଶାରେ ଏପ୍ରିଲ ମୁଦ୍ରାସ୍ଫୀତି ସର୍ବାଧିକ ୭.୧ ପ୍ରତିଶତ ରହିଛି। ଗତବର୍ଷ ନଭେମ୍ବରରେ ଓଡ଼ିଶାର ମୁଦ୍ରାସ୍ଫୀତି ୭.୭ ପ୍ରତିଶତ ଥିବାବେଳେ ଡିସେମ୍ବରରେ ଏହା ୮.୭ ପ୍ରତିଶତରେ ପହଞ୍ଚିଥିଲା। ଆସାମ, ଛତିଶଗଡ଼, ତେଲଙ୍ଗାନା ଏବଂ ହରିୟାଣାରେ ମୁଦ୍ରାସ୍ଫୀତି ୫.୭ ପ୍ରତିଶତ ରହିଛି। ଦିଲ୍ଲୀରେ ଏପ୍ରିଲ ମାସର ମୁଦ୍ରାସ୍ଫୀତି ହାର ସର୍ବନିମ୍ନ ୨.୨ ପ୍ରତିଶତ ଥିବାବେଳେ ପଶ୍ଚିମବଙ୍ଗରେ ୩.୫%, ଉତ୍ତରାଖଣ୍ଡରେ ୩.୬%, ମହାରାଷ୍ଟ୍ରରେ ୩.୭% ଏବଂ ଝାଡ଼ଖଣ୍ଡରେ ୪.୦% ରହିଥିଲା। ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମାସିକ ଖୁଚୁରା ମୁଦ୍ରାସ୍ଫୀତିକୁ ଦେଖିଲେ ଏପ୍ରିଲରେ ୧୩ଟି ରାଜ୍ୟର ମୁଦ୍ରାସ୍ଫୀତି ହାର ଦେଶର ହାରାହାରି ହାର ୪.୮% ତୁଳନାରେ ଅଧିକ ରହିଛି। ଓଡ଼ିଶା ସମେତ ବିଭିନ୍ନ ☞ପୃଷ୍ଠା-୭

## ଭିତ୍ତିଭୂମି ଅଭାବରୁ ଦର ବଢ଼ୁଛି

**ଭୁବନେଶ୍ୱର,୧୮।୫**

ଖୁଚୁରା ମୁଦ୍ରାସ୍ଫୀତିରେ ଓଡ଼ିଶା ରାଜ୍ୟ ଆଗରେ। ଦେଶରେ ହାରାହାରି ମୁଦ୍ରାସ୍ଫୀତି ୪.୮% ରହିଥିବାବେଳେ ଓଡ଼ିଶାରେ ଏହା ୭.୧% ପ୍ରତିଶତ ରହିଛି। ଗତ ୬ମାସ ଧରି ଓଡ଼ିଶାରେ ମୁଦ୍ରାସ୍ଫୀତି ଲଗାତର ଅଧିକ ରହୁଛି। ରାଜ୍ୟରେ ଆବଶ୍ୟକ ପରିମାଣରେ ଉତ୍ପାଦନ ନ ହେବା, ଉତ୍ପାଦିତ ଖାଦ୍ୟଶସ୍ୟ ଠିକ୍ ଭାବେ ଗଚ୍ଛିତ ନ ହେବା ଏବଂ ଅଧିକାଂଶ ଖଦ୍ୟସାମଗ୍ରୀ ବାହାର ରାଜ୍ୟରୁ ଆମଦାନୀ ହେବା ଆଦି କାରଣରୁ ଓଡ଼ିଶାରେ ମୁଦ୍ରାସ୍ଫୀତି ଅଧିକ ରହୁଛି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ଅପରପକ୍ଷରେ ବିଶେଷଜ୍ଞଙ୍କ କହିବାନୁସାରେ ରାଜ୍ୟରେ ଉତ୍ପାଦିତ ପନିପରିବା ଏବଂ ଖାଦ୍ୟଶସ୍ୟ ଗଚ୍ଛିତ ହୋଇ ନ ରହିବାର ମୁଖ୍ୟ କାରଣ ହେଉଛି ଆବଶ୍ୟକ ସଂଖ୍ୟକ ଶୀତଳ ଭଣ୍ଡାରର ଅଭାବ।

ରାଜ୍ୟ ସରକାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ସରକାରୀ ତଥ୍ୟ ଅନୁସାରେ ଏବେ ୩୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଥିବାବେଳେ ୯୭ଟି ଅଚଳ ଅବସ୍ଥାରେ ରହିଛି। ସମ୍ବଲପୁରରେ ସର୍ବାଧିକ ୬ଟି ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ଥିବାବେଳେ ଖୋର୍ଦ୍ଧାରେ ୫, କଟକରେ ୩, ବାଲେଶ୍ୱର, ବଲାଙ୍ଗୀର, ମୟୂରଭଞ୍ଜ ଏବଂ ପୁରୀରେ ୨ଟି ଲେଖାଏ କାର୍ଯ୍ୟ କରୁଛି। ସେହିପରି ଅନୁଗୋଳ, ବରଗଡ଼, ଭଦ୍ରକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମାଲକାନଗିରି, ରାୟଗଡ଼ା ଏବଂ ସୁନ୍ଦରଗଡ଼ରେ ମାତ୍ର ଗୋଟିଏ ଲେଖାଏ ଶୀତଳଭଣ୍ଡାର କାର୍ଯ୍ୟକରୁଛି। ଏହା ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ରହୁଥିବାରୁ ସରକାରଙ୍କ ଖାଦ୍ୟଶସ୍ୟ ଗଚ୍ଛିତ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ଅପରପକ୍ଷରେ ଖୋର୍ଦ୍ଧାରେ ସର୍ବାଧିକ ୧୮ଟି ଶୀତଳ ଭଣ୍ଡାର ଅକାମୀ ହୋଇପଡ଼ି ରହିଛି। ଖୋର୍ଦ୍ଧା ପରେ କଟକରେ ୧୩, ପୁରୀରେ ୧୧, ମୟୂରଭଞ୍ଜରେ ୮, ବାଲେଶ୍ୱର, ସୁନ୍ଦରଗଡ଼, ଜଗତ୍‌ସିଂହପୁରରେ ୬, ବରଗଡ଼, କୋରାପୁଟରେ ୪, ବଲାଙ୍ଗୀରରେ ୩, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, ☞ପୃଷ୍ଠା-୭









ତେଲୁଗୁ ଅଭିନେତା ଚନ୍ଦ୍ରକାନ୍ତ ତେଲଙ୍ଗାନାର ଅଲକାପୁରସ୍ଥିତ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ସହଅଭିନେତା ତଥା ତାଙ୍କର ଘନିଷ୍ଠ ବନ୍ଧୁ ପ୍ରବିତ୍ରା ଜୟରାମଙ୍କର ନିକଟରେ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଦୁଇ ଅଭିନେତାଙ୍କ ଆକସ୍ମିତ ମୃତ୍ୟୁ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ଶକ୍ତ ଧକ୍କା ହୋଇଛି। ଚନ୍ଦ୍ରକାନ୍ତ ଦୁଇଦିନ ହେଲା ବିଚଳିତ ଥିଲେ ବୋଲି ତାଙ୍କ ବାପା କହିଛନ୍ତି।

# ସମାଜରେ ମୋଦି ବିଭାଜନ କରୁଛନ୍ତି: ଖାର୍ଗେ

**ମୁମ୍ବାଇ, ୧୮।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନିର୍ବାଚନୀ ଭାଷଣ ମାଧ୍ୟମରେ ଲୋକମାନଙ୍କୁ ଉତ୍ତେଜିତ କରିବା ସହ ସମାଜରେ ବିଭାଜନ ସୃଷ୍ଟି କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶନିବାର ଅଭିଯୋଗ କରିଛନ୍ତି। ଇଣ୍ଡିଆ ବ୍ଲକ୍‌ର ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଖାର୍ଗେ ଏହା କହିଥିବାବେଳେ ସେଠାରେ ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାର, ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ଅନ୍ୟ ବିରୋଧୀ ନେତାମାନେ ଉପସ୍ଥିତ ଥିଲେ। ପୂର୍ବରୁ ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ଏଭଳି ଉସୁକାଉ ନ ଥିଲେ।



ମଲ୍ଲିକାର୍ଜୁନ ଖାର୍ଗେ

ମୋଦି ବାରମ୍ବାର ଗଣତନ୍ତ୍ରର କଥା କହୁଥିବାବେଳେ ଗଣତନ୍ତ୍ରର ସିଦ୍ଧାନ୍ତଗୁଡ଼ିକୁ ପାଳନ କରୁନାହାନ୍ତି ବୋଲି ଖାର୍ଗେ କହିଛନ୍ତି। ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଅଯୋଧ୍ୟାର ରାମମନ୍ଦିରକୁ ଭାଙ୍ଗିଦେବା ସହ ପୁଣିଥରେ ଅନୁଚ୍ଛେଦ ୩୭୦ ଲାଗୁ କରିବ ବୋଲି ପ୍ରଧାନମନ୍ତ୍ରୀ ବିବୃତି ଦେଇଥିବାରୁ ଖାର୍ଗେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରଧାନମନ୍ତ୍ରୀ ଏଭଳି କହି ଲୋକଙ୍କୁ ଉତ୍ତେଜିତ କରିବାକୁ ଉଦ୍ୟମ କରୁଛନ୍ତି। ରାମମନ୍ଦିର ଏବଂ ଅନୁଚ୍ଛେଦ ୩୭୦ ସମ୍ପର୍କରେ କଂଗ୍ରେସ କିଛି କହିନାହିଁ। ଏହା ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦେଇଛି, କେବଳ ତାହାକୁ କାର୍ଯ୍ୟକାରୀ କରିବ ବୋଲି ଦଳ ଅଧ୍ୟକ୍ଷ କହିଛନ୍ତି। ଭାଜପା ନେତାଙ୍କ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ପାଇଁ ନିର୍ବାଚନ କମିଶନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖାର୍ଗେ ଆହ୍ୱାନ ଦେଇଛନ୍ତି।

ନିର୍ବାଚନରେ ଇଣ୍ଡିଆ ବ୍ଲକ୍ ବିଜୟୀ ହୋଇ କ୍ଷମତାକୁ ଆସିବ। ତେଣୁ ଜୁନ୍ ୪ରୁ ଦେଶରେ ଅଚ୍ଛେ ଦିନ ଆସିବ ବୋଲି ଏହି ଅବସରରେ ଉଦ୍ଧବ କହିଛନ୍ତି। ପ୍ରଧାନମନ୍ତ୍ରୀ ଆମକୁ ନକଲି ଶିବସେନା କହୁଛନ୍ତି, କାଲି ସେ ଆର୍‌ଏସ୍‌ଏସ୍‌କୁ ନକଲି ସଂଘ କହିପାରନ୍ତି ବୋଲି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଦେଶର ସମସ୍ତ ଧର୍ମୀୟ ସ୍ଥଳର ସୁରକ୍ଷା ସରକାରଙ୍କ ପ୍ରଥମ କାର୍ଯ୍ୟ ହେବ ବୋଲି ଶରଦ ପାୱାର କହିଛନ୍ତି।

ପଶ୍ଚିମବଙ୍ଗର ଗୋଘଟଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରି ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା କହିଛନ୍ତି, ଲୋକ ସଭା ନିର୍ବାଚନରେ ଇଣ୍ଡିଆ ବ୍ଲକ୍ ବିଜୟୀ ହୋଇ ସରକାର ଗଢ଼ିବ। ଭାଜପା ୨୦୦ ଆସନ ଅତିକ୍ରମ କରିବ ନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜି ମହାକାଶ ଯିବେ ପ୍ରଥମ ଭାରତୀୟ ସ୍ପେସ୍ ଟୁରିଷ୍ଟ



ଗୋପୀଚାନ୍ଦ ଥୋକାତୁରା

**ୱାଶିଂଟନ, ୧୮।୫**

ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ ମିଶନରେ ପ୍ରଥମ ଭାରତୀୟ ସ୍ପେସ୍ ଟୁରିଷ୍ଟ ଭାବେ ଗୋପୀଚାନ୍ଦ ଥୋକାତୁରା ରବିବାର ମହାକାଶକୁ ଯାତ୍ରା କରିବେ। ପାଇଲଟ ଗୋପୀଚାନ୍ଦ ସ୍ପେସ୍ ଟୁରିଜିମ୍ ମିଶନର ଅଂଶ ସ୍ୱରୂପ ବ୍ଲୁ ଅରିଜିନ ଏନ୍‌ଏସ୍-୨୫କୁ ନେଇ କାର୍ମାନ ଲାଇନ ଅତିକ୍ରମ କରିବା ପରେ ସେଠାରୁ ଫେରିବେ। କାର୍‌ମାନ ଲାଇନ ହେଉଛି ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତ ମହାକାଶ ସୀମା। ସମୁଦ୍ର ପତ୍ତନଠାରୁ ୧୦୦ କିଲୋମିଟର ଉଚ୍ଚରେ ଏହା ଅବସ୍ଥିତ। ଆମେରିକାର ୱେଷ୍ଟ ଟେକ୍ସାସର ଲଞ୍ଚ ସାଇଟ୍ ୱାନ୍‌ରୁ ବ୍ଲୁ ଅରିଜିନ ଏନ୍‌ଏସ୍୨୫ ଉତ୍‌କ୍ଷେପଣ ବେଳେ ଏହାକୁ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଦେଖିହେବ।

## କିର୍‌ଗିଜସ୍ତାନରେ ଭାରତୀୟ ଛାତ୍ରଙ୍କୁ ଆକ୍ରମଣ

**ନୂଆଦିଲ୍ଲୀ, ୧୮।୫**

କିର୍‌ଗିଜସ୍ତାନ ରାଜଧାନୀ ବିଶ୍‌କେକ୍‌ରେ କେତେଜଣ ଭାରତୀୟଙ୍କ ସମେତ ବିଦେଶୀ ଛାତ୍ର ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ସେଠାରେ ଉତ୍ତେଜନା ଲାଗିରହିଥିବାରୁ ଭାରତୀୟମାନେ ଘରେ ରହିବାକୁ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି। ହଷ୍ଟେଲରେ ଉତ୍ତ୍ୟକ୍ତ ଲୋକେ ପ୍ରବେଶ କରି ଆକ୍ରମଣ କରିବାରୁ କେତେଜଣ ପାକିସ୍ତାନୀ ଛାତ୍ର ଆହତ ହୋଇଛନ୍ତି। ଭାରତୀୟ ଛାତ୍ରୀଛାତ୍ରଙ୍କ ସହ ଦୂତାବାସ ଯୋଗାଯୋଗରେ ରହିଛି। ସ୍ଥିତି ଶାନ୍ତ ଥିଲେ ମଧ୍ୟ ବର୍ତ୍ତମାନ ପାଇଁ ଛାତ୍ରୀଛାତ୍ରମାନେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଭାରତୀୟ ଦୂତାବାସ ସହ ଛାତ୍ରୀଛାତ୍ର ନିୟମିତ ଯୋଗାଯୋଗରେ ରହିବା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପରାମର୍ଶ ଦେଇଛନ୍ତି।

### ଘରେ ରହିବାକୁ ଦୂତାବାସର ପରାମର୍ଶ

କିର୍‌ଗିଜସ୍ତାନରେ ପ୍ରାୟ ୧୪,୫୦୦ ଭାରତୀୟ ଛାତ୍ରୀଛାତ୍ର ରହିଛନ୍ତି। ସେଠାରେ ଡାକ୍ତରୀ ପାଠପଢ଼ା କମ୍ ଖର୍ଚ୍ଚରେ ହୋଇପାରୁ ଥିବାରୁ ମେଡିକାଲ ଛାତ୍ରୀଛାତ୍ର ସେଠାରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ତେବେ ଦୁଇଦିନ ହେଲା ସେଠାର ଉତ୍ତ୍ୟକ୍ତ ଲୋକେ ଭାରତ, ବାଂଲାଦେଶ ଓ ପାକିସ୍ତାନର ଛାତ୍ରମାନେ ରହୁଥିବା ହଷ୍ଟେଲକୁ ଟାର୍ଗେଟ କରିଛନ୍ତି। ଏହି ହିଂସାରେ ୩ ପାକିସ୍ତାନୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ସରକାରୀ ଭାବେ ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ପରେ ଦିଲ୍ଲୀ ଏବଂ ଇସ୍‌ଲାମାବାଦ ପକ୍ଷରୁ କିର୍‌ଗିଜସ୍ତାନରେ ରହୁଥିବା ସେମାନଙ୍କ ନାଗରିକମାନଙ୍କୁ ଆଡଭାଇଜରି ଜାରି କରାଯାଇଛି।

# ଜଳିଗଲା ଟୁରିଷ୍ଟ ବସ୍, ୧୦ ଦଗ୍ଧ



**ଚଣ୍ଡିଗଡ଼, ୧୮।୫**

ହରିୟାଣାର ନୁଁହ ଜିଲାର କୁଣ୍ଡଲି-ମାନେସର ପଲୱଲ ଏକ୍ସପ୍ରେସ ୱେରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଚଳନ୍ତା ଟୁରିଷ୍ଟ ବସ୍‌ରେ ନିଆଁ ଲାଗିଯିବାରୁ ୧୦ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ୨୮ ଜଣ ଆହତ ହୋଇଛନ୍ତି। ଖବରପାଇ ହରିୟାଣା ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ସାହାଯ୍ୟରେ ନିଆଁକୁ ଆୟତ୍ତ କରିବା ସହ ଆହତ ମାନଙ୍କୁ ନୁଁହ ମେଡିକାଲ କଲେଜରେ ଭର୍ତ୍ତି କରିଥିବା ନୁଁହ ବିଧାୟକ ଅଫତାବ ଅହମଦ ସୂଚନା ଦେଇଛନ୍ତି। ଉତ୍ତରପ୍ରଦେଶର ବୃନ୍ଦାବନରୁ ୬୪ ଜଣ ଶ୍ରଦ୍ଧାଳୁଙ୍କୁ ଧରି ଉକ୍ତ ବସ ପଞ୍ଜାବ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ସମସ୍ତ ଶ୍ରଦ୍ଧାଳୁ ପଞ୍ଜାବର ଲୁଧିଆନା, ହୋସିଆରପୁର ଏବଂ ଚଣ୍ଡିଗଡ଼ର ହୋଇଥିବା ସେ କହିଛନ୍ତି। ଶର୍ଟସର୍କିଟ୍‌ଯୋଗୁ ବସରେ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି।

## ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

**ନୂଆଦିଲ୍ଲୀ, ୧୮।୫**

ପଞ୍ଚମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ସୋମବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୪୯ଟିଆସନରେ ମତଦାନ ହେବ। ପଞ୍ଚମ ପର୍ଯ୍ୟାୟ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଥିବା ହାଇପ୍ରୋଫାଇଲ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ରାଏବରେଲିର କଂଗ୍ରେସ ପ୍ରାର୍ଥୀ ରାହୁଲ ଗାନ୍ଧୀ, ଅମେଠିର ଭାଜପା ପ୍ରାର୍ଥୀ ସ୍ମୃତି ଇରାନୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ (ଲକ୍ଷ୍ନୌ), ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ(ମୁମ୍ବାଇ ଉତ୍ତର), ଓମାର ଅବଦୁଲ୍ଲା (ବାରମୁଲ୍ଲା) ଏବଂ ଆର୍‌ଜେଡିର ରୋହିଣୀ ଆଚାର୍ଯ୍ୟ (ସରନ)। ପ୍ରଚାର ବେଳେ ଭାଜପା ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟର ନେତାମାନେ ପରସ୍ପରକୁ ଜୋର୍‌ଦାର ଟାର୍ଗେଟ କରିଥିଲେ। ପଞ୍ଚମ ପର୍ଯ୍ୟାୟରେ ବିହାରର ୫ ଆସନ ସମେତ ଝାଡ଼ଖଣ୍ଡର ୩, ମହାରାଷ୍ଟ୍ରର ୧୩, ଓଡ଼ିଶାର ୫, ଉତ୍ତରପ୍ରଦେଶର ୧୪, ପଶ୍ଚିମବଙ୍ଗର ୭, ଜମ୍ମୁ-କଶ୍ମୀରର ଗୋଟିଏ, ଲଦାଖର ଗୋଟିଏ ଲୋକ ସଭା ଆସନରେ ଭୋଟଗ୍ରହଣ ହେବ।

## ଘରୁ ଭୋଟ ଦେଲେ ମନମୋହନ, ଆଡଭାନୀ

**ନୂଆଦିଲ୍ଲୀ, ୧୮।୫**

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପୂର୍ବତନ ଉପରାଷ୍ଟ୍ରପତି ମହମ୍ମଦ ହମିଦ ଅନ୍‌ସାରୀ, ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଜୋଷୀ ଚଳିତ ନିର୍ବାଚନରେ ହୋମ୍ ଭୋଟିଂ ସୁବିଧା ଜରିଆରେ ଘରେ ରହି ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଶୁକ୍ରବାର ମନମୋହନ ଏବଂ ଜୋଷୀ ନୂଆଦିଲ୍ଲୀ ସଂସଦୀୟ ଆସନ ପାଇଁ ଘରୁ ଭୋଟ ଦେଇଥିବାବେଳେ ଅନ୍‌ସାରୀ ଗୁରୁବାର ଭୋଟ ଦେଇଥିଲେ। ଦିଲ୍ଲୀରେ ଗୁରୁବାରଠାରୁ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମମାନଙ୍କ ପାଇଁ ହୋମ୍ ଭୋଟିଂ ସେବା ଆରମ୍ଭ ହୋଇଥିବାବେଳେ ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଶୁକ୍ରବାର ଦିଲ୍ଲୀର ୭ ଆସନ ପାଇଁ ୧,୪୦୯ ଜଣ ଘରେ ରହି ଭୋଟ ଦେଇଥିଲେ। ପଶ୍ଚିମ ଦିଲ୍ଲୀ ଆସନ ପାଇଁ ସର୍ବାଧିକ ୩୪୮ ଜଣ ଘରୁ ଭୋଟ ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ୨୯୯ ଜଣ ବରିଷ୍ଠ ନାଗରିକ ରହିଛନ୍ତି। ଦିଲ୍ଲୀରେ ମୋଟ ୫,୪୦୬ ବରିଷ୍ଠ ଓ ଭିନ୍ନକ୍ଷମ ଭୋଟର ହୋମ୍ ଭୋଟିଂ ସୁବିଧା ନେବା ପାଇଁ ଫର୍ମ-୧୨ଡି ଦାଖଲ କରିଥିଲେ।

## ନେପାଳରେ ଭାରତୀୟ ମସଲା ବିକ୍ରି ବନ୍ଦ

**କାଠମାଣ୍ଡୁ, ୧୮।୫**

କେତେକ ଭାରତୀୟ ବ୍ରାଣ୍ଡର ମସଲାର ମାନକୁ ନେଇ ପ୍ରଶ୍ନ ଉଠିବା ପରେ ସିଙ୍ଗାପୁର ଓ ହଂକଂରେ ଏହାର ବିକ୍ରିକୁ ନିଷେଧ କରାଯାଇଥିଲା। ଏବେ ନେପାଳ ସରକାର ତାଙ୍କ ଦେଶରେ କେତେକ ଭାରତୀୟ ମସଲା ମିଶ୍ରିତ ଉତ୍ପାଦ ବିକ୍ରି ଓ ଆମଦାନୀକୁ ବନ୍ଦ କରିଛନ୍ତି। ଏମ୍‌ଡିଏଚ୍ ଏବଂ ଏଭରେଷ୍ଟ କମ୍ପାନୀ ପ୍ରସ୍ତୁତ ୪ଟି ମସଲାଯୁକ୍ତ ଉତ୍ପାଦକୁ ଶୁକ୍ରବାରଠାରୁ ନେପାଳରେ ବ୍ୟାନ୍ କରାଯାଇଛି। ଖାଦ୍ୟ ପ୍ରଯୁକ୍ତି ଓ ମାନ ନିୟନ୍ତ୍ରଣ ବିଭାଗ ତଥ୍ୟ ଅନୁଯାୟୀ ଏହିସବୁ ଉତ୍ପାଦରେ ଇଥେଲିନ୍ ଅକ୍ସାଇଡ୍ ରହିଥିବା ସନ୍ଦେହ କରାଯାଉଛି। ତଦନୁଯାୟୀ ଏମ୍‌ଡିଏଚ୍‌ର ମାଦ୍ରାସ କରି ପାଉଡର, ସମ୍ବର ମିକ୍ସଡ୍ ମସଲା ପାଉଡର, ମିକ୍ସଡ ମସଲା କରି ପାଉଡର ଏବଂ ଏଭରେଷ୍ଟର ଫିସ୍ କରି ମସଲାକୁ ନେପାଳରେ ବେଆଇନ କରାଯାଇଛି।

## ଆଫଗାନିସ୍ତାନରେ ବନ୍ୟା, ୬୮ ମୃତ

**କାବୁଲ, ୧୮।୫**

ପଶ୍ଚିମ ଆଫଗାନିସ୍ତାନର ଘୋର ପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ଅତ୍ୟଧିକ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ଏହି ବନ୍ୟାରେ ୬୮ରୁ ଅଧିକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ସହ ୧୨ରୁ ଊର୍ଦ୍ଧ୍ୱ ଜଣ ନିଖୋଜ ଥିବା ଘୋର ରାଜ୍ୟପାଳଙ୍କ ପ୍ରବକ୍ତା ଅବଦୁଲ ୱାହିଦ ହମାସ ସୂଚନା ଦେଇଛନ୍ତି। ଘୋର ରାଜଧାନୀ ଫିରୋଜକୋହ ଏବଂ ଅନ୍ୟ ଅଞ୍ଚଳରେ ଶହ ଶହ ହେକ୍ଟର କୃଷିଜମି ନଷ୍ଟ ହୋଇଥିବାରୁ ପ୍ରଦେଶକୁ ବିପୁଳ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିବା ସେ କହିଛନ୍ତି। ବନ୍ୟାରେ ପ୍ରଦେଶର ଶାହରକ, ତୁଲିନା, ଲାଲ ଏବଂ ସରଜଙ୍ଗଲ ଜିଲାର ୨ ହଜାର ଘର ଏବଂ ୨,୫୦୦ ଦୋକାନ କ୍ଷତିଗ୍ରସ୍ତ ହୋଇଛି।

## ଡାକ୍ତର କହିଲେ ଖରାରେ ରଖ, ଅଧଘଣ୍ଟା ପରେ ନବଜାତକ ମୃତ

**ମୈନପୁରି, ୧୮।୫**

ଉତ୍ତରପ୍ରଦେଶର ମୈନପୁରି ଜିଲା ଭୁଗାଇ ଗ୍ରାମରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ୫ ଦିନ ତଳେ ଜନ୍ମିତ ଜଣେ ଶିଶୁକନ୍ୟାକୁ ଖରାରେ ରଖିବାରୁ ତାଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ରାଧାରମଣ ରୋଡ୍‌ସ୍ଥିତ ଶ୍ରୀ ସାଇ ହସ୍ପିଟାଲରେ ଗ୍ରାମର ବିମଳେଶ କୁମାରଙ୍କ ସ୍ତ୍ରୀ ରୀତା ଦେବୀ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ତେବେ ଗୁରୁବାର ନବଜାତ ଶିଶୁକନ୍ୟାର କିଛି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାରୁ ପରିବାର ଲୋକେ ଉକ୍ତ ହସ୍ପିଟାଲର ଜଣେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ପ୍ରତ୍ୟକ୍ଷ ସୂର୍ଯ୍ୟକିରଣରେ ନବଜାତ ଶିଶୁକନ୍ୟାଙ୍କୁ ଅଧ ଘଣ୍ଟା ପର୍ଯ୍ୟନ୍ତ ରଖିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପରିବାର ଲୋକେ ଶୁକ୍ରବାର ପ୍ରଚଣ୍ଡ ଖରା ହେଉଥିବା ବେଳେ ନବଜାତକଙ୍କୁ ଛାତ ଉପରେ ଶୁଆଇଦେଇ ଚାଲି ଆସିଥିଲେ। ଅଧଘଣ୍ଟା ପରେ ପରିବାର ଲୋକେ ଶିଶୁକନ୍ୟାଙ୍କୁ ନେବାପାଇଁ ଆସିଲାବେଳକୁ ସେ ଆଖିବୁଜି ସାରିଥିଲେ। ପରିବାର ଲୋକେ ଉତ୍ତ୍ୟକ୍ତ ହୋଇ ଶ୍ରୀ ସାଇ ହସ୍ପିଟାଲରେ ପହଞ୍ଚି ବିରୋଧ କରିବାରୁ ପରାମର୍ଶ ଦେଇଥିବା ଡାକ୍ତର ହସ୍ପିଟାଲରୁ ଫେରାର ହୋଇଯାଇଥିଲେ। ତେବେ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଚାଲିଛି ଏବଂ ଏହାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୈନପୁରି ଜିଲାର ମୁଖ୍ୟ ଚିକିତ୍ସା ଅଧିକାରୀ(ସିଏମ୍‌ଓ) ଆର. ସି. ଗୁପ୍ତା ସୂଚନା ଦେଇଛନ୍ତି।



## ଆପ୍‌ର ଅଭିଯୋଗ: ଷଡ଼ଯନ୍ତ୍ର ପାଇଁ ସ୍ୱାତୀଙ୍କୁ ବ୍ଲାକ୍‌ମେଲ କରିଥିଲା ଭାଜପା

**ନୂଆଦିଲ୍ଲୀ, ୧୮।୫**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାର ମାଡ଼ ମାରିଥିବା ନେଇ ଦଳୀୟ ଏମ୍‌ପି ସ୍ୱାତୀ ମାଲିୱାଲ ଅଭିଯୋଗ ଆଣିବା ଘଟଣାରେ ଆପ୍ ନେତା ଆତିଶୀ ଭାଜପାକୁ ଦାୟୀ କରିଛନ୍ତି। କେଜ୍‌ରିୱାଲଙ୍କ ବିରୋଧରେ ଷଡ଼ଯନ୍ତ୍ରର ଅଂଶ ସ୍ୱରୂପ ଭାଜପା ସ୍ୱାତୀଙ୍କୁ ବ୍ଲାକ୍‌ମେଲ କରିଥିଲା। ତାଙ୍କୁ ବେଆଇନ ନିଯୁକ୍ତି ମାମଲାରେ ଗିରଫ କରାଯିବ ବୋଲି ଭାଜପା ଧମକ ଦେଇଥିବା ଆତିଶୀ ଅଭିଯୋଗ କରିଛନ୍ତି। ସ୍ୱାତୀ ସୋମବାର ବିନା ଆପଏଣ୍ଟମେଣ୍ଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେ କାହିଁକି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିନା ଅନୁମତିରେ ପଶିଲେ ବୋଲି ଦିଲ୍ଲୀ ମନ୍ତ୍ରୀ ଆତିଶୀ ପ୍ରଶ୍ନ କରିଛନ୍ତି।



ସ୍ୱାତୀ ମାଲିୱାଲ

ସ୍ୱାତୀଙ୍କୁ ଆକ୍ରମଣ ଘଟଣାକୁ ନେଇ ବିବାଦ ଜାରି ରହିଥିବାବେଳେ କେଜ୍‌ରିୱାଲଙ୍କ ବାସଭବନର ଏକ ନୂଆ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ସ୍ୱାତୀ ସୁରକ୍ଷା କର୍ମୀମାନଙ୍କ ଗହଣରେ କେଜ୍‌ରିୱାଲଙ୍କ ବାସଭବନରୁ ବାହାରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ବାସଭବନ ପରିସର ବାହାରେ ସୁରକ୍ଷା କର୍ମୀଙ୍କ ସହ ସ୍ୱାତୀ ଯୁକ୍ତିତର୍କ କରୁଥିବା ଦେଖାଯାଇଛି। ସ୍ୱାତୀଙ୍କୁ ସର୍ବସାଧାରଣରେ ସମାଲୋଚନା କରିବା ପାଇଁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଏହି ଭିଡିଓ କ୍ଲିପ୍ 'ଏକ୍ସ'ରେ ଶେୟାର କରାଯାଇ ତାଙ୍କ ଅଭିଯୋଗ କେତେ ସତ ତାହା ଧରାପଡ଼ିଯାଇଥିବା କୁହାଯାଇଛି। ଭିଡିଓରେ ସ୍ୱାତୀ ଆହତ ହୋଇଥିବା କିମ୍ବା ତାଙ୍କ ପୋଷାକ ଚିରିଥିବାର କୌଣସି ଚିହ୍ନ ଦେଖାଯାଉ ନାହିଁ। ଅନ୍ୟପକ୍ଷରେ ଡାକ୍ତରୀ ରିପୋର୍ଟରେ ସ୍ୱାତୀଙ୍କ ଦେହରେ ଆକ୍ରମଣର କ୍ଷତଚିହ୍ନ ରହିଥିବା ଜଣାପଡ଼ିଛି। ସ୍ୱାତୀଙ୍କ ଅଭିଯୋଗକୁ ମିଥ୍ୟା ପ୍ରମାଣିତ କରିବା ପାଇଁ ଆପ୍ ଇତିମଧ୍ୟରେ ୨ଟି ଭିଡିଓ ଶେୟାର କଲାଣି।

### ଫୁରସତ୍

# ୨,୨୨୨ ମିଟର ଉଚ୍ଚରେ ବିବାହ

**ବର୍ନ:** ବିବାହକୁ ବହୁ ଆଡ଼ମ୍ବରରେ ଏବଂ ଧୁମ୍‌ଧାମରେ ପାଳନ କରିବାକୁ ସମସ୍ତେ ଚାହିଁଥାନ୍ତି। ତେବେ ନିଜ ବିବାହକୁ କିଛି ଅଲଗା ଏବଂ ନିଆରା କରିବାକୁ ସ୍ଥିର କରି ସୁଇଜରଲାଣ୍ଡର ଏକ ଦମ୍ପତି ଗୋଟିଏ ବରଫ ଆଚ୍ଛାଦିତ ପର୍ବତରେ ବିବାହ କରିଛନ୍ତି। ସ୍ଥାନୀୟ ଜର୍ମଟଠାରେ ସମୁଦ୍ର ପତ୍ତନଠାରୁ ୨,୨୨୨ ମିଟର ଉଚ୍ଚତାରେ ଥିବା ଏକ ବରଫ ଆଚ୍ଛାଦିତ ପର୍ବତରେ ଏହି ଦମ୍ପତି ବିବାହ କରିଛନ୍ତି। ଏହି ବିବାହର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ଏହି ନିଆରା ବିବାହରେ ବାଦ୍ୟଯନ୍ତ୍ରକାରୀମାନେ ସ୍ନୋ ଆଞ୍ଜେଲ୍ସଙ୍କ ପରି ପୋଷାକ ପିନ୍ଧିବା ସହ ବରଫ ମଧ୍ୟରେ ଆକର୍ଷଣୀୟ ବିବାହ ସଙ୍ଗୀତ ବଜାଉଛନ୍ତି। ସେହିପରି ନାଟକୀୟ ଭାବେ ଏକ ବରଫ ଖଣ୍ଡ ଭିତରୁ କନ୍ୟା ବାହାରି ବିବାହ ସ୍ଥଳକୁ ଆସୁଥିବା ଏହି ଭିଡିଓରୁ ଜଣାପଡୁଛି। ସେହିପରି ଉଭୟ ବର ଏବଂ କନ୍ୟା ଏକ ବିଶାଳ ବରଫ କ୍ୟୁବ୍ ଭିତରେ ପୋଜ୍ ଦେଉଥିବା ନଜର ଆସୁଛନ୍ତି। ଏହି ଅନନ୍ୟ ବିବାହରେ କର୍ମଚାରୀମାନେ ବରଫ-ଥିମ୍ ପୋଷାକ ପିନ୍ଧିବା ସହ ଉପସ୍ଥିତ ଅତିଥିଙ୍କୁ ଫ୍ରିଜ୍ ଆଇସ୍-କ୍ୟୁବ୍ ଟ୍ରେ'ରୁ ପାନୀୟ ପରିବେଷଣ ମଧ୍ୟ କରୁଛନ୍ତି। ସୋସିଆଲ ମିଡିଆରେ ଏହି ଭିଡିଓକୁ ଅନେକ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି। ଏହାକୁ ଏକ ଅଦ୍ଭୁତ ଓ ଭିନ୍ନ ବିବାହ କହି କେତେଜଣ ୟୁଜର୍ସକମେଣ୍ଟମାଧ୍ୟମରେପ୍ରକାଶକରିଛନ୍ତି।





## ୩୪ ବର୍ଷ ବୟସରେ ହେଲେ ଜେଜେ ମା'



ଶିର୍ଲି ଲିଙ୍ଗ୍

**ସିଙ୍ଗାପୁର:** ସିଙ୍ଗାପୁରର ଶିର୍ଲି ଲିଙ୍ଗ୍ ନାମ୍ନୀ ଜଣେ ମହିଳା ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମାତ୍ର ୩୪ ବର୍ଷ ବୟସରେ ଜେଜେ ମା' ହୋଇଛନ୍ତି। ତାଙ୍କର ୧୭ ବର୍ଷୀୟ ପୁଅଙ୍କ ଏକ ଶିଶୁ ଜନ୍ମ ହୋଇଛି। ସିଙ୍ଗାପୁରରେ ଚିକେନ୍ ହଟପଟ୍ ନାମକ ଏକ ରେଷ୍ଟୁରାଣ୍ଟ ଚଳାଉଥିବା ଶିର୍ଲି ୩ ଥର ବିବାହ କରିଥିବା ବେଳେ ତାଙ୍କର ୫ ଜଣ ସନ୍ତାନ ରହିଛନ୍ତି। ମାତ୍ର ୧୭ ବର୍ଷ ବୟସରେ ଶିର୍ଲିଙ୍କର ପ୍ରଥମ ସନ୍ତାନ ଜନ୍ମ ହୋଇଥିଲେ।

ଶିର୍ଲି ଏନେଇ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ନିଜ ଫଲୋଅର୍ସଙ୍କୁ ସୂଚନା ଦେଇଛନ୍ତି। ଏତେ କମ୍ ବୟସରେ ଜେଜେ ମା' ହେବାର ଅନୁଭୂତିକୁ ସେ ଏହି ପୋଷ୍ଟରେ ବଖାଣିଛନ୍ତି।

## ଡାକ୍ତର ହେବାକୁ ଚାହୁଁଥିଲେ ମାନୁଷୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ମାନୁଷୀ ଛିଲ୍ଲରଙ୍କୁ କୌଣସି ପରିଚୟର ଆବଶ୍ୟକତା ନାହିଁ। ସେ ଅନେକ ଚଳଚ୍ଚିତ୍ରରେ ନିଜ ଦୃଢ଼ ଅଭିନୟ ଦ୍ୱାରା ପ୍ରଶଂସକଙ୍କର ପ୍ରଶଂସା ସାଉଁଟିବାରେ ସଫଳ ହୋଇଛନ୍ତି। ତେବେ ଜଣେ ଡାକ୍ତର ହେବା ପାଇଁ ପିଲାଦିନେ ସେ ଚାହୁଁଥିଲେ ବୋଲି ମାନୁଷୀ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅନ୍ୟପକ୍ଷରେ, ୨୦୧୭ରେ ମା'ଙ୍କଠାରୁ ପ୍ରେରଣା ପାଇ ସେ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଭାଗ ନେଇଥିଲେ ଏବଂ ଏହି ଟାଇଟଲ ଜିତି ଭାରତକୁ ଗୌରବାନ୍ୱିତ କରିଥିଲେ। ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି। ମିସ୍ ୱାର୍ଲ୍ଡ ଟାଇଟଲ ଜିତିବା ପରେ ତାଙ୍କୁ ଅନେକ ଚଳଚ୍ଚିତ୍ରରେ ଅଭିନୟ ପାଇଁ ଅଫର୍ ଆସିଥିବା ମାନୁଷୀ ଏହି ସାକ୍ଷାତ୍‌କାରରେ କହିଛନ୍ତି। ୨୦୨୨ରେ ସେ 'ସମ୍ରାଟ ପୃଥ୍ୱୀରାଜ' ସହ ବଲିଉଡରେ ଡେବ୍ୟୁ କରିଥିଲେ। ଯଦିଓ ଏହି ଫିଲ୍ମ ବକ୍ସ ଅଫିସରେ ହିଟ୍ ହୋଇ ନ ଥିଲା, ତେବେ ମଧ୍ୟ ଫିଲ୍ମରେ ମାନୁଷୀଙ୍କ ଅଭିନୟକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ଏହା ପରେ 'ଦି ଗ୍ରେଟ୍ ଇଣ୍ଡିଆନ୍ ଫ୍ୟାମିଲି' ଏବଂ 'ଅପରେଶନ୍ ଭାଲେଣ୍ଟାଇନ୍' ଭଳି ଚଳଚ୍ଚିତ୍ର ସହ ମାନୁଷୀ ତାଙ୍କ ଅଭିନୟର ଦକ୍ଷତା ଦେଖାଇଛନ୍ତି ଏବଂ ସମସ୍ତଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ନିକଟରେ ସେ ଅଭିନେତା ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ୍‌ଙ୍କ ସହ ଫିଲ୍ମ 'ବଡେ ମିୟାଁ ଛୋଟେ ମିୟାଁ'ରେ ନଜର ଆସିଛନ୍ତି। ଏହି ଚଳଚ୍ଚିତ୍ରରେ ତାଙ୍କୁ ଜଣେ ପେସାଦାର କଳାକାରଙ୍କ ଭଳି ଆକ୍ସନ ସିନ କରୁଥିବା ଦେଖିବାକୁ ମିଳିଛି, ଯାହାକୁ ଲୋକେ ବେଶ୍ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ମାନୁଷୀଙ୍କୁ 'ତେହରାନ' ଫିଲ୍ମରେ ଦେଖିବାକୁ ମିଳିବ, ଯେଉଁଥିରେ ସେ ପ୍ରଥମ ଥର ପାଇଁ ଅଭିନେତା ଜନ୍ ଆବ୍ରାହିମଙ୍କ ସହ ସ୍କ୍ରିନ୍ ଶେୟାର୍ କରିବେ।



# ନିର୍ବାଚନ ଆସିଲେ ଶିଳ୍ପ କଥା ମନେପଡ଼େ

- ଅଣୁ, କ୍ଷୁଦ୍ର ଉଦ୍ୟୋଗକୁ ମିଳୁନି ଋଣ
- ପରିବାର ଭରଣପୋଷଣ ପାଇଁ ପ୍ରବାସୀ ଯୁବବର୍ଗ

କେନ୍ଦ୍ରାପଡ଼ା, ୧୮।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଅଞ୍ଚଳର ବିକାଶରେ ଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିଯୋଗୁ ଯୁବବର୍ଗଙ୍କୁ କର୍ମନିଯୁକ୍ତି ସହ ଜିଲାର ଅର୍ଥନୀତି ଚଳଚଞ୍ଚଳ ହୁଏ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପାଇଁ ପ୍ରତ୍ୟେକ ଜିଲାରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଚଳାଇବାକୁ ଗୁରୁତ୍ୱ ଦେଇଛନ୍ତି। ସେହିପରି ରାଜ୍ୟ ସରକାର ଏହି ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିସହ କୁଟିର ବା ଅଣୁ ଓ କ୍ଷୁଦ୍ରଶିଳ୍ପ ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲାରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ରୂପାୟନ ହେଉନି। ଅନାଦେୟ ଋଣ ଗ୍ରହୀତାଙ୍କ ସଂଖ୍ୟା ବଢ଼ୁଥିବା ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିରେ ବାଧା ସୃଷ୍ଟି କରୁଛନ୍ତି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଆଗ୍ରହୀ ଯୁବବର୍ଗ ନିରାଶ ହେଉଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକ ପୋଖରିଆପଡ଼ା ଗ୍ରାମର ପବିତ୍ର ବେହେରା କହିଛନ୍ତି, ଥଣ୍ଡା ପାନୀୟର ଚାହିଦା ଅଛି। ଏଥିପାଇଁ ଜିଲା ଶିଳ୍ପକେନ୍ଦ୍ର ମାଧ୍ୟମରେ ବ୍ୟାଙ୍କରୁ ଋଣ ଆଣିବା ପାଇଁ ବାରମ୍ବାର ଯାଇଛି। ତେବେ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ପାଇଁ ସମ୍ପତ୍ତି ବନ୍ଧକ ଉପରେ ଗୁରୁତ୍ୱ ଦେଇଛନ୍ତି। ବନ୍ଧକ ପାଇଁ ପର୍ଯ୍ୟାପ୍ତ ସମ୍ପତ୍ତି ନାହିଁ। ବାଧ୍ୟହୋଇ ଏହି କ୍ଷୁଦ୍ର ଶିଳ୍ପରୁ ଓହରି ଆସିବାକୁ ପଡ଼ିଲା। ଏ ନେଇ ପାଇଥିବା ତାଲିମ ବେକାର ହୋଇଗଲା। ସମ୍ପତ୍ତି ବନ୍ଧକ ପିଏମ୍‌ଇଜିପି ପାଇଁ ବାଧକ ସାଜିଛି। ଏହି ବ୍ଲକ କଷଣଅଣ୍ଟା ଗ୍ରାମର ରୀତାରାଣୀ ବେହେରା କହିଛନ୍ତି, ଜିଲା ଶିଳ୍ପକେନ୍ଦ୍ର ମାଧ୍ୟମରେ ମସଲା ଶିଳ୍ପ ପାଇଁ ତାଲିମ ନେଇଛନ୍ତି। ୨୦୧୮ରେ ଏହି ପ୍ରକଳ୍ପ ପାଇଁ ୮ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲେ। ତେବେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୨୦୧୯ରେ ମାତ୍ର ୩ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଥିଲେ। ୨୦୨୦-୨୧ ମସିହାରେ କୋଭିଡ୍ ସଂକ୍ରମଣ ପାଇଁ ମସଲା ବିକ୍ରିରେ ଅସୁବିଧା ହୋଇଛି। ଏବେ ଏହାର ସ୍ଥିତି ସୁଧୁରିବାକୁ ବସିଥିବା ବେଳେ ଋଣ ଅର୍ଥ ଫେରସ୍ତ ଚିନ୍ତାର କାରଣ ହୋଇଛି। ଏକକାଳୀନ ୮ ଲକ୍ଷ ଟଙ୍କା ମିଳିଥିଲେ, ଏହି ଶିଳ୍ପରେ ଅନ୍ୟୂନ ୧୦ ଜଣ ନିଯୁକ୍ତି ପାଇଥାନ୍ତେ। ଜଣେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପରିଚାଳକ କହିଛନ୍ତି, ଋଣ ପ୍ରଦାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବଳ ଚାପ ହେଉଛି। ଋଣ ପ୍ରଦାନ ପରେ ଅସୁଲ




କରାଯାଇ ପାରୁ ନ ଥିବାରୁ ଅନାଦେୟ ଋଣ (ଏନ୍‌ପିଏ) ହିତାଧିକାରୀଙ୍କ ସଂଖ୍ୟା ବଢ଼ିଯାଉଛି। ମୁଦ୍ରା ଯୋଜନାରେ ଜିଲାର ବହୁ ଲୋକଙ୍କୁ ଋଣ ପ୍ରଦାନ କରାଯାଇଛି। ତେବେ ଏହାର ଗ୍ରହୀତା ଋଣ ନେଇ ଜିଲା ବାହାରକୁ ପଳାଇଛନ୍ତି। ସେମାନଙ୍କଠାରୁ ଋଣ ଆଦାୟ କରିବା କଷ୍ଟକର ହୋଇଛି। ସେହିପରି ପିଏମ୍‌ଇଜିପିରେ ବହୁ ଆଶାୟୀ ଋଣ ପ୍ରଦାନ ପାଇଁ ଚାପ ପକାଉଛନ୍ତି। ତେବେ ସମ୍ପତ୍ତି ବନ୍ଧକ ଦେବାକୁ ପଛଘୁଞ୍ଚା ଦେଉଥିବାରୁ ସମ୍ପୃକ୍ତ ଗ୍ରହୀତା ଋଣ ଶୁଝିବା ନେଇ ଅନିଶ୍ଚିତତାରେ ବ୍ୟାଙ୍କ କର୍ତ୍ତୃପକ୍ଷ ରହିବା ସ୍ୱାଭାବିକ କଥା। ସାମାଜିକ କର୍ମୀ ଅନନ୍ତ କୁମାର ଦାଶ କହିଛନ୍ତି, ଜିଲାରେ ଶିଳ୍ପ ଉଦ୍ୟୋଗ ପାଇଁ ପ୍ରଶାସନ ପକ୍ଷରୁ କୌଣସି ଚାପ ନାହିଁ। ବହୁ ଶିକ୍ଷିତ ଓ ତାଲିମପ୍ରାପ୍ତ ଶିଳ୍ପ ଉଦ୍ୟୋଗ ଆଶାୟୀ ବାରମ୍ବାର ଜିଲା ଶିଳ୍ପକେନ୍ଦ୍ର ମାଧ୍ୟମରେ ଏଥିପାଇଁ ଚେଷ୍ଟା କରୁଥିଲେ ମଧ୍ୟ ନିରାଶ ହେଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ପ୍ରତିବର୍ଷ ୨ ଥର ସମୀକ୍ଷା ବୈଠକ ହେଉଛି। ସମୀକ୍ଷା ବୈଠକ କେବଳ କାଗଜପତ୍ରରେ ସୀମିତ ରହିଯାଉଛି। ନିୟମ ଅନୁଯାୟୀ, ବ୍ୟାଙ୍କ ଜମାର ୬୦ ପ୍ରତିଶତ ଋଣ ଦେବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଗୋଟିଏ ଦୁଇଟିକୁ ଛାଡ଼ିଦେଲେ ଅବଶିଷ୍ଟ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନହାର ୨୦ ପ୍ରତିଶତ ରହୁନାହିଁ। ସିଙ୍ଗଲ ୱିଣ୍ଡୋରେ ଶିଳ୍ପ ଉଦ୍ୟୋଗୀଙ୍କୁ ଋଣ ବ୍ୟବସ୍ଥା ହେଲେ ଜିଲାର ବିକାଶ ହୋଇପାରିବ। ଏହିପରି ବିଭିନ୍ନ ସମସ୍ୟା ପାଇଁ ଯୁବବର୍ଗ ପରିବାରର ଭରଣପୋଷଣ ପାଇଁ ପ୍ରବାସରେ କର୍ମନିଯୁକ୍ତି ଖୋଜୁଛନ୍ତି। ଏ ସମ୍ପର୍କରେ ରାଜ୍ୟ କଂଗ୍ରେସ ପ୍ରଚାର କମିଟି ସଦସ୍ୟ ବିଧୁଭୂଷଣ ମହାପାତ୍ର କହିଛନ୍ତି, ନିର୍ବାଚନ ଆସିଲେ ଶାସକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିଳ୍ପକଥା ମନେପଡ଼େ। ଯୁବବର୍ଗ ଜିଲାରେ ଶିଳ୍ପ ନ ଥିବାରୁ ବାହାର ସ୍ଥାନରେ ଦାଦନ ଶ୍ରମିକ ଭାବେ ନିର୍ଯାତିତ ହେଉଛନ୍ତି। ଜିଲା ଭାଜପା ଉପସଭାପତି ଅଭିମନ୍ୟୁ ଗୋଛାୟତ କହିଛନ୍ତି, ବିଜେଡି ରାଜ୍ୟରେ ୨୫ ବର୍ଷ ଧରି ଶାସନ କରୁଛି। କେନ୍ଦ୍ରାପଡ଼ା ଜିଲାକୁ ବିଜୁବାବୁଙ୍କ ରାଜନୈତିକ କର୍ମଭୂମି ଦର୍ଶାଉଥିଲେ ମଧ୍ୟ ଛୁଞ୍ଚି ଶିଳ୍ପଟିଏ ବସାଇବା ପାଇଁ ପ୍ରୋତ୍ସାହନ ନାହିଁ। ମହାକାଳପଡ଼ାଠାରେ ଶିଳ୍ପ ପ୍ରତିଶ୍ରୁତି ଏବେ ପ୍ରତାରଣା ବୋଲି ଜିଲାବାସୀ ବୁଝି ସାରିଲେଣି। ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ କହିଛନ୍ତ, ମହାକାଳପଡ଼ାରେ ବୃହତ୍ ଶିଳ୍ପ ପାଇଁ ରାଜ୍ୟ ସରକାରଙ୍କ ସହିତ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲର ଏମ୍‌ଓୟୁ ହୋଇଛି। ଏଥିସହ ଯୁବବର୍ଗଙ୍କୁ ତାଲିମ ପାଇଁ ଅନୁଷ୍ଠାନଗୁଡ଼ିକ ପ୍ରତିଷ୍ଠା ହୋଇଛି। ଅଣୁ ଓ କ୍ଷୁଦ୍ର ଶିଳ୍ପରେ ଜିଲାର ବହୁ ଯୁବକ ରାଜ୍ୟ ସରକାରଙ୍କ ଦ୍ୱାରା ଉପକୃତ ହୋଇଛନ୍ତି।

# ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

metroselfie@gmail.com



@ ଏକାନ୍ତ



@ ହିମାଂଶୁ



@ ରୋହନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜୁନ୍‌ରେ ରାଜ୍ୟ ଶାସନ ଭାଜପାକୁ ପରିବର୍ତ୍ତିତ ହେବ



ଭାଜପା କର୍ମୀ ସମ୍ମିଳନୀରେ ନେତାମାନେ।

କେନ୍ଦ୍ରାପଡ଼ା, ୧୮।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ପଞ୍ଚାୟତ ବଉଳବିହାର ଜିଲା ଭାଜପାର କର୍ମକର୍ତ୍ତାଙ୍କ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଯୋଗଦେଇଥିବା ବରିଷ୍ଠ ନେତାମାନେ ରାଜ୍ୟରେ ଆସନ୍ତା ଜୁନ୍ ମାସରେ ବିଜେଡି ପରିବର୍ତ୍ତେ ଭାଜପା ଶାସନ କରିବ ବୋଲି ମତ ରଖିଛନ୍ତି। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ୭ ବିଧାୟକ ପ୍ରାର୍ଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସେମାନେ କହିଥିଲେ, କଂଗ୍ରେସର ଦୀର୍ଘସମୟ ଶାସନ ପରେ ବିଜେଡି ୨୪ ବର୍ଷ ଧରି ରାଜ୍ୟରେ କ୍ଷମତାସୀନ ଅଛି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାରେ ଛୁଞ୍ଚି ଶିଳ୍ପଟିଏ ହୋଇନାହିଁ। ଫଳରେ ଯୁବବର୍ଗ ଜିଲା ବାହାରକୁ କର୍ମ ଅନ୍ୱେଷଣରେ ଯାଇ ନିର୍ଯାତନାର ଶିକାର ହେଉଛନ୍ତ। କ୍ଷେତକୁ ଜଳ, ପାନୀୟ ଜଳ, ବିଭିନ୍ନ ପଞ୍ଚାୟତକୁ ରାସ୍ତା ଓ ଘାଟ ଆଦି ମୌଳିକ ସୁବିଧାରୁ ଜିଲାବାସୀ ବଞ୍ଚିତ ହୋଇଛନ୍ତି। ଅପରପକ୍ଷରେ ବାହାର ରାଜ୍ୟରୁ ଆସି ଜଣେ ବାବୁ ପଛପଟ ବାଟେ ଶାସନ ଗାଦିରେ ବସିବାକୁ ଚକ୍ରାନ୍ତ ଚଳାଇଛନ୍ତି, ଯାହା ରାଜ୍ୟବାସୀଙ୍କ ଅସ୍ମିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଏକ ଲହରରେ ପରିଣତ ହୋଇଛି। ରାଜ୍ୟରେ ଏଥର ଭାଜପା ସରକାର ଗଠନ କରିବା ସହ ୨୧ ଏମ୍‌ପି ସିଟ୍ ନିଶ୍ଚିତ ଜିତିବ। ଏଥିପାଇଁ ତୃଣମୂଳସ୍ତରରେ ସାଙ୍ଗଠନିକ ଶକ୍ତିକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତା ଉପିନ ରାଉତ ଓ କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳି ସେଠୀ ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ।

# ୨ କିଡ୍‌ନୀ ଅଚଳ: ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଏରସମା, ୧୮।୫ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଅମ୍ବିକି ପଞ୍ଚାୟତସ୍ଥିତ କିଆଦା ଗ୍ରାମର ମନୋରଞ୍ଜନ ଟାଙ୍ଗୁରଙ୍କ ଝିଅ ସୁବାସିନୀଙ୍କ ୨ଟି କିଡ୍‌ନୀ ଅଚଳ ହୋଇଯାଇଛି। ମାତ୍ର ତାଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ।

ସୂଚନା ଅନୁସାରେ, ମନୋରଞ୍ଜନଙ୍କ ୪ ଝିଅ ଗୋଟିଏ ପୁଅ ମଧ୍ୟରୁ ଦୁଇ ଝିଅ ବିବାହିତ। ସ୍ତ୍ରୀଙ୍କୁ ମିଶାଇ ୫ ଜଣ ଏବେ ମନୋରଞ୍ଜନଙ୍କ ଉପରେ ନିର୍ଭରଶୀଳ। ମନୋରଞ୍ଜନ ମଜୁରି ଲାଗି ଯାହା ରୋଜଗାର



ସୁବାସିନୀ ଟାଙ୍ଗୁର

କରନ୍ତି ସେଥିରେ ପରିବାରଲୋକେ କଷ୍ଟରେ ଚଳି ଯାଉଥିଲେ। ମାତ୍ର କୌଣସି କାରଣରୁ ମନୋରଞ୍ଜନଙ୍କ ଗୋଡ଼ ଦରଜ ଓ ବିନ୍ଧା ହେବାରୁ ସେ ଆଉ ମଜୁରି ଲାଗି ପାରିଲେ ନାହିଁ। ପରିବାର ଚଳାଇବା କଷ୍ଟସାଧ୍ୟ ହୋଇଥିଲା। ଏଭଳିସ୍ଥିତିରେ ଦଶମ ଶ୍ରେଣୀରେ ପାଠ ପଢ଼ୁଥିବା ଝିଅ ସୁବାସିନୀର ପେଟ କାଟିଲା। ଯେତେ ଔଷଧ ଖାଇଲେ ମଧ୍ୟ ଭଲ ହେଲାନାହିଁ। ଡାକ୍ତର ଦେଖାଇବା ପରେ ସୁବାସିନୀଙ୍କ ୨ଟି ଯାକ କିଡ୍‌ନୀ ଅଚଳ ହୋଇଯାଇଥିବା ଜଣାପଡ଼ିଲା। ଏହାପରେ ଯେମିତି ପରିବାର ପାଇଁ ବିପଦ ମାଡି ଆସିଥିଲା। ସୁବାସିନୀଙ୍କ ପାଠରେ ଡୋରି ବନ୍ଧା ହୋଇଯାଇଥିଲା। ଏବେ ମନୋରଞ୍ଜନ ତାଙ୍କ ଗାଁ ପାଖ ଛୋଟିଆ ଛକରେ ଚା' ବିକ୍ରି କରୁଛନ୍ତି। ସୁବାସିନୀଙ୍କୁ ଚିକିତ୍ସା କରିବା ପାଇଁ ଆବଶ୍ୟକ ଅର୍ଥ ତାଙ୍କ ପାଖରେ ନାହିଁ। ସୁବାସିନୀ ଏବେ ସପ୍ତାହର ଦୁଇଦିନ ମଙ୍ଗଳବାର ଓ ଶନିବାର କଟକ ବଡ଼ ମେଡିକାଲରେ ଡାଏଲିସିସ୍ ହେଉଛନ୍ତି। ସେ ଯିବାଆସିବା କରିପାରୁ ନ ଥିବାରୁ ମନୋରଞ୍ଜନ ଶନିବାର ଯାଇ ମଙ୍ଗଳବାର ପର୍ଯ୍ୟନ୍ତ ମେଡିକାଲରେ ରହିବାକୁ ବାଧ୍ୟ ହେଉଛି। ଫଳରେ ଚା' ଦୋକାନ ବନ୍ଦ ହେଇଯାଇଛି। ଏଥିପାଇଁ ଆବଶ୍ୟକ ଖର୍ଚ୍ଚ ତୁଲାଇବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। କୌଣସି ସରକାରୀ ସହାୟତା ମଧ୍ୟ ମିଳୁନାହିଁ। ଏଭଳିସ୍ଥିତିରେ କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସହାୟତା କରିବା ପାଇଁ ସେ ନିବେଦନ କରିଛନ୍ତି।

# ଚୁଲିନିଆଁରୁ ଅଗ୍ନିକାଣ୍ଡ, ୩ ବଖରା ଭସ୍ମୀଭୂତ

ବରୀ, ୧୮।୫(ମହେନ୍ଦ୍ର ସ୍ୱାଇଁ):

ଯାଜପୁର ଜିଲା ବରୀ ତହସିଲ ଅଧୀନ କଳାମାଟିଆ ପଞ୍ଚାୟତ ଉପର କାଇପଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ବଳରାମ ଓଝାଙ୍କ ୩ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ତାଙ୍କ ଘରେ ରୋଷେଇ କରାଯାଉଥିବା ବେଳେ ଚାଳରେ ନିଆଁ ଲାଗିଯାଇଥିଲା। ଫଳରେ ୩ ବଖରା ଘର ସମ୍ପୂର୍ଣ୍ଣ ଜଳିଯିବା ସହ ଆସବାବପତ୍ର ଓ ଏକ ସ୍କୁଟି ମଧ୍ୟ ପୋଡ଼ି ଯାଇଛି। ସ୍ଥାନୀୟ ଲୋକମାନଙ୍କ ସହ ବରୀ ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ। ହେଲେ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ବାସଗୃହ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ଏହି ଖବର ପାଇ ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱ ରଞ୍ଜନ ମଲିକ, କଳାମାଟିଆ ସରପଞ୍ଚ ରଶ୍ମିତା ପରିଡା, ସମିତି ସଭ୍ୟ ପ୍ରିୟଙ୍କା ପ୍ରୀୟଦର୍ଶିନୀ ଦାସ, ସାମାଜିକ କର୍ମୀ ଶରତ ଚନ୍ଦ୍ର ପରିଡା ଓ ଶମ୍ଭୁନାଥ ଦାସ ପ୍ରମୁଖ ପହଞ୍ଚି ଆର୍ଥିକ ସହାୟତା ସହ ପରିବାର ସଦସ୍ୟଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।

# କାଳବୈଶାଖୀରେ ଘର ଛପର ଉଡ଼ିଗଲା



ବରୀ, ୧୮।୫(ମହେନ୍ଦ୍ର ସ୍ୱାଇଁ)

**୨ ଗୃହପାଳିତ ପ୍ରାଣୀ ମୃତ**

ଶନିବାର ବରୀ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରବଳ ପବନ ଯୋଗୁ ସନ୍ତୋଷ ନାଥ ଓ ଶରତ ନାଥଙ୍କ ଘରର ଛପର ଉଡ଼ି ଯାଇଛି। ବହୁ ଚାଳ ଛପର ଘର କ୍ଷତିଗ୍ରସ୍ତ ହୋଇଛି। ବଜ୍ରପାତ ଯୋଗୁ ମହାକାଳପଡ଼ା ପଞ୍ଚାୟତ ଅଧୀନ ଢ଼ିଅପାଳ ଗ୍ରାମର ଭାଗବତ ଜେନା, ବାଇଧର ଜେନାଙ୍କ ଗୋଟିଏ ଲେଖାଏଁ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଗୋରୁ ଗୁରୁତର ହୋଇଛି। ଖବର ପାଇ ବରୀ ପଶୁ ଚିକିତ୍ସା ଅଧିକାରୀ ଭର୍ତ୍ତୃହରି ସେଠୀ ଆହତ ପ୍ରାଣୀଙ୍କ ପ୍ରାଥମିକ ଚିକିତ୍ସା କରିଛନ୍ତି।

# ଉନ୍ନୟନ ନାଁରେ ବଳିପଡ଼ୁଛି ଗଛ, ବଢ଼ୁଛି ତାପମାତ୍ରା

ପଟ୍ଟାମୁଣ୍ଡାଇ, ୧୮।୫(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜନବସତି ବୃଦ୍ଧି ସାଙ୍ଗକୁ ଉନ୍ନୟନ ନାଁରେ ଦୈନିକ ଶତାଧିକ ଗଛ ବଳିପଡ଼ୁଛି। ବିକାଶ ଆଳରେ ଦୈନିକ ବନ କ୍ଷୟ ହେଉଥିବାରୁ କ୍ରମଶଃ ଗଛ ସଂଖ୍ୟା କମି ପ୍ରତିକୂଳ ପ୍ରଭାବରେ ଜଳବାୟୁ ବିଗିଡି ତାପମାତ୍ରା ବଢୁଛି। କିଛିବର୍ଷ ପୂର୍ବେ ୩୬ରୁ ୩୯ ଡିଗ୍ରୀ ଭିତରେ ରହୁଥିବା ପାରଦ ଏବେ ୪୨ରୁ ୪୭ ଡିଗ୍ରୀମୁହାଁ ହେଲାଣି। ତାପମାତ୍ରାରେ ଏଭଳି ବୃଦ୍ଧି ଜନଜୀବନକୁ ପ୍ରଭାବିତ କରିଚାଲିଥିବାବେଳେ ଆଗାମୀ ଦିନରେ ଏହା ଆହୁରି ଜଟିଳ ରୂପ ନେବ ବୋଲି ପରିବେଶବିତ୍ ଆଶଙ୍କାବ୍ୟକ୍ତ କରିଛନ୍ତି।

ପରିବେଶବିତ୍ ବିଭୂତି ମହାପାତ୍ର କହିଛନ୍ତି, ଶୁକ୍ରବାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନର ସର୍ବୋଚ୍ଚ ତାପମାତ୍ର ୪୨ ଡିଗ୍ରୀରୁ ଉର୍ଦ୍ଧ୍ୱରେ ପହଞ୍ଚିଲାଣି। ପୂର୍ବାହ୍ନ ୧୦ଟାରୁ ଅସହ୍ୟ ଗୁଳୁଗୁଳି ଆରମ୍ଭ ହୋଇଯାଉଛି। ରାସ୍ତାଘାଟ ପ୍ରଚଣ୍ଡ ଖରା ପାଇଁ ଶୂନ୍‌ଶାନ୍ ହୋଇପଡୁଛି। ମଧ୍ୟାହ୍ନରୁ ସନ୍ଧ୍ୟା ଯାଏ ଲୋକମାନେ ପ୍ରବଳ ଝାଞ୍ଜିରେ ସନ୍ତୁଳି ହେଉଛନ୍ତି। କିଛିବର୍ଷ ହେଲା ତାପମାତ୍ରାରେ ଏଭଳି ଅସ୍ୱାଭାବିକ ବୃଦ୍ଧି ଲକ୍ଷ୍ୟ କରାଯାଉଛି। ଏହାର ପ୍ରମୁଖ କାରଣ ଅବାଧ ଗଛକଟା ବୋଲି କୁହାଯାଉଛି। ବିଶେଷକରି କେନ୍ଦ୍ରାପଡ଼ା-ପଟ୍ଟାମୁଣ୍ଡାଇ, ଅଳଭା-ଗଣ୍ଡାକିଆ ଓ ପଟ୍ଟାମୁଣ୍ଡାଇ-ରାଜନଗର ଉପର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ରାସ୍ତାପାର୍ଶ୍ୱ



ଗଛ କଟାଯାଇ ରାସ୍ତା ସମ୍ପ୍ରସାରଣ କରାଯାଇଛି କିନ୍ତୁ ଲଗାଯାଉନାହିଁ।

ବୃକ୍ଷଶୂନ୍ୟ ହୋଇପଡ଼ିଛି। ଗଛ କଟାଯିବା ସ୍ଥାନରେ ବନୀକରଣ କରାଯିବାକୁ ନିୟମ ରହିଥିଲେ ମଧ୍ୟ ଏହାକୁ ପାଳନ କରାଯାଉନାହିଁ। ମାଟିଇଟା ପାଇଁ ଅବାଧରେ ଗଛ କଟାହୋଇ ଭାଟି ପୋଡ଼ାଚାଲିଛି। ଗଛ ଅଭାବରୁ ପରିବେଶ ଉତ୍ତପ୍ତ ହୋଇଯାଉଛି। ବୁଦ୍ଧିଜୀବୀ ଆର୍ତ୍ତତ୍ରାଣ ପାତ୍ର କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ, କୋଠାବାଡ଼ି, ରାସ୍ତା ନିର୍ମାଣ, ସରକାରୀ କାର୍ଯ୍ୟାଳୟ ନିର୍ମାଣ ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମିଳିତ ଉଦ୍ୟମରେ ଗଛକଟା ଯାଉଛି। ହେଲେ ନିୟମ ମୁତାବକ ଗଛ ଲଗାଯାଉନାହିଁ। କାର୍ଯ୍ୟ ଆରମ୍ଭ ବେଳେ କେତୋଟି ଗଛ କଟାଯିବାର ଆବଶ୍ୟକତା ରହିଛି ଓ ଉକ୍ତ ଗଛଗୁଡ଼ିକୁ କାଟି ପରିବେଶ ପ୍ରତି କରାଯାଉଥିବା କ୍ଷତିକୁ ଭରଣା କରିବାକୁ କେତେ ଗଛ ଲଗାଯାଉଛି ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଧ୍ୟାନ ନ ଦେଇ ଠିକାଦାରଙ୍କ ବିଲ୍ ପୈଠ କରିଦେଉଛନ୍ତି। ସାମାଜିକ କର୍ମୀ ରଶ୍ମି ମହାନ୍ତି କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ କାଠ ବ୍ୟବସାୟୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କିଛିମାସ ତଳେ ତହସିଲଦାରଙ୍କ କ୍ୱାର୍ଟର୍ସ ନିକଟରୁ ୫ରୁ ଅଧିକ ମୂଲ୍ୟବାନ ଶିଶୁଗଛ କାଟି ନେଇଥିଲେ। ଏହି କାଠର ମୂଲ୍ୟ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ସେହିଭଳି ବାଲିପାଟଣା ପଞ୍ଚାୟତ ଖଡ଼ିପାଳ ରାସ୍ତାରୁ ପ୍ରାୟ ୫୦୦ରୁ ଅଧିକ ତାଳଗଛ କାଟିନେଲେ। ସେହିପରି ବାଇପାସ୍ ନିକଟରୁ ବିଶାଳ ଚାକୁଣ୍ଡା ଗଛ, ଆର୍‌ଡି କାର୍ଯ୍ୟାଳୟ ଭିତରୁ ୨ଟି ବିଶାଳକାୟ ଦେବଦାରୁ ଗଛ କଟା ହେବା ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର ତାହାର କୌଣସି ଖୋଜଖବର ନ ଥିବା ବେଳେ ଏବେ ଖଡ଼ିଅଣ୍ଟା ପଞ୍ଚାୟତ ଅଫିସ୍ ପାଖରୁ ଏକ ବିରାଟ ଚାକୁଣ୍ଡା ଗଛ କାଟି ଇଟାଭାଟି କରୁଥିବା ବ୍ୟବସାୟୀ ନେଇଗଲେ, ତାହାର ବି କୌଣସି ଖୋଜଖବର ମିଳିଲାନାହିଁ। ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ କହିଛନ୍ତି, ବର୍ଷକୁ ବର୍ଷ ରେକର୍ଡ ପରେ ରେକର୍ଡ କରୁଛି ତାତି। ତାପମାତ୍ରା ବୃଦ୍ଧି ଏବେ ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଭୂତଳ ଜଳସ୍ତର କମିଯାଇଛି। ଶତାଧିକ ନଳକୂପ ଅଚଳ ହୋଇପଡିଛି। ଦୈନନ୍ଦିନ ଆବଶ୍ୟକତା ପୂରଣ କରୁଥିବା ନଦୀ, ନାଳ ମଧ୍ୟ ଶୁଖିଲା ପଡ଼ିଛି। ପାଣି ସମସ୍ୟାର ଉଦ୍‌ବେଗଜନକ ସ୍ଥିତି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛି। ବାଡ଼ିବଗିଚାରେ ବ୍ୟାପକ ଗଛ ଲଗାଇବାକୁ ଜନସଚେତନତା ସୃଷ୍ଟି କରାଯାଉଛି। ହେଲେ ଏହା ପ୍ରଚାର ପ୍ରସାରରେ ସୀମିତ ଥିବାଭଳି ମନେହେଉଛି। ବିଭିନ୍ନ ଆଳରେ ଗଛଗୁଡିକ କାଟିବା ବେଳେ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ଲୋଡ଼ାଯାଉନାହିଁ। ଏମିତି କି ଗଛକଟାକୁ ନେଇ ଅଭିଯୋଗ ହେଲେ ବି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ପ୍ରକୃତି ସନ୍ତୁଳନ ଆଣିବା ପାଇଁ ବ୍ୟାପକ ଗଛ ଲଗାଯିବା ସହ ଗଛ କାଟିବା ଉପରେ ରୋକ୍ ଲଗାଇବା ଓ ଗଛ କାଟିବାରେ ସମ୍ପୃକ୍ତ ବ୍ୟକ୍ତି ଏବଂ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍‌ମାନେ ଦାବି କରୁଛନ୍ତି। ପ୍ରଶାସନ ପଥପ୍ରାନ୍ତ ବନୀକରଣକୁ ଅଗ୍ରାଧିକାର ଦେବା, ଅବକ୍ଷୟମୁଖୀ ଜଙ୍ଗଲରେ ବ୍ୟାପକ ଚାରା ରୋପଣ କରିବା, ଜଳକଷ୍ଟର ସମ୍ମୁଖୀନ ହେଉଥିବା ଲୋକଙ୍କୁ ପାଣି ଯୋଗାଣ ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ଏ ବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ବୃକ୍ଷ ଅବକ୍ଷୟ ଉପରେ ଲାଗୁନି ଅଙ୍କୁଶ**

# ବିଜେଡି ସରକାରର ପ୍ରଥମ ଦସ୍ତଖତ ବିଜୁଳି ବିଲ୍ ଛାଡ଼ରେ ହେବ

■ ୯ରେ ମୁଖ୍ୟମନ୍ତ୍ରୀ ଭାବେ ନବୀନବାବୁ ଶପଥ ନେବେ
■ ବିଏସ୍‌କେୱାଇ, ମିଶନ ଶକ୍ତି ମା'ମାନେ ପାଇବେ ପେନ୍‌ସନ
■ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ

ରଣପୁର,୧୮।୫(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଓ ପୁରୀ ଲୋକ ସଭା ପ୍ରାର୍ଥୀଙ୍କ ଲାଗି ସ୍ଥାନୀୟ ପଞ୍ଚୁଦୋଳ ପଡ଼ିଆରେ ଶନିବାର ନିର୍ବାଚନୀ ସଭାରେ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। ବିଜେଡି ଜିତିଲେ ଜୁନ୍ ୯ରେ ସରକାର ଗଠନ ହେବ। ରାଜ୍ୟରେ ବିଜୁଳି ବିଲ୍ ଛାଡ଼ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଦସ୍ତଖତ କରିବେ ବୋଲି ସେ କହିଛନ୍ତି। ଅପରାହ୍ନ ୫ଟାରେ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ରଣପୁରସ୍ଥିତ ଜେଲ୍ ଛକରେ ଥିବା ପଡ଼ିଆରେ ପହଞ୍ଚି ଥିଲେ। ସେଠାରୁ କଡ଼ା ସୁରକ୍ଷା ମଧ୍ୟରେ ସଡ଼କପଥରେ ଆସି ରଣପୁର ପଞ୍ଚୁଦୋଳ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେଇଛନ୍ତି ପାଣ୍ଡିଆନ। ପୁରୀ ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ରଣପୁର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରିବା ପାଇଁ ନିବେଦନ କରିଛନ୍ତି।


ନିର୍ବାଚନୀ ସଭାରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରୁଛନ୍ତି।

ସଭାରେ ପାଣ୍ଡିଆନ ପ୍ରଥମରୁ ଜୟ ଜଗନ୍ନାଥ କହି ଭାଷଣ ରଖିଥିଲେ। ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୪ ଘଣ୍ଟା ଅହରହ ପରିଶ୍ରମ କରୁଛନ୍ତି। ନବୀନବାବୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି, ଯାହା ସାରା ଭାରତବର୍ଷରେ ରେକର୍ଡ କରିବ। ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ଶପଥ ନେବେ। ଶପଥ ଦିନ ଆପଣମାନଙ୍କ ବୋଝକୁ ନବୀନବାବୁ ହାଲୁକା କରିବେ। ନବୀନବାବୁ ପ୍ରଥମ ଦସ୍ତଖତରେ ମାଗଣା ବିଜୁଳି ବିଲ୍ ଛାଡ଼ କରିବେ, ଯେଉଁଥିରେ ରାଜ୍ୟର ୯୦ ଭାଗ ଲୋକ ଉପକୃତ ହେବେ। ଦ୍ୱିତୀୟରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯେଉଁମାନେ ପାଇନାହାନ୍ତି ସମସ୍ତଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବେ। ତୃତୀୟରେ ମିଶନ ଶକ୍ତି ମା'ମାନେ ବିଗତ ଦିନରେ ନବୀନ ବାବୁଙ୍କୁ ଭେଟି ପେନ୍‌ସନ ବାବଦରେ ଆଲୋଚନା କରିଥିଲେ। ମିଶନ ଶକ୍ତି ମା'ମାନଙ୍କୁ ପେନ୍‌ସନ ଯୋଗାଇଦିଆଯିବ ବୋଲି ପାଣ୍ଡିଆନ ତାଙ୍କ ୭ ମିନିଟ୍ ଭାଷଣରେ କହିଥିଲେ। ଏଥିସହ ଯୁବକ, ଛାତ୍ରୀଛାତ୍ରଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ବଜେଟ ରଖିଛନ୍ତି। ଯୁବକମାନଙ୍କର ଦକ୍ଷତା ବୃଦ୍ଧି ହେବା ସହ ପ୍ରତ୍ୟେକ ଛାତ୍ର ପ୍ରତିବର୍ଷ ୧୨ ହଜାର ଟଙ୍କା ପାଇବେ। ଛାତ୍ରୀମାନେ ୧୪ ହଜାର ଟଙ୍କା ପାଇବାକୁ ଯୋଜନା ରହିଛି। ଏହି ଅବସରରେ ପାଣ୍ଡିଆନ ସାଧାରଣ ଜନତାଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ମଣିନାଗ ମନ୍ଦିର ପାଇଁ ୪ କୋଟି ଟଙ୍କା ଦିଆଯାଇଥିବା ବେଳେ ତଳ ମଣିନାଗ ପାଇଁ ୩ କୋଟି ଓ ଜଗନ୍ନାଥ ମନ୍ଦିରର ରୂପାନ୍ତରଣ ଲାଗି ୫ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ସେ ସାଧାରଣ ଜନତାଙ୍କୁ କାଳିଆ ଯୋଜନା କିଏ ଦେଉଛି, ମିଶନ ଶକ୍ତି କିଏ କରିଛି, ମମତା ଯୋଜନା କିଏ କରିଛି, ୫-ଟି ସ୍କୁଲ ରୂପାନ୍ତରିତ କିଏ କରିଛି ଓ ନବୀନ ବାବୁଙ୍କ ଚିହ୍ନ କ'ଣ ବୋଲି ପ୍ରଶ୍ନ ପଚାରିଥିଲେ। ତଳେ ଥିବା ମହିଳା ପୁରୁଷମାନେ ଉତ୍ତର ଦେଇଥିଲେ। ନବୀନଙ୍କର ହେଉଛି ଶଙ୍ଖ ଚିହ୍ନ ବୋଲି ମହିଳାମାନେ ଉତ୍ତର ରଖିଥିଲେ। ଏହି ଅବସରରେ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ଆଶୀର୍ବାଦ ଦେବା ସହ ଆପଣଙ୍କର ବିଧାୟକ ପ୍ରାର୍ଥୀ ଓ ମୋତେ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ସମାବେଶରେ ହଜାର ହଜାର ମହିଳା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏପରିକି ସେଠାରେ ପାଣ୍ଡିଆନ ବିରୋଧୀ ଭାଜପା କି କଂଗ୍ରେସ ବିରୋଧରେ ତାଙ୍କ ଭାଷଣରେ ପଦୁଟିଏ ବି କହି ନ ଥିଲେ।

## ନିଆଁ ଲାଗି ୩ ଦୋକାନ ଜଳିଗଲା

### ପୋଡ଼ିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ



ନୂଆଗାଁ, ୧୮।୫(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ମହୀପୁର ଛକ ନିକଟରେ ଥିବା ଏକ ଦୋକାନରେ ଶନିବାର ନିଆଁ ଲାଗି ୩ଟି ଦୋକାନର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ମିଳିଥିବା ସୂଚନା ମୁତାବକ, ମହୀପୁର ବସ୍‌ଷ୍ଟାଣ୍ଡରେ ଥିବା ଦୋକାନ ବନ୍ଦ ଥିବା ସମୟରେ ଗୋଟିଏ ଦୋକାନରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ତେବେ ଦ୍ୱିପ୍ରହର ସମୟରେ ଦୋକାନ ମାଲିକ ଶଟର ପକାଇ ଘରକୁ ଯାଇଥିବାରୁ ଦୋକାନ ଖୋଲିପାରି ନ ଥିଲେ। ସ୍ଥାନୀୟ ଲୋକେ ଦୋକାନ ଶଟର ଭାଙ୍ଗି ନିଆଁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଖବରପାଇ ନୂଆଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ନିଆଁର ପ୍ରଖର ଓ ବନ୍ଦ ଶଟରକୁ ଭାଙ୍ଗିବାରେ ବିଳମ୍ବ ହେବା କାରଣରୁ ଏକ ଭେରାଇଟି ଷ୍ଟୋରର ସମସ୍ତ ସାମଗ୍ରୀ ସମ୍ପୂର୍ଣ୍ଣ ଜଳିଯାଇଛି। ସେହି ଦୋକାନ ପାଖକୁ ଲାଗି ରହିଥିବା ଏକ ଇଲେକ୍ଟ୍ରିକାଲ୍ସ ଦୋକାନର କମ୍ପ୍ୟୁଟର, ପ୍ରିଣ୍ଟର ସମେତ ଅନେକ ମୂଲ୍ୟବାନ୍ ସାମଗ୍ରୀ ଓ ସେଲୁନର ଚେୟାର ସମେତ ବହୁ ସାମଗ୍ରୀ ଜଳିଯାଇଛି। ତେବେ ବିଦ୍ୟୁତ୍ ଶର୍ଟସର୍କିଟ୍ କାରଣରୁ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଥିବା ନୂଆଗାଁ ଅଗ୍ନିଶମ ବାହିନୀ ଷ୍ଟେଶନ ଅଧିକାରୀ ଅପୂର୍ବ ରଞ୍ଜନ ସାହୁ କହିଛନ୍ତି।

## ୨୦ରେ ଭୋଟ: ପ୍ରାର୍ଥୀଙ୍କ ପ୍ରଚାର ଶେଷ

**ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀ**

ନୟାଗଡ଼,୧୮।୫(ଲୋକନାଥ ମିଶ୍ର)


ରବୀନ୍ଦ୍ର ସେଠୀ


ରାଘବ ମଲ୍ଲିକ


ନକୁଳ ନାୟକ


ରମେଶ ଚନ୍ଦ୍ର ବେହେରା

କନ୍ଧମାଳ ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ତାରିଖ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତେ ବଢ଼ିବାରେ ଲାଗିଛି। ଭୋଟ ହାତେଇବାକୁ ସବୁ ଦଳର ପ୍ରାର୍ଥୀ ଗାଁରେ ସଭା, ଭୋଜିଭାତ, କର୍ମୀ ସମ୍ମିଳନୀ କରିଥିଲେ। ୨୦ ତାରିଖରେ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଭୋଟ ହେଉଥିବାରୁ ପ୍ରାର୍ଥୀମାନେ ଦିନ ରାତି ଏକ୍ କରି ଶନିବାର ପ୍ରଚାର ଶେଷ କରିଛନ୍ତି। ତେବେ ଦଶପଲ୍ଲା ବିଧାନସଭା ଆସନଟି କାହା ହାତକୁ ଯିବ ସେନେଇ ପାନ ଦୋକାନ, ଚା' ଦୋକାନ, ଛକ ସ୍ଥାନ ଓ ଜନଗହଳି ସ୍ଥାନରେ ଚର୍ଚ୍ଚା ଚାଲିଛି। ସେହିଭଳି ଭୋଟରମାନେ ମଧ୍ୟ ବିଭିନ୍ନ ଦଳର ଏଜେଣ୍ଡାକୁ ଅନୁଧ୍ୟାନ କରୁଛନ୍ତି। ଏଭଳି ସ୍ଥଳେ ବିଜେଡିର ରମେଶ ଚନ୍ଦ୍ର ବେହେରା, ଭାଜପାର ରାଘବ ମଲ୍ଲିକ, କଂଗ୍ରେସର ନକୁଳ ନାୟକ, ମାନସ ଲୋକଶକ୍ତି ଦଳର ସନ୍ତୋଷ ନାୟକ, ବହୁଜନ ସମାଜ ପାର୍ଟିର କାହ୍ନୁଚରଣ ନାୟକ, ସ୍ୱାଧୀନ ପ୍ରାର୍ଥୀ ଭାବେ ଇନ୍ଦୁମତି ନାୟକ, ସୁରଥ ନାୟକ ଓ ରବୀନ୍ଦ୍ର ସେଠୀ ପ୍ରମୁଖ ରାଜନୀତି ମଇଦାନରେ ଲଢୁଛନ୍ତି। ତେବେ ଏଠାରେ ବିଜେଡିର ରମେଶ ଚନ୍ଦ୍ର ବେହେରା, ଭାଜପାର ରାଘବ ମଲ୍ଲିକ, କଂଗ୍ରେସର ନକୁଳ ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ସେଠୀଙ୍କ ମଧ୍ୟରେ ଚତୁର୍ମୁଖୀ ଲଢ଼େଇ ହେଉଛି।

ବିଜେଡିର ରମେଶ ଚନ୍ଦ୍ର ବେହେରା ୨୦୧୯ ନିର୍ବାଚନରେ ବିଜୟୀ ହୋଇ ବିଧାୟକ ଅଛନ୍ତି। ଦଳ ରମେଶଙ୍କୁ ଭରସା କରି ଦଳ ୨ୟ ଥର ଟିକେଟ ଦେଇଛି। ରମେଶ ଗତଥର ନିର୍ବାଚନ ଲଢ଼ି ସଫଳତା ହାସଲ କରିଥିବାରୁ ୨୦୨୪ ନିର୍ବାଚନରେ ମଧ୍ୟ ଗଡ଼ ରକ୍ଷା କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ସେପଟେ ରମେଶଙ୍କ ଉପରେ ଅସନ୍ତୁଷ୍ଟ ନେତା ଓ କର୍ମୀ ତାଙ୍କ କାର୍ଯ୍ୟକଳାପକୁ ବିରୋଧ କରୁଥିଲେ ମଧ୍ୟ ସଫଳତା ପାଇଲେ ନାହିଁ। ଅନେକ ଆଶାୟୀ ଶେଷ ପର୍ଯ୍ୟାୟରେ ଭୋଟ ଭାଗ ଭାଗ କରିବାକୁ ଗୋଟିଚାଳନା କରୁଥିବା ଚର୍ଚ୍ଚା ଚାଲିଛି। ଦଳରେ ଆତ୍ମଘାତୀ କାର୍ଯ୍ୟ ଚାଲିଥିବାବେଳେ ରମେଶ କିପରି ଗଡ଼ ରକ୍ଷା କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟିକଲାଣି। ଅନ୍ୟପକ୍ଷେ ଭାଜପାରେ ଅନେକ ପ୍ରାର୍ଥୀ ଆଶାୟୀ ରହିଥିବାବେଳେ ରାଘବ ଟିକେଟ ପାଇବା ଘଟଣାକୁ ଅନେକେ ସହଜରେ ଗ୍ରହଣ କରିପାରି ନ ଥିଲେ। ରାଘବ ପ୍ରାର୍ଥୀପତ୍ର ଦାଖଲ ପର୍ଯ୍ୟନ୍ତ ଦଶପଲ୍ଲା ସିଟ୍ ପରିବର୍ତ୍ତନ ହେବ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଭାଜପା ପକ୍ଷରୁ ସେପରି କିଛି କରା ନ ଯାଇ ରାଘବଙ୍କ ଉପରେ ଭରସା କରାଯାଇଥିଲା। ରାଘବ ୨୦୧୪ ନିର୍ବାଚନରୁ ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଘରକୁ ଘର ବୁଲି ଲୋକଙ୍କ ସୁଖଦୁଃଖରେ ଛିଡ଼ାହୋଇ ଆସୁଛନ୍ତି। ସେପଟେ କଂଗ୍ରେସ ବହୁ ବିଳମ୍ବରେ ପ୍ରାର୍ଥୀ ଦେଇଛି। କଂଗ୍ରେସ ପ୍ରାର୍ଥୀ ନକୁଳ ନାୟକ ପୂର୍ବତନ କନ୍ଧମାଳ ଏମ୍‌ପି ହୋଇଥିବାରୁ ଦଶପଲ୍ଲା ତାଙ୍କ ପାଇଁ ଅସୁବିଧା ହୋଇନି। ହେଲେ ସବୁ ଦଳ ଅପେକ୍ଷା କଂଗ୍ରେସର ପ୍ରଚାର ଜୋରଦାର ହୋଇପାରିଲା ନାହିଁ ବୋଲି କୁହାଯାଉଛି। ଅନ୍ୟପକ୍ଷେ ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ସେଠୀ ବିଜେଡି ପ୍ରାର୍ଥୀ ରମେଶଙ୍କ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି। ବିଜେଡିର ଅସନ୍ତୁଷ୍ଟ ଭୋଟରଙ୍କୁ ହାତେଇବା ପାଇଁ ରଣକୌଶଳ ଆପଣେଇ ସଫଳତା ଗୋଟାଉଥିବା କୁହାଯାଉଛି।

## ବିଜେଡିର ବାଇକ୍ ଶୋଭାଯାତ୍ରା

ଦଶପଲ୍ଲା,୧୮।୫ (ପ୍ରକାଶ କୁମାର ପାଣି)

ବିଜେଡି ପକ୍ଷରୁ ଶୁକ୍ରବାର ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଏବଂ ଦଶପଲ୍ଲା ବିଧାନସଭା ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରାଙ୍କ ବିରାଟ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେମାନେ ନିଜ ସପକ୍ଷରେ ଭୋଟ ଭିକ୍ଷାକରିଥିଲେ। ସନ୍ଧ୍ୟାରେ ଦଶପଲ୍ଲା ଟାଉନ ପରିକ୍ରମା କରି ସାତପାଟଣା ଦେଇ ଖମାରସାହିଠାରେ ବାହାରି ଥିଲା। ପୂର୍ବାହ୍ନରେ ବୁଗୁଡ଼ା, ଟାକେରା, ଡିହଗାଁ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲା। ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀ ଏଥିରେ ସାମିଲ ହୋଇଥିଲେ। ସେହିପରି ଶନିବାର ମଧ୍ୟ ବିଭିନ୍ନ ଅଞ୍ଚଳରେ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶହ ଶହ ସଂଖ୍ୟାରେ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ।


ବିଧାୟକ ପ୍ରାର୍ଥୀ ରମେଶ ବେହେରାଙ୍କ ନିର୍ବାଚନୀ ପ୍ରଚାର।

## କନ୍ଧମାଳ, ରାୟଗଡ଼ା ଗଞ୍ଜେଇର ବଢ଼ିଛି ଚାହିଦା

■ ନିରାପଦ ପାଲଟିଛି ୫୭ନଂ. ଜାତୀୟ ରାଜପଥ
■ ବସ୍, ସ୍କୁଟି, ବାଇକ୍‌ରେ ଆସୁଛି ଗଞ୍ଜେଇ
■ କେତେଜଣ ଖୁଚୁରା ବ୍ୟବସାୟୀଙ୍କୁ ଧରି ବାହାବା

ନୟାଗଡ଼, ୧୮।୫(ଲୋକନାଥ ମିଶ୍ର)

କନ୍ଧମାଳ ଓ ରାୟଗଡ଼ା ଗଞ୍ଜେଇର ଚାହିଦା ବଢୁଛି। ପୋଲିସ ଓ ଅବକାରୀ ବିଭାଗର ଧରପଗଡ଼ରେ ବିଭିନ୍ନ ସମୟରେ କନ୍ଧମାଳ ଜିଲାର ବ୍ୟବସାୟୀ ଓ ଏଠାରୁ ବିଭିନ୍ନ ଅଞ୍ଚଳର ବ୍ୟବସାୟୀ ଗଞ୍ଜେଇ ଆଣି ଧରାପଡିବା ପରେ ଏହା ସ୍ପଷ୍ଟ ହୋଇ ସାରିଲାଣି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଗଞ୍ଜେଇ ବ୍ୟବସାୟୀଙ୍କ ପାଇଁ ନିରାପଦ ରାସ୍ତା ପାଲଟିଛି। ନୟାଗଡ଼ ଜିଲା ପୋଲିସ ଓ ଅବକାରୀ ବିଭାଗର ଧରପଗଡ଼ରେ ଯଦିଓ କେତେଜଣ ଖୁଚୁରା ବ୍ୟବସାୟୀ ଗିରଫ ହେଉଛନ୍ତି ତେବେ ବେଆଇନ ଗଞ୍ଜେଇ ଚାଲାଣ ଉପରେ ରୋକ ଲାଗି ପାରୁନି। ବଡ଼ ବଡ଼ ନିଶା ବେପାରୀମାନେ ଛୋଟ ଖୁଚୁରା ବ୍ୟବସାୟୀ ଓ ବେକାର ଯୁବକମାନଙ୍କୁ ଏଥିରେ ନିୟୋଜିତ କରାଇ ଲାଭରେ ରହୁଛନ୍ତି। କେତେବେଳେ ପନିପରିବା ଗାଡିରେ ତ ଆଉ କେତେବେଳେ ବଲ୍ଲା ଥିବା ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଛି। ପୁଣି ବାଇକ୍ ଓ ସ୍କୁଟି ଯୋଗେ ମଧ୍ୟ ଗଞ୍ଜେଇ ଚାଲାଣ ହେଉଛି। ଏକ୍ସପ୍ରେସ୍ ବସ ଯୋଗେ ଗଞ୍ଜେଇ ଆସୁଛି। ପୋଲିସର ଧରପଗଡ଼ ବେଳେ ପରିବା, କାଠ ବୋଝେଇ ଗାଡ଼ି ଭିତରୁ, ଏକ୍ସପ୍ରେସ, ଓଏସ୍‌ଆର୍‌ଟିସି ବସ୍ ଓ ସ୍କୁଟିରୁ ଗଞ୍ଜେଇ ଜବତ ହୋଇଛି।

ପ୍ରକାଶ ଯେ, ସପ୍ତାହେ ଭିତରେ ନୟାଗଡ଼ ଜିଲାର ବିଭିନ୍ନ ଥାନା ପକ୍ଷରୁ ଧରପଗଡ଼ କରାଯାଇ ୩୪ କେଜି ଗଞ୍ଜେଇ ଜବତ ହୋଇଛି। ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ୫ଟି ମାମଲା କରାଯାଇ ୬ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଛି। ନିର୍ବାଚନ ସମୟ ଯୋଗୁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ନିଶା କାରବାରକୁ ରୋକିବା ପାଇଁ ଗୁରୁତ୍ୱ ଦିଆଯାଉଥିବାରୁ କେତେଜଣ ବ୍ୟବସାୟୀ ଧରା ପଡିଛନ୍ତି। ଅନ୍ୟପକ୍ଷେ ୨୦୨୧ ଜୁନ ୩ରେ ଦଶପଲ୍ଲା ଥାନା ପୋଲିସ ଏକ ବାଇଗଣ ବୋଝେଇ ଗାଡିରୁ ୯୧ କେଜି ଗଞ୍ଜେଇ ଜବତ କରିଥିଲା। ବାଇଗଣ ବୋଝେଇ ଗାଡିକୁ ଅନ୍ୟ ୨ଟି କାର ସୁରକ୍ଷା ଦେଇ ଆଣୁଥିଲେ। ଦଶପଲ୍ଲା ଥାନା ସମ୍ମୁଖରୁ ଗଞ୍ଜେଇ ଜବତ ହୋଇଥିଲା। ଗଞ୍ଜେଇ ଏପରି ରହିଥିଲା ଜଣେ ସହଜରେ ଜାଣିପାରିବ ନାହିଁ। ଏଥିରେ ନିଶାଦ୍ରବ୍ୟ ଯାଉଛି। ୨୦୨୦ ଫେବୃଆରୀ ୧୪ରେ ଏକ ଟ୍ରକ୍‌ରେ ୧.୮୦ କୋଟି ଟଙ୍କାର ଗଞ୍ଜେଇ ଚାଲାଣ ହେଉଥିଲା।

ଏହି ଟ୍ରକ୍‌ରେ ୧୨ ଶହ କେଜିର ୩୯ ବସ୍ତା ଗଞ୍ଜେଇ ଥିଲା। ଗୋଟିଏ ବସ୍ତା ଭିତରେ ୩ କେଜିଆ ପ୍ୟାକେଟ ୮ରୁ ୧୦ଟା ରହିଥିଲା। ଗଞ୍ଜେଇ ଚାଲାଣ ସମ୍ପର୍କରେ ଜଣା ନ ପଡିବା ପାଇଁ ଉପରେ ବଲ୍ଲା କାଠ ତଳେ ଗଞ୍ଜେଇ ରଖା ଯାଇଥିଲା। ବିଭିନ୍ନ ସମୟରେ ଜବତ ହେଉଥିବା ଗଞ୍ଜେଇ କନ୍ଧମାଳ, ରାୟଗଡାରୁ ଆସୁଥିବା ଜଣାପଡୁଛି। କୋଲକତା, ଭୁବନେଶ୍ୱର, ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀ, ନୟାଗଡ଼କୁ ଗଞ୍ଜେଇ ଚାଲାଣ ହେଉଛି। ଏ ନେଇ ଜଣେ ଗଞ୍ଜେଇ ବ୍ୟବସାୟୀ କହିଛନ୍ତି, ଆମକୁ ଟ୍ରେନ ଯୋଗେ ଗଞ୍ଜେଇ ନେବା ସୁବିଧା ହୋଇଥାଏ। ତେବେ ଟ୍ରେନରେ ଧରପଗଡ଼ ହେଉଥିବାରୁ ଏକ୍ସପ୍ରେସ୍ ବସ୍‌ରେ ନେଉଥିଲୁ। କେହି ଯିବାକୁ ପଡୁ ନ ଥିଲା। ବସ୍ କର୍ମଚାରୀଙ୍କ ସହଯୋଗ ହେତୁ କାରବାର ଭଲରେ ଚାଲିଥିଲା। ଧରା ପଡିଲେ ମଧ୍ୟ ବସ୍ କର୍ମଚାରୀଙ୍କର ଅସୁବିଧା ହେଉ ନ ଥିଲା। ତେବେ ମୋଟା ଅଙ୍କର ଗଞ୍ଜେଇ ଯିବାକୁ ହେଲେ କାର ଆଦି ଯାନବାହନ ଦରକାର ହେଉଥିଲା। ଆମେ ବାଟରେ ପଡୁଥିବା ପୋଲିସ, ଅବକାରୀ ବିଭାଗର କର୍ମଚାରୀଙ୍କୁ ଖୁସ୍ କରୁଥିଲୁ। ତେବେ କରୋନା ସମୟରେ ଶଟଡାଉନ ଓ ଲକ୍‌ଡାଉନ ଯୋଗୁ ବ୍ୟବସାୟର ତରିକା ବଦଳି ଗଲା। ବାଇକ୍, ସ୍କୁଟି, ଅଟୋରେ ଗଞ୍ଜେଇ ଚାଲାଣ ସୁବିଧା ହେଉଛି। ହେଲେ ବଡ଼ ବ୍ୟବସାୟୀମାନେ ଯାଇ ନ ଥାନ୍ତି। କେତେଜଣ ଲୋକ ଏଥିପାଇଁ ସ୍ୱତନ୍ତ୍ର ଭାବେ ନିୟୋଜିତ ହେଉଛନ୍ତି। ପୁଣି କେତେଜଣ ଛୋଟ ବ୍ୟବସାୟୀ ଗଞ୍ଜେଇ ନେବାରେ ସହଯୋଗ କରୁଛନ୍ତି। ଭଲ ଲାଭ ଥିବାରୁ ପୋଲିସ ଓ ଅବକାରୀ ବିଭାଗର ଧରପଗଡ କିଛି ଫରକ ପଡେନା। ଗିରଫ ବ୍ୟକ୍ତି ଜେଲରୁ ବାହାରିବା ପରେ ପୁଣି ଗଞ୍ଜେଇ ବ୍ୟବସାୟ କରିଥାନ୍ତି। ଏ ନେଇ ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କୁ ପଚାରିବାରେ ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ଉଦ୍ୟମ ଚାଲିଛି। ବିଭିନ୍ନ ସମୟରେ ଧରପଗଡ଼ କରାଯାଇ ଗଞ୍ଜେଇ ଜବତ କରାଯାଉଛି। ସପ୍ତାହକ ଭିତରେ ନୟାଗଡ଼ ଜିଲାର ବିଭିନ୍ନ ଥାନା ପକ୍ଷରୁ ଧରପଗଡ କରାଯାଇ ୩୪ କେଜି ଗଞ୍ଜେଇ ଜବତ ହୋଇଛି। ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ୫ଟି ମାମଲା କରାଯାଇ ୬ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଅବକାରୀ ଏସ୍‌ପି କରୁଣା ଶଙ୍କର ତିୱାରୀଙ୍କୁ ପଚାରିବାରେ ଗଞ୍ଜେଇ ରାଜପଥରେ ଆସୁଥିବାରୁ ଜଣାପଡିବା ଓ ନିର୍ବାଚନ ସମୟ ଯୋଗୁ ଧରପଗଡକୁ ତ୍ୱରାନ୍ୱିତ କରାଯାଇଛି। ବିଭିନ୍ନ ସମୟରେ ଗଞ୍ଜେଇ ଜବତ କରାଯାଉଛି ଓ ବ୍ୟବସାୟୀଙ୍କୁ ଗିରଫ କରାଯାଉଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଏକାନ୍ତ


@ ହିମାଂଶୁ


@ ରୋହନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୋଡିପଡ଼ାରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ନୟାଗଡ, ୧୮।୫(ଲୋକନାଥ ମିଶ୍ର)

ଶରଣକୁଳ ଥାନା ଓ ଗୋଡିପଡ଼ା ଫାଣ୍ଡି ପୋଲିସ ପକ୍ଷରୁ ଗୋଡିପଡ଼ା ଓ ଡିମିଶରରେ ଶନିବାର ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ନିର୍ବାଚନୀ ହିଂସାକୁ ରୋକିବା, ଶାନ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି।

## ଶରଧାପୁର ଗ୍ରାମ୍ୟ ରାସ୍ତା ମରଣଯନ୍ତା



ଖଣ୍ଡପଡା,୧୮।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି-କୋସ୍‌କା ପୂର୍ତ୍ତ ବିଭାଗ ରାସ୍ତାରୁ ଶରଧାପୁର ଗ୍ରାମ ଦେଇ କୁଆଁରିଆ ସେତୁକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ଦେଇ ଦୈନିକ ଶହଶହ ସଂଖ୍ୟାରେ ଯାନବାହାନ, ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ଅଣ ଓସାରିଆ ରାସ୍ତା ଯୋଗୁ ଦୁର୍ଘଟଣା ଘଟୁଛି। ଦୀର୍ଘବର୍ଷ ତଳେ ଉକ୍ତ ରାସ୍ତା ପିଚୁ କରାଯାଇଥିଲା। ଭାରୀ ଯାନବାହାନ ଚଳାଚଳ କରିବା ପରେ ରାସ୍ତା ଉପରୁ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ମରାମତି ଦିଗରେ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବାରୁ ଏ ନେଇ ଆଖପାଖ ଗ୍ରାମର ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି କୋସ୍‌କା ଓ ଆଡ଼କଟାକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ ପୁରାତନ କୁଆଁରିଆ ସେତୁଟି ଦବି ଯାଇ ଭାଙ୍ଗିଯିବା ପରେ ଉକ୍ତ ରାସ୍ତା ଦେଇ ବର୍ଷେ ହେଲା ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ବିକଳ୍ପ ରାସ୍ତା ଭାବେ ଶରଧାପୁର ଗ୍ରାମ୍ୟ ରାସ୍ତା ଦେଇ ସମସ୍ତ ଯାନବାହାନ ଚଳାଚଳ କରୁଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶରଧାପୁର ଗ୍ରାମ୍ୟ ରାସ୍ତାର ନବୀକରଣ ସହ ପ୍ରଶସ୍ତିକରଣ ଦିଗରେ ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଖଣ୍ଡପଡ଼ା ସହକାରୀ ନିର୍ବାହୀଯନ୍ତ୍ରୀ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ କୋସ୍‌କା, ବଳଭଦ୍ରପ୍ରସାଦ, ରୟତ ଢୋଲମରା, କୁମ୍ଭାରପଡ଼ା ଓ କିଆଝରର ପଞ୍ଚାୟତବାସୀ ଦାବି କରିଛନ୍ତି। ନଚେତ ଆଗାମୀଦିନରେ ଉକ୍ତ ରାସ୍ତା ନିର୍ମାଣକୁ କେନ୍ଦ୍ରକରି ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଜଣାପଡିଛି।

# 'ପ୍ରତିଶ୍ରୁତି ନାହିଁ ତ ଭୋଟ ନାହିଁ' ଚେତାବନୀ

## ମୂଳ ଖରସ୍ରୋତା ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦାବି ରଖିଲା ଖରସ୍ରୋତା ବଞ୍ଚାଅ ସମିତି

ରସୁଲପୁର,୧୮।୫(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା, ଗନ୍ଧଣ, ବଡ଼କଇଞ୍ଚି, ଟିକରପଡ଼ା, ରସୁଲପୁର ଓ ରାହାମ୍ବା ୬ ପଞ୍ଚାୟତର ଜୀବନରେଖା ହେଉଛି ମୂଳ ଖରସ୍ରୋତା ନଦୀ। ଏହି ମୃତ ମୂଳ ଖରସ୍ରୋତାକୁ ପୁନରୁଦ୍ଧାର ପ୍ରତିଶ୍ରୁତି ପାଇଁ ଦାବି କରିଛି ମୂଳ ଖରସ୍ରୋତା ବଞ୍ଚାଅ ସମିତି। ଦୀର୍ଘବର୍ଷ ଧରି ନଦୀ ପୁନରୁଦ୍ଧାର ପାଇଁ ଦାବି କରୁଥିବା ସମିତି ଏଥର 'ପ୍ରତିଶ୍ରୁତି ନାହିଁ ତ ଭୋଟ ନାହିଁ' ଚେତାବନୀ ଦେଇଛି। ଏଭଳି ଏକ ଦାବିପତ୍ର କୋରେଇ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଘରେଘରେ ପହଞ୍ଚିଛି। ସମିତି ପକ୍ଷରୁ ଏହି ପ୍ରଚାରକୁ ଜୋର୍‌ଦାର କରାଯାଉଛି। ନିର୍ବାଚନ ସମୟରେ ଧର୍ମଶାଳା ଓ କୋରେଇ ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କଠାରୁ ପ୍ରତିଶ୍ରୁତି ଆଶା ରଖିଛନ୍ତି ସମିତିର କାର୍ଯ୍ୟକର୍ତ୍ତା। ଯେଉଁ ପ୍ରାର୍ଥୀ ସେମାନଙ୍କ ଦାବିପୂରଣର ପ୍ରତିଶ୍ରୁତି ଦେବେ ସେହି ପ୍ରାର୍ଥୀଙ୍କୁ ସମିତି କାର୍ଯ୍ୟକର୍ତ୍ତା ଓ ନଦୀ ସହ ଜଡ଼ିତ ବିଭିନ୍ନ ପଞ୍ଚାୟତର ଭୋଟର ଭୋଟ ଦେବେ ବୋଲି ସୂଚନା ମିଳିଛି।

ଟିକରପଡା ପଞ୍ଚାୟତ ନିକଟରୁ ବାହାରି ରସୁଲପୁର ପଞ୍ଚାୟତର ଖଣ୍ଡିତରଠାରେ ମୂଳ ଖରସ୍ରୋତା ଚିରାଚରିତ ଧାରାରେ ବହିଯାଇଛି। ଏଠାରେ କୋରେଇ ନିର୍ବାଚନମଣ୍ଡଳୀର ୪ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ୨ ପଞ୍ଚାୟତ ଦେଇ ବହିଯାଇଥିବା ୧୩ କି.ମି. ଲମ୍ବର ଏକ ନଦୀ ଏବେ ମୃତ ଅବସ୍ଥାରେ ପଡ଼ିରହିଛି। ୧୯୯୨ରୁ ବନ୍ୟା ନିୟନ୍ତ୍ରଣ ଆଳରେ ଉପମୁଣ୍ଡରେ ବନ୍ଧବାନ୍ଧି ନଦୀକୁ ମାରି ଦିଆଯାଇଛି। ଏହି ମୃତ ଖରସ୍ରୋତାକୁ ଚିରସ୍ରୋତା କରିବା ପାଇଁ ୨୦୦୯ରୁ ସମିତି ପକ୍ଷରୁ ଦାବି ହୋଇଆସୁଛି। ୧୫ବର୍ଷ ଧରି ସମିତି ପକ୍ଷରୁ ଏହି ଦାବିପତ୍ର ଜରିଆରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଉଛି। ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଏପରି କି ବିଧାନସଭା ଷ୍ଟାଣ୍ଡିଂ କମିଟି, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ୫-ଟି ଅଧକ୍ଷଙ୍କୁ ବି ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ମୂଳ ଖରସ୍ରୋତା ନଦୀ ପୁନରୁଦ୍ଧାରକୁ ନେଇ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇନାହିଁ। କେବଳ ଉକ୍ତ ଅଭିଯୋଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି।

ଜଳସେଚନ ବିଭାଗର ଅଧିକାରୀ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ସମିତିର କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି। ହେଲେ ଏଯାଏ ନଦୀ ପୁନରୁଦ୍ଧାର ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରୁନାହିଁ। ଆଗକୁ ଏହି ଦାବିପୂରଣ ନେଇ ରାଜନୈତିକ ଦଳଗୁଡ଼ିକ କେତେ ଆନ୍ତରିକତା ପ୍ରଦର୍ଶନ କରୁଛନ୍ତି ତାକୁ ସେମାନଙ୍କ ଘୋଷଣାପତ୍ରରେ ଉଲ୍ଲେଖ କରନ୍ତୁ ଓ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସମିତି ସଭାପତି ବେଣୁଧର ଦୋବାଇ, ସମ୍ପାଦକ କୈଳାସ ଚନ୍ଦ୍ର ନାୟକ କହିଛନ୍ତି।

ସମିତିର କହିବା ଅନୁସାରେ, ଜଳର ସୁଷମ ବଣ୍ଟନ ପାଇଁ ଦେଶରେ ନଦୀ ସଂଯୋଗୀକରଣ ଯୋଜନା କରାଯାଉଛି। ଏଠି ଦାବି ମୁତାବକ ନଦୀ ଉପରମୁଣ୍ଡରେ ଏକ ସ୍ଲୁଇସ୍ ଗେଟ୍ ସ୍ଥାପନ କରି ଜଳ ପ୍ରବାହକୁ ସୁଗମ କରାଗଲେ ୬ ପଞ୍ଚାୟତର ଚାଷୀଙ୍କୁ ଜଳସେଚନ ସୁବିଧା ମିଳିପାରିବ। ଏଥିସହିତ ଭୂତଳ ଜଳସ୍ତର ବୃଦ୍ଧି ଘଟିବ, ନଦୀଗର୍ଭରୁ ଅଳିଆ ଆବର୍ଜନା ଦୂର ହୋଇପାରିବ, ନଦୀକୂଳବାସୀଙ୍କ ଶୌଚ ହେବା, ଶୁଦ୍ଧିକ୍ରିୟା, ପୂଜାପାର୍ବଣ ବେଳେ ଜଳ ସଂଗ୍ରହ କରିବା ଆଦି ସମସ୍ୟା ଦୂର ହେବ। ଧୀବର ସମ୍ପ୍ରଦାୟମାନେ କୌଳିକ ବୃତ୍ତି ଫେରିପାଇବେ। ୬ ପଞ୍ଚାୟତର ଅନ୍ୟୂନ ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହୋଇପାରିବେ। ଏଭଳି ଜନମଙ୍ଗଳକାରୀ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ରାଜନୈତିକ ଦଳଗୁଡ଼ିକ ଗୁରୁତ୍ୱ ଦିଅନ୍ତୁ ବୋଲି ସମିତି ଦାବି କରିଛି। ଏଥିସହ ୨୦୨୪ରେ ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶାପୋଷଣ କରିଛି।


ଦଳ ଓ ଆବର୍ଜନାପୂର୍ଣ୍ଣ ଖରସ୍ରୋତା ନଦୀ।

## ସଂକ୍ଷେପରେ

### ବେକରେ ରଶି ବାନ୍ଧି ବୃଦ୍ଧଙ୍କ ଆତ୍ମହତ୍ୟା

ରସୁଲପୁର,୧୮।୫(ରଞ୍ଜିତ ରାଉତ): ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ ମଠସାହି ଗ୍ରାମରେ ଜଣେ ବୃଦ୍ଧ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ଧନେଶ୍ୱର ମହାପାତ୍ର । ସେ କିଛିଦିନ ହେବ ଅସୁସ୍ଥ ଥିଲେ । କୌଣସି କାରଣରୁ ଶନିବାର ଅପରାହ୍ନ ୩ଟା ସମୟରେ ନିଜ ଆଜବେଷ୍ଟସ ଘରେ ବେକରେ ରଶି ବାନ୍ଧି ଝୁଲି ପଡିଥିଲେ । ଘର ଲୋକମାନେ ଏହା ଦେଖି ଧନେଶ୍ୱରଙ୍କୁ ନିକଟସ୍ଥ ମଧୁବନ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୁଆଖିଆ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ପଠାଇଛି । ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

### ନିର୍ବାଚନ ପାଇଁ ନିୟୋଜିତ ହେବ ୨୫୯ ଗାଡ଼ି

ଧର୍ମଶାଳା,୧୮।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ନିର୍ବାଚନମଣ୍ଡଳୀର ୨୬୪ଟି ବୁଥରେ ଆସନ୍ତା ଜୁନ୍ ୧ରେ ଲୋକସଭା ଓ ବିଧାନସଭା ପାଇଁ ମତଦାନ କରାଯିବ। ନିର୍ବାଚନରେ ପୋଲିଂ ଅଫିସର ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୫୯ଟି ଗାଡ଼ିର ଆବଶ୍ୟକ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ୨୬୪ ବୁଥରେ ପୋଲିଂ ପାର୍ଟି ପାଇଁ ୧୯୨ଟି ବୋଲେରୋ, ଟଟା ମ୍ୟାଜିକ ଗାଡ଼ି ଓ ୩୦ଟି ଛୋଟ ବସର ଆବଶ୍ୟକତା ରହିଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜୋନାଲ ମାଜିଷ୍ଟ୍ରେଟଙ୍କ ପାଇଁ ୬ଟି ବୋଲର, ସେକ୍ଟର ଅଫିସରଙ୍କ ପାଇଁ ୨୫ଟି ବୋଲେରୋ ଓ ଜରୁରିକାଳୀନ ସେବା ପାଇଁ ୬ଟି ବୋଲେରୋ ଦରକାର। ଏପରି ୨୫୯ ଗାଡି ଯୋଗାଇ ଦେବାକୁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

### ବଳଦିଆରେ ୨୫ ଟିକିଆ ହାତୀପଲ

ମୋରଡ଼ା,୧୮।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବନାଞ୍ଚଳ ଅଧୀନ ବଳଦିଆ ଗାଁରେ ହାତୀ ଆତଙ୍କ ଦେଖାଯାଇଛି। ବଳଦିଆ ଗ୍ରାମର ମାନସ ବେହେରାଙ୍କ ସୂଚନା ମୁତାବକ, ଶୁଳିଆପଦା ଜଙ୍ଗଲ ଦେଇ ୨୫ ଟିକିଆ ହାତୀପଲ ଆସି ବଳଦିଆ ଜଙ୍ଗଲରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସୁଦ୍ଧା ବଳଦିଆ ଜଙ୍ଗଲ କିମ୍ବା ହାତୀମାନଙ୍କର ରହଣିସ୍ଥଳୀ ପାଟିଆପଡ଼ା ଜଙ୍ଗଲରେ କୌଣସି ବନବିଭାଗର ଅଧିକାରୀ ପହଞ୍ଚିନାହାନ୍ତି। ଖବର ଲେଖା ହେବା ସୁଦ୍ଧା ହାତୀ ଗୁଡ଼ିକ ବଳଦିଆ ଜଙ୍ଗଲରେ ରହିଛନ୍ତି।



### ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ର ନିଖୋଜ

ପାଣିକୋଇଲି,୧୮।୫(ବିକାଶ ମଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ଖସାଗଡିଆ (ଓଟିନ୍ଦା) ଗ୍ରାମର ପପୁ ପାତ୍ର (୧୭) ନିଖୋଜ ଅଛନ୍ତି । ସେ ଖସାଗଡିଆ ଗ୍ରାମର ମାମୁ ସୁକାନ୍ତ ମାଝିଙ୍କ ଘରେ ରହି ବେଗନା କାହ୍ନୁ ଚରଣ ବିଦ୍ୟାମନ୍ଦିରରେ ପାଠ ପଢନ୍ତି । ଚଳିତ ବର୍ଷ ସେ ମାଟ୍ରିକ ପରୀକ୍ଷା ଦେଇଥିଲେ। ହେଲେ ଗତ ୧୭ ତାରିଖ ସନ୍ଧ୍ୟାରୁ ସେ ନିଖୋଜ ଅଛନ୍ତି। ଏ ସଂକ୍ରାନ୍ତରେ ପାଣିକୋଇଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

### ପାଣିକୋଇଲି ଏସ୍‌ବିଆଇ ଶାଖା ରୂପାନ୍ତରୀକରଣ

ପାଣିକୋଇଲି,୧୮।୫(ବିକାଶ ମଲିକ): ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପାଣିକୋଇଲି ଶାଖା ନୂତନ ଭାବେ ରୂପାନ୍ତରୀକରଣ କରାଯାଇଛି। ୩ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ନେଇ ଗଠିତ ଏହି ବ୍ୟାଙ୍କରେ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବାରେ ଶାଖା ପରିଚାଳକ ସଞ୍ଜୟ କୁମାର ତ୍ରିପାଠୀ ମୁଖ୍ୟଭୂମିକା ନେଇଛନ୍ତି। ଏହି ରୂପାନ୍ତରୀକରଣକୁ ଏସ୍‌ବିଆଇର ମହାପ୍ରବନ୍ଧକ ପୋନାମ୍ବଲମ ଉଦ୍‌ଘାଟନ କରିଛନ୍ତି । ଉପ ମହାପ୍ରବନ୍ଧକ ଶୈଳେଶ କୁମାର ସିହ୍ନା, ଆଞ୍ଚଳିକ ପରିଚାଳକ ଦିଲୀପ କୁମାର ଦାସଙ୍କ ସମେତ ଶାଖା ପରିଚାଳକ ସଞ୍ଜୟ ତ୍ରିପାଠୀ ଉପସ୍ଥିତ ଥିଲେ।

# ସମିଆ, ଶାଳପଡ଼ାରେ ବର୍ଷାଙ୍କ ପ୍ରଚାର



ବୈଠକରେ ଯୋଗଦେଇଥିବା ବିଜେଡି ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ, ଦଳୀୟ ନେତା ଓ କର୍ମୀ ।

ବଡ଼ଚଣା,୧୮।୫(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଗୁରୁବାର ପଶ୍ଚିମ ବଡ଼ଚଣାର ସାମିଆ ପଞ୍ଚାୟତ ପକ୍ଷରୁ ଅନୁଷ୍ଠିତ ଏକ କର୍ମୀ ବୈଠକରେ ସେ ଯୋଗଦେଇ ଭୋଟ୍ ଭିକ୍ଷା କରିଛନ୍ତି। ବର୍ଷା ସାମିଆ ଗ୍ରାମର ସୋମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ଆସି ସାମିଆ ମେଳଣ ପଡିଆଠାରେ ଜିଲା ପରିଷଦ ସଦସ୍ୟ ଯତିନ୍ଦ୍ର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ବୈଠକରେ ଯୋଗଦେଇଥିଲେ। ପଞ୍ଚାୟତ ବିଜେଡି ପକ୍ଷରୁ ସଭାପତି ଯୁଗଳ ଖିଲାର ସ୍ୱାଗତ ଭାଷଣ ଦେଇଥିବାବେଳେ ବରିଷ୍ଠ କର୍ମୀ ରାଜାଉଜ୍ଜ୍ୱଳ ନାରାୟଣ ବିଦ୍ୟାଧର ମହାପାତ୍ର, ଲକ୍ଷ୍ମୀଧର ଦାସ, ସତ୍ୟପ୍ରକାଶ ଦାଶ, ରତ୍ନାକର ପ୍ରଧାନ, ଲିକୁ ଦାଶ, ଅଜୟ କୁମାର ଦାଶ, ଯଟୀନ୍ଦ୍ର ପଣ୍ଡା, ଅଜିତ କୁମାର ବ୍ରହ୍ମ, ସୀତାନାଥ ବ୍ରହ୍ମ, ନାରୀନେତ୍ରୀ ପୁଷ୍ପଲତା ନାଥ, ସଂଯୁକ୍ତା ଜାମୁଣ୍ଡା ଓ ରାଜଲକ୍ଷ୍ମୀ ରାୟ ପ୍ରମୁଖ ଯୋଗଦେଇ ବର୍ଷାଙ୍କୁ ସ୍ୱାଗତ କରିବା ସହ ତାଙ୍କୁ ଜିତାଇବାକୁ କର୍ମୀଙ୍କୁ ନିବଦେନ କରିଥିଲେ। ପ୍ରଶାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସେହିପରି ସନ୍ଧ୍ୟାରେ ଶାଳପଡ଼ା ପଞ୍ଚାୟତ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ବିଜେଡି ସଭାପତି ରମେଶ ଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବର୍ଷା ଯୋଗଦେଇ ବଡ଼ଚଣାର ସାମୂହିକ ବିକାଶ ପାଇଁ ବିଜେଡିର ଦୁଇ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଯୁବନେତା ପ୍ରଶାନ୍ତ ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ପରିଷଦ ସଦସ୍ୟ ଯତିନ୍ଦ୍ର ପ୍ରସାଦ ନାୟକ ବର୍ଷାଙ୍କୁ ଭୋଟ ଦେବା ପାଇଁ କର୍ମୀଙ୍କୁ କହିଥିଲେ। ପଞ୍ଚାୟତ ପକ୍ଷରୁ ବିବେକ ରଞ୍ଜନ ସୁବୁଦ୍ଧି, କ୍ଷୀରୋଦ ରାଉତ, ଆଶିଷ ସୁବୁଦ୍ଧି, ସରୋଜ ସୁବୁଦ୍ଧି ଓ ପୀତାମ୍ବର ନାୟକ ପ୍ରମୁଖ ବର୍ଷାଙ୍କୁ ସ୍ୱାଗତ କରିଥିଲେ। ଏହି ୨ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ମିନତି ସେନାପତି, ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ନିରଞ୍ଜନ ସାହୁ, କୈଳାଶ ଚନ୍ଦ୍ର ରାଉତ ଓ ନିରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ ଦଳ ଏବଂ ପ୍ରାର୍ଥୀଙ୍କ ସପକ୍ଷରେ ଉଦ୍‌ବୋଧନ ଦେଇଥିଲେ। ରଞ୍ଜିତ ଦାଶ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ସୀମାନ୍ତ ନାକାବନ୍ଦୀ ଚେକିଂ, ଗଞ୍ଜେଇ ଜବତ

ଭୋଗରାଇ, ୧୮।୫(ପ୍ରଦୀପ ଦାସ)

ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର ଦୀଘା ବର୍ଡରରେ ପୋଲିସର ନାକାବନ୍ଦୀ ଚେକିଂ ବେଳେ ବିପୁଳ ପରିମାଣରେ ଗଞ୍ଜେଇ ଜବତ ହୋଇଛି। ଭୋଗରାଇ ଓ ତାଳସାରି ସାମୁଦ୍ରିକ ଥାନା ପୋଲିସ ହାତରେ ଧରାପଡ଼ିଥିବା ଯୁବକ ହେଲେ ପଶ୍ଚିମବଙ୍ଗ ନଦୀଆ ଜିଲା ଚୌଗଛି ଥାନା ଅଧିନ ଶାନ୍ତିପୁର ଗ୍ରାମର ବାବୁ ସୋନା ପାଲ(୩୩)।

ଶନିବାର ଭୁବନେଶ୍ୱରରୁ ନାଇଟ ବସ୍ ଯୋଗେ ବାବୁ ସୋନା ଏକ ବ୍ୟାଗରେ ଗଞ୍ଜେଇ ନେଇ ଆସି ସୀମାନ୍ତ ସାହାବାଜିପୁର ବୋର୍ ଦେଇ ପଶ୍ଚିମବଙ୍ଗ ଦୀଘାକୁ ଯାଉଥିଲେ। ବର୍ଡରରେ ଥିବା ପୋଲିସ ନାକାବନ୍ଦୀ ପୋଷ୍ଟରେ ଭୋଗରାଇ ଥାନା ଇନ୍ସପେକ୍ଟର ଅର୍ପିତା ପ୍ରିୟଦର୍ଶିନୀ ଦାସ ଉକ୍ତ ଯୁବକଙ୍କୁ ସନ୍ଦେହ କରି ଚେକିଂ କରିବା ପରେ ତାଙ୍କ ପାଖରୁ ମୋଟ ୮କିଲୋ ୯୮୦ଗ୍ରାମ ଗଞ୍ଜେଇ ମିଳିଥିଲା। ଏନେଇ ଇନ୍ସପେକ୍ଟର ଦାସ ତାଳସାରୀ ସାମୁଦ୍ରିକ ଥାନା ଆଇଆଇସି ଚମ୍ପାବତୀ ସୋରେନଙ୍କୁ ସୂଚନା ଦେବା ପରେ ଆଇଆଇସି ଉକ୍ତ ଯୁବକକୁ ଥାନାକୁ ନେଇ ଗଞ୍ଜେଇ ସମେତ ଗୋଟିଏ ମୋବାଇଲ ଫୋନ, ଦୁଇଟି ଡେବିଟ କାର୍ଡ, ଗୋଟିଏ ଏଟିଏମ କାର୍ଡ ଓ ଏକ କଳା ରଙ୍ଗର ବ୍ୟାଗ ଜବତ କରି ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୪୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ ତାଳସାରୀ ସାମୁଦ୍ରିକ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚ ବୈଠକ



ବୈଠକରେ ମଞ୍ଚ କର୍ମକର୍ତ୍ତାଙ୍କ ସହ ବିଜେଡି ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ ।

ପାଣିକୋଇଲି,୧୮।୫(ବିକାଶ ମଲିକ)

ପାଣିକୋଇଲିର ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ବିବରଣୀ ପ୍ରଦାନ କରିଥିଲେ । ସଦସ୍ୟ ଦୈତାରୀ ଜେନାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଦାମୋଦର ବେହେରା ଯୋଗଦେଇ ତାଙ୍କର ଉତ୍ତରପୂର୍ବ ଭାରତ ଗସ୍ତର ଅନୁଭୂତି ଓ ଅନୁଭବ ସମ୍ପର୍କରେ ଆଲୋଚନା କରିବା ସହିତ ଭ୍ରମଣର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ କହିଥିଲେ। ଅନ୍ୟତମ ବକ୍ତାଭାବେ ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ, ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଅଦ୍ୱୈତ ଚରଣ ଦାସ, ସତ୍ୟାନନ୍ଦ ମହାରଣା, ବାବାଜୀ ଚରଣ ରାଉତ, ରାମ ଚନ୍ଦ୍ର ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଏହି ଅବସରରେ କୋରେଇ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ ସେଠାରେ ଉପସ୍ଥିତ ହୋଇ ଭୋଟ ଭିକ୍ଷା କରିବାରୁ ସେ ଜଣେ ବରିଷ୍ଠ ନାଗରିକ ହୋଇଥିବାରୁ ତାଙ୍କୁ ସମର୍ଥନ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ବାରିକ, ବୃନ୍ଦାବନ ଜେନା, ମୁରଲୀଧର ଖଣ୍ଡାଇ, ରାଜେନ୍ଦ୍ର ଦାସ, ଦାମୋଦର ସ୍ୱାଇଁ, ରାମଚନ୍ଦ୍ର ମଲିକ, ସତ୍ୟରଞ୍ଜନ ସ୍ୱାଇଁ, ବସନ୍ତ ବେହେରା, ଭରତ ଚନ୍ଦ୍ର ବାରିକ, ଅଭିରାମ ବାରିକ, ଲଜବୁନ ଲେସା ପ୍ରମୁଖ ସହଯୋଗ କରିଥିଲେ ।

# ବିଜେଡି,ଭାଜପା ସୁକିନ୍ଦାକୁ ଲୁଟ୍ କରି ଆସିଛନ୍ତି: କଂଗ୍ରେସ

କଳିଙ୍ଗନଗର,୧୮।୫(ଶୁଭାଶିଷ ରାଉତ)

ଶନିବାର ସୁକିନ୍ଦା କଂଗ୍ରେସର ଦାନଗଦି କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଖବରଦାତା ସମ୍ମିଳନୀରେ ବିଜେଡି ଓ ଭାଜପା ଦୁଇଟି ଯାତ୍ରା ପାର୍ଟି । ଏହି ଦୁଇ ପାର୍ଟିର ଜଣେ ମାଲିକ । ସେମାନେ ମିଳିତ ଭାବେ ସୁକିନ୍ଦାକୁ ଲୁଟ୍ କରୁଛନ୍ତି। ବିଜେଡି ଟଙ୍କାରେ ଭାଜପା ଏଠି ନିର୍ବାଚନ ଲଢୁଛି ବୋଲି କଂଗ୍ରେସ ନେତୃବୃନ୍ଦ କହିଛନ୍ତି । ସୁକିନ୍ଦା ଲୋକେ ଦୀର୍ଘ ବର୍ଷ ହେଲା ଲୁଟ୍ ହୋଇଥିବା କଳା ଧନରେ ପ୍ରଲୋଭିତ ନ ହୋଇ କଂଗ୍ରେସର ଯୁବନେତା ବିଭୁ ଭୂଷଣ ରାଉତଙ୍କୁ ବିପୁଳ ସଂଖ୍ୟାରେ ମୋହର ମାରି ଜୟଯୁକ୍ତ କରିବାକୁ ପୂର୍ବତନ ମନ୍ତ୍ରୀ ଶରତ ରାଉତ ନିବେଦନ କରିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ବିଭୁ ଭୂଷଣ ରାଉତ, ସୁକିନ୍ଦା ବ୍ଲକ ସଭାପତି ରଞ୍ଜିତ ରାଜ, ଦାନଗଦି ବ୍ଲକ ସମ୍ପାଦକ ଦୟାନିଧି ପଲେଇ,ମହେନ୍ଦ୍ର ଦାସ, ଦାମୋଦର ପୁହାଣ, ହିନ୍ଦୁରାମ ଜାମୁଦା,ରବୀନ୍ଦ୍ର ଜାରିକା, ରାଇଚରଣ ମହାନ୍ତି, ସ୍ୱପ୍ନା ବେଉରା, ଉମାକାନ୍ତ ଜେନାମଣି, ରଞ୍ଜନ କୁମାର ଧୀର, ବୀର କିଶୋର ସାହୁ, ବାଙ୍କନିଧି ଜେନା,ଶରତ ଜେନା,ହେମନ୍ତ ପେରେଇ,ବନମାଳୀ ବାରିକ ସମେତ ବହୁତ କର୍ମୀ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଶରତ ରାଉତ ଓ ଦଳୀୟ ନେତୃବୃନ୍ଦ।

# ବିଜେଡିର ବିଜୟ ସଂକଳ୍ପ ସମାବେଶ

ବିଞ୍ଝାରପୁର,୧୮।୫(ରାମକୃଷ୍ଣ ଦାସ)

ଶନିବାର ବିଞ୍ଝାରପୁର ବଜାରଠାରେ ବିଜେଡିର ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟନ ହୋଇଛି । ଏଥିସହ କୁରବାନୀ ମହଲାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ପ୍ରମିଳା ମଲିକ ଯୋଗଦେଇ ବିଗତ ଦୁଇ ଦଶନ୍ଧି ମଧ୍ୟରେ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ହୋଇଥିବା ବିକାଶର କଥା ବଖାଣିଥିଲେ । ଆଗାମୀ ଦିନରେ ଏହି ଧାରା ବଜାଇ ରହିବ ବୋଲି ସେ କହିଥିଲେ । ଜନସାଧାରଣ ବିଜୁ ଜନତା ଦଳ ସପକ୍ଷରେ ମତଦାନ କରିବାକୁ ସେ ଆହ୍ୱାନ କରିଥିଲେ । ଏହି ସମାବେଶରେ ଲାୟକ ଅଲ୍ଲୀ ଖାଁ ସଭାପତିତ୍ୱ କରିଥିଲେ । ବିଞ୍ଝାରପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ସେକ ଏରସାଦ, ସୟଦପୁର ପଞ୍ଚାୟତର ସରପଞ୍ଚ ଏମ୍‌ଡି ସବୀର , ମୋଜାଇଦ ଅଲ୍ଲୀ ଖାଁ, ଫରିଦ ଖାଁ , ସେକ ନସିମ ଅଖତର , ଯାହିଦ ଅଲ୍ଲୀ ଖାଁ ସମେତ ବିଞ୍ଝାରପୁର ଓ ସୟଦପୁର ଅଞ୍ଚଳ ବହୁ ମାନ୍ୟଗଣ୍ୟ ଉପସ୍ଥିତ ଥିଲେ ।

ସେହିପରି ପ୍ରମିଳା ନିଜ ପ୍ରଚାରକୁ ଜୋରଦାର କରିଛନ୍ତି । ବିଭିନ୍ନ ଅଞ୍ଚଳରେ ଛାମୁଆ ସଙ୍ଗଠକମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । କଲ୍ୟାଣପୁର ପଞ୍ଚାୟରେ ୨୭ନଂ. ଜିଲା ପରିଷଦ ସଭ୍ୟା ସୁନିତା ନାୟକ, ପଞ୍ଚାୟତ ସଭାପତି କାଳୀପ୍ରସନ୍ନ ଦାସ, ମୁକ୍ତିକାନ୍ତ ସାମଲ, ବ୍ରଜସୁନ୍ଦର ପଣ୍ଡା, ନିରଞ୍ଜନ ଦାସ, ଅଶୋକ ଦାସ, ଲିଲିରାଣୀ ଦାସ, ମଞ୍ଜୁଳି ଜେନା, ମିନତୀ ବେହେରା, ରମେଶ ରାଉତ, କିଶୋର ବଳ ପ୍ରମୁଖ ଘରକୁ ଘର ବୁଲି ପ୍ରମିଳା ମଲିକଙ୍କ ପାଇଁ ପ୍ରଚାର କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରିଥିଲେ । ସେହିପରି ଆଉଁରୀଠାରେ ୨୮ନଂ. ଜିଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ମାଟିଆକଣ, ଦଳିତ ସାହି ଆଦି ସ୍ଥାନରେ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ବୈଠକରେ ବିଜେଡି ପ୍ରାର୍ଥୀ ପ୍ରମିଳା ମଲିକ, ରଞ୍ଜିତା ଦାସ, ମୁରଲୀ ବେହେରା, ଧିରେନ ଦାସ, ଯୁବ ନେତା ଜିତେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ ।


ବିଜେଡି ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ପ୍ରମିଳା ମଲ୍ଲିକ ଓ ଅନ୍ୟମାନେ ।

## ସଂକ୍ଷେପରେ

### ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ

**ଖଣ୍ଡପଡା,୧୮।୫(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ଥାନା ଅଧୀନ କୁଞ୍ଜବିହାରୀପୁର ଗ୍ରାମ ନୂଆ ପୋଖରୀରେ ଶନିବାର ସକାଳେ ୫ମ ଶ୍ରେଣୀର ଛାତ୍ର ଗାଧୋଉଥିବା ବେଳେ ପାଣିରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ସେ କୁଞ୍ଜବିହାରୀପୁର ଗ୍ରାମ ଯୁଦ୍ଧିଷ୍ଠିର ପଣ୍ଡାଙ୍କ ସାନପୁଅ ମହେଶ୍ୱର (୧୧) ବୋଲି ଜଣାପଡିଛି। ଛାତ୍ର ଜଣକ ପିଇସିଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପୋଖରୀ ମଧ୍ୟରେ ଗୋଡ ଖସି ଗଭୀର ପାଣିରେ ବୁଡି ଯାଇ ମୃତ୍ୟୁ ହୋଇଛି। ଖବର ପାଇ ଖଣ୍ଡପଡା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଛାତ୍ରଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ପରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ଶରଣକୁଳ ଥାନା ହାବିଲଦାରଙ୍କ ପରଲୋକ

**ନୟାଗଡ, ୧୮।୫(ଲୋକନାଥ ମିଶ୍ର):** ନୟାଗଡ଼ ପୋଲିସ ଜିଲାର ଶରଣକୁଳ ଥାନା ହାବିଲଦାର ବସନ୍ତ କୁମାର ନାୟକ(୪୮)ଙ୍କର ହୃଦ୍‌ଘାତରେ ଶନିବାର ପରଲୋକ ହୋଇଯାଇଛି । ବସନ୍ତଙ୍କ ଘର କଟକ ଜିଲା ନରସିଂହପୁର ଥାନା କୋକଳମା ପଞ୍ଚାୟତ କାଠଖୁଣ୍ଟ ଗାଁରେ। ସେ ପ୍ରାୟ ୨ବର୍ଷ ହେଲା ଶରଣକୁଳ ଥାନାରେ ନିୟୋଜିତ ଥିଲେ। ପ୍ରାପ୍ତ ସୂଚନା ଅନୁସାରେ ହାବିଲଦାର ବସନ୍ତ କୁମାର ନାୟକ ରାତ୍ରି ପାଟ୍ରୋଲିଂରେ ଯାଇଥିଲେ। ସେ ଶରଣକୁଳ ଥାନା ଭ୍ୟାନର ଡ୍ରାଇଭର ଭାବେ ଡ୍ୟୁଟି କରୁଥିଲେ। ରାତି ୩ଟାରେ ଡ୍ୟୁଟି ଶେଷ କରି ନିଜ ସ୍ତ୍ରୀଙ୍କୁ ଗାଡିରେ ବସାଇ ରୁମକୁ ଯାଇ ବିଶ୍ରାମ ନେବାକୁ ଯାଉଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ରୁମ୍‌ରେ ଥିବା ଅନ୍ୟ ସହଯୋଗୀମାନେ ବସନ୍ତଙ୍କୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ଆସିବାରୁ ଡାକ୍ତର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିଲେ। ନୟାଗଡ଼ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ। ଖବରପାଇ ନୟାଗଡ଼ ଓ ଶରଣକୁଳ ଏସ୍‌ଡିପିଓ, ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରା ପ୍ରମୁଖ ବସନ୍ତଙ୍କ ମୃତଦେହକୁ ଦର୍ଶନ କରି ପୁଷ୍ପଗୁଚ୍ଛ ଦେଇଥିଲେ। ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ପୋଲସରା, ୧୮।୫(ସୁବ୍ରତ ବେହେରା):** ପୋଲସରା ଥାନା ଅନ୍ତର୍ଗତ ପାଣ୍ଡିରିପଡ଼ା ପଞ୍ଚାୟତ କସିପଡ଼ା ଗ୍ରାମ ନିକଟସ୍ଥ ମାଁ ସିଂହାସନୀ ପୀଠ ମନ୍ଦିରର ପଛ ଗେଟ ନିକଟରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଆସିକା ଅଞ୍ଚଳର ରଘୁନାଥ ନଗରରଅ ମଙ୍ଗଲୁ ସ୍ୱାଇଁ (୩୭)। ଯୁବକ ଜଣଙ୍କ ଜୁଆଖେଳି ଟଙ୍କା ବାକି ହୋଇଥିଲେ। ସେହି ଟଙ୍କା ସେ ଶୁଝି ନପାରିବାରୁ ଆତ୍ମହତ୍ୟା କରିଥିଲେ। ପୋଲସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

# ୨୦ରୁ ଶ୍ରୀନୀଳମାଧବ ଜୀଉଙ୍କ ଚାଟେରୀ ଭୋଗ

**ଖଣ୍ଡପଡା,୧୮।୫ (ଅଜୟ କୁମାର ମହାରଣା)**

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ ସର୍ବଜନ ବିଦିତ। ପୁରୀ ଶ୍ରୀମନ୍ଦିରର ପୂଜାନୀତି ସହ ସାମଞ୍ଜସ୍ୟ ରହିଥିବା କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ସମସ୍ତ ନୀତି ଓ ଯାନିଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଦୀର୍ଘବର୍ଷରୁ ଶ୍ରୀନୀଳମାଧବ ଜୀଉଙ୍କ ପାରମ୍ପରିକ ପବିତ୍ର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଚଳିତବର୍ଷ ଶ୍ରୀନୀଳମାଧବଙ୍କ ଚାଟେରି ଭୋଗ ପରମ୍ପରା ଜାରି ରହିବ ବୋଲି ଶନିବାର ଅନୁଷ୍ଠିତ ଛତିଶା ନିଯୋଗୀ ବୈଠକରେ ନିଷ୍ପତ୍ତି ହୋଇଛି। ଏହା ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ।

ସୂଚନାଯୋଗ୍ୟ, କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପୂଜାନୀତି ପୁରୀ ଶ୍ରୀମନ୍ଦିର ପୂଜାନୀତି ଭଳି ୧୨ ମାସରେ ୧୩ ପର୍ବ ପାଳିତ ହୋଇଥାଏ। ଶ୍ରୀନୀଳମାଧବ ଜୀଉଙ୍କ ଦ୍ୱାଦଶ ଯାତ୍ରା ମହୋତ୍ସବ ମଧ୍ୟରୁ ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଚନ୍ଦନ ଯାତ୍ରା ଓ ଜ୍ୟେଷ୍ଠ ମାସରେ ଅନୁଷ୍ଠିତ ହେଉଥିବା ପବିତ୍ର ଚମ୍ପକ ଦ୍ୱାଦଶୀ ପର୍ବ ପରମ୍ପରା ଅନ୍ୟତମ। ଏସବୁ ପବିତ୍ର ପର୍ବରେ ଠାକୁର



ପ୍ରସ୍ତୁତି ବୈଠକରେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଧୋବେଇ ନାଏକ ଓ ଛତିଶାନିଯୋଗର ସଦସ୍ୟମାନେ।

ପ୍ରତ୍ୟେକ ଦ୍ୱାରକୁ ଦ୍ୱାର ବିଜେ ହୋଇ ଚାଟେରି ଭୋଗ ଖାଇବା ପରମ୍ପରା ଓଡ଼ିଶା ତଥା ଭାରତବର୍ଷର ଅନ୍ୟ କେଉଁଠି ଦେଖିବାକୁ ମିଳେନା। ପୁରୀ ବଡ ଠାକୁର ହୁଅନ୍ତୁ ଅବା କଟକ ଜିଲା କାନପୁର, ବଡ଼ମ୍ବା ଆଦି ସ୍ଥାନରେ ତାଙ୍କର ଇଷ୍ଟଦେବ ଚନ୍ଦନ ଯାତ୍ରାରେ ଗ୍ରାମ ପରିକ୍ରମା କରି ଚାଟେରି ଭୋଗ ଖାଆନ୍ତି। କିନ୍ତୁ କୌଣସି ଦୁଆରେ ବା ଘରେ ମନ୍ଦିର ପୂଜାନୀତି ସମୟରେ କର୍ପୂର, ସପ୍ତାଙ୍ଗ ଆଳତି ଓ ପୁଷ୍ପାଞ୍ଜଳି କରାଯିବା ପରି ନୀତି ନ ହୋଇ ପୂଜାରୀ ବା ସେବାସୀ ଖାଲି ତାଳିମାରି ପୂଜା କରିଥାନ୍ତି। ପରମ୍ପରା ଅନୁଯାୟୀ, ଅକ୍ଷୟ ତୃତୀୟାଠାରୁ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମହନ, ଲକ୍ଷ୍ମୀ, ସରସ୍ୱତୀ ଓ ଶିବ ପାର୍ବତୀଙ୍କୁ ସାଙ୍ଗରେ ଧରି ପୃଥକ୍ ସୁସଜ୍ଜିତ ବିମାନରେ ଠାକୁରଙ୍କ ଚନ୍ଦନ ପୋଖରୀକୁ ଜଳକ୍ରୀଡା କରିବାକୁ ବିଜେ ହୋଇଥାନ୍ତି। ତେବେ ଚନ୍ଦନ ଚାପର ୧୦ ଦିନ ପରେ ଅର୍ଥାତ୍ ସୋମବାର ୧୧ ଚାପ ଦିନ ରାତ୍ରିଚାପ ପରେ ଠାକୁରମାନେ ବାଟଭାଙ୍ଗି ଗ୍ରାମ ମଧ୍ୟଦେଇ ସ୍ୱମନ୍ଦିରକୁ ବିଜେ ହେଲେ ପରବର୍ତ୍ତୀ ସମୟରେ ଠାକୁର ସେହିଦିନଠାରୁ ପ୍ରତ୍ୟେକଙ୍କ ଦୁଆରେ ଚାଟେରି ଭୋଗ ଖାଇବାର ପରମ୍ପରା ରହିଛି। ତେବେ ଏହି ପରମ୍ପରାକୁ ଜାରି ରଖିବାକୁ ହେଲେ ଏହି କାର୍ଯ୍ୟକ୍ରମରେ ଛତିଶା ନିଯୋଗୀମାନଙ୍କ ସହମତି, ସହଯୋଗର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ଖଣ୍ଡପଡା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଧୋବେଇ ନାଏକଙ୍କ ଅଧ୍ୟକ୍ଷତାରେ କଣ୍ଟିଲୋ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଛତିଶା ନିଯୋଗୀଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀନୀଳମାଧବ ଜୀଉଙ୍କ ସେବାୟତ, କୈବର୍ତ୍ତ, ଗୋପାଳ ସମାଜ, ମଶାଲ, ଛତ୍ରୀ, ତ୍ରାସ କାହାଳିଆ ଆଦି ଛତିଶା ନିଯୋଗ ସେବାକାରୀମାନଙ୍କ ପ୍ରାପ୍ୟ ସମ୍ପର୍କରେ ଆଲୋଚନା କରାଯାଇ ପ୍ରାପ୍ୟ ନିର୍ଦ୍ଧାରଣ କରାଯାଇଥିଲା। ଏହି ପାରମ୍ପରିକ ତଥା ପବିତ୍ର କାର୍ଯ୍ୟରେ ସମସ୍ତ ନିଯୋଗୀମାନେ ସହଯୋଗ କରିବାରେ ସହମତି ପ୍ରକାଶ କରିଥିଲେ। ଫଳରେ ସୋମବାରଠାରୁ ଠାକୁରଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ତଥା ଭଉଁରୀ ଯାତ୍ରା ହେବ ବୋଲି ଜଣାପଡିବା ପରେ ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଉକ୍ତ ବୈଠକରେ ପୂଜକ ସମାଜର ସଭାପତି ସୀମାଞ୍ଚଳ ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ଉପଦେଷ୍ଟା ନିହାର ରଞ୍ଜନ ମିଶ୍ର, ବିକାଶ ପରିଷଦର ସଭାପତି ଯୁଗଳ କିଶୋର ନାୟକ, ପ୍ରଭାକର ଶିରୋମଣି, କୈବର୍ତ୍ତ ସମାଜର ସଭାପତି ପ୍ରମୋଦ କୁମାର ଦଳେଇ, ଦୟାନିଧି ବେହେରା, ରବୀନ୍ଦ୍ର କୁମାର ବେହେରା, ହରିହର ନାୟକ, ଗୋପାଳ ସମାଜ ପକ୍ଷରୁ ଉଦ୍ୟନାଥ ମହାକୁଡ ପ୍ରମୁଖ ଯୋଗଦେଇ ଆଲୋଚନାରେ ସହଯୋଗ କରିଥିଲେ।

# ଭାଜପାର ବିଜୟ ସଂକଳ୍ପ ସମାବେଶ




ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଉଦ୍‌ବୋଧନ ଦେଉଛନ୍ତି।

**ଦଶପଲ୍ଲା,୧୮।୫(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ନେତାଜୀ ମଇଦାନଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତାପସ ମାର୍ଥାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଜୀ ଯୋଗଦାନ କରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ କହିଥିଲେ। ଏଥିସହ କଂଗ୍ରେସ ଏବଂ ବିଜେଡି ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଆଗାମୀ ନିର୍ବାଚନରେ ଭାଜପାର କନ୍ଧମାଳ ସାଂସଦ ପ୍ରାର୍ଥୀ ଏବଂ ଦଶପଲ୍ଲାର ବିଧାନ ସଭା ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ନିବେଦନ କରିଥିଲେ। କନ୍ଧମାଳ ସାଂସଦ ପ୍ରାର୍ଥୀ ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ୍ କାର୍ଯ୍ୟ କେବଳ ମୋଦି ସରକାରଙ୍କ ପାଇଁ ଶୀଘ୍ର ଶେଷ ହେବ। ଦଶପଲ୍ଲା ଭାଜପା ବିଧାୟକ ପ୍ରାର୍ଥୀ ରାଘବ ମଲିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଦକ୍ଷତା ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ କହି ଭୋଟ ଭିକ୍ଷା କରିଥିଲେ। ସମାବେଶରେ ଭାଜପା ନେତା କାଶୀନାଥ ମଲ୍ଲିକ, ମନୋଜ ବେହେରା, ପ୍ରସନ୍ନ ଦାଶ, ମଣ୍ଡଳ ସଭାପତି ଏବଂ ବହୁ ଭାଜପା ନେତାଙ୍କ ସମେତ ସିନେତାରକା ଓଁକାର ଆଚାର୍ଯ୍ୟ ଯୋଗଦେଇଥିଲେ।

# ଭାଜପା ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କଲେ ଅନୁଭବ

**ପୋଲସରା,୧୮।୫(ସୁବ୍ରତ ବେହେରା)**

ଆସିକା ଲୋକ ସଭା ସଂସଦୀୟ କ୍ଷେତ୍ର ପୋଲସରା ନିର୍ବାଚନମଣ୍ଡଳୀ ପୋଲସରାରେ ଭାଜପା ଜୋର୍‌ଦାର ପ୍ରଚାର କରିଛି। ୨୦ ତାରିଖରେ ମତଦାନ ହେବାକୁ ଥିବାବେଳେ ଶନିବାର ଭାଜପା ପକ୍ଷରୁ ପୋଲସରା ସହରରେ ରୋଡ୍ ଶୋ' ସହ ଷ୍ଟାର ପ୍ରଚାରକ ଅନୁଭବ ମହାନ୍ତି ଲୋକଙ୍କୁ ଭୋଟ ଭିକ୍ଷା କରିଛନ୍ତି। ପୋଲସରା ସହରର ଲୁଣିଘାଟି ପଡ଼ିଆଠାରେ ଘୁମୁସର ସାଂଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡାଙ୍କ ନେତୃତ୍ୱରେ ହଜାର ହଜାର କର୍ମୀଙ୍କୁ ନେଇ ବିଶାଳ ବାଇକ୍ ଶୋଭାଯାତ୍ରାରେ ବାହାରି ପୋଲସରା ଏନ୍‌ଏସିର ୧୯ଟି ୱାର୍ଡ ବୁଲିବା ସହ ସହରରେ ରୋଡ଼ ଶୋ' କରି ବଜାରସାହି ଦେଇ ଚଡ଼ିଆପଡ଼ା, କଳମ୍ବ, ଜେନାପୁର, କରାଡୁଳି ହୋଇ ହଟୀଓଟ ଗ୍ରାମପଞ୍ଚାୟତରେ ଅନୁଭବ ଶକ୍ତି ପ୍ରଦର୍ଶନ କରିଥିଲେ। ହାଟୀଓଟ ପଞ୍ଚାୟତ



ଭାଜପାର ନିର୍ବାଚନୀ ପ୍ରଚାରରେ ସିନେ ଅଭିନେତା ଅନୁଭବ ମହାନ୍ତି।

ଜଗନ୍ନାଥ ମନ୍ଦିର ନିକଟରେ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାବେଶରେ ଘୁମୁସର ସାଂଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ସାଂସଦ ପ୍ରାର୍ଥିନୀ ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ଲକ୍ଷ୍ମୀ ପଣ୍ଡା, ଅଭିନେତା ଅନୁଭବ ମହାନ୍ତି, ପୀତାମ୍ବର ଆଚାର୍ଯ୍ୟ, ମୃତ୍ୟୁଞ୍ଜୟ ପଟ୍ଟନାୟକ ଉପସ୍ଥିତ ଥିଲେ। ଉକ୍ତ ଶୋଭାଯାତ୍ରାରେ ମୋତିରାମ ସାହୁ, ମନୋଜ କୁମାର ଖଟୁଆ, ପବିତ୍ର ପ୍ରଧାନ, ଯଜ୍ଞନାରାୟଣ ସାହୁ, ଭାସ୍କର ନାୟକ, ପ୍ରଶାନ୍ତ କୁମାର ପ୍ରଧାନ, ମହେଶ ସାହୁ, ଶ୍ରୀକାନ୍ତ ଲେଙ୍କାଙ୍କ ସମେତ ହଜାର ହଜାର କର୍ମୀ ସାମିଲ ହୋଇଥିଲେ।

# ଧାର ଟଙ୍କା ନ ଦେବାରୁ ଆକ୍ରମଣ ମାମଲା, ୨ ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୧୮।୫ (ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଜକର ଗ୍ରାମରେ ଧାର ଟଙ୍କା ଦେଣନେଣକୁ ନେଇ ଗଣ୍ଡଗୋଳ ଘଟିଛି। ସୀମାଞ୍ଚଳ ସାହୁଙ୍କୁ କାଠ ଫାଳିଆରେ ଆକ୍ରମଣ କରାଯାଇ ତାଙ୍କ ପକେଟରୁ ୧୧ ହଜାର ଟଙ୍କା ଜବରଦସ୍ତ ଛଡାଇ ନିଆଯାଇଥିବା କେ. ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସରସ୍ୱତୀ ଦାଶ ଓ ତାଙ୍କ ପୁଅ କାହ୍ନା। ସୀମାଞ୍ଚଳଙ୍କ ସ୍ତ୍ରୀ ପାଣ୍ଡି ସାହୁ ପ୍ରାୟ ୧୨ ବର୍ଷ ପୂର୍ବେ ଗ୍ରାମର ଅନ୍ୟ ଜଣେ ମହିଳା ସରସ୍ୱତୀ ଦାଶଙ୍କଠାରୁ ୧୨ ହଜାର ଟଙ୍କା ଧାର ନେଇଥିଲେ। ବାରମ୍ବାର ମାଗିବା ସତ୍ତ୍ୱେ ସେ ଧାର ଟଙ୍କା ଫେରସ୍ତ ଦିଗରେ କର୍ଣ୍ଣପାତ କରିନଥିଲେ। ଗତ ଗୁରୁବାର ସରସ୍ୱତୀ ଓ ତାଙ୍କ ପୁଅ କାହ୍ନା ମିଶି ପାଣ୍ଡି ସାହୁଙ୍କ ଘରେ ପଶି ତାଙ୍କ ସ୍ୱାମୀ ସୀମାଞ୍ଚଳଙ୍କ ଉପରେ ଆକ୍ରମଣ କରିବା ସହ ପାଣ୍ଡିଙ୍କୁ ମଧ ଟଣାଓଟରା କରିଥିଲେ। ଗଣ୍ଡଗୋଳରେ ସୀମାଞ୍ଚଳଙ୍କ ଦୁଇ ହାତରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଠାଯାଇଥିଲା। ଚିକିତ୍ସିତ ପରେ ସେ ଥାନାରେ ଏତଲା ଦେବାପରେ ପୋଲିସ ନଂ. ୧୮୪/୨୪ରେ ମାମଲା ରୁଜୁ କରି ସରସ୍ୱତୀ ଓ ତାଙ୍କ ପୁଅ କାହ୍ନାଙ୍କୁ ଗିରଫ କରିଥିଲା।

# ଟିଆଇ ପରେଡ୍‌ରେ ଅଭିଯୁକ୍ତ ଚିହ୍ନଟ

**ବ୍ରହ୍ମପୁର,୧୮।୫ (ସୁବାସ ଚନ୍ଦ୍ର ପାଢ଼ୀ)**

## ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

ବ୍ରହ୍ମପୁରର ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର ତଦନ୍ତ ବୈଦ୍ୟନାଥପୁର ଥାନା ପକ୍ଷରୁ ଜାରି ରହିଛି। ପର୍ଯ୍ୟାୟକ୍ରମେ ୬ ଜଣ ଅଭିଯୁକ୍ତଙ୍କୁ ପୂର୍ବରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିକ୍ରମରେ ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଭିଯୁକ୍ତଙ୍କ ଟିଆଇ ପରେଡ ହୋଇଛି । ପୀଡିତା ଛାତ୍ରୀଙ୍କୁ ମଣ୍ଡଳ କାରାଗାରକୁ ନିଆଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ପୀଡିତା ଜଣଙ୍କ ସମସ୍ତ ୬ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ଜଣାପଡିଛି। ପ୍ରକାଶଥାଉକି, ଚଳିତମାସ ୩ ତାରିଖରେ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁ ବ୍ରହ୍ମାନଗର ୨ୟ ଗଳିରେ ଥିବା ଏକ ବ୍ୟାଚେଲର ରୁମକୁ ଡାକି ନେଇଥିଲେ। ସେଠାରେ ୮ ଜଣ ଯୁବକ ଛାତ୍ରୀଙ୍କୁ ନିଶାଯୁକ୍ତ ମୃଦପାନୀୟ ପିଇବାକୁ ଦେଇ ତାଙ୍କ ସେଠାରେ ଗଣ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସମସ୍ତ ଅଭିଯୁକ୍ତ ବର୍ତ୍ତମାନ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି ।

# ଘରୁ ଭୋଟ ଦେଲେ ୨୦୧ ଜଣ

**ଦଶପଲ୍ଲା, ୧୮।୫ ( ପ୍ରକାଶ କୁମାର ପାଣି)**

ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୦ତାରିଖରେ ହେବ ସାଧାରଣ ନିର୍ବାଚନ। ତେବେ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତି, ଦିବ୍ୟାଙ୍ଗଙ୍କ ପାଇଁ ପ୍ରଶାସନ ପକ୍ଷରୁ ହୋମ ଭୋଟିଂର ବ୍ୟବସ୍ଥା ୧୪ତାରିଖରୁ ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାରେ ୨୧୪ଜଣ ଭୋଟ ଦେବାକୁ ସ୍ଥିର କରାଯାଇଥିବାବେଳେ ୨୦୧ ଜଣ ଭୋଟ ଦେଇଛନ୍ତି। ଅନ୍ୟ ୭ ଜଣ ଅନୁପସ୍ଥିତ ଥିବା ବେଳେ ୬ଜଣଙ୍କ ପରଲୋକ ଘଟି ସାରିଥିବା ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ସୂତ୍ରରୁ ଜଣାଯାଇଛି।

# ବୁଗୁଡ଼ାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ବୁଗୁଡ଼ା,୧୮।୫(କାଳିଚରଣ ଦାଶ):** ସାଧାରଣ ନିର୍ବାଚନ ପାଇଁ ବୁଗୁଡ଼ାରେ ଆସନ୍ତା ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ବୁଗୁଡ଼ା ପୋଲିସ ପକ୍ଷରୁ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ଓ ବିଏସ୍‌ଏଫ୍‌ର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ ଦେଖିବାକୁ ମିଳୁଛି। ଗଞ୍ଜାମର ଖଲ୍ଲିକୋଟ ଓ ପୋଲସରାରେ ସଂଗଠିତ ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡ ଘଟଣା ପରିପ୍ରେକ୍ଷୀରେ ଏଠାକାର ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା, ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇବା ସହ ଭୋଟରଙ୍କ ମଧ୍ୟରେ ଭୟ ଦୂର କରିବା ସକାଶେ ଘନ ଘନ ଫ୍ଲାଗ୍‌ମାର୍ଚ୍ଚ ଚାଲିଛି। ଏଥିସହ ରାତି ୧୦ଟା ପରେ ଅଯଥାରେ ବିଚରଣ ନକରିବାକୁ ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଉଛି।

# ହାତୀ ଗଣନା ପ୍ରସ୍ତୁତି ବୈଠକ



**କୋଟଗଡ଼,୧୮।୫(ସରୋଜ ବଳିୟାରସିଂ)**

କୋଟଗଡ଼ ଅଭୟାରଣ୍ୟରେ ଚଳିତ ବର୍ଷ ହାତୀ ଗଣନା ଲାଗି ସ୍ଥାନୀୟ ବନାଞ୍ଚଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୨୨, ୨୩ ଓ ୨୪ ତାରିଖ ୩ ଦିନ ଧରି ହାତୀଗଣନା କାର୍ଯ୍ୟ ଜାରି ରହିବ। ଏଥି ପାଇଁ ୧୪ଟି ବିଟ୍‌କୁ ନେଇ ଗୋଟିଏ ୟୁନିଟ୍ ଗଠନ କରାଯାଇଛି। ସେହିସବୁ ଅଞ୍ଚଳରେ ଗୋଟିଏ ଲେଖାଏ ସ୍ଥାୟୀ ମଞ୍ଚା କରାଯାଇଛି, ଯେଉଁଥିରେ ୩ ବନ କର୍ମଚାରୀ ଓ ଜଣେ ଇନ୍‌ଚାର୍ଜ ରହି ହାତୀର ଗତିପଥକୁ ନିରୀକ୍ଷଣ କରିବେ ବୋଲି କୋଟଗଡ଼ ରେଞ୍ଜର ବାଳଗୋପାଳ ବେହେରା ସୂଚନା ଦେଇଛନ୍ତି। ଏହି ବୈଠକରେ ଫରେଷ୍ଟର ଦେବାଶିଷ ଚୌଧୁରୀ, ଫରେଷ୍ଟର ଯୋଗେଶ୍ୱର ଧାଡୁଆ, ଫରେଷ୍ଟର ରାମଚନ୍ଦ୍ର ଦଳବେହେରାଙ୍କ ସମେତ ସମସ୍ତ ବନ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଶୁଣିଲାନି ପ୍ରଶାସନ, ଆବର୍ଜନା ନନ୍ଦ ନେଇ ଚୁଆ କଲେ ଗ୍ରାମବାସୀ



ଚୁଆ ଖୋଳି ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି ।

**ମୋହନା, ୧୮।୫ (ମନ୍ମଥ ମିଶ୍ର):** ଶୁଣିଲାନି ପ୍ରଶାସନ। ଗାଁ କଲ୍ୟାଣ ସମିତି ତରଫରୁ ଦିଆଯାଇଥିବା ଆବର୍ଜନା ନନ୍ଦକୁ ନେଇ ନିଜେ ଚୁଆ କଲେ ଗ୍ରାମବାସୀ। ଏଭଳି ଦୟନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକର ଶିକୁଳିପଦର ପଞ୍ଚାୟତ ଧନୁପୋତା ଗାଁରେ। ଏହି ଗାଁରେ ୩୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଦୀର୍ଘ ବର୍ଷ ହେବ ପାନୀୟ ଜଳର ସମସ୍ୟା ଲାଗିରହିଛି। ଗ୍ରାମବାସୀ ବାରମ୍ବାର ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନି। ଫଳରେ ଗାଁଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ପାହାଡ଼ ତଳେ ନିଜେ ଏକ ଚୁଆ ତିଆରି କରିଛନ୍ତି। ସେହି ଚୁଆ ପାଣି ସଂଗ୍ରହ କରି ଚଳୁଛନ୍ତି। ତେବେ ଚୁଆ ପାଣି ଦୂଷିତ ଥିବାରୁ ନାନାଦି ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା କହିଛନ୍ତି ଗ୍ରାମବାସୀ। ଯଥାଶୀଘ୍ର ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇଁ ଦାବି କରିଛନ୍ତି ଯଦି ସମାଧାନ ନ ହୁଏ ତା ହେଲେ ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅତିଶୀଘ୍ର ନଳକୂପ ଖଣନ ସହ ଚହଲା କରାଯିବ ବୋଲି ଶିକୁଳିପଦର ସରପଞ୍ଚ ସତ୍ୟ ନାରାୟଣ ଦଣ୍ଡସେନା କହିଛନ୍ତି।

# ବୁଥ୍ ଅଭିମୁଖେ ପୋଲିଂ ଅଧିକାରୀ

**ଫୁଲବାଣୀ/ବାଲିଗୁଡ଼ା, ୧୮।୫(ରାକେଶ କୁମାର ରାଉତ/ସଞ୍ଜୟ କୁମାର ପାଣିଗ୍ରାହୀ)**

ସାଧାରଣ ନିର୍ବାଚନ ପାଇଁ ୨୦ ତାରିଖରେ କନ୍ଧମାଳ ଜିଲାରେ ଭୋଟ ଗ୍ରହଣ ହେବ। ଶନିବାର ସନ୍ଧ୍ୟା ସୁଦ୍ଧା ପୋଲିଂ ଅଧିକାରୀ ଓ ପୋଲିସ ଅଧିକାରୀମାନେ ସେମାନଙ୍କର ବୁଥ୍‌ରେ ପହଞ୍ଚିଛନ୍ତି। ସେହିପରି ଅପରାହ୍ଣ ୫ଟାରୁ ୨୧ ତାରିଖ ଯାଏ ବୁଥ୍‌ଠାରୁ ୨୦୦ ମିଟର ଦୂରତା ମଧ୍ୟରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ୧୪୪ ଧାରା ଜାରି କରିଛନ୍ତି। ପୋଲିଂ ଅଧିକାରୀ, ପୋଲିସ୍ ଓ ଭୋଟରଙ୍କ ବ୍ୟତୀତ ଅନ୍ୟମାନେ ସେହି ଅଞ୍ଚଳ ମଧ୍ୟରେ ଏକାଠି ହୋଇପାରିବେ ନାହିଁ। ସହକାରୀ ଜିଲାପାଳ(ନିର୍ବାଚନ)ଡି. ମାଲେଶ୍ୱର ପାତ୍ରଙ୍କଠାରୁ ପ୍ରାପ୍ତ ସୂଚନା ଅନୁସାରେ ଜିଲାର ମୋଟ୍ ୫ଲକ୍ଷ ୬୮ ହଜାର ୯୬୧ ଜଣ ଭୋଟର ୨୦ ତାରିଖରେ ସେମାନଙ୍କ ମତାଧିକାର



ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୭୪ ହଜାର ୮୩୮ ପୁରୁଷ, ୨ ଲକ୍ଷ ୯୪ ହଜାର ୫୦ ଜଣ ମହିଳା ଏବଂ ୭୩ ଜଣ କିନ୍ନର ମତଦାତା ଅଛନ୍ତି। ଜିଲାରେ ସମୁଦାୟ ଭିନ୍ନକ୍ଷମ ଭୋଟର ସଂଖ୍ୟା ୧୧ ହଜାର ୨୪୮ ଜଣ ଏବଂ ୧୪ ହଜାର ୩୩୦ ଜଣ ଯୁବ ଭୋଟର ଅଛନ୍ତି । ଭୋଟ ଗ୍ରହଣ ପାଇଁ ଜିଲାର ୬୬୧ଟି ବୁଥ କରାଯାଇଛି। ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ବୁଥ୍ ସଂଖ୍ୟା ୧୭୮, ଘୁ.ଉଦୟଗିରି ନିର୍ବାଚନ ମଣ୍ଡଳୀର ବୁଥ୍ ସଂଖ୍ୟା ୨୫୩ ଏବଂ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ବୁଥ୍ ସଂଖ୍ୟା ୨୩୦ ରହିଛି । ନିର୍ବାଚନ କାର୍ଯ୍ୟର ସୁପରିଚାଳନା ପାଇଁ ସମୁଦାୟ ୩୯୬୬ ପୋଲିଂ ଅଧିକାରୀ ମୁତୟନ ହୋଇଛନ୍ତି। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ୱେବ୍ କାଷ୍ଟିଙ୍ଗ୍ ପାଇଁ ୩୯୫ ଟି ବୁଥ୍ ପ୍ରସ୍ତୁତ କରାଯାଇଛି।

ନିର୍ବାଚନ ପାଇଁ ମୁତୟନ ପ୍ରିଜାଇଡିଂ ଓ ପୋଲିଙ୍ଗ ଅଧିକାରୀମାନଙ୍କୁ ମତଦାନ କେନ୍ଦ୍ରରେ ପହଂଚାଇବା ଏବଂ ନିର୍ବାଚନ ପରିଚାଳନା ସମ୍ପର୍କୀତ କ୍ଷେତ୍ର ପର୍ଯ୍ୟବେକ୍ଷଣ ଉଦ୍ଦେଶ୍ୟରେ ୪୪୦ଟି ବୋଲେରୋ ଓ ୧୭୫ଟି ବସ୍ ବ୍ୟବସ୍ଥା ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ ଜଣାଇଛନ୍ତି। ପ୍ରତି ମତଦାନ କେନ୍ଦ୍ରକୁ ହ୍ୱିଲ୍ ଚେୟାର ଯୋଗାଇ ଦିଆଯାଇଛି। ଭିନ୍ନକ୍ଷମ ଭୋଟରମାନଙ୍କୁ ସହଯୋଗ କରିବା ପାଇଁ ସ୍ୱେଚ୍ଛାସେବୀ ମୁତୟନ ହୋଇଛନ୍ତି । ମତଦାନ ସକାଳ ୭ ଟାରୁ ସନ୍ଧ୍ୟା ୫ଟା ଯାଏ ହେବ । କେତେକ ସ୍ଥାନରେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ମାନସ ମଲିକ ହେଲେ ପିସିସି ଉପସଭାପତି

ଆଲି,୧୮।୫ (ବନମାଳୀ ସେନାପତି)

ପୂର୍ବତନ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ତଥା ଆଇନଜୀବୀ ମାନସ ମଲିକ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି


ମାନସ ମଲିକ

ତଥା କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀର ପ୍ରଭାରୀ ଭାବେ ନିଯୁକ୍ତି ପାଇଛନ୍ତି। କେନ୍ଦ୍ରାପଡ଼ା ଜିଲା ଆଳି ଆୟତପୁର ଗ୍ରାମର ମାନସ ପେସାରେ ଆଇନଜୀବୀ କାର୍ଯ୍ୟ କରିବା ସହ ଛାତ୍ରଜୀବନରୁ କଂଗ୍ରେସ ଦଳ ସହ ଜଡ଼ିତ ରହି ଯୁବ କଂଗ୍ରେସର ରାଜ୍ୟ ଉପସଭାପତି, ରାଷ୍ଟ୍ରୀୟ ସମ୍ପାଦକ (ଆନ୍ଧ୍ରପ୍ରଦେଶ ପ୍ରଭାରୀ), ଏଆଇସିସି ପଞ୍ଚାୟତିରାଜ ବିଭାଗର ରାଷ୍ଟ୍ରୀୟ ଆବାହକ, ନେତୃତ୍ୱ ବିକାଶ ମିଶନର ରାଷ୍ଟ୍ରୀୟ ଆବାହକ, କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଭଳି ଅନେକ ପଦବୀରେ ରହି ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ତାଙ୍କ ଦକ୍ଷତା ଅନୁଯାୟୀ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ନୂତନ ଦାୟିତ୍ୱ ମିଳିବା ପରେ ମଲିକ ରାହୁଲ ଗାନ୍ଧୀ, ଏଆଇସିସି ସଭାପତି ମଲିକାର୍ଜୁନ ଖାର୍ଗେ, ଏଆଇସିସି ରାଜ୍ୟ ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ସଂଖ୍ୟାଲଘୁ ବିଭାଗର ରାଷ୍ଟ୍ରୀୟ ସଂଯୋଜକ କେ. ରାଜୁ, ସୁଶ୍ରୀ ମୀନାକ୍ଷୀ ନଟରାଜନ, ହର୍ଷବର୍ଦ୍ଧନ ସକପାଲ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସଙ୍କ ସମେତ କେନ୍ଦ୍ରାପଡ଼ା ଜିଲାର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପରିଡ଼ାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୧୮।୫ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ପୂର୍ବତନ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପରିଡ଼ାଙ୍କ (୭୨)ଙ୍କ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ଜଣେ ଛାତ୍ର ବତ୍ସଳ ଓ ମେଳାପି ପ୍ରାଧ୍ୟାପକ ଭାବେ ପରିଚିତ ଥିଲେ। ବିଶିଷ୍ଟ କଥାକାର ଡ. ନୀଳମଣି ଲେଙ୍କାଙ୍କ ପୌରୋହିତ୍ୟରେ ହରପାର୍ବତୀ ମନ୍ଦିର ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଡ. ମନୋରଞ୍ଜନ ଦାଶ, ଅଧ୍ୟାପକ ଦିଲୀପ ମହାପାତ୍ର, ଅଧ୍ୟାପକ ପ୍ରତାପ ମଲ୍ଲିକ, ଅଧ୍ୟାପିକା ମୀନା କୁମାରୀ ସିଂ, ଅଧ୍ୟାପିକା ଚିତ୍ରାକାନ୍ତି ସେଠୀ, ଗୋଲକ ଚନ୍ଦ୍ର ପରିଡା, ପ୍ରାଧ୍ୟାପକ ଡ. ବୈକୁଣ୍ଠ ଚରଣ ରାଉଳ, ରଞ୍ଜନ କୁମାର ରାଉଳ ପ୍ରମୁଖ ଯୋଗଦେଇଥିଲେ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ରାଜକନିକା,୧୮।୫(ସଞ୍ଜୟ କୁମାର ଦାଶ)

ଜୁନ୍ ୧ରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଆଜି ନିର୍ବାଚନମଣ୍ଡଳୀରେ ରାଜନୈତିକ ମାହୋଲ ସରଗରମ ହେବାରେ ଲାଗିଛି। ଏହି ନିର୍ବାଚନମଣ୍ଡଳୀରେ ବିଧାନସଭା ଓ ଲୋକ ସଭା କ୍ଷେତ୍ରରେ ଛାମୁଆ କଂଗ୍ରେସ, ଭାଜପା ଓ ବିଜେଡି ମଧ୍ୟରେ ରୋଚକ ଲଢ଼େଇ ଦେଖିବାକୁ ମିଳିବ। ୩ ଦଳର ବିଧାୟକ ଓ ସାଂସଦ ପ୍ରାର୍ଥୀମାନେ ନିଜ ନିଜ ଦଳୀୟ ରଣନୀତିରେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଏହି କ୍ରମରେ ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତରେ ବିଜେଡିର ଘରେ ଘରେ ଶଙ୍ଖ ଓ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତ୍ରିଲୋଚନ ବିଶ୍ୱାଳଙ୍କ ସଂଯୋଜନାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ପଦ୍ମଲୋଚନ ପରିଡ଼ା, ଅକ୍ଷୟ ଶତପଥୀ, ଜନାର୍ଦ୍ଦନ ବିଶ୍ୱାଳ, ଜୟରାମ ବିଶ୍ୱାଳ, ବିଶ୍ୱନାଥ ସାମଲ ପ୍ରମୁଖଙ୍କ ସମେତ ପଞ୍ଚାୟତର କର୍ମୀ, ନେତା ଯୋଗଦେଇଥିଲେ।

# ଜାତି, ଧର୍ମ ଆଧାରିତ ପ୍ରଚାରରୁ ଦୂରେଇ ରୁହନ୍ତୁ

## ସାଧାରଣ ପର୍ଯ୍ୟବେକ୍ଷକଙ୍କ ସହ ରାଜନୈତିକ ଦଳ ପ୍ରାର୍ଥୀ, ପ୍ରତିନିଧିଙ୍କ ବୈଠକ

## ଭୋଟିଂ ସମୟରେ ଏଜେଣ୍ଟଙ୍କୁ ବୁଥରେ ମୋବାଇଲ ମନା

ଜଗତ୍‌ସିଂହପୁର, ୧୮।୫ (ପ୍ରମୋଦ କୁମାର ନାୟକ)

ନିର୍ବାଚନ ପ୍ରକ୍ରିୟାରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସେମାନେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ସମସ୍ତ ନିୟମାବଳୀ ତଥା ଆଦର୍ଶ ଆଚରଣ ବିଧିକୁ କଡାକଡି ଅନୁପାଳନ କରିବା ଉଚିତ। ସେହିପରି ପ୍ରାର୍ଥୀମାନେ କୌଣସି ଅସୁବିଧାରେ ପଡିଲେ ସେମାନେ ନିର୍ବାଚନ ମଣ୍ଡଳୀର ଆର୍‌ଓ (ରିଟର୍ନିଂ ଅଫିସର)ମାନଙ୍କୁ ଜଣାନ୍ତୁ। ତାହା ହେଲେ ସେମାନଙ୍କ ସମସ୍ୟା ଯଥାଶୀଘ୍ର ସମାଧାନ ପାଇଁ ଚେଷ୍ଟା କରାଯିବ। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବିଭିନ୍ନ ରାଜନୈତିକ ଦଳର ପ୍ରତିଯୋଗୀ ପ୍ରାର୍ଥୀମାନଙ୍କ ସହିତ ଅନୁଷ୍ଠିତ ନିର୍ବାଚନ ସଂକ୍ରାନ୍ତୀୟ ସମୀକ୍ଷା ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ଡ. ଏଚ୍.ପି. ତୁମୋଡ଼ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ପ୍ରତ୍ୟେକଙ୍କ ପାଇଁ ଧର୍ମ ନିରପେକ୍ଷତା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରଚାର ସମୟରେ ଜାତି, ଧର୍ମ ଓ ଧର୍ମାନୁଷ୍ଠାନ ସଂକ୍ରାନ୍ତୀୟ ପ୍ରଚାରରୁ ଦୂରେଇ ରହିବାକୁ ପଡ଼ିବ। ବ୍ୟାନର ଓ ପୋଷ୍ଟରରେ ମୁଦ୍ରାକର ଓ ପ୍ରକାଶକଙ୍କ ନାମ ଉଲ୍ଲେଖ ରହିବା ଆବଶ୍ୟକ। ଏଲ୍‌ଇଡି ଭ୍ୟାନ ନିମନ୍ତେ ସୁବିଧା ଆପରେ ଆବେଦନ କରିବାକୁ ପଡ଼ିବ। ମିଡିଆ ପ୍ରମାଣନ ପାଇଁ ଏମ୍‌ସିଏମ୍‌ସିର ଅନୁମୋଦନ ଆବଶ୍ୟକ।


ବୈଠକରେ ଜିଲାପାଳ, ସାଧାରଣ ପର୍ଯ୍ୟବେକ୍ଷକ , ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଏହାଛଡା ଭୋଟ ଗ୍ରହଣ ଦିନ ପାର୍ଟିର ପୋଲିଂ ଏଜେଣ୍ଟମାନଙ୍କୁ ପ୍ରାର୍ଥୀମାନେ ନିର୍ବାଚନ କମିଶନଙ୍କ ନିୟମାବଳୀ ବିଷୟରେ ଅବଗତ କରାଇବେ। ଭୋଟ ଦିନ ଏଜେଣ୍ଟମାନଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବୁଥ୍‌ରେ ପହଞ୍ଚିବାକୁ ହେବ। ଜଗତ୍‌ସିଂହପୁର ଜିଲା ନିର୍ବାଚନ ସମ୍ବେଦନଶୀଳତା ଦୃଷ୍ଟିରୁ ଏକ ଶାନ୍ତିପୂର୍ଣ୍ଣ ଜିଲା ଭାବେ ପର୍ଯ୍ୟବେକ୍ଷକ ଅଭିହିତ କରିଥିଲେ। ନିର୍ବାଚନ ପ୍ରକ୍ରିୟାରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସେମାନେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ସମସ୍ତ ନିୟମାବଳୀ ସହ ଆଦର୍ଶ ଆଚରଣ ବିଧିକୁ କଡାକଡି ଅନୁପାଳନ କରି ସମସ୍ତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାର୍ଥୀମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ନିର୍ବାଚନ ମଣ୍ଡଳୀର ଆର୍‌ଓଙ୍କ ନିକଟରେ ଜଣାଇଲେ ଖୁବ ଶୀଘ୍ର ତାହାର ସମାଧାନ କରାଯିବ ବୋଲି ସୂଚନା ଦେଇଥିଲେ। ଏହାଛଡା ଭୋଟ ଗ୍ରହଣ ଦିନ ଉପସ୍ଥିତ ରହିବାକୁ ଥିବା ପାର୍ଟିର ପୋଲିଂ ଏଜେଣ୍ଟମାନଙ୍କୁ ପ୍ରାର୍ଥୀମାନେ ନିର୍ବାଚନ କମିଶନଙ୍କ ନିୟମାବଳୀ ବିଷୟରେ ଅବଗତ କରାଇବେ। ଭୋଟ ଦିନ ଏଜେଣ୍ଟମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ବୁଥ୍‌ରେ ପହଞ୍ଚିବାକୁ ପର୍ଯ୍ୟବେକ୍ଷକ ତୁମୋଡ଼ କହିଥିଲେ।

ଏହାପରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ନିୟୋଜିତ ସାଧାରଣ ପର୍ଯ୍ୟବେକ୍ଷକ ଏଚ୍. ଜେ. ଦେଶାଇ ମଧ୍ୟ ଅନୁରୂପ ଉପଦେଶ ଦେଇଥିଲେ। ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲାପାଳ ଅନୁପମ ଶାହା ମଧ୍ୟ ନିର୍ବାଚନ ମଣ୍ଡଳୀରେ ଆଦର୍ଶ ଆଚରଣ ବିଧିର କଡାକଡି ପାଳନ, ନିର୍ବାଚନ ଶାନ୍ତି ଓ ଶୃଙ୍ଖଳାର ସହ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପରେ ଜିଲାପାଳ ଶାହା ଜିଲାରେ ଭୋଟିଂ ପ୍ରକ୍ରିୟା ଓ ଏଥିନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବ୍ୟାପକ ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ନିର୍ବାଚନ ପ୍ରକ୍ରିୟାରେ ଇଲେକ୍ଟୋରାଲ ରୋଲ, ପୋଷ୍ଟାଲ ବାଲଟ ପ୍ରକ୍ରିୟା, ଇଭିଏମ୍, ଭିଭିପିଏଟିର ପରିଚାଳନା, ଏମ୍‌ସିଏମ୍‌ସି, ମଡେଲ ପୋଲିଂ ଷ୍ଟେଶନ, ସଖୀ ବୁଥ, ଯୁଥ ଏବଂ ଇକୋଫ୍ରେଣ୍ଡଲି ବୁଥ୍ ସମ୍ପର୍କରେ ସୂଚନା ଦେବା ସହ ବୁଥ୍‌ଗୁଡିକରେ ଆବଶ୍ୟକୀୟ ସୁବିଧାସୁଯୋଗ, ନିର୍ବାଚନକୁ ସଫଳ କରିବା ଦୀଗରେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କ ପ୍ରଶିକ୍ଷଣ ସମ୍ବନ୍ଧରେ କହିଥିଲେ। ଚଳିତ ନିର୍ବାଚନ ପ୍ରକ୍ରିୟାରେ ୬୦% ବୁଥରେ ୱେବକାଷ୍ଟିଂ ବ୍ୟବସ୍ଥା ଥିବାରୁ ପୋଲିଂ ବୁଥ୍‌ଗୁଡିକରେ ଉପସ୍ଥିତ ସମୟରେ ଏଜେଣ୍ଟମାନେ ଆଦର୍ଶ ଆଚରଣ ବିଧି ଅନୁସରଣ କରିବାକୁ ଜିଲାପାଳ ଶାହା ପ୍ରାର୍ଥୀମାନଙ୍କୁ କହିଥିଲେ। ଭୋଟିଂ ସମୟରେ ଏଜେଣ୍ଟମାନେ ବୁଥରେ ମୋବାଇଲ ବ୍ୟବହାର କରିପାରିବେ ନାହିଁ ବୋଲି ସୂଚନା ଦିଆଯାଇଥିଲା। ଏହାପରେ ପ୍ରତିଯୋଗୀ ପ୍ରାର୍ଥୀ/ପ୍ରତିନିଧିମାନେ ସେମାନଙ୍କ ସନ୍ଦେହ ଦୂର କରିଥିଲେ। ଶେଷରେ ଜିଲାପାଳ ନିର୍ବାଚନକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ନିୟୋଜିତ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିଥିଲେ। ଏସ୍‌ପି ରାହୁଲ ପି.ଆର୍ ମଧ୍ୟ ସବୁବେଳେ ନିୟମ ଅନୁଯାୟୀ ଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ କରିବା ଉପରେ ମତବ୍ୟକ୍ତ କରିଥିଲେ। ପ୍ରକାଶ ଯୋଗ୍ୟ ଜୁନ ୧ରେ ଜଗତ୍‌ସିଂହପୁର ଲୋକସଭା ସମେତ ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ନିର୍ବାଚନ ହେବାକୁ ଯାଉଛି। ୪ ତାରିଖରେ ଗଣତି ଓ ଫଳାଫଳ ପ୍ରକାଶ ପାଇବ। ବୈଠକରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ସମ୍ବିତ ରାଉତ, ଅତିରିକ୍ତ ଜିଲାପାଳ (ପାରାଦୀପ) ଲଳିତ ମୋହନ ବେହେରା, ଉପଜିଲାପାଳ ଓ ରାଜନୈତିକ ଦଳର ପ୍ରାର୍ଥୀ ତଥା ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଯଜମାନଙ୍କ ପୂଜା କାର୍ଯ୍ୟ ପୂର୍ବରୁ ନିର୍ଦ୍ଧାରିତ ସେବାୟତ ହିଁ କରିପାରିବେ



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ସେବାୟତମାନେ।

- ନିର୍ଦ୍ଧାରିତ ହୋଇ ନ ଥିବା ଯଜମାନମାନଙ୍କ ପାଇଁ ପ୍ରଥମେ ଯେଉଁ ସେବାୟତ ଜୁଟିବେ ସେ ପୂଜା କରିବେ
- ଦେବୋତ୍ତର କମିଶନରଙ୍କ ରାୟକୁ ଶାରଳା ମନ୍ଦିର ସେବାୟତଙ୍କ ସ୍ୱାଗତ

ତିର୍ତ୍ତୋଲ ,୧୮।୫ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ପ୍ରସିଦ୍ଧ ଶାରଳା ମନ୍ଦିରରେ ଯଜମାନ(ଭକ୍ତ)ଙ୍କୁ କେନ୍ଦ୍ରକରି ସେବାୟତମାନଙ୍କ ମଧ୍ୟରେ ଲାଗିରହିଥିବା ବିବାଦର ରାୟ ପ୍ରକାଶ ପାଇଛି। ଏହି ରାୟ ଅନୁଯାୟୀ, ପୂର୍ବ ନିର୍ଦ୍ଧାରିତ ସେବାୟତମାନେ ହିଁ ଯଜମାନଙ୍କ ପୂଜା କାର୍ଯ୍ୟ କରିପାରିବେ। ମାତ୍ର ପୂଜା କାର୍ଯ୍ୟ ନିର୍ଦ୍ଧାରିତ ହୋଇ ନ ଥିବା ଯଜମାନଙ୍କ ପାଇଁ ପ୍ରଥମେ ଯେଉଁ ସେବାୟତ ଜୁଟିବେ ବା ଭେଟିବେ କେବଳ ସେ ହିଁ ସେମାନଙ୍କ ପାଇଁ ମା'ଙ୍କ ମନ୍ଦିରରେ ଭୋଗ କରିବା ସହ ପୂଜାର୍ଚ୍ଚନା କରିପାରିବେ। ଯଦି ଅନ୍ୟକେହି ଉକ୍ତ ଜଜମାନଙ୍କ ପୂଜା କାର୍ଯ୍ୟକୁ ଅକ୍ତିଆର କରିବାକୁ ଚାହିଁବେ, ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଫଳରେ ପୂର୍ବରୁ ଯେଉଁ ସେବାୟତମାନେ ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଯଜମାନଙ୍କ ପୂଜା କରିପାରୁ ନ ଥିଲେ ଏବଂ ରୋଜଗାର ହରାଇ ଦୁଃଖ କଷ୍ଟରେ ଜୀବନ ବିତାଉଥିଲେ ସେମାନଙ୍କର ଆଉ ଅସୁବିଧା ହେବ ନାହିଁ। ଏହି ରାୟକୁ ସେବାୟତମାନେ ସ୍ୱାଗତ କରିଛନ୍ତି। ଏନେଇ ଶନିବାର ଶାରଳା ମନ୍ଦିର ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମନ୍ଦିରର ବଡପଣ୍ଡା ରଞ୍ଜନ କୁମାର ପଣ୍ଡାଙ୍କ ସମେତ ଅନ୍ୟ ସେବାୟତମାନେ ସୂଚନା ଦେଇଛନ୍ତି। ଅତୀତରେ ଯଜମାନଙ୍କ ପୂଜାକୁ ନେଇ ଅନେକଥର ଗଣ୍ଡଗୋଳ, ମାରପିଟ ଓ ମାଲିମକଦ୍ଦମା ଭଳି ଘଟଣା ଘଟିଥିଲା। ଏ ସମ୍ପର୍କରେ ରାଜ୍ୟ ଦେବୋତ୍ତର କମିଶନରଙ୍କ କୋର୍ଟରେ ଦୀର୍ଘଦିନ ଧରି ବିଚାର ଚାଲିଥିଲା। କଟକ ସ୍ଥିତ ଅତିରିକ୍ତ ଦେବୋତ୍ତର କମିଶନର ଏ ବିଷୟରେ ସମସ୍ତ ସାକ୍ଷ୍ୟ, ପ୍ରମାଣକୁ ଭିତ୍ତିକରି ସମୁଚିତ ନ୍ୟାୟ ପ୍ରଦାନ କରିଥିଲେ। ଖବରଦାତା ସମ୍ମିଳନୀରେ ମା'ଙ୍କ ପରିଛା ପଣ୍ଡିତ ସୁଦାମ ଚରଣ ପଣ୍ଡା, ପୂର୍ବତନ ପରିଛା ପଣ୍ଡିତ ରଘୁନାଥ ପଣ୍ଡା, ବରିଷ୍ଠ ସେବାୟତ ବିଶ୍ୱରଞ୍ଜନ ରାଉଳ, ଲକ୍ଷ୍ମୀଧର ମହାପାତ୍ର, ତ୍ରିଲୋଚନ ରାଉଳ, ଦୁର୍ଗା ଚରଣ ରାଉଳ, ରବୀନ୍ଦ୍ର କୁମାର ରାଉଳ, ନୃସିଂହ ଚରଣ ନାୟକ, ଦେବୀପ୍ରସାଦ ରାଉଳ, ରଶ୍ମିରଞ୍ଜନ ରାଉଳ, ଅଜୟ କୁମାର ରାଉଳ ଓ ଶାରଳା ସାହିତ୍ୟ ସଂସ୍କୃତି ମହିମା ପ୍ରଚାରକ ରମାକାନ୍ତ ରାଉଳଙ୍କ ସମେତ ପଣ୍ଡା ସେବକମାନେ ଉପସ୍ଥିତ ରହି ଦେବୋତ୍ତର ବିଭାଗ କମିଶନର ଓ ସହକାରୀ ଦେବୋତ୍ତର କମିଶନରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ପ୍ରଚାର ପାଇଁ ଜନସମ୍ପର୍କ ରଥ ପୂଜା କଲା ବିଜେଡି


ପ୍ରଚାର କାର୍ଯ୍ୟ ପାଇଁ ଜନସମ୍ପର୍କ ରଥ ରଖାଯାଇଛି।

ରଘୁନାଥପୁର,୧୮।୫ (ରାଜେନ୍ଦ୍ର ନାରାୟଣ ସିଂହ)

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ତିନୋଟି ବ୍ଲକରେ ବିଜେଡି ପ୍ରାର୍ଥୀ ଡ.ରମାକାନ୍ତ ଭୋଇ ପ୍ରଚାର ପାଇଁ ୯ଟି ଜନସମ୍ପର୍କ ରଥ ଶୁଭାରମ୍ଭ କରିଛନ୍ତି। ରଘୁନାଥପୁର ବ୍ଲକ ତାରପୁରସ୍ଥିତ ମା'ନାରାୟଣୀଙ୍କ ମନ୍ଦିରରେ ସମସ୍ତ ରଥର ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ବିଭିନ୍ନ ବ୍ଲକର ପ୍ରଚାର ଦାୟିତ୍ୱରେ ଥିବା କର୍ମୀଙ୍କୁ ଏହା ହସ୍ତାନ୍ତର କରଯାଇଛି ବୋଲି ପ୍ରାର୍ଥୀ ଡ. ଭୋଇ କହିଛନ୍ତି।

### ଆଖୁଲିପଡ଼ା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ


କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ନେତୃମଣ୍ଡଳୀ ଓ କର୍ମୀମାନେ ।

ରାଜକନିକା,୧୮।୫(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଆଖୁଳିପଡ଼ା ପଞ୍ଚାୟତର ବର୍ତ୍ତନୀ ଖେଳପଡିଆରେ ଶନିବାର ଯୁବ ସଙ୍ଗଠକ ନଇମ ଖାଁଙ୍କ ନେତୃତ୍ୱରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ସାଂସଦ ପ୍ରାର୍ଥି ଅଂଶୁମାନ ମହାନ୍ତି ଯୋଗଦେଇ କର୍ମୀ ସମ୍ମିଳନୀକୁ ସମ୍ବୋଧିତ କରିବା ସହ ଭୋଟ ଭିକ୍ଷା କରିଥିଲେ। ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତଙ୍କ ସଭାପତିତ୍ୱରେ ଏହି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିବାବେଳେ ଶତାଧିକ ପଞ୍ଚାୟତବାସୀ ଓ ବିଜେଡି କର୍ମୀ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ବ୍ଲକ ଅଧ୍ୟକ୍ଷା ମିନତି ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଜିଲା ପରିଷଦ ଅମିତା ସାହୁ, ମହିଳା ସଭାନେତ୍ରୀ ସଂଯୁକ୍ତା ଶତପଥୀ, ପୂର୍ବତନ ଜିଲାପରିଷଦ ଶ୍ରୀନିବାସ ପ୍ରଧାନ, ସରପଞ୍ଚ ସମଲେତୁନ ବିବି, ସମିତି ସଭ୍ୟା ସୌଦାମିନୀ ପତି ପ୍ରମୁଖ ଉପସ୍ଥିତ ଥିଲେ।

### ଚରପଡ଼ାରେ ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ରାଜକନିକା,୧୮।୫ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଚରପଡା ପଞ୍ଚାୟତର କଣ୍ଡିଆ ହାଟ ପଡିଆରେ ଶୁକ୍ରବାର ସରପଞ୍ଚ ଧୀରେନ ଜେନାଙ୍କ ନେତୃତ୍ୱରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ସାଂସଦ ପାର୍ଥୀ ଅଂଶୁମାନ ମହାନ୍ତି ଏହି କର୍ମୀ ସମ୍ମିଳନୀକୁ ସମ୍ବୋଧିତ କରିବା ସହିତ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଯୁବ ବିଜେଡି ସଭାପତି ଅୟସକାନ୍ତ ସାମଲଙ୍କ ସଂଯୋଜନାରେ ବ୍ଲକ ସଭାପତି ବିଦ୍ୟାଧର ବେହେରାଙ୍କ ସଭାପତିତ୍ୱରେ ଏହି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ପଞ୍ଚାୟତବାସୀ ଓ ବିଜେଡି କର୍ମୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ବ୍ଲକ ଅଧ୍ୟକ୍ଷା ମିନତି ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଜିଲା ପରିଷଦ ପ୍ରବୀଣା ଦାସ, ମହିଳା ସଭାନେତ୍ରୀ ସଂଯୁକ୍ତା ଶତପଥୀ, ସନ୍ତୋଷ ମାଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ଅନୁମତିରେ ନଦୀ ପଠା ଖୋଳି ବାଲି, ମାଟି ବିକ୍ରି

କୁଜଙ୍ଗ,୧୮।୫ (ମନୋଜ ପ୍ରଧାନ)

କୁଜଙ୍ଗ ତହସିଲ ଅନ୍ତର୍ଗତ ବାଲିଆ ନଦୀର ବଡ଼ବନ୍ଧ ସୀମାର ଏକ ଅଂଶରୁ ଖଣି କିମ୍ବା ରାଜସ୍ୱ ବିଭାଗର ଅନୁମତି ନ ନେଇ ବାଲିଆ ଗ୍ରାମର କେତେଜଣ ଲୋକ ଜେସିବି ଦ୍ୱାରା ନଦୀ ଶଯ୍ୟା ଓ ତା'ର ପଠା ଖୋଳି ଟ୍ରିପ୍ ଟ୍ରିପ୍ ବାଲି ଓ ମାଟି ନେଇ ବିକ୍ରି କରି ଦେଇଛନ୍ତି। ଏନେଇ ବାଲିଆ ସରପଞ୍ଚ ପ୍ରଥମେ ରାଜସ୍ୱ ନିରୀକ୍ଷକ ଓ ପରେ ଖଣି ବିଭାଗରେ ଅଭିଯୋଗ କରିଛନ୍ତି। ସରପଞ୍ଚ ସରୋଜିନୀ ନାୟକ ଏ ବିଷୟରେ ଯେତେବେଳେ ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସେତେବେଳେ ସେ ଏହାକୁ ଖଣି ବିଭାଗର ଦାୟିତ୍ୱ ବୋଲି କହିଥିଲେ। ଏହାପରେ ଜିଲା ଖଣି ବିଭାଗରେ ଏ ବିଷୟରେ ଅଭିଯୋଗ କରାଯିବା ପରେ ଜିଲା ଖଣି ବିଭାଗ ଅଧିକାରୀ ଅସିତ୍ ତରାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଯାଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ନାୟକ କୁହନ୍ତି, ଶାସକ ଦଳର କେତେଜଣ ସମର୍ଥକ ବାଲିଆ ନଦୀ ଶଯ୍ୟାରୁ ଏସବୁ ବାଲି, ମାଟି ଖୋଳି ସେହି ଗାଁର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବାର କହିଛନ୍ତି। ଖଣି ବିଭାଗ ଅଧିକାରୀ ତରାଇ ଏହି ଘଟଣାକୁ ସ୍ୱୀକାର କରିବା ସହ ଆଗକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ପୋଲିସ ବାହିନୀ ମିଳିତ ଭାବେ ରାତିରେ ଚଢ଼ାଉ କରିବ ବୋଲି କହିଛିନ୍ତି। ଖଣି ଓ ରାଜସ୍ୱ ବିଭାଗର ଉଦାସୀନତାର ସୁଯୋଗ ନେଇ କୁଜଙ୍ଗ ତହସିଲ ଅଞ୍ଚଳରେ ବ୍ୟାପକ ବାଲି ମାଟି ଚୋରା ଚାଲାଣ ହେଉଥିବା ସାଧାରଣରେ ଆଲୋଚନା ହେଉଛି।


ବାଲିଆ ନଦୀ ପଠାରୁ ଜେସିବି ସାହାଯ୍ୟରେ ମାଟି ଓ ବାଲି ଉଠାଯାଉଛି।

### ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର,୧୮।୫ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଅଧୀନ ଜଗନ୍ନାଥପୁର ଗ୍ରାମର ମହାବୀର ସାହିରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏହାର ଧାନ୍ୟାଧିବାସ, ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ଗୋପୂଜା, ଚତୁର୍ଥପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶନିବାର କଳସଯାତ୍ରା ଆୟୋଜନ କରାଯାଇଥିଲା। ଏନେଇ ଗ୍ରାମର ବହୁ ମହିଳା ସ୍ଥାନୀୟ ଗୋପାଳପୁର ଚନ୍ଦନ ପୋଖରୀରକୁ ଯାଇ ସେଠରୁ ଜଳ ଉଠାଇ ଏକ ପଟୁଆରରେ ଆସି ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ପଣ୍ଡିତମାନଙ୍କ ଦ୍ୱାରା ବେଦ ପାଠ କରାଯାଇ


ଭକ୍ତମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ଅଗ୍ନିସ୍ଥାପନ କରାଯାଇ ଥିଲା। ଏହାପରେ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ସୋମବାର ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷ ପ୍ରତିଦିନ ପ୍ରବଚନ, ଦେବଦାସୀ ନୃତ୍ୟ, ଭଜନ କୀର୍ତ୍ତନ ଓ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ମହାବୀର ସାହିର ଜନସାଧାରଣଙ୍କ ସହାୟତାରେ ଏହି କର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଆଖପାଖ ଗ୍ରାମର ଲୋକେ ଏଥିରେ ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ବୈତରଣୀରୁ ମୃତଦେହ ଜବତ

ଯାଜପୁର ଟାଉନ,୧୮।୫(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) : ଯାଜପୁର ଥାନ ଅନ୍ତର୍ଗତ ବୈତରଣୀ ନଦୀର କୋଦଣ୍ଡପୁର ଘାଟରେ ଏକ ମୃତଦେହ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଉଦ୍ଧାର କରି ଯାଜପୁରମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ୍ଛେଦ ନିମନ୍ତେ ପଠାଇଥିଲେ। ମୃତକଙ୍କ ପରିଚୟ ମିଳିନାହିଁ। ତେବେ ମୃତକଙ୍କ ବୟସ ୪୧ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଯାଜପୁର ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ସଂରକ୍ଷିତ ରଖାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

### ଅଚଳ ଟ୍ରକ ଯୋଗୁ ଯାତାୟାତ ବାଧାପ୍ରାପ୍ତ

ପାଣିକୋଇଲି,୧୮।୫(ବିକାଶ ମଲିକ)– ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଛକ ନିକଟରେ ଶୁକ୍ରବାର ରାତିରୁ ଏକ ସିମେଣ୍ଟ ବୋଝେଇ ଟ୍ରକ ଅଚଳ ହୋଇ ରାସ୍ତା ମଝିରେ ଅଟକି ରହିଛି। ଫଳରେ ରାଜପଥରେ ଯାତାୟତରେ ବାଧା ଉପୁଜିଛି। ଉକ୍ତ ଏହି ଟ୍ରକକୁ ରାସ୍ତା ପାର୍ଶ୍ୱକୁ ହଟା ଯାଇପାରନାହିଁ। ଫଳରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ପୋଲିସ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ରାସ୍ତା କାମ ଅଧାରୁ ଛାଡ଼ି ଠିକାଦାର ଛୁ'

■ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ
■ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି

ପାଣିକୋଇଲି,୧୮।୫(ବିକାଶ ମଲ୍ଲିକ)

ଅମୃତିଆଠାରୁ ପାଣିକୋଇଲି–ରଗଡ଼ି ପୂର୍ତ୍ତ ବିଭାଗ ରାସ୍ତା ଏବେ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ପୂର୍ବରୁ ପାଣିକୋଇଲି ରଗଡ଼ି ପୂର୍ତ୍ତ ବିଭାଗ ରାସ୍ତାଠାରୁ ଅମୃତିଆ ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ୨୦୨୩ରେ ଏହି ରାସ୍ତାକୁ ବଢ଼ାଯାଇ ଅମୃତିଆଠାରେ ଯୋର ଉପରେ ସେତୁ ନିର୍ମାଣ କରାଯିବା ସହ ରାସ୍ତାକୁ ଷଠିପୁର ବରୁଣ୍ଡାଇ ରାସ୍ତାରେ ସଂଯୋଗୀକରଣ କରାଯାଇଥିଲା। ଅମୃତିଆ ଗ୍ରାମ ପର୍ଯ୍ୟନ୍ତ ପିଚୁ କରାଯିବା ସହ ଅମୃତିଆ ପୋଲଠାରୁ ଷଠିପୁର ବରୁଣ୍ଡାଇ ରାସ୍ତା ପର୍ଯ୍ୟନ୍ତ ପେଭର ଇଟାରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ତଦନୁଯାୟୀ କାର୍ଯ୍ୟାରମ୍ଭ ହୋଇଥିଲା। ମାତ୍ର ନିମ୍ନମାନର କାମ ଯୋଗୁ ଅନେକ ସମୟରେ ପେଭର ଇଟାର ୱାଲ ଭାଙ୍ଗିଯାଇଥିଲା। ଅମୃତିଆ ପୋଲଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଫେବର ଇଟା ପକାଯାଇଛି। ହେଲେ ପଞ୍ଚାୟତ ଅଫିସଠାରୁ ଷଠିପୁର ବରୁଣ୍ଡାଇ ରାସ୍ତା ପର୍ଯ୍ୟନ୍ତ ରାସ୍ତାର ଦୁଇ ପଟରେ ସିମେଣ୍ଟ୍ ୱାଲ ହୋଇ କାମ ବନ୍ଦ ରହିଛି। ଏହି ମଧ୍ୟରେ ଅନେକ ସ୍ଥାନରେ ବାଲି ଇଟା ଓ ଚିପ୍‌ସ ପଡି ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ହେଲେ ଠିକାଦାର କାମ ବନ୍ଦ କରି ଛୁ ମାରିଛନ୍ତି। ଫଳରେ ସିମେଣ୍ଟ୍ ୱାଲ ଥିବାରୁ ଗାଡ଼ି ଯାତାୟାତ ଅସମ୍ଭବ ହୋଇପଡ଼ିଛି। ଯଦି ଏହି ରାସ୍ତାରେ ଅଜାଣତରେ କେହି ଗାଡ଼ି ପୂରାଇ ଦେଇଛି ଅନ୍ୟ ପକ୍ଷରୁ ଯଦି ଗାଡି ଆସିଯାଇଛି ତାହେଲେ ଏହାକୁ ବାହାର କରିବା ପାଇଁ ଘଣ୍ଟାଘଣ୍ଟା ସମୟ ଲାଗୁଛି।

ଏହି ରାସ୍ତା ଉପରେ ପାଣିକୋଇଲି ଆସିବା ପାଇଁ ଅମୃତିଆ, ମକୁନ୍ଦପୁର, ବନ୍ଦାଳୋ, ବରୁଣ୍ଡାଇ, ତାରାକୋଟ, ଗୌରପୁର ଓ ରଣପୁର ଆଦି ପଞ୍ଚାୟତର ଅଧିବାସୀମାନେ ନିର୍ଭର କରୁଛନ୍ତି। ହେଲେ ରାସ୍ତା କାମ ଅଧାରୁ ବନ୍ଦ ରହିବା ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କେଉଁ କାରଣରୁ ଓ କି ଉଦ୍ଦେଶ୍ୟରେ ଠିକାଦାର କାମ ଛାଡ଼ି ଚାଲିଯାଇଛନ୍ତି ତାହା ସମସ୍ତଙ୍କୁ ଅଗୋଚର ରହିଛି। ଏଦିଗରେ ବିଭାଗୀୟ ଅଧିକାରୀ ମଧ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅତ୍ୟନ୍ତ ଜରୁରୀ ସେବା ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଆସିବା ବି ବନ୍ଦ ହୋଇଛି। ଜିଲାପାଳ ଏଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅମୃତିଆ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



ରାସ୍ତା କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି।

# ବିପଦସଙ୍କୁଳ ଅବସ୍ଥାରେ ଷ୍ଟ୍ରିଟ୍ ଲାଇଟ କେବୁଲ ତାର

ଯାଜପୁରରୋଡ୍,୧୮।୫(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ସହରର ବିଭିନ୍ନ ଅଞ୍ଚଳରେ ସଂଯୋଗ କରାଯାଇଥିବା ଷ୍ଟ୍ରିଟ୍ ଲାଇଟଗୁଡ଼ିକର ବିଦ୍ୟୁତ୍ କେବୁଲ ତାରଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ କେତେବେଳେ ଅଘଟଣ ଘଟି ଜନଜୀବନ ହାନି ହେବ ତାହା କହି ହେବନାହିଁ। ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବ୍ୟାସନଗର ସହରର ମୁଖ୍ୟରାସ୍ତା ଚୋରଦା ଛକଠାରୁ ଧବଳଗିରି, ଚୋରଦା ଗୋପବନ୍ଧୁ ଛକ ଓ ଗୋପବନ୍ଧୁ ଛକ ଷ୍ଟେଶନ ବଜାର ରାସ୍ତାରେ। ଏହି ରାସ୍ତାରେ ଥିବା ଡିଭାଇଡର ମଝିରେ ଷ୍ଟ୍ରିଟ୍‌ଲାଇଟ ଖୁଣ୍ଟଗୁଡିକ ସ୍ଥାପନ କରାଯାଇଛି। ଷ୍ଟ୍ରିଟ୍ ଲାଇଟ୍‌କୁ ସଂଯୋଗ କରିଥିବା ବିଦ୍ୟୁତ୍ କେବୁଲ ଗୁଡିକ ରାସ୍ତା ଉପରକୁ ବାହାରି ରହିଛି। ଏଥିସହିତ କେବୁଲଗୁଡ଼ିକ ବହୁ ସ୍ଥାନରେ ଫାଟି ତାର ବାହାରକୁ ବାହାରିଛି। ଫଳରେ ରାସ୍ତାରେ ଯିବା ଆସିବା ସମୟରେ ବାଇକ ଆରୋହୀ ଉକ୍ତ କେବୁଲ ତାରରେ ଛନ୍ଦିହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଏଭଳି ଅଭିଯୋଗ ହସ୍ତଗତ ହୋଇନାହିଁ। ଅଭିଯୋଗ ଆସିଲେ ଏହା ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।



# ବର୍ଷାଙ୍କୁ ସୁଙ୍ଗୁଡ଼ା ପଞ୍ଚାୟତରେ ସମ୍ବର୍ଦ୍ଧନା

ବଡଚଣା,୧୮।୫(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବିଜେଡି ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ସୁଙ୍ଗୁଡ଼ା ପଞ୍ଚାୟତରେ ଭୋଟ ପ୍ରଚାର କରିଛନ୍ତି। ସେ ନିଶିମଳା ଠାରେ ପହଞ୍ଚିବା ପରେ ପଞ୍ଚାୟତ ବିଜେଡି ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ବର୍ଷାଙ୍କ ସହ ବଡ଼ଚଣା ନିର୍ବାଚନମଣ୍ଡଳୀର ଦଳୀୟ ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ପଞ୍ଚାୟତ ତରଫରୁ ବି ସ୍ୱାଗତ କରାଯାଇଥିଲା। ଏକ ବାଇକ୍ ଶୋଭାଯାତ୍ରାରେ ପଞ୍ଚାୟତ ଅଧୀନ ନିଶିମଳା, ନୂଆସୁଙ୍ଗୁଡା, ଖୋସାଲିପୁର, ମଙ୍କେଡିଆ ସାହି, କୁମ୍ଭାର ସାହି ଓ ସୁଙ୍ଗୁଡା ପ୍ରମୁଖ ଗ୍ରାମରେ ବର୍ଷା ଭୋଟ ପ୍ରଚାର କରିଥିଲେ। ବିଭିନ୍ନ ସ୍ଥାନରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପଞ୍ଚାୟତ ବିଜେଡି ସଭାପତି ପ୍ରିୟବ୍ରତ ଖିଲାର, ଜୋନ ସଭାପତି ସଞ୍ଜୟ ସାଇଁ, ପ୍ରଦୀପ୍ତ ଜେନା, ଜିତେନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ଚାଚାଲିନ ସ୍ୱାଇଁ, ମଶିର ଆଲାମ, ପ୍ରଫୁଲ୍ଲ ଜେନା, ଯତିନ୍ଦ୍ର ନାୟକ, ପ୍ରଶାନ୍ତ ଜେନା, ମୁନସର ଅଲ୍ଲୀ ଖାଁ, ରବୀନ୍ଦ୍ର ରାଉତ, ଅଜିତ ରାଉତ, ବାପି ଦାସ, ନିରଞ୍ଜନ ଜେନା, ଅମୂଲ୍ୟ ଜେନା, ପ୍ରଫୁଲ୍ଲ ରଣା, ରାକେଶ ବିଶାଳ, ବିଜୟ ବ୍ରହ୍ମ, ବିଜୟାନନ୍ଦ ବିଶାଳ, ବିଚିତ୍ର ସେନାପତି, ନଳିନୀକାନ୍ତ ଜେନା ପ୍ରମୁଖ ବର୍ଷାଙ୍କ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ପଞ୍ଚାୟତ ସମିତି ଅଧକ୍ଷ୍ୟା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶର ବରାଳ, ନିରଞ୍ଜନ ସେନାପତି ପ୍ରମୁଖ ବର୍ଷାଙ୍କ ସହ ସୁଙ୍ଗୁଡା ପଞ୍ଚାୟତ ପରିକ୍ରମା କରି ବିଜେଡିର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

# କରଦା ପଞ୍ଚାୟତରେ ଆକାଶଙ୍କ ପ୍ରଚାର



ପ୍ରଚାର ଅଭିଯାନରେ ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ଏବଂ ତାଙ୍କ ସମର୍ଥକ।

ପାଣିକୋଇଲି,୧୮।୫(ବିକାଶ ମଲ୍ଲିକ):

କୋରେଇ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ପ୍ରଚାର ଅଭିଯାନ ଜାରି ରଖିଛନ୍ତି। ସେ କରଦା ପଞ୍ଚାୟତ ବର୍ତ୍ତମଣା ଗ୍ରାମରୁ ଏହାର ଶୁଭାରମ୍ଭ କରିଛନ୍ତି। ପରେ ପଞ୍ଚାୟତର ପଳସା, ଆମ୍ବଗଡ଼ିଆ, ରାଣୀଗୋଡ଼ା, ଭକଣ୍ଡରୀ, ବାଘନଟା ଓ କରଦା ଆଦି ଗ୍ରାମକୁ ଯାଇ ଲୋକଙ୍କୁ ଭୋଟ୍ ଭିକ୍ଷା କରିଛନ୍ତି। ତାଙ୍କୁ ଅକୁଣ୍ଠ ସହଯୋଗ, ସମର୍ଥନ ଏବଂ ଆଶୀର୍ବାଦ ମିଳୁଥିବା ଦେଖିବାକୁ ମିଳିଛି। ଏହି ପ୍ରଚାରରେ ପଞ୍ଚାୟତ ଭାଜପା ସଭାପତି କାର୍ତ୍ତିକ ସାହୁ, ରବୀନ୍ଦ୍ର ନାୟକ, ଅରୁଣ ପଲେଇ, ଭାସ୍କର ସାହୁ, ରଞ୍ଜନ ସାହୁ, ପଦ୍ମନାଭ ଓଝା, ସୁରେନ୍ଦ୍ର ଭୂୟାଁ, ବିଜୟ ସେନାପତି, ଅଭିରାମ ବେହେରା, ଶତ୍ରୁଘନ ଜେନା ଓ ଘନଶ୍ୟାମ ବାରିକ ପ୍ରମୁଖ ସାମିଲହୋଇ ଆକାଶଙ୍କୁ ସହଯୋଗ କରିଛନ୍ତି।

# କନ୍ତୋର ପଞ୍ଚାୟତରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର

କୋରେଇ,୧୮।୫(ଚନ୍ଦ୍ରକାନ୍ତ ପତି)

କୋରେଇ କଂଗ୍ରେସ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଜୋରଦାର ପ୍ରଚାର ଆରମ୍ଭ ହୋଇଛି। ଶୁକ୍ରବାର କୋରୋଇ ବ୍ଲକ ଅଧୀନ କନ୍ତୋର ପଞ୍ଚାୟତରେ କଂଗ୍ରେସ ବିଧାୟିକା ପ୍ରାର୍ଥୀନୀ ବନ୍ଦିତା ପରିଡ଼ା ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ୫ ଲକ୍ଷ ଯୁବତୀ,ଯୁବକଙ୍କୁ ନିଯୁକ୍ତି ମିଳିବ। ବେକାର ଭତ୍ତା ମାସିକ ୩ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ଧାନ କୁଇଣ୍ଟାଲ ପିଛା ୩୦୦୦, ଗୃହଜ୍ୟୋତି ଯୋଜନାରେ ୨୦୦ ୟୁନିଟ ମାଗଣା ବିଜୁଳି, ସ୍ୱୟଂସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼, ମହିଳାଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା ଏବଂ ୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ନଗର ସଭାପତି ଦିଲୀପ ମଲିକ, ପ୍ରତାପ ପେରେଇ, ରଞ୍ଜିତା ପେରେଇ, ଶ୍ୟାମସୁନ୍ଦର ମଲିକଙ୍କ ସହ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। କନ୍ତୋର ପଞ୍ଚାୟତ କଂଗ୍ରେସ ସଭାପତି ମାୟାଧର ନାୟକ ଏହି ପ୍ରଚାରର ନେତୃତ୍ୱ ନେଇଥିଲେ।



କଂଗ୍ରେସ ପ୍ରାର୍ଥୀ ପ୍ରଚାର କରୁଛନ୍ତି।

# ଲଜ୍‌ରେ ଚାଲିଛି ଦେହ ବ୍ୟବସାୟ

ଯାଜପୁରରୋଡ଼,୧୮।୫(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ଼ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ସହର ଭାବେ ମାନ୍ୟତା ପାଇଛି। ଏହି ସହର ଉପରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ସୁକିନ୍ଦା ଖଣି ଅଞ୍ଚଳରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ନିର୍ଭର କରିଥାଆନ୍ତି। ସହରରେ ଅନ୍ୟ ରାଜ୍ୟର ଲୋକମାନେ ବସବାସ କରୁଛନ୍ତି। ବିଭିନ୍ନ କାର୍ଯ୍ୟରେ ବାହାରୁ ଆସୁଥିବା ଅତିଥି ଅଭ୍ୟାଗତଙ୍କ ପାଇଁ ବହୁ ହୋଟେଲ ଏବଂ ଲଜିଂ ରହିଛି। ଏହାର ସୁଯୋଗ ନେଇ କେତେକ ହୋଟେଲ ଏବଂ ଲଜିଂରେ ପଶ୍ଚିମବଙ୍ଗ, ବାଲେଶ୍ୱର, ଭଦ୍ରକ ସହ ଆଖପାଖ ଜିଲାର ଯୁବତୀମାନଙ୍କୁ ଆଣି ମାଲିକମାନେ ଦେହ ବ୍ୟବସାୟରେ ନିୟୋଜିତ କରୁଛନ୍ତି। କେତେଜଣ ଯୁବକ ଦେହଜୀବୀମାନଙ୍କୁ ଆଣି ଲଜ୍‌ରେ ରଖି ନିଜର ଯୌନପିପାସା ମେଣ୍ଟାଉଛନ୍ତି।

### ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ୍

ନିୟମ ଅନୁଯାୟୀ ହୋଟେଲରେ ରୁମ୍ ନେବା ପୂର୍ବରୁ ଗ୍ରାହକମାନଙ୍କ ପରିଚୟ ପତ୍ର ଯାଞ୍ଚ କରାଯାଇଥାଏ। ହେଲେ ବିନା ପରିଚୟପତ୍ରରେ ଏହି ଯୁବତୀ ଓ ଯୁବକମାନଙ୍କୁ ରୁମ ପ୍ରବେଶ ଅନୁମତି ମିଳୁଛି। ଏହଦ୍ୱାରା ହୋଟେଲ ଓ ଲଜ୍ ମାଲିକମାନେ ମୋଟା ଅଙ୍କର ଟଙ୍କା ଆଦାୟ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଭିଯୋଗ ହେଉଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପୋଲିସ ନିୟମିତ ହୋଟେଲ ଓ ଲଜ୍ ଯାଞ୍ଚ କରୁ ନ ଥିବାରୁ ପରିସ୍ଥିତି ଦିନକୁ ଦିନ ଗୁରୁତର ହେଉଛି। ଏନେଇ ଜିଲା ଆରକ୍ଷୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# କଂଗ୍ରେସର ନିର୍ବାଚନୀ ପ୍ରଚାର ଜୋରଦାର



ଧର୍ମଶାଳା,୧୮।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା କଂଗ୍ରେସ ପ୍ରାର୍ଥୀ କିଶାନ ପଣ୍ଡା ନିଜର ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଶନିବାର ପଣ୍ଡା ଦଳୀୟ କର୍ମୀଙ୍କୁ ସାଙ୍ଗରେ ଧରି ୩୪ନଂ.ଜୋନର ଜବରା ପଞ୍ଚାୟତର କ୍ଷେତ୍ରପାଳ ମନ୍ଦିରରୁ ପ୍ରଚାର ଆରମ୍ଭ କରାଯାଇ ସୁକଦେଇପୁର ପର୍ଯ୍ୟନ୍ତ କର୍ମୀମାନେ ଘରକୁ ଘର ବୁଲି ହାତ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏଥିସହ ଭୋଟରମାନଙ୍କୁ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିବା ସହ ସେମାନଙ୍କୁ ଏହି କାର୍ଡ ପ୍ରଦାନ କରିଥିଲେ। ଏହି ନିର୍ବାଚନୀ ପ୍ରଚାରରେ ପଣ୍ଡାଙ୍କ ସହିତ ଜିଲା କୃଷକ ସେଲ ସଭାପତି ବସନ୍ତ କୁମାର ପରିଡା, ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ରାୟ, ବରିଷ୍ଠ ସଭ୍ୟ ସୁଧାକର ରାଉତ, ବିଶ୍ୱନାଥ ପଣ୍ଡା, ନଟବର ସେଠୀ, ଅଶୋକ ତରାଇ, ଗଦାଧର ମଲିକ,ମକରଧ୍ୱଜ ବେହେରା, ମହେଶ୍ୱର ରାଉତ, ପ୍ରଭାତ ରାଉତ, ଦେବଶିଷ ପରିଡ଼ା, ସାଗର ପାଳ ଓ ଭାନୁ ରାଉତ ପ୍ରମୁଖ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

### ସାପ କାମୁଡ଼ାରେ ଜୀବନ ଗଲା

ପାଟଣା,୧୮।୫(ବୀର କିଶୋରଦାଶ):

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୂଷାଖୋରୀ ପଞ୍ଚାୟତ ଭାଲୁ ଘର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ବାସୁଦେବ ମହାନ୍ତ (୫୫)। ସେ ଘର ବାରଣ୍ଡାରେ ଶୋଇଥିବା ବେଳେ ଏକ ଚିତି ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଶନିବାର ସକାଳେ ତାଙ୍କୁ କଟକ ସ୍ଥାନାନ୍ତର କରୁଥିବା ବେଳେ ମୃତ୍ୟୁ ଘଟିଛି। ପାଟଣା ଥାନାରେ ଏକ ମାମଲା(ନଂ.୨୭/୨୪) ରୁଜୁ ହୋଇଛି।

# ବଡ଼ଚଣା ଭାଜପା ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସମ୍ମିଳନୀ



ଭାଜପା ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିବା ଦଳୀୟ ନେତା ଓ କର୍ମୀ।

ଚଣ୍ଡିଖୋଲ,୧୮।୫(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଯୁବ ମୋର୍ଚ୍ଚା ସମ୍ମିଳନୀ ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ମୋର୍ଚ୍ଚା ଜିଲା ଉପ ସଭାପତି ଦୀପକ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୂଖ୍ୟଅତିଥି ଭାବେ ଜିଲା ପ୍ରଭାରୀ ମଧ୍ୟପ୍ରଦେଶର ବିଧାୟକ ପ୍ରଦୀପ ପଟେଲ ଯୋଗଦେଇ ଓଡ଼ିଶାରେ ଏଥର ଡବଲ ଇଞ୍ଜିନ ସରକାର ହେବ। ରାଜ୍ୟ ଶାସନ ଏବେ ନବୀନଙ୍କ ହାତରେ ନାହିଁ ତାଙ୍କର ଜଣେ ଗୁମାସ୍ତା ଶାସନ ବ୍ୟବସ୍ଥା ଚଳାଉଛନ୍ତି। ଓଡ଼ିଶାରେ ଭାଜପା କ୍ଷମତାକୁ ଆସିଲେ ବିକାଶ ଦ୍ୱିଗୁଣିତ ହେବ। ବିଧାୟକ ପ୍ରାର୍ଥୀ ଅମର ନାୟକ ଯୋଗଦେଇ ବଡ଼ଚଣାର ଅସ୍ମିତା ଓ ସ୍ୱାଭିମାନକୁ ବିଜେଡି କୁଠାରଘାତ କରିଛି। ବଡ଼ଚଣାରୁ ଅନେକ ଯୋଗ୍ୟ ପୁରୁଷ ବିଧାୟକ ଭାବେ ନିର୍ବାଚିତ ହୋଇ ଯାଇଥିବା ବେଳେ ଏବେ କ'ଣ କେହି ଯୋଗ୍ୟ ବ୍ୟକ୍ତି ମିଳି ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ବିଧାନସଭା ପ୍ରଭାରୀ ନିରଞ୍ଜନ ଘଡାଇ ଯୋଗଦେଇ ବଡ଼ଚଣା ଏଥର ଇତିହାସ ସୃଷ୍ଟି କରିବା ସହ ସମଗ୍ର ରାଜ୍ୟକୁ ନିଆରା ଦିଗଦର୍ଶନ ଦେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଦେବଯାନୀ ପ୍ରଧାନ,ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ,ମଣ୍ଡଳ ସଭାପତି ବାବାଜୀ ଜେନା,ତାପସ ମହାନ୍ତି,ନରେନ୍ଦ୍ର ସାମଲ,ପଲାସ ନାୟକ ସହ ଶତାଧିକ ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମା'ଙ୍କ ଅନଶନ

କେନ୍ଦୁଝର,୧୮।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ନିର୍ବାଚନ ସମୟରେ ସବୁ ୱାରେଣ୍ଟ କାର୍ଯ୍ୟକାରୀ ହୁଏ, ପୁରୁଣା କେଶ ଥିବା ଅପରାଧୀ ଧରା ହୁଅନ୍ତି। ତେବେ କେନ୍ଦୁଝରର ସାମାଜିକକର୍ମୀ ରୋଜାଲିନ ସାହୁଙ୍କୁ ହତ୍ୟା ଘଟଣାରେ ଜଡ଼ିତ ଅଭିଯୁକ୍ତ ପ୍ରକାଶ ମଲ୍ଲିକଙ୍କୁ ଗିରଫ କାହିଁକି କରାଯାଉନାହିଁ। ସେ ଜନୈକ ଭାଜପା ନେତାଙ୍କ ପ୍ରଚାରରେ ଆଗରେ ରହି ପୋଲିସକୁ ଚ୍ୟାଲେଞ୍ଜ କରୁଥିଲେ ହେଁ କାହିଁକି ଧରା ଯାଉନାହିଁ ବୋଲି ରୋଜାଲିନଙ୍କ ମା' ରେବତୀ ସାହୁ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ଝିଅର ଫଟୋକୁ ରଖି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତୀକ ଅନଶନରେ ବସିଛନ୍ତି। ଏ ନେଇ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଅଭିଯୋଗ ଅନୁଯାୟୀ, ରୋଜାଲିନ ସାହୁଙ୍କ ହତ୍ୟା ଘଟଣାରେ କେନ୍ଦୁଝର ଜିଲା ଘଟଗାଁ ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଏ ନେଇ ପ୍ରାମାଣିକ ତଥ୍ୟ ପୋଲିସ ନିକଟରେ ଥିଲେ ହେଁ ପ୍ରଥମେ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ କରିଥିଲା। ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅଭିଯୋଗ ପରେ ଏବେ ତଦନ୍ତ ଚାଲିଛି। ମାମଲା ଉଚ୍ଚ ନ୍ୟାୟାଳୟରେ ମଧ ଥିବା ଜଣାପଡ଼ିଛି। ଏଭଳି ସମୟରେ ଅଭିଯୁକ୍ତ ଖୁଲମଖୁଲା ପ୍ରାର୍ଥୀଙ୍କ ସହିତ ବୁଲି ପ୍ରଚାର କରିବାର ଫଟୋ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଏ ନେଇ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଜିଲା ନିର୍ବାଚନ ଅଧିକାରୀ, ପର୍ଯ୍ୟବେକ୍ଷକଙ୍କୁ ଲିଖିତ ଭାବେ ଜଣାଇଥିବା ମା' ରେବତୀ କହିଛନ୍ତି। ତାଙ୍କ ଝିଅକୁ ଷଡ଼ଯନ୍ତ୍ର କରି ହତ୍ୟା କରି ଦୁର୍ଘଟଣାର ରୂପ ଦିଆଯାଇଛି। ଏଣୁ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି। ପ୍ରକାଶ ମଲ୍ଲିକ କହିଛନ୍ତି, ସେ ନିର୍ଦ୍ଦୋଷ। ପୋଲିସ ପକ୍ଷରୁ ତାଙ୍କୁ କୌଣସି ନୋଟିସ୍ ମିଳିନାହିଁ। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ପୋଲିସ ତତ୍ପରତା ଦେଖାଇ ପଦକ୍ଷେପ ଗ୍ରହଣ କରିବାକୁ ସାମାଜିକକର୍ମୀ ଦିଲୀପ ସାହୁ କହିଛନ୍ତି।

### ସାମାଜିକକର୍ମୀ ରୋଜାଲିନ ସାହୁ ହତ୍ୟା ଘଟଣା




ଅଭିଯୁକ୍ତଙ୍କ ଗିରଫ ଦାବିରେ ରୋଜାଲିନଙ୍କ ମା' ଥାନା ସମ୍ମୁଖରେ ଅନଶନରେ ବସିଛନ୍ତି।

## ସଂକ୍ଷେପରେ

### ଶେରଗଡ଼ରେ ୧୧୦ ବୁଥ

ଶେରଗଡ଼, ୧୮।୫(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ବ୍ଲକରେ ନିର୍ବାଚନ ପାଇଁ ପ୍ରଶାସନିକସ୍ତରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୨ ପଞ୍ଚାୟତରେ ୯୫ଟି ଗ୍ରାମରେ ମୋଟ ୧୧୦ ବୁଥ କରାଯାଇଛି। ଶନିବାର ବିଡିଓ ଶିବାଶିଷ ବରାଳ, ବିଇଓ ଉପେନ୍ଦ୍ର କୁମାର ପାଢ଼ୀ କିଛି ବୁଥ ଅନୁଧ୍ୟାନ କରିଛନ୍ତି। ସେହିପରି ୧୧୦ ବୁଥକୁ ୧୧ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଶେରଗଡ଼ ବ୍ଲକରେ ୧୦୦ରୁ ଅଧିକ ସିଆରପିଏଫ ଯବାନ ନିୟୋଜିତ କରାଯାଇଛି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ଶେଷ ପାଇଁ ପ୍ରଶାସନ ପକ୍ଷରୁ ପୁରା ପ୍ରସ୍ତୁତ କରାଯାଇଛି ବୋଲି ବିଡିଓ ବରାଳ କହିଛନ୍ତି।

### ୧୪୦ ଲିଟର ବିଦେଶୀ ମଦ ଜବତ, ୩ ଗିରଫ

ବୁଗୁଡା,୧୮।୫(କାଳିଚରଣଦାଶ)

ବୁଗୁଡ଼ା ଥାନା ଭଗବାନପୁର-ପାଣିକେଶର କେନାଲ ରାସ୍ତାରେ ଶୁକ୍ରବାର ରାତିରେ ବିଦେଶୀ ମଦ ବୋଝେଇ ହୋଇଯାଉଥିବା ଏକ ବୋଲେରୋକୁ ପୋଲିସ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଗୁଡା ଥାନା ଅନ୍ତର୍ଗତ ଜେଏକ ଗ୍ରାମର ଧୋବା ପ୍ରଧାନ, ନନ୍ଦିଘର ଗ୍ରାମର ସନ୍ତୋଷ କୁମାର ଦୋରା ଓ କରଚୁଲି ଗ୍ରାମର ସୁଶାନ୍ତ ପ୍ରଧାନ। ଏ ନେଇ ପୋଲିସ ନଂ. ୩୨୨/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। କୋର୍ଟରୁ ଜାମିନ ମିଳିବା ପରେ ସେମାନଙ୍କୁ ଛାଡିଦିଆଯାଇଛି। ବୁଗୁଡ଼ା ଅଞ୍ଚଳରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ସାଙ୍ଗକୁ ଚାରିଆଡ଼େ ମଦ ମାଂସର ଆସର ଚାଲିଥିବା ବେଳେ ଗତ ଶୁକ୍ରବାର ରାତିରେ ଏକ ବୋଲେରୋରେ ପ୍ରାୟ ୧ ଲକ୍ଷ ଟଙ୍କାର ୧୪୦ ଲିଟର ବିଦେଶୀ ମଦ ବୋଝେଇ ହୋଇ କେନାଲ ରାସ୍ତାରେ ଯାଉଥିବା ବେଳେ ପୋଲିସ ଚଢାଉ କରିଥିଲା।

### ବାଲାଜୀ କଲଚର ସୋସାଇଟିର ବାର୍ଷିକ ଉତ୍ସବ

ଛତ୍ରପୁର,୧୮।୫(ଦିଲ୍ଲୀପ ସାମଲ): ଛତ୍ରପୁର ବାଲାଜୀ କଲଚର ସୋସାଇଟିର ୧୭ତମ ବାର୍ଷିକ ଉତ୍ସବ ଅସରରେ ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ଅନୁଷ୍ଠାନର ସଂଯୋଜକ ବି. ଶ୍ରୀନିବାସଙ୍କ ସଂଯୋଜନାରେ ଏକ ଭବ୍ୟ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ଶଙ୍କର ଚକ୍ଷୁ ଚିକିତ୍ସାଳୟର ସିଇଓଜେ, ମ୍ୟାନେଜର ଆନନ୍ଦ ରମଣା ଏବଂ ଜଗନ୍ନାଥ ମନ୍ଦିରର ମୁଖ୍ୟ ଆଦିକନ୍ଦ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ ହୋଇଥିଲା। କାର୍ଯ୍ୟକ୍ରମରେ ଆନ୍ଧ୍ର ପ୍ରଦେଶରୁ ଆସିଥିବା କଳାକାର କାନ୍ଦବରୀ ସିଷ୍ଟର ଏବଂ ତାଙ୍କ ବୃନ୍ଦଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ ହୋଇଥିବା ବେଳେ, ସ୍ଥାନୀୟ କଣ୍ଠଶିଳ୍ପୀ ଜି. ନିରଶା ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଡ୍ରିମ୍ସ ଡ୍ୟାନ୍ସ ଏକାଡେମୀ ଓ ନିହାରିକା ଡ୍ୟାନ୍ସ ଷ୍ଟୁଡିଓର କୁନି କୁନି କଳାକାରମାନେ ନୃତ୍ୟ ପରିଷେଣ କରିଥିଲେ। ଏହି ଅବସରରେ ଛତ୍ରପୁର ସହରର ସ୍ଥିତ ଉପ୍ପୁଲାପୁଟି ଗ୍ରାମର ତେଲୁଗୁ ପଣ୍ଡିତ ଶ୍ରୀନିବାସ ଆଚାର୍ଯ୍ୟଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।



ଖଲ୍ଲିକୋଟ ଥାନା ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ଘଟିଥିବା ହତ୍ୟା ଘଟଣାରେ ଏସଆଇଟି ତଦନ୍ତ ଆରମ୍ଭ କରିଛି।




ହତ୍ୟାକାଣ୍ଡସ୍ଥଳରୁ ଫୋରେନସିକ ଟିମ୍ ରକ୍ତଭିଜା ମାଟି ଓ ନମୁନା ସଂଗ୍ରହ କରୁଛନ୍ତି।

# ବିରୋଧୀ ଦଳ ମିଥ୍ୟାରେ ରାଜନୈତିକ ରଙ୍ଗ ଦେଉଛି

**ଶ୍ରୀକୃଷ୍ଣ ଶରଣପୁର ଗ୍ରାମର ହତ୍ୟା ଘଟଣା**

ଖଲ୍ଲିକୋଟ,୧୮।୫(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଗ୍ରାମର ହତ୍ୟା ଘଟଣାକୁ ବିରୋଧୀ ଦଳ ରାଜନୈତିକ ରୂପ ଦେଉଛନ୍ତି। ଯେଉଁମାନେ ଏଥିରେ ଜଡିତ ସେମାନେ ବିଜେଡିର ନୁହଁନ୍ତି। ଦୋଷୀକୁ କଠୋର ଦଣ୍ଡ ଦିଆଯାଉ ବୋଲି ଖଲ୍ଲିକୋଟ ଯୁବରାଜ ବଙ୍ଗଳାରେ ଶନିବାର ଖବରଦାତା ସମ୍ମିଳନିରେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ଖଲ୍ଲିକୋଟ ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ବିଧାୟିକାଙ୍କ ସ୍ୱାମୀ ଦୈତାରୀ ବେହେରା ଉକ୍ତ ଘଟଣାର ତୀବ୍ର ନିନ୍ଦା କରିବା ସହ ଜଗନ୍ନାଥ ପୀଡିତ ପରିବାରକୁ ସହାୟ ହୁଅନ୍ତୁ। ବିରୋଧୀ ମିଥ୍ୟା ଅଭିଯୋଗ ତାଙ୍କ ପ୍ରତି କରୁଥିବା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଯିଏ ଦୋଷୀ ତାକୁ ଦଣ୍ଡ ମିଳିବ। ସେଦିନ ରାଣୀଙ୍କ ବଙ୍ଗଳାରେ ୨୯ ପଞ୍ଚାୟତର କର୍ମୀ ସମ୍ମିଳନୀ ହେଉଥିଲା। ଏହାକୁ ବିରୋଧୀ ଦଳ ବିଭିନ୍ନ ରୂପ ଦେଇ ମିଥ୍ୟା ପ୍ରଚାର କରୁଛି। ନିଜ ଘର ଆଗରେ ଥିବା ଗାଡିଗୁଡ଼ିକୁ ବିଳମ୍ବିତ ରାତ୍ରରେ ଭଙ୍ଗାରୁଜା କରାଯାଇଛି। ତଥାପି ବିରୋଧୀ ଦଳ ଏପରି ହୀନ ରାଜନୀତି ନ କରନ୍ତୁ। ପୋଲିସ ତଦନ୍ତରେ ଆମ୍ଭେ ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସମ୍ପାଦକ ରାଜୁ ପାଢ଼ୀ, ରାମମୋହନ ପଣ୍ଡାଙ୍କ ସମେତ କେତେକ ବିଜେଡି ନେତା ଉପସ୍ଥିତ ଥିଲେ।



ବିଜେଡିର ଖବରଦାତା ସମ୍ମିଳନୀ

### ଅଗ୍ନିକାଣ୍ଡରେ ଜଳିଲା ବୁଲେଟ, ବାଇକ, ସ୍କୁଟି

ଜୟପୁର, ୧୮।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ନୂଆସାହି ପାର୍କ ଲାଇନର ସାତ ଭଉଣୀ ମନ୍ଦିର ନିକଟରେ ରହୁଥିବା ଭୋଗ ମୋହନ ଖରାଙ୍କ ଘରେ ଅଗ୍ନିକାଣ୍ଡ ଘଟି ବୁଲେଟ, ବାଇକ୍ ଓ ସ୍କୁଟି ଆଦି ଜଳିଯାଇଛି। ଘରେ କେହି ନ ଥିବାରୁ ତାଲା ପଡ଼ିଥିଲା। ଘର ପରିସର ଗ୍ୟାରେଜରେ ବୁଲେଟ, ବାଇକ, ୨ଟି ସ୍କୁଟି ଓ ୨ଟି ସାଇକେଲ ଥିବାବେଳେ ଶନିବାର ସକାଳେ ସେ ସବୁ ଜଳି ଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଜୟପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଜୟପୁର ଦମକଳ ବାହିନୀର ଚିତ୍ତରଞ୍ଜନ ପାଣ୍ଡିଆ, ଟଙ୍କଧର ଦୁରିଆ, ବଳରାମ ବେହେରା, ବିକ୍ରମ ପ୍ରଧାନ, ହେମ ରାଞ୍ଚ ସାହୁ ପ୍ରମୁଖ ନିଆଁକୁ ଆୟତ୍ତ କରିଥିଲେ। ସର୍ଟ ସାର୍କିଟରୁ ଏହି ଦୁର୍ଘଟଣା ଘଟିଥିବା ଦମକଳ ବାହିନୀର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ବିଜେଡି ରାଲିରେ ଶିକ୍ଷକ, ଡାଟାଏଣ୍ଟ୍ରି ଅପରେଟର
# ଦଳୀୟ ବୈଠକରେ ସିଆରପି ସସ୍ମିତା ଦାଶ



ବିଜେଡ଼ି ଜୋନସ୍ତରୀୟ ବୈଠକ ।

ପୋଲସରା,୧୮।୫(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ନିଜ ସମର୍ଥକମାନଙ୍କୁ ନେଇ ଗତମାସ ୨୧ ତାରିଖରେ ବାଲିଛାଇ ଗ୍ରାମ ବଡ଼ସାହି ଜଗନ୍ନାଥ ମନ୍ଦିର ନିକଟରେ ୩୯ ନମ୍ବର ଜୋନସ୍ତରୀୟ ସାଙ୍ଗଠନିକ ବୈଠକ କରିଥିଲେ। ଉକ୍ତ ବୈଠକରେ ଜଣେ ସିଆରପି ଆଚରବିଧି ଉଲଙ୍ଘନ କରି ଯୋଗଦେଇଥିବା ଅଭିଯୋଗ କରିଛି ଭାଜପା। ସେ ମହିଳା ଜଣଙ୍କ ହେଉଛନ୍ତି ପୋଲସରା ବ୍ଲକ ଅନ୍ତର୍ଗତ ହାତୀଓଟ ପଞ୍ଚାୟତ ଜେମାଦେଇପୁର ଗ୍ରାମର ସସ୍ମିତା ଦାଶ। ସେହିପରି ପୋଲସରା ବ୍ଲକ ଅନ୍ତର୍ଗତ ବର୍ତନୀ ବିଜ୍ଞାନ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ରମେଶ ଚନ୍ଦ୍ର ଗୌଡ ରାଜନୈତିକ ସହିତ ଜଡିତ ରହି ଆଚରଣବିଧିକୁ ଉଲଙ୍ଘନ କରିଥିବା ବେଳେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଡାଟା ଏଣ୍ଟ୍ରି ପ୍ରଭାକର ସାହୁ ଶ୍ରୀକାନ୍ତ ସାହୁଙ୍କ ରାଲିରେ ଯୋଗଦେଇଥିବା ଭାଜପା ଅଭିଯୋଗ କରିଛି। ତେଣୁ ଏମାନଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଭାଜପା ଅଭିଯୋଗ କରିଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବା ଜଣାପଡିଛି।

# କାମରେ ଲାଗୁନି ମୋବାଇଲ ଟାୱାର

ପାରଳାଖେମୁଣ୍ଡି, ୧୮।୫
(ଗିରିଧାରୀ ପରିଚ୍ଛା):

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଅଜୟଗଡ଼ ଗ୍ରାମରେ ବହୁଦିନ ହେଲା ମୋବାଇଲ ଟାୱାର ରହିଛି। ହେଲେ ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏହା କାମରେ ଆସୁନି। ଏହି ଗ୍ରାମ ସମ୍ପୂର୍ଣ୍ଣ ପାହାଡ଼ ଘେରା ମଧ୍ୟରେ ଥିବାରୁ ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ କିମ୍ବା ଜନ ପ୍ରତିନିଧିଙ୍କ ନଜର ପଡୁନାହିଁ ଏବଂ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏଠାରେ ମୋବାଇଲ ଟାୱାର ଅଛି ସତ, କିନ୍ତୁ ପ୍ରାୟ ଦୁଇବର୍ଷ ହେଲା ଏଠାକୁ ଟାୱାର ଆସୁନି। ଏହାର ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ।



ଫଳରେ ପିଲାମାନଙ୍କର ପାଠପଢା ଏବଂ ଅଧିକାଂଶ କାମ ଅନଲାଇନ ଦ୍ୱାରା ହେଉଥିବାରୁ ଗ୍ରାମବାସୀ ବହୁଳ ଭାବେ ମୋବାଇଲ ବ୍ୟବହାର କରୁଛନ୍ତି। ଅନ୍ୟପଟେ ଦେଖିଲେ ଟାୱାର କାମ ନଦେବା ଯୋଗୁଁ ବ୍ୟାଙ୍କସେବା ମଧ୍ୟ ଠିକ ଭାବେ ପାଇପାରୁନାହାନ୍ତି ଏହି ଅଞ୍ଚଳର ଲୋକେ। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଏହି ଅଞ୍ଚଳରେ ପ୍ରାୟ ଦୁଇ ବର୍ଷ ହେଲା ଟାୱାର ସ୍ଥାପନ କରାଯାଇଛି କିନ୍ତୁ ଅଳ୍ପ କିଛି ଦିନ କାମ କଲା ପରେ ଆଉ କାମରେ ଆସୁନି। ଏ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କୁ ମଧ୍ୟ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। କିନ୍ତୁ ନିର୍ବାଚନ ପୂର୍ବରୁ ରାଜନେତାମାନେ ଏଠାକୁ ଆସି ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି ସତ, ମାତ୍ର ନିର୍ବାଚିତ ହେଲା ପରେ ଆଉ ପାଞ୍ଚ ବର୍ଷ ସେମାନଙ୍କର ଦର୍ଶନ ନଥିବା କହିଛନ୍ତି ଗ୍ରାମବାସୀ। ଯଦି ଏହାର ସ୍ଥାୟୀ ସମାଧାନ ନହୁଏ ତାହାହେଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି କହିଛନ୍ତି।

### ପୋଖରୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ସେମିଳିଗୁଡା/ସୁନାବେଡା,୧୮।୫(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ଅଧୀନ ଦୁଧାରୀ ଗାଁ ନିକଟରେ ଥିବା ଏକ ପୋଖରୀରୁ ଜଣେ ବୃଦ୍ଧାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ପେଣ୍ଡାଜାମ ଗାଁର ଜୁଲମେଇ ଯାନୀ ଓରଫ ଦିଶାରୀ (୬୦)। ଜୁଲମେଇ କିଛି ଦିନ ହେବ ଦୁଧାରୀ ଗାଁ ରେ ତାଙ୍କ ସ୍ୱାମୀ ବନ୍ଧୁରୁ ଦିଶାରୀଙ୍କ ସହ ମିଶି ରହୁଥିଲେ। ଗତ ଗୁରୁବାର ବଜାର ଯିବେ ବୋଲି ଘରୁ ସେ ଘରୁ ବାହାରି ଥିଲେ। କିନ୍ତୁ ବହୁ ଖୋଜାଖୋଜି ପରେ ମଧ୍ୟ ଜୁଲମେଇଙ୍କ କୌଣସି ଖବର ମିଳି ନ ଥିଲା। ଏହା ମଧ୍ୟରେ ଶନିବାର ପୋଖରୀରେ ତାଙ୍କ ମୃତଦେହ ଭାସମାନ ଅବସ୍ଥାରେ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ସେମିଳିଗୁଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କ ମୃତଦେହକୁ ଜବତ କରିଥିଲେ। ଏଥିସହ ସେମିଳିଗୁଡ଼ା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ।

# ଅଗ୍ନିକାଣ୍ଡରେ ୩ ବଖରା ଧ୍ୱଂସ



ଜଗନ୍ନାଥପ୍ରସାଦ, ୧୮।୫ (ବିଷ୍ଣୁ ପ୍ରସାଦ ପଟ୍ଟନାୟକ):

ଜଗନ୍ନାଥପ୍ରସାଦ ବ୍ଲକ କୁଡୁତାଇ ପଞ୍ଚାୟତ ଭାଗବାନପୁର ଗ୍ରାମରେ ଶନିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୩ଟି ଚାଳ ବଖରା ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଗାଁର ଉମାଶଙ୍କର ନାୟକ, ଗୟାଚାନ୍ଦ ନାୟକ ଓ ଗୋବିନ୍ଦ ନାୟକଙ୍କ ଘର ସମ୍ମୁଖରେ ଥିବା ଚାଳଘରଗୁଡିକ ଜଳିଯାଇଛି। ସର୍ଟସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏହି ଘରଗୁଡିକରେ ଚାଷୀ ପରିବାରମାନେ ଚାଷ ସାମଗ୍ରୀ ସହିତ ଉତ୍ପାଦିତ ମୁଗ, ବିରି, ଧାନ ଆଦି ସାଇତି ରଖିଥିଲେ। ଖବର ପାଇ ଜଗନ୍ନାଥପ୍ରସାଦ ଦମକଳ ବାହିନୀ ପହଁଚି ନିଆଁକୁ ଆୟତ୍ତ କରିଥିଲେ।

# ପାଣି ପାଇଁ ଉହଲ ବିକଳ

ପାରଳାଖେମୁଣ୍ଡି, ୧୮।୫ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲାର କାଶୀନଗର ସହରରେ ଦିନକୁ ଦିନ ପାଣି ସମସ୍ୟା ବଢି ଚାଲିଛି। କାଶୀନଗର ବ୍ଲକ କଲୋନୀଠାରେ ଗତ ତିନି ମାସ ଧରି ପାଣି ସମସ୍ୟା ରହିଥିବା ବେଳେ ସମସ୍ୟାର ସମାଧାନ ହେଉନଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନଠାରୁ ଆରମ୍ଭ କରି ରାଜନେତାଙ୍କୁ ସମସ୍ୟା ଜଣାଇବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳରେ ବହୁ ସରକାରୀ କର୍ମଚାରୀ ଓ ସାଧାରଣ ଲୋକେ ବସବାସ କରୁଥିବା ବେଳେ ପାଣି ନପାଇ ଲୋକେ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଲୋକମାନେ ବହୁବାର ସ୍ଥାନୀୟ ୱାର୍ଡ କାଉନସିଲର, ଜନ ସାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କରିବା ପରେ ବି ସମସ୍ୟା ସମାଧାନ ହେଉନଥିବା ଯୋଗୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ଲୋକମାନେ ହାଣ୍ଡି, ବାଲଟି ଧରି ବ୍ଲକ ମୁଖ୍ୟ ରାସ୍ତା ସହ କଲୋନୀ ଯିବା ରାସ୍ତା ଅବରୋଧ କରିଥିଲେ। ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ କର୍ମଚାରୀ ଓ ଜନସାଧାରଣଙ୍କ ଯାତାୟାତ ବାଧା ସୃଷ୍ଟି ହୋଇଥିଲା। ଦୀର୍ଘ ତିନି ଘଣ୍ଟା ରାସ୍ତା ଅବରୋଧ କରିବା ପରେ ସ୍ଥାନୀୟ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ରାସ୍ତା ଅବରୋଧ ହଟାଇ ଥିଲେ। ଜନ ସାସ୍ଥ୍ୟ ବିଭାଗ ତରଫରୁ ପାଣି ଟ୍ୟାଙ୍କ ଯୋଗେ ଲୋକଙ୍କୁ ପାଣି ଯୋଗାଇ ଦିଆ ଯାଇଥିଲା। ସ୍ଥାନୀୟ ପ୍ରଶାସନ ଶୀଘ୍ର ଏହି ପାଣି ସମସ୍ୟାର ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ।




ଅସନ୍ତୋଷ ତେଜିବା ପରେ ପୋଲିସ ଉପସ୍ଥିତିରେ ଟ୍ୟାଙ୍କରରୁ ଲୋକେ ପାଣି ଦେଉଛନ୍ତି।

# ରାୟଗଡ଼ାରେ ନୂଆ ୩୩ କେଭି ଲାଇନ ସ୍ଥାପନ କଲା ଟିପିଏସ୍ଓଡିଏଲ

ବ୍ରହ୍ମପୁର,୧୮।୫ (ସ୍ମୃତି ରଞ୍ଜନ ମହାଲିକ):

ଚଳିତ ଗ୍ରୀଷ୍ମ ପ୍ରବାହରେ ଗୁଣାତ୍ମକ ତଥା ଭରସାଯୋଗ୍ୟ ବିଜୁଳି ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଟିପିଏସ୍ଓଡିଏଲ ଭିତ୍ତିଭୂମି ରକ୍ଷଣାବେକ୍ଷଣ ତଥା ନବୀକରଣ କାର୍ଯ୍ୟ ଜାରିରଖିଛି। କମ୍ପାନୀ ପକ୍ଷରୁ ରାୟଗଡା ଜିଲା ଗୁଣପୁର ଗ୍ରୀଡ ସବଷ୍ଟେସନଠାରୁ ବିକ୍ରମପୁର ପ୍ରାଇମେରୀ ସବଷ୍ଟେସନ ପର୍ଯ୍ୟନ୍ତ ୯ କିଲୋମିଟର ଦୂରତା ବିଶିଷ୍ଟ ନୂତନ ୩୩ କେଭି ଲାଇନ ସ୍ଥାପନ କରିଛି। ପୂର୍ବରୁ ବିକ୍ରମପୁର ପ୍ରାଇମେରୀ ସବଷ୍ଟେସନ ଅନ୍ତର୍ଗତ ଉପଭୋକ୍ତାମାନେ ୨୭ କିଲୋମିଟର ଦୂରରେ ଥିବା ଆଖୁସିଙ୍ଗ ଗ୍ରୀଡ ସବଷ୍ଟେସନରୁ ୩୩ କେଭି ଲାଇନ ଯୋଗେ ବିଜୁଳି ସେବା ପାଉଥିଲେ। ଦୂରତା ଓ ପୁରୁଣା ଲାଇନ କାରଣରୁ ସଂପୃକ୍ତ ଅଞ୍ଚଳରେ ନିରନ୍ତର ବିଜୁଳି ଯୋଗାଣରେ ସମସ୍ୟା ଦେଖାଦେଉଥିଲା। କିନ୍ତୁ ନୂଆ ଲାଇନ ସ୍ଥାପନ ହୋଇଥିବା ହେତୁ ୭ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୮୭ ଗ୍ରାମର ୪୬୭୦ ଉପଭୋକ୍ତାଙ୍କୁ ପୂର୍ବାପେକ୍ଷା ଅଧିକ ଭରସାଯୋଗ୍ୟ ବିଜୁଳି ସେବା ମିଳୁଛି। ରାୟଗଡା ଜିଲା ଗୁଣପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର, ମରମ, ଗୋଟଳପଦର, ଶରିଝୋଲି ଓ ବାଘଶାଳା ପଂଚାୟତ ଓ ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୁଲୁମୁଣ୍ଡା ଏବଂ ଉକାମ୍ବା ପଞ୍ଚାୟତରେ ବିଜୁଳି ଉପଭୋକ୍ତାମାନେ ଏହି ନୂତନ ୩୩ କେଭି ବିଜୁଳି ଲାଇନର ସେବା ପାଉଛନ୍ତି। ଏହି ସବୁ ଅଞ୍ଚଳରେ ଥିବା ଲୋ ଭୋଲଟେଜ ଓ ବିଜୁଳି ବ୍ୟାହତ ଜନିତ ସମସ୍ୟା ଦୂର ହୋଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ଗୁଣପୁରରୁ ବିକ୍ରମପୁର ମଧ୍ୟରେ ନୂଆ ୩୩ କେଭି ଲାଇନ ଏହି କ୍ଷେତ୍ରରେ ଏକ ଉଲେଖନୀୟ ପଦକ୍ଷେପ। ଏହାଦ୍ୱାରା ସଂପୃକ୍ତ ଅଞ୍ଚଳରେ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଜୁଳି ସେବା ମିଳିବ। ଆଗାମୀ ଦିନରେ ମଧ୍ୟ କମ୍ପାନୀ ନିଜର ଉପଭୋକ୍ତାଙ୍କ ସେବା କ୍ଷେତ୍ରରେ ନିବେଶ ଜାରି ରହିବ ବୋଲି ସେ କହିଛନ୍ତି।



ଟିପିଏସ୍ଓଡିଏଲ ପକ୍ଷରୁ ସ୍ଥାପନ କରାଯାଇଥିବା ନୂଆ ୩୩ କେଭି ଲାଇନ।

# ପୂର୍ବାହ୍ନରେ ଗରମ, ଅପରାହ୍ନରେ ବର୍ଷା



ଆଳି,୧୮।୫(ବନମାଳୀ ସେନାପତି)

ଆଳି ଅଞ୍ଚଳରେ ଶନିବାର ପୂର୍ବାହ୍ନ ତାପମାତ୍ରା ୪୦ ଡିଗ୍ରୀ ଟପି ଅଞ୍ଚଳବାସୀଙ୍କୁ କଲବଲ କରିଥିବା ବେଳେ ଅପରାହ୍ନରେ ସେଠାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବରୁ ପ୍ରବଳ ବର୍ଷା ପବନ ହୋଇଥିବାରୁ ବିଭିନ୍ନ ଅଞ୍ଚଳରେ ଥିବା ବଡ଼ ବଡ଼ ଗଛ ସହ ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ମଧ ଉପୁଡ଼ି ପଡ଼ିଛି। ଆଳି ବ୍ଲକ ସାନମଙ୍ଗ ଗ୍ରାମରେ ଅଧିକାଂଶ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିଥିବା ବେଳେ ଅନେକ ଖୁଣ୍ଟ ଗଛରେ ଲାଗିକି ରହିଛି। ବିଭିନ୍ନ ରାସ୍ତାକଡ଼ରେ ଥିବା ଗଛଗୁଡିକ ଭାଙ୍ଗିଥିବାରୁ ଯାତାୟାତରେ ଅସୁବିଧା ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଅଧିକାଂଶ ସ୍ଥାନରେ ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ୍ ସରବରାହ ମଧ ଠପ୍ ହୋଇଯାଇଛି।

# ଭାଜପା ପ୍ରାର୍ଥୀଙ୍କର ୧୨ ଗାଡ଼ି, ୧୧୫୦ ଗ୍ରାମ୍ ସୁନା

ରାଜନଗର, ୧୮।୫(ଭାସ୍କର ରାଉତରାୟ)

## ରାଜନଗର ନିର୍ବାଚନମଣ୍ଡଳୀ ପ୍ରାର୍ଥୀଙ୍କ ସମ୍ପତ୍ତି

ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ମଇଦାନରେ ୯ ପ୍ରାର୍ଥୀ ଅଛନ୍ତି। ଶାସକ ବିଜେଡିରୁ ଧ୍ରୁବ ଚରଣ ସାହୁ, କଂଗ୍ରେସରୁ ଅଶୋକ କୁମାର ପ୍ରତିହାରୀ, ଭାଜପାରୁ ଲଳିତ କୁମାର ବେହେରା, ସମାଜବାଦୀ ପାର୍ଟିରୁ ପ୍ରଶାନ୍ତ କୁମାର ପାତ୍ର, ସ୍ୱାଧୀନ ଭାବେ ଦିବ୍ୟରଞ୍ଜନ ସ୍ୱାଇଁ, ମନୋଜ କୁମାର ରାଉତ, ଜୀବନକୃଷ୍ଣ ରୟ, ସ୍ନେହଲତା ରାଏ, ଅଜିତ୍ କୁମାର ନାୟକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଭାଜପା ପ୍ରାର୍ଥୀ ଲଳିତ କୁମାର ବେହେରା ସବୁଠୁ ଧନୀ ବୋଲି ଜଣାପଡ଼ିଛି। ଲଳିତଙ୍କ ପାଖରେ ୧୧୫୦ ଗ୍ରାମ୍ ସୁନା ଥିବା ବେଳେ ୧୨ଟି ଗାଡ଼ି ତାଙ୍କ ନାଁରେ ରହିଛି।

ନାମାଙ୍କନପତ୍ରରେ ଦାଖଲ ହୋଇଥିବା ସତ୍ୟପାଠରୁ ମିଳିଥିବା ତଥ୍ୟ ମୁତାବକ, ଭାଜପା ପ୍ରାର୍ଥୀ ଲଳିତ କୁମାର ଗତ ୫ ବର୍ଷରେ ୧ କୋଟି ୩୨ ଲକ୍ଷ ୨୪ ହଜାର ୮୮୦ ଟଙ୍କା ଆୟ ଦର୍ଶାଇଥିବା ବେଳେ ତାଙ୍କ ସ୍ତ୍ରୀ ୨୦୨୨-୨୩ରେ ୪ ଲକ୍ଷ ୯୯ ହଜାର ୯ଶହ ଟଙ୍କା ଆୟ ଦର୍ଶାଇଛନ୍ତି। ତାଙ୍କ ପାଖରେ ୧ ଲକ୍ଷ ୭୩ ହଜାର ନଗଦ ଜମା ଥିବା ବେଳେ ସ୍ତ୍ରୀଙ୍କ ପାଖରେ ୪୭ ହଜାର ଟଙ୍କା ରହିଛି। ତାଙ୍କର ବିଭିନ୍ନ ସ୍କିମ୍‌ରେ ୩୭ ଲକ୍ଷ ଟଙ୍କାର ବୀମା ରହିଥିବା ବେଳେ ସ୍ତ୍ରୀଙ୍କ ନାମରେ ୭ ଲକ୍ଷ ୧୦ ହଜାର ଟଙ୍କାର ବୀମା ରହିଛି। ତାଙ୍କ ପାଖରେ ୧ କେଜି ୧୫୦ ଗ୍ରାମ୍ ସୁନା, ୫ ଶହ ଗ୍ରାମ୍ ରୁପା ଓ ୧୦ ଗ୍ରାମ୍ ହୀରା ରହିଥିବା ବେଳେ ସ୍ତ୍ରୀଙ୍କ ପାଖରେ ୧୧୫ ଗ୍ରାମ୍ ସୁନା, ୩ ଶହ ଗ୍ରାମ୍ ରୁପା ରହିଛି। ତାଙ୍କ ପାଖରେ ଗ୍ଲାମର ଏଫ୍-୧, ସ୍ପ୍ଲେଣ୍ଡର ପ୍ଲସ୍, ଆଚିଭର-୧୫୦ ବାଇକ୍‌ରୁ ଆରମ୍ଭ କରି ଫର୍ଚୁନର ସିଗ୍‌ମା, ମେସ୍‌ଟ୍ରୋ, ମହିନ୍ଦ୍ରା ଥର, ମାରୁତି ସ୍ୱିଫ୍ଟ, ସେଲ, ବୋଲେରୋ ପିକ୍‌ଅପ୍ ଓ ଭାରତ ବେଞ୍ଜ୍ ଭଳି ୧୨ଟି ଗାଡ଼ି ରହିଛି। ତାଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୮ କୋଟି ୨୫ ଲକ୍ଷ ୪୮ ହଜାର ୮୪୦ ଟଙ୍କା ହୋଇଥିବା ବେଳେ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨ କୋଟି ୧୪ ଲକ୍ଷ ୪୩ ହଜାର ଟଙ୍କା। ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୫ ଲକ୍ଷ ୨୨ ହଜାର ୫ଶହ ଟଙ୍କା। ଲଳିତଙ୍କ ନାଁରେ ବିଭିନ୍ନ ବ୍ୟାଙ୍କରେ ୨ କୋଟି ୪୨ ଲକ୍ଷ ୮୦ ହଜାର ୯୮୫ ଟଙ୍କାର ଋଣ ରହିଥିବା ସତ୍ୟପାଠରେ ଦର୍ଶାଇଛନ୍ତି।

ବିଜେଡିରୁ ପ୍ରାର୍ଥୀ ହୋଇଥିବା ବର୍ତ୍ତମାନର ବିଧାୟକ ଧ୍ରୁବ ସାହୁ ୫ ବର୍ଷରେ ୨୯ ଲକ୍ଷ ୨୪ ହଜାର ୯୯୫ ଟଙ୍କା ଆୟ ଦର୍ଶାଇଥିବା ବେଳେ ତାଙ୍କ ସ୍ତ୍ରୀଙ୍କର ଆୟ ୨୦ ଲକ୍ଷ ୮୦ ହଜାର ୩୭୦ ଟଙ୍କା। ଧ୍ରୁବଙ୍କ ପାଖରେ ୬୭ ହଜାର ୨ଶହ ଟଙ୍କା ନଗଦ ଜମା ଥିବା ବେଳେ ସ୍ତ୍ରୀଙ୍କ ପାଖରେ ୩୧ ହଜାର ୭୫୦ ଟଙ୍କା ରହିଛି। ବିଭିନ୍ନ ବ୍ୟାଙ୍କରେ ୨୯ ଲକ୍ଷ ୭୫ ହଜାର ୪୩ ଟଙ୍କା ଜମା ଥିବା ବେଳେ ୪ ଲକ୍ଷ ୯୫ ହଜାର ୩୫ ଟଙ୍କାର ବୀମା ତାଙ୍କ ନାମରେ ରହିଛି। ସେହିପରି ତାଙ୍କ ସ୍ତ୍ରୀଙ୍କ ନାମରେ ୨୪ ଲକ୍ଷ ୭୬ ହଜାର ୭୧୯ ଟଙ୍କା ଓ ପୁଅ ନାଁରେ ୧୧ ଲକ୍ଷ ୧୯ ହଜାର ୪୫୨ ଟଙ୍କାର ବୀମା ରହିଛି। ତାଙ୍କ ପାଖରେ ସ୍କର୍ପିଓ ଗାଡି ସହିତ ହିରୋହୋଣ୍ଡା ସିଡିଡନ୍ ଓ ବଜାଜ ସ୍କୁଟର ରହିଛି। ତାଙ୍କ ପାଖରେ ୫୦ ଗ୍ରାମ୍, ସ୍ତ୍ରୀଙ୍କ ପାଖରେ ୩ ଶହ ଗ୍ରାମ୍ ଓ ପୁଅ ପାଖରେ ୩୦ ଗ୍ରାମ୍‌ର ସୁନା ରହିଛି। ଧ୍ରୁବଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୮୧ ଲକ୍ଷ ୨୦ ହଜାର ୧୨୭ ଟଙ୍କା, ସ୍ତ୍ରୀଙ୍କର ୪୯ ଲକ୍ଷ ୪୬ ହଜାର ୯୪୬ ଟଙ୍କା ଓ ପୁଅର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୧ ଲକ୍ଷ ୧୯ ହଜାର ୪୫୨ ଟଙ୍କା ବୋଲି ସତ୍ୟପାଠରେ ଦର୍ଶାଯାଇଛି। ତାଙ୍କର ସ୍ଥାବର ସମ୍ପତ୍ତିର ମୂଲ୍ୟ ୧୭ ଲକ୍ଷ ୬ ହଜାର ୮ଶହ ଟଙ୍କା ହୋଇଥିବା ବେଳେ ଭୁବନେଶ୍ୱର ଘର ତାଙ୍କ ସ୍ତ୍ରୀଙ୍କ ନାମରେ ଥିବାରୁ ତାଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୨୫ ଲକ୍ଷ ଟଙ୍କା। ଧ୍ରୁବଙ୍କ ନାଁରେ ୬୦ ଲକ୍ଷ ୯୮ ହଜାର ୧୩୬ ଟଙ୍କାର ବ୍ୟାଙ୍କଋଣ ରହିଛି।

କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ପ୍ରତିହାରୀ ଗତ ୨ ବର୍ଷରେ ୯ ଲକ୍ଷ ୧୯ ହଜାର ୯୯୦ ଟଙ୍କା ଆୟ ଦର୍ଶାଇଛନ୍ତି। ତାଙ୍କ ପାଖରେ ୫୦ ହଜାର ଟଙ୍କା ହାତଜମା ଥିବା ବେଳେ ୨୦ ଗ୍ରାମ୍ ସୁନା ରହିଛି। ତାଙ୍କର ରେନୁଆଲ ଡଷ୍ଟର, ମହିନ୍ଦ୍ରା ବୋଲେରୋ ଭଳି ଦୁଇଟି ୪ଚକିଆ ଗାଡ଼ି ସହ ଗୋଟିଏ ହିରୋହୋଣ୍ଡା ବାଇକ୍ ରହିଛି। ତାଙ୍କର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୬ ଲକ୍ଷ ୩୯୯ ହଜାର ୧୧୦ ଟଙ୍କା ହୋଇଥିବା ବେଳେ ସ୍ଥାବର ସମ୍ପତ୍ତିର ମୂଲ୍ୟ ୪୦ ଲକ୍ଷ ଟଙ୍କା। ତାଙ୍କର ବିଭିନ୍ନ ବ୍ୟାଙ୍କରେ ୧୧ ଲକ୍ଷ ଟଙ୍କାର ଋଣ ରହିଛି।

# ଡକାୟତି ଯୋଜନା ପଣ୍ଡ: ୪ ଗିରଫ, ପିସ୍ତଲ ଜବତ

ମାର୍ଶାଘାଇ,୧୮।୫
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ଜାତୀୟ ରାଜପଥରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ମାର୍ଶାଘାଇ ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟ ୪ ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କଠାରୁ ୪ ପିସ୍ତଲ ସହ ୪ଟି ଜୀବନ୍ତ ଗୁଳି ଓ ୨ଟି ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ମାର୍ଶାଘାଇ ଥାନା ଏସ୍‌ଆଇ ଅଜୟ କୁମାର ସାହୁ ସଦଳବଳ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ଯଦୁପୁରଗଡାଠାରେ କେତେଜଣ ଯୁବକ ଡକାୟତି କରିବା ପାଇଁ ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଘଟଣାସ୍ଥଳରୁ ଅନ୍ଧାର ସୁଯୋଗ ନେଇ ୪ ଜଣ ଖସିଯାଇଥିବା ବେଳେ ୪ଜଣଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନେ ହେଲେ ପାଟକୁରା ଥାନା ଅନ୍ତର୍ଗତ ବଛରାଇ ଗ୍ରାମର ରାଜେଶ ମୁଦୁଲି (୩୧) ଓରଫ ରାଜା, ମାର୍ଶାଘାଇ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ପ୍ରଦୀପ କୁମାର ଦାସ (୪୫) ଓରଫ ପଦିଆ, କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଖସାପଡିଆ ଗ୍ରାମର ଭ୍ରମର ପାତ୍ର (୪୦) ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ଛନ୍ଦା ଗ୍ରାମର ବିବେକାନନ୍ଦ ସାହାଣୀ। ସେମାନଙ୍କ ନିକଟରୁ ଗୋଟିଏ ଡବଲ ବାରେଲ ପିସ୍ତଲ ସହ ଗୁଳି, ୨ଟି ଦେଶୀ ପିସ୍ତଲ ଓ ଗୋଟିଏ ଖେଳନା ପିସ୍ତଲ, ୨ ବାଇକ ଜବତ କରାଯାଇଛି। ଥାନାରେ ନଂ.୧୧୬/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସ୍‌ଆଇ ପ୍ରୀତିଲତା ଲାଲ ପ୍ରକାଶ କରିଛନ୍ତି।

# ସାନଜରିଆରେ ବିଜେଡିର ବନ୍ଧୁମିଳନ

ପଟ୍ଟାମୁଣ୍ଡାଇ,୧୮।୫(କଳ୍ପତରୁ ନାୟକ)

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ସାନଜରିଆ ପଞ୍ଚାୟତ ପେରିଜପୁର ଦୁର୍ଗା ମଣ୍ଡପଠାରେ ବିଜେଡି ପକ୍ଷରୁ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ବିଜୟ କେତନ ସ୍ୱାଇଁ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ସାରା ଓଡ଼ିଶା ସମେତ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଭୂତପୂର୍ବ ବିକାଶ ହୋଇଛି। ମାତ୍ର ଭୋଟ ହାତେଇବା ପାଇଁ ବିରୋଧୀ ଭାଜପା, କଂଗ୍ରେସ ମିଥ୍ୟା ଅପପ୍ରଚାର ଚଳାଇଛନ୍ତି। ବିକାଶଧାରାକୁ ଆହୁରି ଆଗକୁ ନେବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେଇ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ଏହି ବନ୍ଧୁମିଳନ ବୈଠକରେ ସାନଜରିଆ ସମିତିସଭ୍ୟ ସୁବାସ ବାରିକ, ପୂର୍ବତନ ସରପଞ୍ଚ ଗଗନ ପ୍ରସାଦ ବାରିକ, ନିକୁ ସାହାଣୀ, ସୌମ୍ୟ ରଞ୍ଜନ ଦାସ, ବ୍ରଜ କିଶୋର ଦାସ, ନିରଞ୍ଜନ ଦାସ, ପ୍ରଶାନ୍ତ ଦାସ, କୈବଲ୍ୟ ବେହେରା, ବସନ୍ତ ଦାସ, ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ ଶେଷରେ ସୁବାସ ଦାସ ଧନ୍ୟବାଦ ଦେଇଥିଲେ।



# ଧ୍ରୁବ, ଅଂଶୁମାନଙ୍କ ରୋଡ ଶୋ'



ପଟ୍ଟାମୁଣ୍ଡାଇ ୧୮।୫ (କଳ୍ପତରୁ ନାୟକ)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ବିଭିନ୍ନ ଦଳର ନିର୍ବାଚନ ପ୍ରଚାର ସେତେ ଜୋରଦାର ହେବାରେ ଲାଗିପଡ଼ିଛି। ଏହିକ୍ରମରେ ଶନିବାରରେ ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ଉତିକଣ ଅଞ୍ଚଳ ଭାବେ ପରିଚିତ ସଂସାରଫଳ ଖଣତା ଓ ଓଉପଦା ପଞ୍ଚାୟତରେ ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ବିଶାଳ ରୋଡ଼ ଶୋ' କରିଥିଲେ। ଏଥିରେ ଉଭୟ ପ୍ରାର୍ଥୀ ଭୋଟରମାନଙ୍କୁ ଭଶେଯ ଭିକ୍ଷା କରିଥିଲେ। ଏହି ବିଶାଳ ରୋଡ଼ ଶୋ'ରେ ଧ୍ରୁବ ଓ ଅଂଶୁମାନଙ୍କ ସହ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜ୍ୟ ବିଜେଡି ସମ୍ପାଦକ ମିଟୁ ଦାଶ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଜିଲା ବିଜେଡି ଉପସଭାପତି ସୁବାସ ଦାଶ, ୧୭ ନଂ. ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ୧୮ ନଂ. ଜିଲା ପରିଷଦ ସଦସ୍ୟ ରଶ୍ମି ମଲିକ, ବରିଷ୍ଠ ନେତା ନିମାଇ କର, ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ସମିତି ସଭ୍ୟ ପର୍ଶୁରାମ ବେହେରା, ପୂର୍ବତନ ସରପଞ୍ଚ ମିନତି ପାତ୍ର, ପଞ୍ଚାୟତ ବିଜେଡି ସଭାପତି ପ୍ରମୋଦ ବେହେରା, ଖଣତା ସରପଞ୍ଚ ଅନିଲ ଲେଙ୍କା, ସମିତିସଭ୍ୟ ସୁରେଶ ଜେନା, ପୂର୍ବତନ ସରପଞ୍ଚ ପ୍ରତିନିଧି ସମୀର ପ୍ରଧାନ, ମାଗୁଣି ଲେଙ୍କା, ଯୁବନେତା ସୁଶାନ୍ତ ସାମନ୍ତରାୟ, ପୂର୍ବତନ ସରପଞ୍ଚ ବିରଞ୍ଚି ଦାଶ, ଓଉପଦା ସରପଞ୍ଚ ମମତା ସାମଲ, ସମିତିସଭ୍ୟା ମମତାମୟୀ ଜେନା, ପୂର୍ବତନ ସରପଞ୍ଚ ସୁବାସ ଖଟୁଆ, ସୁଶାନ୍ତ ଦାସ, ବିକାଶ ପାତ୍ର ଓ ଶଶିକାନ୍ତ ପଣ୍ଡା ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ଯୋଗ ଦେଇଥିଲେ। ସେମାନେ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ପଟ୍ଟାମୁଣ୍ଡାଇ ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ।

# ରାଜକନିକାରେ କଂଗ୍ରେସର ମିଶ୍ରଣ ପର୍ବ



ରାଜକନିକା,୧୮।୫(ସଞ୍ଜୟ କୁମାର ଦାଶ)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତେ ବଢ଼ିବାରେ ଲାଗିଛି। ଏହିକ୍ରମରେ କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନମତରା ପଞ୍ଚାୟତର ୧୦ ପରିବାର ଅନ୍ୟ ଦଳ ଛାଡି କଂଗ୍ରେସରେ ସାମିଲ ହୋଇଛନ୍ତି। ଜୋନ ସଭାପତି ଅଜୟ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ, ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ରବୀନ୍ଦ୍ର କୁମାର ଦାସ, ସୁରେନ୍ଦ୍ର କୁମାର ଦାସ, ଧୀରେନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ କୁମାର ବେହେରା, ମୁରଲୀଧର ଦାସ, ସୁବାସ ଚନ୍ଦ୍ର ଦାସଙ୍କ ସମେତ ୧୦ ପରିବାର କଂଗେଅସରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସର ଛାମୁଆ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟିଲା କୋଇଲା ଟ୍ରକ୍

ରାଜକନିକା,୧୮।୫(ସଞ୍ଜୟ କୁମାର ଦାଶ)

ଭଦ୍ରକ ଜିଲା ଧାମରା ଅଞ୍ଚଳରୁ ଅଷ୍ଟ୍ରେଲିଆ ଚୋରା କୋଇଲା ବୋଝେଇ ୩୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଓ ପିକ୍‌ଅପ ଗାଡ଼ି ରାଜକନିକା ବ୍ଲକର କଟକ-ଚାନ୍ଦବାଲି ରାଜ୍ୟ ରାଜପଥ (ଏସଏଚ-୯ଏ)ର କଣ୍ଟପଡ଼ା ବଜାର ଓ ଚନ୍ଦନ ପୋଖରୀ ଛକ ଦେଇ ଦ୍ରୁତଗତିରେ ଚୋରା କୋଇଲା ଅନ୍ୟ ଜିଲାକୁ ଚାଲାଣ ହେଉଛି। ହେଲେ ପୋଲିସ ପକ୍ଷରୁ ଠିକ୍ ଢଙ୍ଗରେ ପେଟ୍ରୋଲିଂ ହେଉ ନ ଥିବାରୁ ଚୋରା କୋଇଲା ଚାଲାଣ ବଢୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଏକ ବାର ଚକିଆ ଟ୍ରକ୍ (ନଂ. ଓଡି ୨୧ ଏଫ୍ ୮୯୩୧)ରେ ଚୋରା କୋଇଲା ବୋଝେଇ ହୋଇ ଆଳି ଅଭିମୁଖେ ଯାଉଥିବା ବେଳେ କଟକ-ଚାନ୍ଦବାଲି ରାସ୍ତାର ରାଜକନିକା ଥାନା ବରୁଣାଡିହା ଛକ ପାଖାପାଖି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲା। ସକାଳୁ ଏହା ଦେଖି ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳକୁ ଯାଇଥିଲା। ହେଲେ ଟ୍ରକ୍‌ରେ ବୋଝେଇ ହୋଇ ପଡ଼ିଥିବା ଚୋରା କୋଇଲା ଟ୍ରକ୍‌ରୁ ସବୁ କୋଇଲା ଖାଲି କରାଯାଇ ଟ୍ରକଟିକୁ ରାସ୍ତା ଉପରକୁ ଅଣାଯାଇଛି। ହେଲେ ଟ୍ରକ୍‌ରେ ଥିବା କିଛି ଖୋଲା କୋଇଲା ଘଟଣାସ୍ଥଳରେ ପଡ଼ିଥିବା ବେଳେ, ବସ୍ତା ପ୍ୟାକେଟ କୋଇଲାକୁ କିଏ ଅଧାରୁ ଅଧିକ ଦିନ ଦ୍ୱିପ୍ରହରରେ ନେଇଗଲା ତାହାକୁ ନେଇ ସ୍ଥାନୀୟ ଲୋକମାନେ ଏବେ ପୋଲିସର କାର୍ଯ୍ୟ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜକନିକା ଥାନା ଅଧିକାରୀ ଦିଲୀପ କୁମାର ଧଳଙ୍କୁ ପଚାରିବାରେ ଏକ ମାମଲା ରୁଜୁ କରାଯିବ ଓ ଘଟଣାର ତଦନ୍ତ ଚାଲିଛି।

# ବୃଦ୍ଧଙ୍କ ଆତ୍ମହତ୍ୟା

ରସୁଲପୁର,୧୮।୫(ରଞ୍ଜିତ ରାଉତ): ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ ମଠସାହି ଗ୍ରାମରେ ଜଣେ ବୃଦ୍ଧ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ଧନେଶ୍ୱର ମହାପାତ୍ର । ସେ କିଛିଦିନ ହେବ ଅସୁସ୍ଥ ଥିଲେ । କୌଣସି କାରଣରୁ ଶନିବାର ଅପରାହ୍ନ ୩ଟା ସମୟରେ ନିଜ ଆଜବେଷ୍ଟସ ଘରେ ବେକରେ ରଶି ବାନ୍ଧି ଝୁଲି ପଡିଥିଲେ । ଘର ଲୋକମାନେ ଏହା ଦେଖି ଧନେଶ୍ୱରଙ୍କୁ ନିକଟସ୍ଥ ମଧୁବନ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦେବସ୍ମିତା, ସିଦ୍ଧାର୍ଥଙ୍କ ନିର୍ବାଚନ ପ୍ରଚାର

ଆଳି,୧୮।୫
(ବନମାଳୀ ସେନାପତି)

ଆଳି ନିର୍ବାଚନମଣ୍ଡଳୀରରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ନିଜନିଜର ପ୍ରଚାରକୁ ଜୋରଦାର କରିଛନ୍ତି। ଚଳିତ ନିର୍ବାଚନରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡା. ଦେବସ୍ମିତା ଶର୍ମା କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ହେବା ପରେ ନିଜର ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି।

ଦେବସ୍ମିତା ପ୍ରତିଦିନ ଆଳି ଓ ରାଜକନିକାର ବିଭିନ୍ନ ପଞ୍ଚାୟତ ଗସ୍ତ କରି ଘର ଘର ବୁଲି ତାଙ୍କ ସପକ୍ଷରେ ଭୋଟ ମାଗୁଥିବା ଦେଖିବାକୁ ମିଳୁଛି। ଦେବସ୍ମିତା ଜଣେ ଡାକ୍ତର ହୋଇଥିବାରୁ ଭୋଟ ପ୍ରଚାର ସମୟରେ ଅନେକ ରୋଗୀଙ୍କ ଚିକିତ୍ସା କରାଉଥିବା ମଧ ନଜର ରହିଛି। ଦେବସ୍ମିତାଙ୍କ ସହ କେନ୍ଦ୍ରାପଡ଼ାର ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ମଧ ଭୋଟ ପ୍ରଚାରରେ ଲାଗି ପଡିଛନ୍ତି।



# ବିଜେଡିରେ ଯୋଗଦେଲେ ଭାଜପା ନେତା, କର୍ମୀ



ଶଙ୍ଖ ଭବନରେ ମିଶ୍ରଣ ପର୍ବରେ ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ବ୍ରଜସୁନ୍ଦର ଭୂୟାଁ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି।

ଭୁବନେଶ୍ୱର,୧୮।୫
(ଅନୁରାଧା ମହାରଣା)

ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ବ୍ରଜସୁନ୍ଦର ଭୂୟାଁଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ ଭାଜପା କର୍ମୀ ଶନିବାର ବିଜୁ ଜନତା ଦଳ(ବିଜେଡି)ରେ ଯୋଗଦେଇଛନ୍ତି। ଶଙ୍ଖଭବନଠାରେ ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ତଥା ୨୦୨୪ ଆଳି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ ରାଜ୍ୟ ସଭା ସାଂସଦ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଜୋନ୍- ୩ ଆଳି ଜିଲା ପରିଷଦ ସଦସ୍ୟ ସୁମନ୍ତ ରାଉତ ଓ ଜୋନ୍- ୪ ଆଳି ଜିଲା ପରିଷଦ ସଦସ୍ୟ ଜୟରାମ ସାହୁ ପ୍ରମୁଖ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।

# ନରେନ୍ଦ୍ରପୁରରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଆଳି,୧୮।୫(ବନମାଳୀ ସେନାପତି)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଳି ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳଗୁଡିକ ନିଜ ନିଜର ପ୍ରଚାରକୁ ଜୋରଦାର କରିବାରେ ଲାଗିଛନ୍ତି। ଶୁକ୍ରବାର ଆଳି ନିର୍ବାଚନମଣ୍ଡଳୀର ୩ ନଂ. ଜୋନ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଳି ବିଧାୟକ ତଥା ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ପଞ୍ଚାୟତରେ ଘରେ ଘରେ ଶଙ୍ଖ ପୋଷ୍ଟର ଲଗାଇବା ସହ ପଞ୍ଚାୟତରେ ନିଜ ସମର୍ଥକମାନଙ୍କୁ ନେଇ ପଦଯାତ୍ରା କରି ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଓ ଆଳିର ବିକାଶକୁ ପାଥେୟ କରି ଭୋଟ ଭିକ୍ଷା କରିଥିଲେ। ଏହି ପଦଯାତ୍ରାରେ ମନ୍ତ୍ରୀ ଦେବଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ଭୀଷ୍ମ ମହାନ୍ତି, ମନ୍ତ୍ରୀ ପ୍ରତିନିଧି ସୁମନ୍ତ ରାଉତ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ସରପଞ୍ଚ ଇନ୍ଦୁମତୀ ସ୍ୱାଇଁ, ବଂଶୀଧର ସ୍ୱାଇଁଙ୍କ ସମେତ ବିଜେଡିର ସଙ୍ଗଠକ ଓ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ।

# ନିର୍ବାଚନ ମଇଦାନରେ ୪ ଯୁବ ଚେହେରା

ଡେରାବିଶ, ୧୮।୫(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାର ପାଟକୁରା ନିର୍ବାଚନମଣ୍ଡଳୀରେ ଜୁନ୍ ୧ରେ ମତଦାନ ଅନୁଷ୍ଠିତ ହେବ। ଏହି ନିର୍ବାଚନମଣ୍ଡଳୀ ଡେରାବିଶ ବ୍ଲକର ୨୬ ପଞ୍ଚାୟତ, ଗରଦପୁର ବ୍ଲକର ୧୮ ପଞ୍ଚାୟତ ଓ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତକୁ ନେଇ ଗଠିତ। ଏଠାରେ ଜନତା ଦଳ ଓ ପରେ ବିଜେଡି ହାତରେ ରହିଆସିଛି। ପାଟକୁରାରେ ଚଳିତ ସାଧାରଣ ନିର୍ବାଚନ ପାଇଁ ୪ ପ୍ରମୁଖ ଦଳ ବିଜେଡି, କଂଗ୍ରେସ, ଭାଜପା ଓ ଆମ୍ ଆଦ୍‌ମୀ ପାର୍ଟିର ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବାକୁ ଯାଉଛି। ଏହି ନିର୍ବାଚନରେ ୪ ପ୍ରାର୍ଥୀ ନୂଆମୁହଁ ହୋଇଥିବା ବେଳେ ନିର୍ବାଚନରେ ନିଜ ନିଜ ସପକ୍ଷରେ ସମର୍ଥନ ହାସଲ ପାଇଁ ଗାଁକୁ ଗାଁ ବୁଲି ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ବିଜେଡି ପକ୍ଷରୁ ହୋଇଥିବା ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଜଣେ ଯୁବ ଚେହେରା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ପୁଅ ହୋଇଥିବାରୁ ଯୁବବର୍ଗର ମତଦାତା ସମର୍ଥନ ପାଇଁ ନିଜର କସରତ ଆରମ୍ଭ କରିଛନ୍ତି। ବିଜୟଙ୍କ ଲୋକସମ୍ପର୍କ ପାଇଁ ତାଙ୍କ ସମର୍ଥକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଅଧିକ ଉତ୍ସାହ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି। ପାଟକୁରାର ବିକାଶ ଚଳିତ ନିର୍ବାଚନରେ ତାଙ୍କ ମୁଖ୍ୟ ମୁଦ୍ଦା ବୋଲି ଅରବିନ୍ଦ କହିଛନ୍ତି। ବିଶେଷକରି ମହିଳା ମତଦାତାଙ୍କ ସମର୍ଥନ ହାସଲ ପାଇଁ ଅରବିନ୍ଦ ପ୍ରତି ପରିବାରକୁ ଯାଇ ଭୋଟ୍ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ସେହିପରି ନିର୍ବାଚନଗୁଡ଼ିକରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ୨୦୨୦ରୁ କଂଗ୍ରେସର ମଙ୍ଗ ଧରିଥିବା ଯୁବନେତୃତ୍ୱ ରତିକାନ୍ତ କାନୁନ୍‌ଗୋ ୪ ବର୍ଷ ମଧ୍ୟରେ ଦଳୀୟ କର୍ମୀଙ୍କୁ ଏକାଠିକରି ସଙ୍ଗଠନକୁ ସୁଦୃଢ଼ କରିବାରେ ସକ୍ଷମ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଓ ଅବହେଳିତ ପାଟକୁରାର ବିକାଶ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଥିବା ରତିକାନ୍ତଙ୍କ ପ୍ରତି ଦଳୀୟ କର୍ମୀଙ୍କ ସହ ବିଭିନ୍ନ ବର୍ଗର ମତଦାତାଙ୍କ ସମର୍ଥନ ବୃଦ୍ଧିପାଇଛି। ସେ ଗାଁକୁ ଗାଁ ବୁଲି ନିଜ ସପକ୍ଷରେ ପ୍ରଚାର ଅଭିଯାନକୁ ଜୋରଦାର କରୁଛନ୍ତି। ପୂର୍ବତନ ଖଦି ବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ାଙ୍କୁ ଭାଜପା ପକ୍ଷରୁ ପ୍ରାର୍ଥୀ କରାଯାଇଛି। ଭାଜପାରେ ଯୋଗଦେବା ପରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଗାଁକୁ ଗାଁ ବୁଲି ନିଜର ସାଙ୍ଗଠନିକ ଦକ୍ଷତାକୁ ପରିପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଚାଷୀଙ୍କ ସମସ୍ୟା ସମାଧାନ ସହ ସମୃଦ୍ଧ ପାଟକୁରା ଗଠନ ତାଙ୍କ ମୁଖ୍ୟ ମୁଦ୍ଦା ବୋଲି ତେଜେଶ୍ୱର କହିଛନ୍ତି। ସେହିପରି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ହୋଇଥିବା ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀ ଜଣେ ଶ୍ରମିକନେତା ଭାବେ ରାଜ୍ୟରେ ପରିଚିତ। ଦୀର୍ଘବର୍ଷ ହେବ ନିର୍ମାଣ ଶ୍ରମିକ ସଂଘ ଗଠନକରି ଏହି ସଂଘର ରାଜ୍ୟ ସମ୍ପାଦକ ଦାୟିତ୍ୱ ତୁଲାଇ ଆସୁଥିବା ଅଶୋକ ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟ ସଚିବାଳୟ ଯାଏ ନିଜର ସଂଗ୍ରାମ ଜାରି ରଖିଛନ୍ତି। ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡ଼ିତ ଥିବା ଅଶୋକ ଚଳିତ ନିର୍ବାଚନରେ ପ୍ରଚାରକୁ ଜୋରଦାର ମଧ କରିଛନ୍ତି।



ତେଜେଶ୍ୱର ପରିଡ଼ା



ରତିକାନ୍ତ କାନୁନ୍‌ଗୋ



ଅରବିନ୍ଦ ମହାପାତ୍ର



ଅଶୋକ କୁମାର ତ୍ରିପାଠୀ

## ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ

# ନକଲି କଲ୍ ଉପରେ ରୋକ ଲଗାଇବ ଟ୍ରାଇ

ଭୁବନେଶ୍ୱର,୧୮।୫ (ଅନୁରାଧା ମହାରଣା)



ନକଲି ତଥା ବାରମ୍ବାର କଲ୍ କରି ହଇରାଣ କରୁଥିବା ମାର୍କେଟିଂ କଲ୍‌କୁ ରୋକିବା ପାଇଁ ଦେଶରେ ବହୁ ବର୍ଷ ଧରି ନିୟମ ରହିଆସିଛି। ଟେଲିକମ ରେଗୁଲେଟୋରୀ ଅଥରିଟି ଅଫ ଇଣ୍ଡିଆ (ଟ୍ରାଇ) କ୍ରମାଗତ ଭାବରେ ଏହିପରି କଲ୍ ରୋକିବାକୁ ଚେଷ୍ଟା କରିଆସୁଛି। ମାତ୍ର ବର୍ତ୍ତମାନ ମଧ୍ୟ ମାର୍କେଟିଂ କମ୍ପାନୀଗୁଡିକ ଏହି ନିୟମକୁ ଉଲ୍ଲଂଘନ କରିଆସୁଛନ୍ତି। ଏଥିରେ ରୋକ ଲଗାଇବା ପାଇଁ ବର୍ତ୍ତମାନ ଟ୍ରାଇ ଏହି ନିୟମକୁ ଅଧିକ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛି, ଯାହା ଦ୍ୱାରା ଏହିପରି କଲ୍‌ରେ ପ୍ରତିବନ୍ଧକ ଲଗାଯାଇପାରିବ। ଏହିପରି କମ୍ପାନୀଗୁଡିକ ବିରୋଧରେ ଜରିମାନା ବୃଦ୍ଧି କରିବାକୁ ଟ୍ରାଇ ପ୍ରସ୍ତୁତ ହେଉଥିବା ସୂଚନା ରହିଛି। ଟ୍ରାଇ ଅଧ୍ୟକ୍ଷ ଅନିଲ କୁମାର ଲାହୋଟି ଶୁକ୍ରବାର କହିଛନ୍ତି ଯେ, ଏଭଳି କଲ୍ ରୋକିବା ପାଇଁ ଆମେ କଡ଼ା ବ୍ୟବସ୍ଥା ଏବଂ ନିୟମ ପ୍ରସ୍ତୁତ କରିଛୁ। କିଛି ଲୋକ ସିଷ୍ଟମର ଅପବ୍ୟବହାର କରୁଛନ୍ତି ଏହି କାରଣରୁ ମୋବାଇଲ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଏହି ସିଷ୍ଟମରେ ପରିବର୍ତ୍ତନ ଆଣିବାର ସମୟ ଆସିଛି ଖୁବ ଶୀଘ୍ର ଏହି ପରିପ୍ରେକ୍ଷୀରେ ଟ୍ରାଇ ଦ୍ୱାରା ଏକ ପରାମର୍ଶ ପତ୍ର ଜାରି କରାଯିବ। ଯାହାଦ୍ୱାରା ଲୋକଙ୍କ ମତାମତ ମଧ୍ୟ ନିଆଯାଇପାରିବ । ଅନିଲ କୁମାର ଲାହୋଟି କହିଛନ୍ତି, ୧୦ ଅଙ୍କ ବିଶିଷ୍ଟ ମୋବାଇଲ ନମ୍ବରରୁ ପ୍ରମୋସନାଲ କଲ୍ କରିବାକୁ ଟ୍ରାଇ ବାରଣ କରିବ। ପ୍ରମୋସନାଲ କଲ୍ ପାଇଁ ସରକାର ୧୪୦ରୁ ଆରମ୍ଭ କରି ଏକ ସିରିଜ ଜାରି କରିଥିଲେ। ମାତ୍ର ଏହି ସମାନ ସିରିଜ ସେବା ଏବଂ କାରବାର କଲ ପାଇଁ ମଧ୍ୟ ବ୍ୟବହୃତ ହେଉଥିଲା। ତେଣୁ ସେବା ଏବଂ କାରବାର କଲ୍ ପାଇଁ ୧୬୦ରୁ ଏକ ସିରିଜ ଜାରି କରିବାକୁ ଆମେ ଟେଲିକମ ବିଭାଗକୁ ପ୍ରସ୍ତାବ ଦେଇଛୁ। ପ୍ରୋତ୍ସାହନମୂଳକ କଲ ପାଇଁ ଏହା ଏକ ପୃଥକ ସିରିଜ ସୃଷ୍ଟି କରିବ। ନୂଆ ସିରିଜ ଶୀଘ୍ର ଆରମ୍ଭ ହୋଇପାରେ ବୋଲି ସେ କହିଛନ୍ତି। ସୂଚନାଥାଉ କି, ନିକଟରେ ଏପରି ବିଭ୍ରାନ୍ତିକର କଲ୍ ବନ୍ଦ କରିବା ପାଇଁ ଗ୍ରାହକ ବ୍ୟାପାର ବିଭାଗ ମଧ୍ୟ ଡ୍ରାଫ୍ଟ ନିୟମ ଉପସ୍ଥାପନ କରିଥିଲା। ବ୍ୟବସାୟ କରିବାର ଏହା ଏକ ବେଆଇନ ଉପାୟ ବୋଲି ବିଭାଗ କହିଛି। ଅନିଲଙ୍କ କହିବାନୁସାରେ ସରକାରଙ୍କ ପ୍ରତ୍ୟେକ ବିଭାଗ ଏଭଳି କଲ୍ ବନ୍ଦ କରିବାକୁ ଚାହୁଁଛନ୍ତି। କଲିଂ ନେମ୍ ପ୍ରେଜେଣ୍ଟେଶନ ନେଇ ଟ୍ରାଇ ପକ୍ଷରୁ ପୂର୍ବରୁ ସୁପାରିସ କରାଯାଇଥିବା ସେ କହିଛନ୍ତି।

## ଏସ୍‌ଏସ୍‌ଓଏଫର ଶୁଭାରମ୍ଭ

ନୂଆଦିଲ୍ଲୀ,୧୮।୫

ଦେଶର ପ୍ରମୁଖ ମ୍ୟୁଚୁଆଲ ଫଣ୍ଡ କମ୍ପାନୀ ତଥା ସାମକୋ ଆସେଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡର ଅଗ୍ରଣୀ ସଂସ୍ଥା ସାମକୋ ମ୍ୟୁଚୁଆଲ ଫଣ୍ଡ (ଏସଏମଏଫ)ର ନୂତନ ଫଣ୍ଡ 'ସାମକୋ ସ୍ପେଶିଆଲ ଅପର୍ଚୁନିଟିଜ ଫଣ୍ଡ ବା ଏସ୍‌ଏସ୍‌ଓଏଫର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବଜାରରେ ଥିବା ସୁଯୋଗକୁ ଚିହ୍ନଟ କରିବା ଲାଗି ଏହି ଫଣ୍ଡକୁ ସ୍ୱତନ୍ତ୍ର ଭାବେ ବିକାଶ କରାଯାଇଛି ଏବଂ ଏହାର ଲକ୍ଷ୍ୟ ହେଉଛି ଦୀର୍ଘକାଳୀନ ପୁଞ୍ଜି ଅଭିବୃଦ୍ଧି ପ୍ରଦାନ କରିବା। ଏହାର ନିଉ ଫଣ୍ଡ ଅଫର (ଏନଏଫଓ) ୨୦୨୪ ମେ ୩୧ରେ ବନ୍ଦ ହେବ। ଏ ସମ୍ପର୍କରେ ଏସଏମଏଫର ସିଇଓ ବିରାଜ ଗାନ୍ଧୀ କହିଛନ୍ତି, ଏଥିରେ ଆମର ଲକ୍ଷ୍ୟ ହେଉଛି,ଅତ୍ୟାଧୁନିକ ଏବଂ ବିଶ୍ୱସନୀୟ ଆର୍ଥିକ ସମାଧାନ ସହିତ ନିବେଶକମାନଙ୍କୁ ସଶକ୍ତ କରିବା। ଏପରିକି ସାମକୋ ସ୍ପେଶିଆଲ ଅପର୍ଚୁନିଟି ଫଣ୍ଡ ମୂଳରେ ଗତିଶୀଳତା ଓ ଅନୁକୂଳତା ରହିଛି।

## ଅଗ୍ନି ନିରାପତ୍ତା ନେଇ ସଚେତନତା ସୃଷ୍ଟି

ନୂଆଦିଲ୍ଲୀ,୧୮।୫



ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର କର୍ମଚାରୀଙ୍କ ମଧ୍ୟରେ ଅଗ୍ନି ନିରାପତ୍ତା ନେଇ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ସରକାରଙ୍କ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକ୍ ଡ୍ରିଲ୍ ଭୁବନେଶ୍ୱରର ଇଡ୍‌କୋ ଟାୱାର ପରିସରରେ ଆୟୋଜିତ ହୋଇଥିଲା। ବିଶେଷ କରି ଜରୁରିକାଳୀନସ୍ଥିତିକୁ କିପରି ସାମ୍ନା କରାଯାଇପାରିବ ଏବଂ ନିଆଁକୁ କିପରି ଆୟତ୍ତ କରାଯାଇପାରିବ ସେ ନେଇ ଟିପିସିଓଡିଏଲ କର୍ମଚାରୀଙ୍କୁ ସଚେତନ କରାଇବା ପାଇଁ କମ୍ପାନୀ କର୍ମଚାରୀଙ୍କ ଗହଣରେ ଏହି ମକ୍ ଡ୍ରିଲ୍ ନିକଟରେ ଅନୁଷ୍ଠିତ ହୋଇଯାଇଛି, ମୁଖ୍ୟତଃ ବିଲଡିଂରେ ଅଗ୍ନି ସଂଯୋଗ ହେଲେ କିଭଳି ତା'ର ମୁକାବିଲା କରି ହେବ ଏବଂ କିଭଳି ଅଗ୍ନିକୁ ନିୟନ୍ତ୍ରଣ କରିବେ ଓ କେଉଁ ଯନ୍ତ୍ର ବ୍ୟବହାର କରିବେ ସେ ନେଇ ବିସ୍ତୃତ ସୂଚନା ଦିଆଯାଇଥିଲା। ସେହିଭଳି କେଉଁ ଉପାୟରେ ସୁରକ୍ଷିତ ଭାବେ ଅଗ୍ନିକୁ ଆୟତ୍ତ କରି ନିଜକୁ ସୁରକ୍ଷିତ ରଖିବା ସହିତ ନିଜ ଅନୁଷ୍ଠାନକୁ ନିଆଁ ଦାଉରୁ ରକ୍ଷା କରିପାରିବେ, ତା'ଉପରେ ଉପସ୍ଥିତ କମ୍ପାନୀ କର୍ମଚାରୀଙ୍କୁ ଅଗ୍ନିଶମ ବାହିନୀ ପକ୍ଷରୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ମକ୍ ଡ୍ରିଲରେ ରାଜ୍ୟ ସଚିବାଳୟ ଅଗ୍ନିଶମ ବାହିନୀର ଏକ ସ୍ୱତନ୍ତ୍ର ଟିମ ପ୍ରଶିକ୍ଷଣ ସହ ମକ୍ ଡ୍ରିଲରେ ସାମିଲ ହୋଇଥିଲେ।

## ସୋସାଇଟି ଆସୋସିଏଶନ ଗଠନ କଲା ଇଭୋସ୍



ଭୁବନେଶ୍ୱର,୧୮।୫(ଅନୁରାଧା ମହାରଣା)

ମଦନପୁରସ୍ଥିତ ଇଭୋସ୍ ବିଲ୍ଡକନ୍‌ର ଇଭୋସ୍ ଏମ୍ପାୟାର୍ସ ପ୍ରକଳ୍ପ ସୋସାଇଟି ଆସୋସିଏଶନ ଗଠନ କରିଛି। ନୂତନ ଓଡିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଅଧିନିୟମ ୨୦୨୩ ନୂତନ ପ୍ରକଳ୍ପ ବର୍ଗ ଅଧୀନରେ ଏହା ପ୍ରଥମ ଆସୋସିଏଶନ ବୋଲି ଇଭୋସ୍ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରକଳ୍ପ ରିଅଲ ଇଷ୍ଟେଟ୍ (ନିୟମ ଏବଂ ବିକାଶ)ନିୟମ ୨୦୧୬ ସହିତ ରାଜ୍ୟର ଗୃହ ପ୍ରକଳ୍ପ ନିୟମକୁ ସମାନ୍ତରାଳ କରି ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଏକ ନୂତନ ଯୁଗ ଆରମ୍ଭ କରିଛି। ଏ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ସଚିବ ବିଶ୍ୱରଞ୍ଜନ ରଥ ସାର୍ଟିଫିକେଟ୍ ହସ୍ତାନ୍ତର କରିଥିଲେ। ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଅପରେଶନ ନିର୍ଦ୍ଦେଶକ ପ୍ରଫୁଲ୍ଲ ମହାନ୍ତି, ଆଡ୍‌ଭୋକେଟ୍ ବିସ୍ମୟ ଦାଶ ଏବଂ ସିଆର୍ ଏମ୍ ମ୍ୟାନେଜର ସୁଜାତା ପଟ୍ଟନାୟକ ଉପସ୍ଥିତ ଥିଲେ। ନବ ଗଠିତ ଆସୋସିଏଶନର ସଭାପତି ସୁଷମା ପତି, ସମ୍ପାଦକ ଡକ୍ଟର ପ୍ରତ୍ୟୁଷା ପିପଲ୍, କୋଷାଧ୍ୟକ୍ଷ ପଦ୍ମଲୋଚନ ପାଣିଗ୍ରାହୀ, ସଦସ୍ୟ ଶ୍ରୀସେନ୍ଦୁ ଦାସ, ଚଞ୍ଚଳ ସାହୁ ଓ ରୀତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଇଭୋସ୍ ବିଲ୍ଡକନ୍‌ର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ କହିଛନ୍ତି, ଏହି ସଂଘ ଗଠନ ଦ୍ୱାରା ଆମ ସମ୍ପ୍ରଦାୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ପରିଚାଳନା ସୁନିଶ୍ଚିତ କରିବା ସହ ଭବିଷ୍ୟତର ବିକାଶ ପାଇଁ ଏକ ମାନଦଣ୍ଡ ସୃଷ୍ଟି କରିବ।

## ଓଡିଏମ୍‌ର ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହ

### ଓଡିଏମ୍ ଉତ୍କର୍ଷ ଆୱାର୍ଡ-୨୦୨୪

ଭୁବନେଶ୍ୱର,୧୮।୫ (ଅଭୟ ଦାଶ)




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପରିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ନିକଟରେ ପ୍ରକାଶିତ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ଓ ବାଣିଜ୍ୟ ଫଳାଫଳରେ ଅଭୂତପୂର୍ବ ସଫଳତା ସହିତ କୃତିତ୍ୱ ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା 'ଓଡିଏମ୍ ଉତ୍କର୍ଷ ଆୱାର୍ଡ–୨୦୨୪'ସମାରୋହ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଅଧୀନ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଭୁବନେଶ୍ୱର ସମ୍ଭାଗର ଉପାୟୁକ୍ତ ଡ. ଶିହରଣ ବୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କ ଅଧୀନ ନବୋଦୟ ବିଦ୍ୟାଳୟ ସମିତିର ନବୋଦୟ ଲିଡର୍‌ଶିପ୍ ଇନ୍‌ଷ୍ଟିଚ୍ୟୁଟ୍ କୋଣାର୍କର ସଂଯୋଜିକା ସନ୍ଧ୍ୟା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନ ସମ୍ବର୍ଦ୍ଧନା ସଭାର ଆଭିମୁଖ୍ୟ ସହିତ କୃତୀ ଛାତ୍ରୀଛାତ୍ର ତଥା ସେମାନଙ୍କର ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ କରିଥିଲେ। ତତ୍‌ସହିତ ବିଦ୍ୟାଳୟର ସଫଳତା ପାଇଁ ଉପାଧ୍ୟକ୍ଷ ଡ.ରାଜେଶ କୁମାର ପାଢ଼ୀ, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ ଏପରିକି ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେ ସାଧୁବାଦ ଜଣାଇଥିଲେ। ମୁଖ୍ୟ ଅତିଥି ଡ. ବୋଷ ଓଡିଏମ୍‌ର ଏହି ସଫଳତା ପାଇଁ ଡ. ମୀନକେତନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତ କୃତୀ ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନେ ନିଜ ନିଜର ସଫଳତା କାହାଣୀକୁ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ବିଦ୍ୟାଳୟର ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ, ଶିକ୍ଷା ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତିବିଶେଷ, ଶିକ୍ଷୟିତ୍ରୀ ଶିକ୍ଷକ,ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ବଜାରରେ ବଶ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୮।୫

ବିଏସ୍ଏଚ୍ ହୋମ୍ ଆପ୍ଲାଏନ୍ସ ପ୍ରାଇଭେଟ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ବଶ୍(ବିଓଏସ୍‌ସିଏଚ୍)ର ନୂତନ ଉତ୍ପାଦ ତଥା ନ୍ୟୁ ସେମି–ଅଟୋମେଟିକ ୱାଶିଂ ମେଶିନ୍‌ର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମେଡ୍–ଇନ୍–ଇଣ୍ଡିଆ ଟେକ୍ନୋଲୋଜି ଦ୍ୱାରା ନିର୍ମିତ ହୋଇଥିବା ଏହି ଉତ୍ପାଦର ରେଞ୍ଜ ଭାରତୀୟ ଘରଗୁଡିକର ଆବଶ୍ୟକତାକୁ ପୂରଣ କରିବା ପାଇଁ ଯତ୍ନର ସହ ପ୍ରସ୍ତୁତ ହୋଇଛି। ସେହିଭଳି ଏହା ଉପଭୋକ୍ତା କେନ୍ଦ୍ରିତ ଓ ମେକ୍ ଇନ୍ ଇଣ୍ଡିଆର ଭାବଧାରା ପ୍ରତି ଦୃଢ଼ ପ୍ରତିବଦ୍ଧତା ସହିତ ବଶ୍ ଏକ ଅତୁଳନୀୟ ଲଣ୍ଡ୍ରି ବା ସଫେଇ ଅନୁଭୂତି ନେଇ ଆସିଛି। ଜର୍ମାନ ସ୍ତରର ସମାନ ଗୁଣବତ୍ତା ଓ ଡିଜାଇନ ସହ ନିର୍ମିତ ଏହି ୱାଶିଂ ମେଶିନଗୁଡିକ ଅନ୍ତର୍ଜାତୀୟ ବେଞ୍ଚମାର୍କ ସହିତ ସମକକ୍ଷ ବିଶ୍ୱସନୀୟତା ଓ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରୁଛନ୍ତି। ବ୍ରାଣ୍ଡର ଏହି ନ୍ୟୁ ସେମି–ଅଟୋମେଟିକ ରେଞ୍ଜ ପିକକ୍ ବ୍ଲୁ, ୱାଇନ, ଲିଲାକ୍, କୋରାଲ ପିଙ୍କ୍, ଟାଞ୍ଜେରିନ ଅରେଞ୍ଜ, ସ୍ୟାମ୍ପେନ ଗୋଲ୍ଡ ଓ ସାଇନିଂ ବ୍ଲାକ୍ ଭଳି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ଏହି ଅଭିନବ ରେଞ୍ଜ୍‌ର ମୁଖ୍ୟ ଆକର୍ଷଣ ହେଉଛି ଏହାର ସୁନ୍ଦର ଡିଜାଇନ, ଯାହା ଏହାକୁ ବଜାରର ଅନ୍ୟ ୱାଶିଂ ମେଶିନଗୁଡିକ ତୁଳନାରେ ଭିନ୍ନ କରୁଛି।

ଏ ସମ୍ପର୍କରେ ବିଏସଏଚ ହୋମ ଆପ୍ଲାଏନ୍ସର ଏମ୍‌ଡି ଓ ସିଇଓ ସୈଫ୍ ଖାନ୍ କହିଛନ୍ତି,ଆମେ ଭାରତୀୟ ଉପଭୋକ୍ତାଙ୍କ ପାଇଁ ନିର୍ମିତ ଆମର ନୂଆ ରେଞ୍ଜର ସେମି–ଅଟୋମେଟିକ ୱାଶିଂ ମେଶିନଗୁଡିକର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏହି ଶୁଭାରମ୍ଭ ସହିତ ଆମେ ଲଣ୍ଡ୍ରି ବର୍ଗରେ ଆମର ସ୍ଥିତି ସୁଦୃଢ଼ କରିବା ଏବଂ ଭାରତୀୟ ଉପଭୋକ୍ତାଙ୍କ ପାଇଁ ପୋଷାକ ଯତ୍ନ ଅନୁଭୂତିକୁ ଉନ୍ନତ କରିବା ଲାଗି ଲକ୍ଷ୍ୟ ରଖିଛୁ। 'ମେକ୍ ଇନ୍ ଇଣ୍ଡିଆ' ଉପରେ ମଜଭୁତ ଗୁରୁତ୍ୱ ସହିତ ଆମର ଉତ୍ପାଦଗୁଡିକର ପ୍ରତ୍ୟେକ ଫିଚରକୁ ଭାରତୀୟ ଘରଗୁଡିକର ବିବିଧ ଆବଶ୍ୟକତା ସହ ମେଳ ଖାଇବା ପାଇଁ ସୁଚିନ୍ତିତ ଭାବେ ନିର୍ମାଣ କରାଯାଇଛି।

**ରାଜ୍ୟ ଖବର**

# ପଥର ତଳୁ ଆଉ ଏକ ମୃତଦେହ ଜବତ

ଧର୍ମଶାଳା,୧୮।୫(ବଟକୃଷ୍ଣ ପରିଡ଼ା)

**ଡଙ୍କାରୀ କଳାପଥର ଖାଦାନରେ ଅତଡା ଧସିବା ଘଟଣା**

**■ମିଳିଥିବା ମୃତଦେହ ଜେସିବି ଅପରେଟରଙ୍କର**

**■ଏବେ ବି ହେଲ୍‌ପର ନିଖୋଜ**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ କଳାପଥର ଖାଦାନରେ ପଥର ଅତଡା ଧସିବା ଘଟଣାରେ ଅଦ୍ୟାବଧି ୨ଜଣଙ୍କ ମୃତଦେହ ଜବତ କରାଯାଇଛି। ଆଉ ଜଣେ ନିଖୋଜ ଥିବା ଜଣାପଡିଛି। ଗତ ୧୬ ତାରିଖ ଘଟଣା ଦିନ ଜଣେ ଶ୍ରମିକଙ୍କ ମୃତଦେହ ଜବତ କରାଯାଇଥିଲା। ଉକ୍ତ ଘଟଣାର ୭୨ ଘଣ୍ଟା ପରେ ଶନିବାର ଜେସିବି ମେଶିନ ସହ ପଥର ତଳେ ଚାପି ହୋଇ ରହିଥିବା ଅନ୍ୟ ଜଣେ ଶ୍ରମିକଙ୍କ ମୃତଦେହକୁ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ କଳାପଥର ଖାଦାନରେ ଗତ ୧୬ତାରିଖରେ ୱାଗନ ଡ୍ରିଲିଂ କରାଯାଉଥିବା ବେଳେ ହଠାତ୍ ବଡ଼ ପଥର ଅତଡା ଧସିପଡିଥିଲା। ଫଳରେ ଖାଦାନରେ କାମ କରୁଥିବା ଏକାଧିକ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେଠାରେ କାମ କରୁଥିବା ୩ ଜଣ ଶ୍ରମିକ ନିଖୋଜ ଥିବା ଜଣାପଡିଥିଲା। ଘଟଣା ଦିନ ଜଣେ ଶ୍ରମିକଙ୍କ ମୃତଦେହ ଜବତ କରାଯାଇଥିଲା । ସେ ହେଲେ ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳର ଜଗବନ୍ଧୁ ମାଝି (୨୧)। ଗତ ୩ ଦିନ ହେଲା ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି। ଶନିବାର ଜେସିବି ଅପରେଟରଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ଜେସିବି ଅପରେଟର ଆନ୍ଧ୍ରପ୍ରଦେଶ ଇଚ୍ଛାପୁରମ ଜିଲା ଶ୍ରୀକାକୁଲମ ଅଞ୍ଚଳର ନଲାଉମା ପାଠୀ (୪୬) । ଏହି ଘଟଣାରେ ଜେସିବି ହେଲପରଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପଥର ହଟାଯିବା ପରେ ଅନ୍ୟ ମୃତଦେହ ଉଦ୍ଧାର ହୋଇପାରିବ ବୋଲି ଏନ୍‌ଡିଆର୍‌ଏଫ୍ ଥାର୍ଡ ବାଟାଲିଅନ କମାଣ୍ଡାଣ୍ଟ କନେୟା ଯୋଗୀ ସୂଚନା ଦେଇଛନ୍ତି।

ଏନ୍‌ଡିଆର୍‌ଏଫ୍ ଟିମ, ଧର୍ମଶାଳା ତହସିଲ କର୍ମଚାରୀ ଓ ଜେନାପୁର ପୋଲିସ ଘଟଣାସ୍ଥଳରେ ରହି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି । ବଡ଼ ବଡ଼ ପଥର ଖଣ୍ଡକୁ ହଟାଇବା ପାଇଁ ବ୍ଲାଷ୍ଟିଂ କରାଯାଉଛି। ଏହି ଅପରେଶନରେ ୫ ପୋକ୍‌ଲିନ ମେଶିନ ନିୟୋଜିତ କରାଯାଇଛି । ପୋକ୍‌ଲିନ ମେଶିନର ଅପରେଟରମାନେ ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି ।

# ଶିକ୍ଷା, ଗବେଷଣା ପାଇଁ ସଂଗ୍ରହାଳୟ ଜରୁରୀ




ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ଶନିବାର ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳନ ଅବସରରେ ଅତିଥିଙ୍କ ସହ ଚିତ୍ରକଳା ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଭୁବନେଶ୍ୱର,୧୮।୫(ଶର୍ମିଷ୍ଠା ପାଣିଗ୍ରାହୀ)

**ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ, 'ଇଡ୍‌ତାଲ୍' ଉଦ୍‌ଯାପିତ**

ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ଶନିବାର ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ରୂପାରୋଶନ ସାହୁ, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ଯୋଗଦେଇ 'ଶିକ୍ଷା ଓ ଗବେଷଣା ପାଇଁ ସଂଗ୍ରହାଳୟ' ଉପରେ ଆଲୋଚନା କରିଥିଲେ। ଶିକ୍ଷା ଓ ଗବେଷଣା ଲାଗି ସଂଗ୍ରହାଳୟ ଜରୁରୀ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ମେ ୪ରୁ ଜନଜାତି ସଂଗ୍ରହାଳୟରେ ଚାଲିଥିବା ୧୫ ଦିନିଆ ଗ୍ରୀଷ୍ମକାଳୀନ ସଉରା ଚିତ୍ରକଳା ଶିବିର 'ଇଡ଼ିତାଲ୍' ମଧ୍ୟ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଭୁବନେଶ୍ୱରର ପ୍ରାୟ ୧୪ ବିଦ୍ୟାଳୟରୁ ୩୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବି.କେ. କଲେଜ ଅଫ୍ ଆର୍ଟର ବରିଷ୍ଠ ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ସଉରା ଚିତ୍ରଶିଳ୍ପୀ ଜୁନେସ୍ ଗମାଙ୍ଗ ଓ ବିନାଥ ଶବର ଛାତ୍ରୀଛାତ୍ରଙ୍କୁ ଇଡ଼ିତାଲ୍ ବିଷୟରେ ଶିକ୍ଷାଦାନ କରିଥିଲେ। ଏଥିସହ ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଚିତ୍ରକଳା କୁଇଜ୍‌ରେ ବିଜୟୀ ୬ଜଣଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗ୍ରହଳାୟର ସହ ନିର୍ଦ୍ଦେଶକ ଡ. ସଂଘମିତ୍ରା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ସ୍କୁଲର ୪ ଶିକ୍ଷକ ନିଲମ୍ବିତ

ରାୟଗଡ଼ା,୧୮।୫(ଆଶିଷ ରଞ୍ଜନ ପଣ୍ଡା)

**ହଷ୍ଟେଲରେ ୨ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା**

ଶିକ୍ଷା ବିଭାଗ ପକ୍ଷରୁ ରାୟଗଡ଼ା ଜିଲାର ୨ ବିଦ୍ୟାଳୟର ୪ ଜଣ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଗୁଣପୁର ବ୍ଲକର ଟଲଣା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ୨ ଛାତ୍ରଙ୍କ ମୃତ୍ୟୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସମ୍ପୃକ୍ତ ୨ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷକଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ରିପୋର୍ଟ ଆଧାରରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲୋଚନ ଖରା ଏବଂ ସହକାରୀ ଶିକ୍ଷକ ଟଙ୍କଧର ନାଏକଙ୍କୁ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଓସିଏସ୍ ଆଇନ ୧୯୬୨ର ୧୨(୧) ଓ ୧୫ ଧାରା ଅନୁସାରେ ପ୍ରଧାନ ଶିକ୍ଷକ ଖରାଙ୍କୁ ନିଲମ୍ବନ କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ଉଭୟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନିୟମିତ ଉପସ୍ଥିତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଗୁଣପୁର ବ୍ଲକର ଟଲଣା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା କୁମାରୀ ଓମ୍‌କାର ଏବଂ ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ଶବରଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି ସୂଚନା ଦେଇଛନ୍ତି। ଟିକିରି ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସୁମନ ନାଏକ ହଷ୍ଟେଲରେ ରହିବା ସମୟରେ ଏପ୍ରିଲ ୧୭ରେ ତାଙ୍କ ଦେହ ଖରାପ ହୋଇଥିଲା। ଏନେଇ ସୁମନଙ୍କ ବାପା ପ୍ରଥମେ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ ନେବା ବାଟରେ ଏପ୍ରିଲ ୧୯ରେ ସୁମନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ଏବଂ ଜିଲା ମଙ୍ଗଳ ଅଧିକାରୀ ଏପ୍ରିଲ ୨୦ରେ ଟିକିରି ହାଇସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଥିଲେ। ସେହିଭଳି ଗୁଣପୁର ବ୍ଲକ ଟଲଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧ ବର୍ଷର ଛାତ୍ର ଜୁଦାସ ଶବର ହଷ୍ଟେଲ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଗୁଣପୁର ଗୋଷ୍ଠୀ ଶିକ୍ଷାଧିକାରୀ ଘଟଣାର ତଦନ୍ତ କରି ରିପୋର୍ଟ ଦେଇଥିଲେ।

## ଯବାନଙ୍କ ସହ ଗୁଳି ବିନିମୟ, ଜଣେ ମାଓବାଦୀ ମୃତ

ମାଲକାନଗିରି,୧୮।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ଡିଆର୍‌ଜି ଯବାନଙ୍କ ସହ ଗୁଳି ବିନିମୟରେ ଶନିବାର ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସୁକ୍‌ମା ଜିଲା ଟେଟରାଇ ଓ ତେଲନାଇ ଜଙ୍ଗଲରେ ୨୫ରୁ ଉର୍ଦ୍ଧ୍ୱ ମାଓବାଦୀଙ୍କ ବୈଠକ ଚାଲିଥିବା ଗୋଇନ୍ଦା ସୂଚନା ପାଇଥିଲା। ଏହି ଖବର ଆଧାରରେ ଡିଆରଜି ବାହିନୀ ଜଙ୍ଗଲ ଅଭିମୁଖେ ସର୍ଚ୍ଚ ଅପରେଶନ ନିମନ୍ତେ ବାହାରିଥିଲେ। ଟେଟରାଇ ଜଙ୍ଗଲରେ ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚାଳନା କରିଥିଲେ। ତେବେ ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି। ଖବର ଲେଖିବା ସୁଦ୍ଧା ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଏହି ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ଠାବ କରାଯାଇଥିବା ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଥିବା ଜଣାପଡ଼ିଛି। ସର୍ଚ୍ଚ ଅପରେଶନ ସରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ସୁକ୍‌ମା ଏସ୍‌ପି ସୂଚନା ଦେଇଛନ୍ତି।

## ଭିଜିଲାନ୍ସ କୋର୍ଟରେ ପୂର୍ବତନ ପ୍ରଧାନ ଶିକ୍ଷକ ଦଣ୍ଡିତ

ଭବାନୀପାଟଣା,୧୮।୫(ଉତ୍ତମ କୁମାର ଦାଶ)

**ଆୟ ବହିର୍ଭୂତ ମାମଲା**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ମାଲଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଭିଜିଲାନ୍ସ ମାମଲାରେ ଦଣ୍ଡିତ ହୋଇଛନ୍ତି। ଆୟ ବହିର୍ଭୂତ ମାମଲାରେ ସେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ସିତୀକଣ୍ଠ ସାମଲ ଏହି ମାମଲାରେ ପୂର୍ବତନ ପ୍ରଧାନଶିକ୍ଷକ ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୟୁଏସ୍ ୧୩(୨) ଆର୍/ଡବ୍ଲ୍ୟୁ ୧୩ (୧)ଇ ପିସି ଆକ୍ଟରେ ୨ବର୍ଷ ଜେଲ ଦଣ୍ଡାଦେଶ ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୩ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଦୋଷୀ ସାବ୍ୟସ୍ତ ପରେ ପୂର୍ବତନ ପ୍ରଧାନଶିକ୍ଷକ ପଟ୍ଟନାୟକଙ୍କ ପେନ୍‌ସନ ବନ୍ଦ କରିବାକୁ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭିଜିଲାନ୍ସ ବିଭାଗ ଜଣାଇଛି।

## ଅନ୍‌ଲାଇନ ଗେମ୍ ନେଲା ଯୁବକଙ୍କ ଜୀବନ

ବାଲିମେଳା, ୧୮।୫(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରରେ ଥିବା ୧ ନଂ ୱାର୍ଡ ନୂଆସାହିରେ ଜଣେ ଯୁବକଙ୍କ ଅନ୍‌ଲାଇନ ଗେମ୍ ଖେଳରୁ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଲେ ସରୋଜ ବାଘ(୨୨)। ସରୋଜ, ସ୍ତ୍ରୀ ସନ୍ତୋଷୀ ଓ ଦୁଇ ସନ୍ତାନଙ୍କୁ ନେଇ ହସଖୁସିରେ ପରିବାର ଚଳୁଥିଲା। ପୁରୁଣା ବାକି ଶୁଝିବା ପାଇଁ ଶୁକ୍ରବାର ଗ୍ରୁପ୍‌ରୁ ଋଣ କରିଥିଲେ। ଲୋକଙ୍କ ବାକି ଶୁଝିବା ପରେ ବଳକା ଟଙ୍କା ନିଜ ଆକାଉଣ୍ଟରେ ରଖିଥିଲେ। ପରେ ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳି ଆକାଉଣ୍ଟରେ ଥିବା ସବୁ ଟଙ୍କା ହାରି ଯାଇଥିଲେ। ଶନିବାର ସକାଳେ ସ୍ତ୍ରୀ ସନ୍ତୋଷୀ କାମ କରିବା ପାଇଁ ଘରୁ ବାହାରକୁ ଯାଇଥିଲେ। ସରୋଜଙ୍କ ମା' ଦିନ ୧୦ଟାରେ ବାରଣ୍ଡାରେ ରୋଷେଇ କରୁଥିଲେ। ସନ୍ତୋଷୀ କାମରୁ ଫେରି ଘର କବାଟ ଭିତରୁ ବନ୍ଦ ଥିବା ଦେଖି ମା'ଙ୍କୁ ଜଣାଇଥିଲେ। ପରେ ଅନ୍ୟମାନଙ୍କ ସହାୟତାରେ କବାଟ ଭାଙ୍ଗି ଭିତରେ ପଶି ଦେଖିବାବେଳକୁ ସରୋଜ ଘର ଛାତରେ ଥିବା ଲୁହା ପାଇପ୍‌ରେ ପ୍ଲାଷ୍ଟିକ ଦଉଡ଼ିରେ ଝୁଲୁଥିଲେ। ସାହି ଲୋକେ ସରୋଜଙ୍କୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଓର୍କେଲ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ. ୧୨/୨୪ରେ ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଧରିତ୍ରୀ 50 Years

ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ମେ ୧୯/୨୦୨୪ | Bhubaneswar, Sunday, May 19 / 2024


# ଆର୍‌ସିବିର ପ୍ରଭାବୀ ବ୍ୟାଟିଂ

ବେଙ୍ଗାଲୁରୁ,୧୮।୫

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ପ୍ରଭାବୀ ବ୍ୟାଟିଂ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୨୧୮ ରନ୍‌ର ବଡ଼ ସ୍କୋର କରିଛି। ଟସ୍ ହାରି ବ୍ୟାଟିଂ କରିଥିବା ଆରସିବି ପକ୍ଷରୁ ଅଧିନାୟକ ଫାଫ୍ ଡୁ ପ୍ଲେସି ଅର୍ଦ୍ଧଶତକ କରିଥିଲେ। ଫଳରେ ଦଳ ୨୦ ଓଭରରେ ୫ ଉଇକେଟରେ ୨୧୮ ରନ୍ କରିଥିଲା। ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ଏହି ମ୍ୟାଚ୍ ଆରସିବି ପାଇଁ କର ବା ମର ସ୍ଥିତି ସୃଷ୍ଟି କରିଥିଲା। ୧୮ ରନ୍‌ରେ ବିଜୟ ତଥା ୧୮ ଓଭର ମଧ୍ୟରେ ରନ୍‌ରେ ପିଛା କରି ଜିତିବାର ଚାପ ରହିଥିବା ବେଳେ ମହତ୍ତ୍ୱପୂର୍ଣ୍ଣ ଟସ୍ ହାରି ଯାଇଥିଲା ଆରସିବି।

ଆରସିବି ପକ୍ଷରୁ ବିରାଟ କୋହଲି (୪୭) ଓ ଫାଫ୍ ଡୁ ପ୍ଲେସି(୫୪) ପ୍ରଥମ ଉଇକେଟରେ ୯.୪ ଓଭର ବ୍ୟାଟିଂ କରି ୭୮ ରନ୍ ଯୋଡିଥିଲେ। କୋହଲି ପ୍ରଥମ ଓଭରରୁ ହିଁ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖି ବ୍ୟାଟିଂ କରିଥିଲେ। ତେବେ ଫାଫ୍ ପ୍ରଥମରୁ ଧୀମା ବ୍ୟାଟିଂ କରିଥିଲେ। ତୃତୀୟ ଓଭର ଖେଳ ଶେଷ ହେବା ବେଳକୁ ବର୍ଷା କାରଣରୁ ପ୍ରାୟ ୩୦ ମିନିଟର ଖେଳ ପ୍ରଭାବିତ ହୋଇଥିଲା। ବର୍ଷା ପରେ କିନ୍ତୁ ଚେନ୍ନାଇ ବୋଲର ଲୟରେ ନଜର ଆସିଥିଲେ। ପ୍ରଥମ ୩ ଓଭରରେ ୩୧ ରନ୍ କରିଥିବା ଆରସିବି ପାୱାର ପ୍ଲେ ଶେଷ ହେବା ସୁଦ୍ଧା ମାତ୍ର ୪୨ ରନ୍ କରିଥିଲା। ବର୍ଷା ପରେ ମିଚେଲ ସାଣ୍ଟନର ଓ ମହୀଷ ଥିକ୍ସାନା କଞ୍ଜୁସ ବୋଲିଂ କରିଥିଲେ। ତେବେ ବିରାଟ କୋହଲି କିଛି ଚମତ୍କାର ଶଟ୍ ସହ ରନ୍ ଗତି ବଢାଇଥିଲେ। ମାତ୍ର ୧୦ମ ଓଭରରେ ମିଚେଲ ସାଣ୍ଟନରଙ୍କ ବଲ୍‌ରେ ଆଉଟ ହୋଇଥିଲେ କୋହଲି। ୨୯ ବଲ୍ ଖେଳି ସେ ୩ ଚୌକା ଓ ୪ ଛକା ମାରିଥିଲେ। କୋହଲି ଆଉଟ ହେବା ପରେ ଫାଫ୍ ଓ ରଜତ ପଟିଦାର(୪୧)ଙ୍କ ମଧ୍ୟରେ ୩୫ ରନ୍‌ର ପାର୍ଟନରଶିପ ହୋଇଥିଲା। ଫାଫ୍ ୩୯ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ସହ ୫୪ ରନ୍ କରିଥିବା ବେଳେ ଦୁର୍ଭାଗ୍ୟଜନକ ରନ୍‌ଆଉଟ ହୋଇଥିଲେ। ରଜତ ପଟିଦାରଙ୍କ ଷ୍ଟ୍ରେଟ୍ ଡ୍ରାଇଭ ସାଣ୍ଟନରଙ୍କ ହାତରେ ବାଜି ଷ୍ଟମ୍ପରେ ବାଜିଥିଲା। ବ୍ୟାଟିଂ ପଦୋନ୍ନତି ପାଇ କାମେରନ୍ ଗ୍ରୀନ୍ ଚମତ୍କାର ବ୍ୟାଟିଂ କରି ୩୮ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। ତୃତୀୟ ଉଇକେଟରେ ୭୧ ରନ୍ ଯୋଡିବା ପରେ ୪୧ ରନ୍ କରି ପ୍ୟାଭିଲିୟନ ଫେରିଥିଲେ ସେ ୨୩ ବଲ୍ ଖେଳି ୨ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଗ୍ରୀନ୍ ୧୭ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ସହ ୩୮ ରନ୍ କରିଥିଲେ। ଶେଷ ଭାଗରେ ଦୀନେଶ କାର୍ତ୍ତିକ ୬ ବଲ୍‌ରୁ ୧୪ ଓ ମ୍ୟାକ୍ସୱେଲ ୫ ବଲ୍‌ରୁ ୧୬ ରନ୍ କରିବାରୁ ଆରସିବି ୨୧୮ ରନ୍‌ରେ ପହଞ୍ଚିଥିଲା। ଚେନ୍ନାଇ ପକ୍ଷରୁ ଶାର୍ଦ୍ଦୂଳ ଠାକୁର ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୨୧୮/୫ (ଫାଫ୍ ଡୁ ପ୍ଲେସି-୫୪, ବିରାଟ କୋହଲି-୪୭, ରଜତ ପଟିଦାର-୪୧, କାମେରନ୍ ଗ୍ରୀନ୍-୩୮, ଶାର୍ଦ୍ଦୂଳ ଠାକୁର-୨/୬୧, ମିଚେଲ ସାଣ୍ଟନର-୧/୨୩, ତୁଷାର ଦେଶପାଣ୍ଡେ-୧/୪୯)।



ଓପନିଂ ଭାଗୀଦାରି ଅବସରରେ ଫାଫ୍ ଡୁ ପ୍ଲେସି ଓ ବିରାଟ କୋହଲି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୩ | ୯ | ୩ | ୧ | ୧୯ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୩ | ୮ | ୫ | ୦ | ୧୬ | +୦.୨୭୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୭ | ୫ | ୧ | ୧୫ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୬ | ୦ | ୧୪ | +୦.୫୨୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୪ | ୭ | ୭ | ୦ | ୧୪ | -୦.୬୬୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୬ | ୭ | ୦ | ୧୨ | +୦.୩୮୭ |
| ଗୁଜରାଟ ଟାଇଟନ୍ସ | ୧୪ | ୫ | ୭ | ୨ | ୧୨ | -୧.୦୬୩ |
| ପଞ୍ଜାବ କିଙ୍ଗ୍ସ | ୧୩ | ୫ | ୮ | ୦ | ୧୦ | -୦.୩୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୪ | ୧୦ | ୦ | ୮ | -୦.୩୧୮ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ହାଇଦ୍ରାବାଦ ବନାମ ପଞ୍ଜାବ**

ସ୍ଥାନ: ହାଇଦ୍ରାବାଦ

ସମୟ: ଅପରାହ୍ନ ୩.୩୦

**ରାଜସ୍ଥାନ ବନାମ କୋଲକାତା**

ସ୍ଥାନ: ଗୁଆହାଟୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ପରାଜୟ ଧାରା ରୋକିବା ଲକ୍ଷ୍ୟରେ ରୟାଲ୍ସ

ଗୁଆହାଟୀ,୧୮।୫(ପି.ଟି)

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ରବିବାର ଡବଲ୍ ହେଡରରେ ରାଜସ୍ଥାନ ରୟାଲ୍ସ ଓ କୋଲକାତା ନାଇଟ ରାଇଡର୍ସ ପରସ୍ପରକୁ ଭେଟିବେ। ଉଭୟ ଦଳ ପ୍ଲେ ଅଫରେ ପ୍ରବେଶ କରି ସାରିଥିବା ବେଳେ କୋଲକାତା ପ୍ରଥମ ସ୍ଥାନରେ ରହିବା ସ୍ପଷ୍ଟ ହୋଇ ସାରିଛି। ଅନ୍ୟ ପକ୍ଷରେ କ୍ରମାଗତ ଚତୁର୍ଥ ପରାଜୟ ହାସଲ କରିଥିବା ରାଜସ୍ଥାନ ରୟାଲ୍ସ ଏହି ମ୍ୟାଚ୍ ଜିତି ବିଜୟ ଧାରାକୁ ଫେରିବାକୁ ଚାହିଁବ। ୯ ମ୍ୟାଚ୍‌ରୁ ୮ ବିଜୟ ହାସଲ କରି ସାରିଥିବା ରାଜସ୍ଥାନ ନିଜର ଅନ୍ତିମ ୪ ମ୍ୟାଚ୍‌ରେ ପରାଜିତ ହୋଇଛି। ଦଳର ବ୍ୟାଟିଂ ବିଫଳ ହୋଇଥିବା ବେଳେ ଶେଷ ଦୁଇ ମ୍ୟାଚ୍‌ରେ ଏହା ୧୫୦ ରୁ ଅଧିକ ରନ୍ ସ୍କୋର କରିନାହିଁ। ସେହିପରି ଦଳର ବ୍ୟାଟିଂ ମେରୁଦଣ୍ଡ ଇଂଲିଶ ଓପନର ଜୋଶ ବଟଲର ମଧ୍ୟ ଦଳ ଛାଡି ସାରିଛନ୍ତି। ଏହା ଯଶସ୍ୱୀ ଜୟସ୍ୱାଲ, ସଞ୍ଜୁ ସାମସନ୍ ଓ ରିୟାନ ପରାଗଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି କରିଛି। ପ୍ରଥମ ୨ ସ୍ଥାନରେ ରହିବାକୁ ହେଲେ କୋଲକାତା ବିପକ୍ଷରେ ଦଳକୁ ନିଶ୍ଚିତ ବିଜୟ ଆବଶ୍ୟକ। କୋଲକାତା ଦଳ ବର୍ତ୍ତମାନ ଅତ୍ୟଧିକ ଭ୍ରମଣ କାରଣରୁ ସାମାନ୍ୟ କ୍ଳାନ୍ତ ରହିଛି। ଗୁଜରାଟ-କୋଲାକାତା-ଗୁଆହାଟୀ ଗସ୍ତ କରିଥିବା ବେଳେ କ୍ଳାନ୍ତ ଖେଳାଳିଙ୍କୁ ମ୍ୟାନେଜ କରିବା ଦଳ ପାଇଁ ବଡ ସମସ୍ୟା। ଅନ୍ୟ ପକ୍ଷରେ ଦଳର ନିର୍ଭରଯୋଗ୍ୟ ଓପନର ଫିଲ୍ ସଲ୍ଟ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରି ସାରିଛନ୍ତି। ସଲ୍ଟ-ନାରିନଙ୍କ ଯୋଡି ଚଳିତ ଟୁର୍ନାମେଣ୍ଟରେ ୮୯୭ ରନ୍ ସ୍କୋର କରିଥିଲେ। ସଲ୍ଟଙ୍କ ସ୍ଥାନରେ ଗୁରବାଜଉଲ୍ଲା ରହମାନ ଖେଳିବେ। ବର୍ଷାପଡା ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳାଯିବ। ପୂର୍ବ ମ୍ୟାଚ୍‌ରେ ରାଜସ୍ଥାନ ଏଠାରେ ୧୫୦ ରନ୍ ମଧ୍ୟ ସ୍କୋର କରି ପାରି ନ ଥିଲା।

# ରାମେଶ୍ୱର ସେମିଫାଇନାଲରେ

**ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ**

ଭୁବନେଶ୍ୱର, ୧୮।୫
(ତପନ ସ୍ୱାଇଁ)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରୀନ୍ସ କ୍ରିକେଟ ଆସୋସିଏଶନକୁ ୪ ରନରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରାମେଶ୍ୱର ୩୩.୧ ଓଭରରେ ୧୨୧ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଶୁଭ୍ରକାନ୍ତ ପରିଡ଼ା ସର୍ବାଧିକ ୪୬ ଓ ସ୍ୱସ୍ତିକ ଘୋଷ ୨୧ ରନ କରିଥିଲେ। ବିପକ୍ଷ ଦଳର ଦେବୀ ପ୍ରସାଦ ରାଉତ ୩ଟି ଏବଂ ଦୀପ୍ତାଂଶୁ ଦାସ ଓ ଓମ୍ ପ୍ରସାଦ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୨୨ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଗ୍ରୀନ୍ସ ୩୬.୧ ଓଭରରେ ୧୧୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସ୍ୱସ୍ତିକ ନାଥ ସର୍ବାଧିକ ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର କାର୍ତ୍ତିକ ନାୟକ ଓ ଆହ୍ୱାନ ମିଶ୍ର ୩ଟି ଲେଖାଏ ଏବଂ ସୋହମ ପଟ୍ଟନାୟକ ୨ଟି ଉଇକେଟ ନେଇଥିଲେ। ପୂର୍ବତନ ରଣଜୀ ଖେଳାଳି ପି. ଜୟଚନ୍ଦ୍ର ଅତିଥିଭାବେ ଯୋଗଦେଇ ଆହ୍ୱାନ ମିଶ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ୨୦ ତାରିଖରେ ପାରାମାଉଣ୍ଟ-କ୍ରିକେଟ ଏକାଡେମୀ ଅଫ୍ ପଠାନ ପ୍ରଥମ ସେମିଫାଇନାଲ ଏବଂ ୨୧ରେ ରାମେଶ୍ୱର-ପ୍ରଗତି ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ। ୨୬ ତାରିଖରେ ଫାଇନାଲ ଖେଳାଯିବ।



ଆହ୍ୱାନ ମିଶ୍ରଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ୨୫ରେ ଭାରତର ପ୍ରଥମ ବ୍ୟାଚ୍ ନ୍ୟୁୟର୍କ ଯିବ

**ଟି୨୦ ବିଶ୍ୱକପ୍**

ନୂଆଦିଲ୍ଲୀ,୧୮।୫(ପି.ଟି)

ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ଦୁଇଟି ବ୍ୟାଚ୍‌ରେ ନ୍ୟୁୟର୍କ ଗସ୍ତ କରିବ। ବିଶ୍ୱକପ୍ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟର ମ୍ୟାଚ୍‌ଗୁଡିକ ଆମେରିକା ଓ ସୁପର୍-୮ ପରବର୍ତ୍ତୀ ମ୍ୟାଚ୍‌ଗୁଡିକ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବ। ଶନିବାର ମିଳିଥିବା ସୂଚନା ଅନୁସାରେ ପ୍ରଥମ ବ୍ୟାଚ୍‌ର ଭାରତୀୟ ଖେଳାଳି ମେ' ୨୫ ତାରିଖରେ ନ୍ୟୁୟର୍କ ଗସ୍ତ କରିବେ। ମେ' ୧୯ରେ ଆଇପିଏଲ୍‌ର ସମସ୍ତ ଲିଗ୍ ମ୍ୟାଚ୍ ଶେଷ ହେବ। ପୂର୍ବରୁ ୨୧ ତାରିଖରେ ପ୍ରଥମ ବ୍ୟାଚ୍‌ର ଖେଳାଳିମାନେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବର୍ତ୍ତମାନ ଏହି ଯୋଜନାରେ ପରିବର୍ତ୍ତନ କରିଛି ବିସିସିଆଇ। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ ବୁମ୍‌ରା, ରିଷଭ ପନ୍ତ, ଅର୍ଶଦୀପ ସିଂ,ଅକ୍ଷର ପଟେଲ ଓ ଅନ୍ୟାନ୍ୟ ସପୋର୍ଟ ଷ୍ଟାଫ ପ୍ରଥମ ବ୍ୟାଚ୍‌ରେ ଗସ୍ତ କରିବେ। ଭାରତ ଏହାର ପ୍ରସ୍ତୁତିରେ ବାଂଲାଦେଶ ବିପକ୍ଷରେ ମାତ୍ର ଗୋଟିଏ ମ୍ୟାଚ୍ ଖେଳିବ। ଜୁନ୍ ୧ ତାରିଖରେ ଏହି ମ୍ୟାଚ୍‌ଟି ଖେଳାଯିବ। ତେଣୁ ଭାରତୀୟ ଖେଳାଳିମାନଙ୍କୁ ପରିବାର ସହ ବିତାଇବାକୁ କିଛି ଦିନ ମିଳିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଦଳ ମେ' ୨୭ରେ ଗସ୍ତ କରିବ। ମେ'୨୬ ତାରିଖରେ ଆଇପିଏଲ୍ ଫାଇନାଲ ଖେଳାଯିବା ପରେ ଦ୍ୱିତୀୟ ବ୍ୟାଚ୍‌ରେ ଅନ୍ୟ ଖେଳାଳିମାନେ ଗସ୍ତ କରିବେ। ଦ୍ୱିତୀୟ ବ୍ୟାଚ୍‌ରେ ଯାଇଥିବା ଖେଳାଳିଙ୍କୁ ବିଶ୍ରାମ ପାଇଁ ଆବଶ୍ୟକ ସମୟ ମିଳିବ ବୋଲି କୁହାଯାଇଛି। ବାଂଲାଦେଶ ୱାର୍ମ ଅପ୍ ମ୍ୟାଚ୍ ପୂର୍ବରୁ ଏହି ଖେଳାଳିମାନଙ୍କୁ ୩-୪ ନେଟ୍ ସେସନ୍ ମଧ୍ୟ ମିଳିବ।

# ସାତ୍ୱିକ-ଚିରାଗ ଯୋଡ଼ି ଫାଇନାଲରେ

ବ୍ୟାଙ୍କକ୍,୧୮।୫(ପି.ଟି.)

ଭାରତର ପ୍ରମୁଖ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଥାଇଲାଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସେମାନେ ଚାଇନିଜ ତାଇପେର ଲୁ ମିଙ୍ଗ୍ ଚି ଓ ତଙ୍ଗ କାଇ-ୱିଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ସ୍ଥାନୀୟ ନିମିବୁଟର ଷ୍ଟାଡିୟମରେ ସୁପର ୫୦୦ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ସାତ୍ୱିକ ଓ ଚିରାଗ ସେମାନଙ୍କ ବିଶ୍ୱର ୮୦ ନମ୍ବର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୧୧, ୨୧-୧୨ରେ ପରାଜିତ କରିବା ଲାଗି ମାତ୍ର ୩୫ ମିନିଟ ସମୟ ନେଇଥିଲେ। ସାତ୍ୱିକ ଓ ଚିରାଗଙ୍କର ଥାଇଲାଣ୍ଡ ସହ ଗଭୀର ସମ୍ପର୍କ ରହିଛି। ୫ ବର୍ଷ ପୂର୍ବେ ଅର୍ଥାତ ୨୦୧୯ରେ ସେମାନେ ସେମାନଙ୍କ ପ୍ରଥମ ସୁପର ୫୦୦ ଟାଇଟଲ ହାସଲ କରିଥିଲେ। ଏଠାରେ ଫାଇନାଲରେ ପ୍ରବେଶ କରି ସେମାନେ ପୁଣି ଥରେ ଟାଇଟଲ ନିକଟବର୍ତ୍ତୀ ହୋଇଛନ୍ତି। ଭାରତୀୟ ଯୋଡ଼ିଙ୍କର ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ସିରିଜର ଏହି ସିଜନରେ ପ୍ରଦର୍ଶନ ଖୁବ୍ ଭଲ ରହିଛି। ଏହା ତାଙ୍କର ଚତୁର୍ଥ ଫାଇନାଲ। ମାର୍ଚ୍ଚରେ ଫ୍ରେଞ୍ଚ ସୁପର ୭୫୦ ଜିତିବା ପୂର୍ବରୁ ସେମାନେ ମାଲେସିଆ ସୁପର ୧୦୦୦ ଓ ଭାରତ ସୁପର ୭୫୦ରେ ରନରଅପ୍ ହୋଇପାରିଛନ୍ତି। ଭାରତୀୟ ଯୋଡ଼ି ରବିବାର ଫାଇନାଲରେ ଚାଇନିଜ ଯୋଡ଼ି ଚେନ୍ ବୋ ୟାଙ୍ଗ ଓ ଲିଉ ୟିଙ୍କୁ ଭେଟିବେ।



ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।

# ନିଖତ, ମୀନାକ୍ଷୀ ଜିତିଲେ ସ୍ୱର୍ଣ୍ଣ

**ଏଲୋର୍ଡା କପ୍**

ଅଷ୍ଟାନା (କାଜାଖସ୍ତାନ),
୧୮।୫(ପି.ଟି.)

ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଭାରତୀୟ ବକ୍ସର ନିଖତ ଜରିନ ଓ ମୀନାକ୍ଷୀ ଶନିବାର ଏଠାରେ ଚାଲିଥିବା ଏଲୋର୍ଡା କପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏଥିସହିତ ଭାରତ ମୋଟ ୧୨ ପଦକ ସହ ପ୍ରତିଯୋଗିତାରେ ଏହାର ଅଭିଯାନ ଶେଷ କରିଛି। ନିଖତ ଓ ମୀନାକ୍ଷୀଙ୍କ ସ୍ୱର୍ଣ୍ଣ ବ୍ୟତୀତ ଭାରତୀୟ ବକ୍ସରମାନେ ୪ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ନିଖତ (୫୨କେଜି) କାଜାଖସ୍ତାନର ଝାଜିରା ଉରାକବାୟେଭାଙ୍କୁ ୫-୦ ସ୍କୋର ଲାଇନ୍‌ରେ ହରାଇ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶନିବାର ଏହା ପୂର୍ବରୁ ମୀନାକ୍ଷୀ ପ୍ରଥମେ ୪୮କେଜି ମହିଳା ଫାଇନାଲରେ ଉଜ୍‌ବେକିସ୍ତାନର ରାହମୋନୋଭା ସାଇଦାହନଙ୍କୁ ୪-୧ରେ ପରାଜିତ କରି ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଥିଲେ। ଅନ୍ୟପକ୍ଷରେ ଅନାମିକା (୫୦କେଜି) ଓ ମନୀଷା (୬୦କେଜି) ଫାଇନାଲରେ ପରାଜିତ ହୋଇ ଗୋଟିଏ ଲେଖାଏ ରୌପ୍ୟ ସହ ସେମାନଙ୍କ ଅଭିଯାନ ଶେଷ କରିଥିଲେ। ଅନାମିକା ବର୍ତ୍ତମାନର ବିଶ୍ୱ ଓ ଏସିଆନ ଚାମ୍ପିୟନ ଚାଇନାର ଉ ୟୁଙ୍କଠାରୁ ୧-୪ରେ ହାରିଯାଇଥିବା ବେଳେ ମନୀଷା କାଜାଖସ୍ତାନର ଭିକ୍ଟୋରିଆ ଗ୍ରାଫିଭାଙ୍କ ନିକଟରୁ ୦-୫ ସ୍କୋର ଲାଇନ୍‌ରେ ପରାସ୍ତ ହୋଇଛନ୍ତି। **ଭାରତୀୟ ପଦକ ବିଜେତା**- ସ୍ୱର୍ଣ୍ଣ: ମୀନାକ୍ଷୀ (୪୮କେଜି) ଓ ନିଖତ ଜରିନ (୫୨କେଜି)। ରୌପ୍ୟ: ଅନାମିକା (୫୦କେଜି) ଓ ମନୀଷା (୬୦କେଜି)। ବ୍ରୋଞ୍ଜ (ପୁରୁଷ): ୟାଇଫାବା ସିଂ ସୋଇବାମ୍ (୪୮କେଜି), ଅଭିଷେକ ଯାଦବ (୬୭କେଜି), ବିଶାଲ (୮୬କେଜି) ଓ ଗୌରବ ଚୌହାନ (୯୨+କେଜି) ; (ମହିଳା) ସୋନୁ (୬୩କେଜି), ମଞ୍ଜୁ ବାମ୍ବୋରିୟା (୬୬କେଜି), ଶାଲାଖା ସିଂ ସାନସାନ୍‌ୱାଲ (୭୦କେଜି) ଓ ମୋନିକା (୮୧+କେଜି)।

# ଗୋଟିଏ ମ୍ୟାଚ୍ ଖେଳିବେନି ହାର୍ଦ୍ଦିକ, ୩୦ ଲକ୍ଷ ଫାଇନ୍

ମୁମ୍ବାଇ,୧୮।୫(ପି.ଟି)

ଆଇପିଏଲ୍ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଧିମା ଓଭର ହାର କାରଣରୁ ୩୦ ଲକ୍ଷ ଟଙ୍କାର ଫାଇନ ସହ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ପାଣ୍ଡ୍ୟାଙ୍କ ଦଳ ଧିମା ଓଭର ହାରରେ ବୋଲିଂ କରିଥିବା କାରଣରୁ ତାଙ୍କୁ ୩୦ ଲକ୍ଷ ଫାଇନ୍ ଦେବାକୁ ନିର୍ଦ୍ଦେଶ ମିଳିଛି। ଚଳିତ ସିଜନରେ ତୃତୀୟ ଥର ପାଇଁ ଏଭଳି ହୋଇଥିବାରୁ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ଦଳ ଚଳିତ ସିଜନର ଅନ୍ତିମ ମ୍ୟାଚ୍ ଖେଳିସାରିଛି। ଫଳରେ ପରବର୍ତ୍ତୀ ସିଜନରେ ପ୍ରଥମ ମ୍ୟାଚରୁ ପାଣ୍ଡ୍ୟା ଦଳରୁ ବାଦ୍ ପଡିବା ସ୍ପଷ୍ଟ ହୋଇଛି।

# ଫାଇନାଲରେ ଓଡ଼ିଶା ପୋଷ୍ଟାଲ

**ଇ ଲିଗ୍ କ୍ରିକେଟ**

ଭୁବନେଶ୍ୱର,୧୮।୫
(ସରୋଜ ଜେନା)

କେ.ଟି. ଗ୍ଲୋବାଲ ସ୍କୁଲ ବରୁଣେଇରେ ଅନୁଷ୍ଠିତ ଇ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଏଲିମିନେଟର ରାଉଣ୍ଡରେ ବିଏସ୍‌ଏନ୍‌ଏଲ୍‌କୁ ୮ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା ପୋଷ୍ଟାଲ। ବିଏସ୍‌ଏନ୍‌ଏଲ୍ ପ୍ରଥମେ ବ୍ୟାଟିଂ କରି ୩୯.୧ ଓଭରରେ ୧୭୪ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ପୋଷ୍ଟାଲ ୨୮.୩ ଓଭରରେ ୨ ଉଇକେଟ ହରାଇ ୧୭୮ ରନ୍ ସଂଗ୍ରହ କରିନେଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବିଏସ୍‌ଏନ୍‌ଏଲ ପକ୍ଷରୁ ପୁରୁଷୋତ୍ତମ ପ୍ରଧାନ ୪୨ ରନ୍ କରିଥିଲେ। ସାଇଦୀପ ମହାପାତ୍ର ୪୦ ଓ ଶୁଭମ ନାଏକ ୩୧ ରନ୍ କରିଥିଲେ। ଧୀରଜ ସିଂ ୪ ଉଇକେଟ ନେଇଥିବା ବେଳେ ଆଲୋକ ସାହୁ, ସାଇ ପ୍ରସାଦ ଆଚାର୍ଯ୍ୟ ଓ ପ୍ରୀତମଜିତ ଦାସ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅନୁରାଗ ଷଡଙ୍ଗୀଙ୍କ ଅପରାଜିତ ୭୧ ଓ ସଞ୍ଜୀବ ସାହୁଙ୍କ ୫୯ ରନ୍ ବଳରେ ୨୮.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ଓଡ଼ିଶା ପୋଷ୍ଟାଲ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ବିକ୍ରମ ସାମଲ ୪୨ ରନ୍‌ରେ ଅପରାଜିତ ରହିଥିଲେ। ବିଏସ୍‌ଏନ୍‌ଏଲ୍ ପକ୍ଷରୁ ମିଲନ ସାମଲ ଓ ରାକେଶ ବିଶ୍ୱାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଧୀରଜ ସିଂଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଓଡ଼ିଶା ପୋଷ୍ଟାଲ ୨୬ ତାରିଖରେ ହେବାକୁ ଥିବା ଫାଇନାଲରେ କୋଲ୍ଟସ ଏକାଦଶକୁ ଭେଟିବ।



ଧୀରଜ ସିଂ (ବାମ) ପ୍ଲେୟର ଅଫ୍ ଦ ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ